# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୩/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 13/2024 Page 16 ₹ 7.00

୫୦ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 139 ମୂଲ୍ୟ₹୭/-




## ଦୁଇ ବାନ୍ଧବୀଙ୍କୁ ଡେଟ୍ କରୁଛନ୍ତି କାର୍ତ୍ତିକ

ବଲିଉଡ୍‌ର ଚକ୍‌ଲେଟ୍ ହିରୋ କାର୍ତ୍ତିକ ଆର୍ଯ୍ୟନ୍ ତାଙ୍କ ଦୁଇ ବାନ୍ଧବୀ ସାରା ଅଲ୍ଲୀ ଖାନ୍ ଓ ଜାହ୍ନବୀ କପୁରଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଛି।

୦୨

୧୬

## ଅଭିଯୋଗ ଆଣିଲେ ଭିନେଶ

ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ତାଙ୍କ ଅଲିମ୍ପିକ ସ୍ୱପ୍ନକୁ ଶେଷ କରିବାକୁ ପ୍ରୟାସ ଚଳାଇଥିବା ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟ ଅଭିଯୋଗ କରିଛନ୍ତି।



# ଇଭିଏମ୍‌ର ବିଶ୍ୱସନୀୟତା | ଉତ୍ତର ଦେଉନାହାନ୍ତି ଇସି

## ସୂଚନା ଅଧିକାର ଆଇନର ଉଲ୍ଲଂଘନ:ସିଆଇସି

ନୂଆଦିଲ୍ଲୀ,୧୨।୪(ପି.ଟି.)

ମତଦାନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଏବଂ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେଶିନର କାର୍ଯ୍ୟରେ ନିରପେକ୍ଷତାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠୁଥିବାବେଳେ ଏନେଇ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ବହୁ ବିଶିଷ୍ଟ ନାଗରିକ ନିର୍ବାଚନ କମିଶନ(ଇସି)ଙ୍କୁ ଉତ୍ତର ମାଗୁଛନ୍ତି। ତେବେ ଇସି ଉତ୍ତର ନ ଦେବାକୁ ନେଇ କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ଆଇନର ବ୍ୟାପକ ଉଲ୍ଲଂଘନ ବୋଲି ସିଆଇସି କହିବା ସହ ଏଥିପାଇଁ



ଲିଖିତ ସ୍ପଷ୍ଟୀକରଣ ଦେବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଭିଏମ୍, ଭିଭିପିଏଟି ଏବଂ ଭୋଟ ଗଣନା ପ୍ରକ୍ରିୟାର ବିଶ୍ୱସନୀୟତାକୁ ନେଇ ପୂର୍ବତନ ଆଇଏଏସ୍ ଅଫିସର ଏମ୍.ଜି. ଦେବସହାୟମ୍ ଓ ଅନ୍ୟମାନେ ପ୍ରଶ୍ନ କରିଥିଲେ। ଏନେଇ କ’ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଜଣାଇବା ପାଇଁ ସେମାନେ ୨୦୨୨ ନଭେମ୍ବର ୨୨ରେ ସୂଚନା ଅଧିକାର ଆଇନ ବଳରେ ନିର୍ବାଚନ କମିଶନଙ୍କୁ ଆବେଦନ କରିଥିଲେ। ଉକ୍ତ ଆବେଦନ ପତ୍ରକୁ କାହା ପାଖକୁ ଏବଂ କେଉଁ ସରକାରୀ ଅଧିକାରୀଙ୍କ ପାଖକୁ ପଠାଯାଇଛି, ଉକ୍ତ ପ୍ରସଙ୍ଗରେ କୌଣସି ବୈଠକ ହୋଇଛି କି ନାହିଁ ଏବଂ ସମସ୍ତ ଆନୁଷଙ୍ଗିକ ଫାଇଲ ସମ୍ପର୍କରେ ଜାଣିବା ପାଇଁ ଦେବସହାୟମ ଚାହିଁଥିଲେ। ତେବେ ୩୦ ଦିନର ବାଧ୍ୟତାମୂଳକ ସମୟସୀମା ମଧ୍ୟରେ ଇସି କୌଣସି ଉତ୍ତର ଦେଲେ ନାହିଁ। ଦେବସହାୟମ୍‌ଙ୍କ ପ୍ରଥମ ଆବେଦନର ଶୁଣାଣି କରାଗଲା ନାହିଁ। ଫଳରେ ସେ ସିଆଇସିଙ୍କ ଦ୍ୱାରସ୍ଥ ହୋଇ ଇସି ଉତ୍ତର ☞ପୃଷ୍ଠା–୪

### ଆଜିର ସମ୍ପାଦକୀୟ

ଜମି ବିବାଦ

### ଆଜିର ମନ୍ତବ୍ୟ

“ଜମ୍ମୁ-କଶ୍ମୀରରେ ଭାଜପା ନିର୍ବାଚନ ଲଢ଼ିଲେ ଏହାର ସବୁ ପ୍ରାର୍ଥୀ ଅମାନତ ହରାଇବେ। ଏପରି ନ ହେଲେ ମୁଁ ରାଜନୀତିରୁ ସନ୍ନ୍ୟାସ ନେବି।

–ଓମାର ଅବଦୁଲ୍ଲା, ନ୍ୟାଶନାଲ କନଫରେନ୍ସ ଉପାଧ୍ୟକ୍ଷ

# ପ୍ୟାରିସ ଅଲିମ୍ପିକ୍ସ ଚିଫ୍ ଡି’ ମିଶନ ପଦବୀରୁ ଓହରିଲେ ମେରୀକମ୍

ନୂଆଦିଲ୍ଲୀ, ୧୨।୪ (ପି.ଟି.)

ଛଅ ଥର ବିଶ୍ୱ ଚାମ୍ପିୟନ ବକ୍ସର ଏମ୍.ସି. ମେରୀକମ୍ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତର ଚିଫ୍ ଡି’ ମିଶନ ପଦବୀରୁ ଓହରିଯାଇଛନ୍ତି। ସେ ବ୍ୟକ୍ତିଗତ କାରଣରୁ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ମେରୀକମ୍ ଭାରତୀୟ



ଏମ୍.ସି. ମେରୀକମ୍

ଅଲିମ୍ପିକ ଆସୋସିଏଶନ(ଆଇଓଏ) ସଭାପତି ପି.ଟି. ଉଷାଙ୍କ ନିକଟକୁ ଏକ ଚିଠି ଲେଖି ପଦବୀରୁ ତାଙ୍କୁ ଅବ୍ୟାହତି ଦେବାକୁ ଅନୁରୋଧ କରିଛନ୍ତି। ୪୧ ବର୍ଷୀୟ ବକ୍ସର ଏଥିରେ ଦର୍ଶାଇଛନ୍ତି, ଦେଶର ସେବା କରିବା ଏକ ଗୌରବର ବିଷୟ ବୋଲି ସେ ବିବେଚନା କରନ୍ତି। ☞ପୃଷ୍ଠା–୪







## ସଂକ୍ଷେପରେ

### ଆମ୍ବେଡକର ଆସିଲେ ବି ସମ୍ବିଧାନକୁ ହଟାଇ ପାରିବେ ନାହିଁ: ମୋଦି

**ଜୟପୁର,୧୨।୪:** ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଡକର ଆସିଲେ ବି ଭାରତୀୟ ସମ୍ବିଧାନକୁ ହଟାଇପାରିବେ ନାହିଁ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାଜପା ସମ୍ବିଧାନକୁ ଧ୍ୱଂସ କରିଦେଉଛି ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣୁଥିବାବେଳେ ପ୍ରଧାନମନ୍ତ୍ରୀ ରାଜସ୍ଥାନର ବାଡ଼ମେରରେ ଏକ ସଭାକୁ ସମ୍ବୋଧିତ କରି ଏଭଳି ଉତ୍ତର ଦେଇଛନ୍ତି। ମୋଦି କହିଛନ୍ତି, ବିରୋଧୀ ଇଣ୍ଡିଆ ବ୍ଲକ୍ ଦେଶକୁ ଦୁର୍ବଳ କରିବା ପାଇଁ ଉଦ୍ୟମ ଚଳାଇଛି। କଂଗ୍ରେସ ଦେଶବିରୋଧୀ ଶକ୍ତିଗୁଡ଼ିକ ସହ ରହିଛି। ଭାଜପା ସରକାର ପାଇଁ ଦେଶର ସମ୍ବିଧାନ ହେଉଛି ସବୁକିଛି। ବର୍ତ୍ତମାନ ସ୍ୱୟଂ ସମ୍ବିଧାନର ମୁଖ୍ୟ ସ୍ଥପତି ଆମ୍ବେଡକର ଆସିଲେ ମଧ୍ୟ ଏହାକୁ ହଟାଇପାରିବେ ନାହିଁ।

### ବନ୍ଦିତା କୌଲ ଡାକ ସଚିବ

**ନୂଆଦିଲ୍ଲୀ,୧୨।୪:** ବରିଷ୍ଠ ଅମଲାତନ୍ତ୍ରୀ ବନ୍ଦିତା କୌଲଙ୍କୁ ଶୁକ୍ରବାର କେନ୍ଦ୍ର ସରକାର ଡାକ ବିଭାଗ ସଚିବ ରୂପେ ନିଯୁକ୍ତି ଦେଇଥିବା କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୧୯୮୯ ବ୍ୟାଚ୍ ଭାରତୀୟ ଡାକ ସେବା ଅଧିକାରୀ ବନ୍ଦିତା ବର୍ତ୍ତମାନ ପୋଷ୍ଟାଲ ସର୍ଭିସେସ୍ ବୋର୍ଡ (ବ୍ୟାଙ୍କିଙ୍ଗ୍ ଆଣ୍ଡ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) ସଦସ୍ୟ ଭାବେ କାର୍ଯ୍ୟରତ। ଡାକ ସଚିବ ବିନୀତ ପାଣ୍ଡେଙ୍କ ସ୍ଥାନରେ ସେ ଅବସ୍ଥାପିତ ହେବେ ବୋଲି ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଛି।

# ୪୦୦ ଟାର୍ଗେଟ ପାଇଁ ଜେଲ

ପିଲିଭିଟ୍,୧୨।୪


ଅଖିଲେଶ ଯାଦବ

ଲୋକ ସଭା ନିର୍ବାଚନରେ ୪୦୦ ଆସନ ଦଖଲ ନେଇ ଦାବି କରୁଥିବା ଲୋକେ ଏତେ ଆତଙ୍କିତ ହୋଇଯାଇଛନ୍ତି, ଯେ ସେମାନେ ମୁଖ୍ୟମନ୍ତ୍ରୀମାନଙ୍କୁ ଜେଲରେ ପୂରାଇ ରଖିଛନ୍ତି ବୋଲି ଶୁକ୍ରବାର ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ସମାଲୋଚନା କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ କରି ଜେଲ ପଠାଯିବା ଘଟଣାକୁ ନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସେ ଏଭଳି ଭାଷାରେ ଟାର୍ଗେଟ କରିଛନ୍ତି।

ଉତ୍ତର ପ୍ରଦେଶର ପିଲିଭିଟ୍‌ରେ ଏସ୍‌ପିର ଏକ ସଭାକୁ ସମ୍ବୋଧିତ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କହିଛନ୍ତି, ଦେଶରେ ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ନିୟନ୍ତ୍ରଣରେ କେନ୍ଦ୍ର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ସରକାର ୩ଟି କଳା ଆଇନ ଆଣିଥିଲେ। ଚାରିଆଡ଼େ ବିରୋଧ ହେବାରୁ କୃଷକଙ୍କ ଶକ୍ତି ଦେଖି ଶେଷରେ ୩ ଆଇନକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହେଲେ। ଇଲେକ୍ଟୋରାଲ ବଣ୍ଡ୍ ଏବଂ ବିମୁଦ୍ରୀକରଣ କଳାଧନକୁ ଧଳା କରିବାର ମାଧ୍ୟମ ନୁହେଁ କି। ଭାଜପା ବାଲା ଏଥିରେ ନିଜର ସବୁ କଳାଧନକୁ ଧଳା କରିଦେଇଛନ୍ତି। ଦୁର୍ନୀତି ଏତେ ପରିମାଣରେ ବଢ଼ିଯାଇଛି ଯେ, ୨୦୨୪ ନିର୍ବାଚନରେ ଲୋକେ ଏମାନଙ୍କୁ କ୍ଷମତାଚ୍ୟୁତ କରିବେ ବୋଲି ଅଖିଳେଶ କହିଛନ୍ତି। ନିର୍ବାଚନ ତାରିଖ ଘୋଷଣା ହେବା ପରେ ଏହା ହେଉଛି ଅଖିଳେଶଙ୍କ ପ୍ରଥମ ନିର୍ବାଚନୀ ସଭା। ଏପ୍ରିଲ ୧୯ରେ ପିଲିଭିଟ୍‌ରେ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ୧୮ ଲକ୍ଷ ଭୋଟର ମତଦାନ କରିବେ। ୟୁପିରେ ଏସ୍‌ପି ସହ କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ମେଣ୍ଟ କରିଛନ୍ତି।

## ରାଷ୍ଟ୍ରପତି ଶାସନ ଲାଗି କେଜ୍‌ରିୱାଲ ଗିରଫ



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତିହାର ଜେଲରେ ଥିବାବେଳେ ଆପ୍ ପକ୍ଷରୁ ତାଙ୍କ ଫଟୋ ଥିବା ଏକ ପୋଷ୍ଟରକୁ ନୂଆଦିଲ୍ଲୀର ଆଇଟିଓରେ ଲଗାଯାଇଛି।

**ନୂଆଦିଲ୍ଲୀ, ୧୨।୪:** ଜାତୀୟ ରାଜଧାନୀରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ବଡ଼ ଧରଣର ରାଜନୈତିକ ଷଡ଼ଯନ୍ତ୍ର ଚରୁଥିବା ଦିଲ୍ଲୀର କ୍ୟାବିନେଟ୍ ମନ୍ତ୍ରୀ ଆତିଶୀ ଶୁକ୍ରବାର ଅଭିଯୋଗ ଆଣିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତ୍ରୀ ଆତିଶୀ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ କିଛିମାସ ହେଲା ଷଡ଼ଯନ୍ତ୍ର ଚାଲିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫକରି ଜେଲ ପଠାଯାଇଛି। ଆଗାମୀ ଦିନରେ ତାଙ୍କ ସରକାରର ପତନ ଘଟାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ରାଷ୍ଟ୍ରପତି ଶାସନ ଜାରି କରିବା ବେଆଇନ ଏବଂ ଜନାଦେଶ ବିରୋଧୀ ବୋଲି ଆତିଶୀ ସମାଲୋଚନା କରିଛନ୍ତି।

## ଜେଲ ତାଲା ଖୋଲିବ, ସୋରେନ୍ ମୁକୁଳିବେ

ରାଞ୍ଚି,୧୨।୪



ରାଞ୍ଚିରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସମର୍ଥନରେ ଶୋଭାଯାତ୍ରା ଗାଡ଼ି।

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍‌ଙ୍କୁ ଜେଲରେ ରଖାଯିବା ପ୍ରତିବାଦରେ ଶୁକ୍ରବାର ରାଞ୍ଚିରେ ସରହୁଲ ଶୋଭାଯାତ୍ରା କରାଯାଇଛି। ଏକ ଗାଡ଼ିରେ ଶୋଭାଯାତ୍ରା ବେଳେ ସୋରେନ୍‌ଙ୍କୁ ଜେଲ ଭିତରେ ରଖାଯାଇଥିବା ଫଟୋ ରଖାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମର୍ଥକମାନେ ଇଡି ଏବଂ ସିବିଆଇ ବିରୋଧୀ ମନ୍ତବ୍ୟ ଦେଇଥିଲେ। ସେମାନେ କହିଥିଲେ, ଜେଲ୍ କା ତାଲା ଟୁଟେଗା, ହେମନ୍ତ ସୋରେନ୍ ଛୁଟେଗା। କେନ୍ଦ୍ରୀୟ ସରନା ସମିତି ନେତା ଫୁଲଚାନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାକୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଦର୍ଶାଇ କୋଟ୍‌ୱାଲି ପୋଲିସ ଅନ୍ୟୁନ ୨୬ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ନିକଟକୁ କାରଣ ଦର୍ଶାଅ ନୋଟିସ ପଠାଯାଇଛି।

## ୧୫ ଯାଏ ସିବିଆଇ ହାଜତରେ କବିତା

ଦିଲ୍ଲୀ ଅବକାରୀ ନୀତି ମାମଲାରେ ସମ୍ପୃକ୍ତି ନେଇ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ୩ ଦିନିଆ ସିବିଆଇ ରିମାଣ୍ଡରେ ପଠାଇଛନ୍ତି। ସେ ଏପ୍ରିଲ ୧୫ ପର୍ଯ୍ୟନ୍ତ ସିବିଆଇ ହାଜତରେ ରହିବେ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଅଧିକାରୀମାନେ କବିତାଙ୍କୁ ତିହାର ଜେଲରେ ପଚରାଉଚରା କରିବା ପରେ ତାଙ୍କୁ ଗୁରୁବାର ଗିରଫ କରିଥିଲେ। ଦିଲ୍ଲୀର ଶାସକ ଦଳ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ୧୦୦ କୋଟି ଟଙ୍କା ଲାଞ୍ଚ ପ୍ରଦାନରେ କବିତାଙ୍କ ଭୂମିକା ରହିଥିବା ସିବିଆଇ କହିଛି। ମଦ ବ୍ୟବସାୟୀମାନଙ୍କଠାରୁ ଏହି ଲାଞ୍ଚ ଅର୍ଥ ସଂଗ୍ରହ ଲାଗି ଷଡ଼ଯନ୍ତ୍ରରେ କବିତା ସାମିଲ ଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ କବିତା ଯୋଗାଯୋଗ କରିବା ନେଇ ତାଙ୍କୁ ସାକ୍ଷାତ କରିଥିବା ଦକ୍ଷିଣ ଭାରତୀୟ ମଦ ବ୍ୟବସାୟୀ କହିଥିଲେ। ସିବିଆଇ ଏନେଇ କୋର୍ଟକୁ ଅବଗତ କରାଇବା ସହ ଅଧିକ ଜେରା ପାଇଁ ବିଆର୍‌ଏସ୍ ନେତ୍ରୀଙ୍କୁ ୫ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା।

## ଖାଇବାକୁ ଦେଇ ନ ପାରି ସ୍ତ୍ରୀ, ୭ ପିଲାଙ୍କୁ ହତ୍ୟା

ଲାହୋର,୧୨।୪

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଜଣେ ବ୍ୟକ୍ତି ଦାରିଦ୍ର୍ୟର ତାଡ଼ନାରେ ଅତିଷ୍ଠ ହୋଇ ଅଭାବନୀୟ କାଣ୍ଡ ଘଟାଇଛନ୍ତି। ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ସାଜଦ ଖୋକର ପରିବାର ସଦସ୍ୟମାନଙ୍କୁ ଖାଇବାକୁ ଦେଇ ନ ପାରି ଶୁକ୍ରବାର ନିଜର ସ୍ତ୍ରୀ ଓ ୭ ଜଣ ପିଲାଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ୭ ପିଲାଙ୍କ ମଧ୍ୟରୁ ୪ ଜଣ ଝିଅ ଏବଂ ୩ ପୁଅ। ସେମାନଙ୍କର ବୟସ ୮ ମାସରୁ ୧୦ ବର୍ଷ ମଧ୍ୟରେ। ସାଜଦ ଆର୍ଥିକ ସଙ୍କଟକୁ ନେଇ ବିଚଳିତ ଥିଲେ ଓ ଅନେକ ସମୟରେ ସ୍ତ୍ରୀଙ୍କ ସହ ଝଗଡ଼ା କରୁଥିଲେ। ପୋଲିସ ତାଙ୍କୁ ଗିରଫ କରିବା ସହ ହତ୍ୟା ମାମଲା ରୁଜୁ କରିଛି।

## ପପ୍ ଗାୟିକାଙ୍କ ସନ୍ଦେହଜନକ ମୃତ୍ୟୁ


ପାର୍କ ବୋ ରାମ୍

ସିଓଲ,୧୨।୪

ଦକ୍ଷିଣ କୋରିଆର ପପ୍ ଗାୟିକା ପାର୍କ ବୋ ରାମ୍‌ଙ୍କର ଗୁରୁବାର ରାତିରେ ମାତ୍ର ୩୦ ବର୍ଷ ବୟସରେ ପରଲୋକ ଘଟିଛି। ଏଭଳି ଦୁଃଖଦ ଖବର ତାଙ୍କ ପ୍ରଶଂସକମାନଙ୍କୁ ମର୍ମାହତ କରିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ଏହାର ତଦନ୍ତ ଚାଲିଛି। ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ଗାୟିକା ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ସେ ଦୁଇ ବନ୍ଧୁଙ୍କ ସହ ମଦ ପିଇ ରେଷ୍ଟରୁମ୍‌କୁ ଯାଇଥିଲେ। ସେ ନ ଫେରିବାରୁ କ'ଣ ହେଲା ବୋଲି ଦୁଇ ବନ୍ଧୁ ଦେଖିବାକୁ ଯାଇ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପାଇଥିଲେ। ୨୦୧୪ରେ ପାର୍କ ପପ୍ ସଙ୍ଗୀତ ଶିଳ୍ପରେ ପାଦଦେଇ ନିଜର ଟ୍ୟାଲେଣ୍ଟ ବଳରେ ଶ୍ରୋତାଙ୍କ ହୃଦୟ ଜିତିଥିଲେ।

## ବେଙ୍ଗାଲୁରୁ ବିସ୍ଫୋରଣ ମାଷ୍ଟରମାଇଣ୍ଡ ପଶ୍ଚିମବଙ୍ଗରେ ଗିରଫ

ବେଙ୍ଗାଲୁରୁ/ନୂଆଦିଲ୍ଲୀ,୧୨।୪

ଗତ ମାସରେ ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେ ବିସ୍ଫୋରଣ ଘଟଣାରେ ଏହାର ମାଷ୍ଟରମାଇଣ୍ଡ ଏବଂ ବୋମା ଖଞ୍ଜିଥିବା ୨ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜିଲାର କାନ୍ଥି ଅଞ୍ଚଳରୁ ଗିରଫ କରାଯାଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶୁକ୍ରବାର ସକାଳେ ଏହି ସୂଚନା ଦେଇଛି। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଏବଂ ପଶ୍ଚିମବଙ୍ଗ, କର୍ନାଟକ, ତେଲଙ୍ଗାନା ଓ କେରଳ ପୋଲିସର ମିଳିତ ଅଭିଯାନ ପରେ ଅଭିଯୁକ୍ତ ମୁସାଭିର ହୁସେନ୍ ଶାଜେବ ଏବଂ ଅବଦୁଲ ମାଥିନ ତାହାଙ୍କୁ ଗିରଫ କରାଯାଇଛି। ସେମାନେ କୋଲକାତା ଯାଉଥିଲେ ବୋଲି ଏନ୍‌ଆଇଏ କହିଛି। ଶାଜେବ ଏକ ବ୍ୟାଗ୍‌ରେ ବିସ୍ଫୋରକ ଡିଭାଇସ୍ ନେଇ ଲୋକପ୍ରିୟ କାଫେରେ ଖଞ୍ଜିଥିଲା ବୋଲି ଉପଲବ୍ଧ ହୋଇଥିବା ତଥ୍ୟ ପ୍ରମାଣରୁ ସୂଚନା ମିଳିଛି। ଆକ୍ରମଣ କରିବା ଓ ଖସିପଳାଇବାର ଯୋଜନା ତାହା କରିଥିଲା ବୋଲି ଜଣାପଡ଼ିଛି। ଗତ ମାସରେ ଏହି ମାମଲାରେ ମୁଜାମିଲ ଶରିଫଙ୍କୁ ଗିରଫ କରାଯାଇଥିଲା। ସେ ଶାଜେବ ଏବଂ ତାହାଙ୍କୁ ଲଜିଷ୍ଟିକାଲ ସହାୟତା କରିଥିଲେ ବୋଲି ଏନ୍‌ଆଇଏ କହିଛି। ତେବେ ପଶ୍ଚିମବଙ୍ଗରୁ ୨ ଅଭିଯୁକ୍ତ ଗିରଫ ହେବା ନେଇ ଶାସକ ତୃଣମୂଳ କଂଗ୍ରେସ ଏବଂ ଭାଜପା ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ପଶ୍ଚିମବଙ୍ଗ ଆତଙ୍କବାଦୀଙ୍କ ଭୂସ୍ୱର୍ଗରେ ପରିଣତ ହୋଇଥିବା ଏହି ଗିରଫଦାରିରୁ ସ୍ପଷ୍ଟ ହୋଇଛି ବୋଲି ଭାଜପାର ସୋସିଆଲ ମିଡିଆ ମୁଖ୍ୟ ଅମିତ ମାଲବ୍ୟ କହିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାଜପା ତାଙ୍କ ରାଜ୍ୟ ବିରୋଧରେ ମନଗଢ଼ା କାହାଣୀର ପ୍ରସାର କରୁଥିବା ସେ ଅଭିଯୋଗ କରିଛନ୍ତି।

### ମନଗଢ଼ା କାହାଣୀ ପ୍ରସାର କରୁଛି ଭାଜପା: ମମତା



## ଖୁବ୍‌ଶୀଘ୍ର ଇସ୍ରାଏଲ୍‌କୁ ଆକ୍ରମଣ କରିପାରେ ଇରାନ

ନୂଆଦିଲ୍ଲୀ,୧୨।୪

ଆଗାମୀ ୪୮ ଘଣ୍ଟା ମଧ୍ୟରେ ଇରାନ ସିଧାସଳଖ ଇସ୍ରାଏଲ୍ ଉପରେ ଆକ୍ରମଣ କରିପାରେ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଗତ ୧ ତାରିଖରେ ଇସ୍ରାଏଲ୍ ସୈନ୍ୟ ଡମାସ୍କସ୍‌ରେ ଥିବା ଇରାନ ବାଣିଜ୍ୟିକ ଦୂତାବାସ ଉପରେ ଆକ୍ରମଣ କରିଥିଲେ। ଇରାନର ଇସ୍‌ଲାମିକ ଗାର୍ଡ କର୍‌ର

### ୨ ଦେଶକୁ ନ ଯିବା ଲାଗି ଭାରତୀୟଙ୍କୁ ସତର୍କ କରାଗଲା

୨ ବରିଷ୍ଠ ସଦସ୍ୟଙ୍କ ସମେତ ୭ ଜଣ ନିହତ ହୋଇଥିଲେ। ଏହାର ପ୍ରତିଶୋଧ ନେବା ଲାଗି ଇରାନ ପ୍ରତିଜ୍ଞା କରଥିଲା। ଏଥିପାଇଁ ଇସ୍ରାଏଲ ଦଣ୍ଡିତହେବା ଜରୁରୀ ବୋଲି ଇରାନର ସୁପ୍ରିମ ଲିଡର ଅୟାତୋଲା ଅଲି ଖାମନେଇ କହିଛନ୍ତି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇସ୍ରାଏଲ୍‌କୁ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି। ସୁରକ୍ଷା ପାଇଁ ଯାହା କିଛି ଆବଶ୍ୟକ ୱାଶିଂଟନ ସବୁ କରିବ ବୋଲି ବାଇଡେନ୍ କହିଛନ୍ତି। ଫଳରେ ଏହି ଉତ୍ତେଜନା କେବଳ ମଧ୍ୟପ୍ରାଚ୍ୟରେ ସୀମିତ ନ ରହି ୟୁରୋପକୁ ବ୍ୟାପିବା ଆଶଙ୍କା କରାଯାଉଛି। ଗାଜାରେ ହମାସ ଆତଙ୍କବାଦୀଙ୍କ ସହ ଇସ୍ରାଏଲ୍ ଯୁଦ୍ଧରେ ଲିପ୍ତ ଥିବାବେଳେ ଇରାନ ଆକ୍ରମଣ କଲେ ସମ୍ଭାବ୍ୟ ଯୁଦ୍ଧର ପରିଣାମ ବିଶ୍ୱବାସୀଙ୍କୁ ଭୋଗିବାକୁ ପଡ଼ିବ ବୋଲି କୁହାଯାଉଛି।

ଇତିମଧ୍ୟରେ ଇସ୍ରାଏଲ୍ ଓ ଇରାନକୁ ନ ଯିବା ପାଇଁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଜରୁରୀ ଯାତ୍ରା ସତର୍କତା ଜାରି କରିଛି। ସମ୍ପୃକ୍ତ କ୍ଷେତ୍ରରେ ଉତ୍ତେଜନା ଲାଗି ରହିଥିବାରୁ ସୁରକ୍ଷା ଦୃଷ୍ଟିରୁ ଇରାନ କିମ୍ବା ଇସ୍ରାଏଲ୍‌କୁ ଅନ୍ୟାଦେଶ ଜାରି ପର୍ଯ୍ୟନ୍ତ ଭାରତୀୟମାନେ ନ ଯିବାକୁ ନୂଆଦିଲ୍ଲୀ ବାରଣ କରିଛି।

## ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାରେ ଭାରତ ବିଫଳ

ନୂଆଦିଲ୍ଲୀ,୧୨।୪(ପି.ଟି.)



ସାରା ବିଶ୍ୱରେ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ୨୦୨୧ରୁ ଇତିମଧ୍ୟରେ ୭.୧୧ ପ୍ରତିଶତ ବଢ଼ିଥିବା ସୁଇଜରଲାଣ୍ଡର ଅଣଲାଭଦାୟକ ସଂସ୍ଥା ଇଏ ଆର୍ଥ ଆକ୍ସନ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଚଳିତ ବର୍ଷ ୨୨୦ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେବ ବୋଲି ଆକଳନ କରାଯାଇଥିବାବେଳେ ସେଥିରୁ ୭୦ ନିୟୁତ ଟନ୍ ପରିବେଶ ପ୍ରଦୂଷଣର କାରଣ ହେବ ବୋଲି ପ୍ଲାଷ୍ଟିକ୍ ଓଭରଶୁଟ୍ ଡେ' ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦ୍ରୁତ ବିକାଶଶୀଳ ଦକ୍ଷିଣ ଏସୀୟ ରାଷ୍ଟ୍ର ଭାରତରେ ମୁଣ୍ଡପିଛା ପ୍ଲାଷ୍ଟିକ୍ ବର୍ଜ୍ୟ ଉତ୍ପାଦନ ବିଶ୍ୱରେ କମ୍। ତେବେ ବିଶ୍ୱର ୬୦ ପ୍ରତିଶତ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାରେ ବିଫଳତା ପାଇଁ ଦାୟୀ ୧୨ ଦେଶ ମଧ୍ୟରେ ଭାରତ ରହିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। କାନାଡାର ଓଟ୍ଟାୱାରେ ଜାତିସଂଘ ଆନ୍ତଃସରକାରୀ ବୁଝାମଣା କମିଟି (ଆଇଏନ୍‌ସି)ର ଚତୁର୍ଥ ବୈଠକ ବସିବାକୁ ଯାଉଥିବାବେଳେ ଏହା ପୂର୍ବରୁ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟ କୁପରିଚାଳନା ପାଇଁ ଦାୟୀ ୧୨ ଦେଶ ହେଲେ ଚାଇନା, ଭାରତ, ରୁଷିଆ, ବ୍ରାଜିଲ, ମେକ୍ସିକୋ, ଭିଏତ୍‌ନାମ, ଇରାନ, ଇଣ୍ଡୋନେସିଆ, ଇଜିପ୍ଟ, ପାକିସ୍ତାନ, ଆମେରିକା ଏବଂ ତୁର୍କୀ।

ଭାରତର ମୁଣ୍ଡପିଛା ବାର୍ଷିକ ପ୍ଲାଷ୍ଟିକ୍ ବର୍ଜ୍ୟ ଉତ୍ପାଦନ ୮ କେଜି ହୋଇଥିବାବେଳେ ଚଳିତ ବର୍ଷ ଦେଶର କୁପରିଚାଳିତ ବର୍ଜ୍ୟ ପରିମାଣ ୭.୪ ନିୟୁତ ଟନ୍‌ରେ ପହଞ୍ଚିବା ଆଶଙ୍କା କରାଯାଉଛି, ଯାହାକି ବହୁତ

### ବିଶ୍ୱର ୬୦% ଆବର୍ଜନା ସୃଷ୍ଟିକାରୀ ୧୨ ଦେଶ ମଧ୍ୟରେ ସ୍ଥାନିତ

ବେଶୀ। ଅନ୍ୟପକ୍ଷରେ ଏହା ଚାଇନାର କୁପରିଚାଳିତ ପ୍ଲାଷ୍ଟିକ୍ ବର୍ଜ୍ୟର ଏକ-ପଞ୍ଚମାଂଶରୁ କମ୍ ହୋଇଥିବାବେଳେ ଆମେରିକାର ଏକ-ତୃତୀୟାଂଶରୁ କମ୍ ବୋଲି ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଭାରତ ପରିବେଶକୁ ହାରାହାରି ୩,୯୧,୮୭୯ ଟନ୍ ମାଇକ୍ରୋପ୍ଲାଷ୍ଟିକ୍ ଛାଡ଼ିବାକୁ ଥିବାବେଳେ ଜଳସ୍ରୋତକୁ ୩୧,୪୮୩ ଟନ୍ ରାସାୟନିକ ଉପାଦାନ ଛାଡ଼ିବ ବୋଲି ଆକଳନ କରାଯାଇଛି।

ବେଲ୍‌ଜିୟମରେ ମୁଣ୍ଡ ପିଛା ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ୧୪୭.୭ କିଲୋଗ୍ରାମ, ଯାହା ଭାରତୀୟଙ୍କ ତୁଳନାରେ ୧୬ ଗୁଣା ଅଧିକ। କୁପରିଚାଳିତ ପ୍ଲାଷ୍ଟିକ୍ ବର୍ଜ୍ୟରେ ଓମାନ ଶୀର୍ଷରେ ରହିଛି। ସେଠାରେ ୨୦୨୪ରେ ମୁଣ୍ଡପିଛା କୁପରିଚାଳିତ ପ୍ଲାଷ୍ଟିକ୍ ପରିମାଣ ୧୧୧ କେଜି ହେବ ବୋଲି ଆକଳନ କରାଯାଇଛି। ଏହା ନରୱେର ମୁଣ୍ଡପିଛା କୁପରିଚାଳିତ ପ୍ଲାଷ୍ଟିକ୍ ବର୍ଜ୍ୟ ପରିମାଣର ୩୦ ଗୁଣ। ସେହି ଅନୁଯାୟୀ ଦେଖିଲେ ଭାରତ ୧୨ ଦେଶ ମଧ୍ୟରେ ସବୁଠୁ ତଳେ ରହିଛି। ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ସାମର୍ଥ୍ୟ ବାହାରକୁ ଚାଲିଯାଇଥିବା ଅଞ୍ଚଳରେ ବିଶ୍ୱ ଜନସଂଖ୍ୟାର ଅଧା ରହୁଥିବା ରିପୋର୍ଟରେ କୁହାଯାଇଛି। ଏପ୍ରିଲ ୨୩ରେ ଭାରତ ପ୍ଲାଷ୍ଟିକ୍ ଓଭରଶୁଟ୍ ଡେ'ରେ ପହଞ୍ଚିବାକୁ ଯାଉଛି, ଅର୍ଥାତ୍ ଏହାର ବର୍ଜ୍ୟ ପରିଚାଳନା ବ୍ୟବସ୍ଥାଠାରୁ ବର୍ଜ୍ୟ ଉତ୍ପାଦନ ଅଧିକ ହେଉଛି।

## ଫୁର୍‌ସତ୍

## ଭାରତ ଇତିହାସର ଏକ କଳାଦିନ

### ଜାଲିଆନୱାଲା ବାଗ ହତ୍ୟାକାଣ୍ଡ ଦିବସ



ପ୍ରତ୍ୟେକ ଦିନ କିଛି ନା କିଛି ଇତିହାସ ସହିତ ଜଡିତ, ଯାହା ଅନ୍ୟକୁ ଶିକ୍ଷା ଦିଏ। ସେହିଭଳି ଆଜିର ଦିନ ଅର୍ଥାତ୍ ୧୩ ଏପ୍ରିଲ ଭାରତ ଇତିହାସରେ ଏକ କଳା ଦିନ। ଏହି ଦିନ ଅମୃତସରର ସ୍ୱର୍ଣ୍ଣମନ୍ଦିର ନିକଟ ଜାଲିଆନୱାଲାବାଗରେ ରକ୍ତର ହୋଲି ଖେଳାଯାଇଥିଲା। ଆଜି ମଧ୍ୟ ଜାଲିଆନୱାଲାବାଗ କଥା ମନେ ପଡ଼ିଗଲେ ଲୋକଙ୍କ ଆତ୍ମା ଥରିଉଠେ। ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ୧୩ ଏପ୍ରିଲ ୧୯୧୯ରେ ଘଟିଥିଲା।

ଉକ୍ତ ହତ୍ୟାକାଣ୍ଡକୁ ଇତିମଧ୍ୟରେ ୧୦୫ ବର୍ଷ ବିତିଗଲାଣି, କିନ୍ତୁ ଏହାର କ୍ଷତ ଏବେ ବି ଲୋକଙ୍କ ହୃଦୟରେ ସତେଜ ହୋଇ ରହିଛି। ଏହି ହତ୍ୟାକାଣ୍ଡ ବିରୋଧରେ ଭାରତୀୟ ଜାତୀୟ କଂଗ୍ରେସ ଧର୍ମଘଟ ଘୋଷଣା କରିଥିଲା। ଏହା ବ୍ୟତୀତ ମହାତ୍ମା ଗାନ୍ଧୀ ବ୍ରିଟିଶ ଶାସନ ବିରୋଧରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହି ଘଟଣା ଯୋଗୁ ସାଇମନ କମିଶନ ମଧ୍ୟ ଗଠନ କରାଯାଇଥିଲା।

୧୩ ଏପ୍ରିଲ ୧୯୧୯ରେ ଜାଲିଆନାୱାଲା ବାଗରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇ ଦୁଇ ଜାତୀୟତାବାଦୀ ନେତା ସତ୍ୟ ପାଲ ଏବଂ ଡା. ସୈଫୁଦ୍ଦିନ କିଚଲୁଙ୍କ ଗିରଫଦାରୀକୁ ବିରୋଧ କରିଥିଲେ। ଏହି ସମୟରେ ହଠାତ୍ ବ୍ରିଟିଶ ସାମରିକ ଅଧିକାରୀ ଜେନେରାଲ ଡାୟର୍ ତାଙ୍କ ସୈନିକଙ୍କ ସହିତ ପାର୍କ ଭିତରକୁ ଆସିଥିଲେ। ଲୋକଙ୍କୁ ଚେତାବନୀ ନ ଦେଇ ସେ ତାଙ୍କ ସୈନିକମାନଙ୍କୁ ଦଶ ମିନିଟ ପାଇଁ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। କୁହାଯାଏ ଯେ, ଦଶ ମିନିଟ ମଧ୍ୟରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ। ଆଜି ମଧ୍ୟ ଜାଲିଆନାୱାଲା ବାଗ କାନ୍ଥରେ ଏହି ହତ୍ୟାକାଣ୍ଡର ଚିହ୍ନ ଦେଖିବାକୁ ମିଳେ। ବ୍ରିଟିଶ ସରକାରୀ ରେକର୍ଡ ଅନୁଯାୟୀ, ପୁରୁଷ, ମହିଳା ଏବଂ ଶିଶୁଙ୍କ ସମେତ ୩୮୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨୦୦ ଜଣ ଆହତ ହୋଇଥିଲେ।

## ୨ ବାନ୍ଧବୀଙ୍କୁ ଡେଟ୍


କାର୍ତ୍ତିକ ଆର୍ଯ୍ୟନ୍

**ମୁମ୍ବାଇ:** ଦିନ ଥିଲା ନବାଗତ ଯୋଗୁ ଫିଲ୍ମରେ ନେବା ପାଇଁ ନିର୍ମାତାମାନେ ନାକ ଟେକୁଥିଲେ। ହେଲେ ଏବେ ତାଙ୍କ ସହ କାମ କରିବାକୁ ଡେଟ୍ ମିଳିବା କଷ୍ଟକର। ଆମେ କହୁଛୁ ବଲିଉଡ୍‌ର ଚକ୍‌ଲେଟ୍ ହିରୋ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ବିଷୟରେ। ଏଯାବତ ସେ କରିଥିବା ପ୍ରତିଟି ଫିଲ୍ମରେ ତାଙ୍କ ଅଭିନୟ ସବୁଠୁ ବାରି ହୋଇ ପଡ଼େ। କମେଡି ସାଙ୍ଗକୁ ରୋମାନ୍ସରେ ସେ ସିଦ୍ଧହସ୍ତ ବୋଲି ପ୍ରଶଂସକ ମତ ରଖନ୍ତି। ପରଦା ଉପରେ ଯେମିତି ବ୍ୟକ୍ତିଗତ ଜୀବନରେ ବି ରୋମାନ୍ସରେ ମାହିର କାର୍ତ୍ତିକଙ୍କ ନାମ ଅନେକ ନାୟିକାଙ୍କ ସହ ଯୋଡ଼ା ଯାଇଛି। 'ଲଭ୍ ଆଜ କଲ୍' ଶୁଟିଂ ସମୟରେ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କୁ ଡେଟ୍ କରୁଥିଲେ କାର୍ତ୍ତିକ। ପରେ କାର୍ତ୍ତିକ ଶ୍ରୀଦେବୀ ଲଳନା ଜାହ୍ନବୀଙ୍କ ସମ୍ପର୍କ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଥିଲା। 'ଦୋସ୍ତାନା ୨' ସମୟରେ ଦୁହେଁ ନିକଟତର ହୋଇଥିଲେ। ହେଲେ ଫିଲ୍ମର ଶୁଟିଂ ମଝିରେ ବନ୍ଦ ହୋଇଯିବା ପରେ ସେମାନଙ୍କ ବାଟ ହୋଇଯାଇଥିଲା ଅଲଗା। ଏବେ ଏହି ସମ୍ପର୍କ ନେଇ ପରୋକ୍ଷରେ ମନକଥା କହିଛନ୍ତି ଅଭିନେତା। ନିକଟରେ ଏକ ସାକ୍ଷାତ୍‌କାରରେ ସେ ଦୁଇ ବନ୍ଧୁ (ସାରା, ଜାହ୍ନବୀ)ଙ୍କୁ ଡେଟ୍ କରିଥିବା ଖୁଲାସା କରିଛନ୍ତି। ଏହା ତାଙ୍କର ଏକ ଅବଶୋଷ। ସର୍ବଦା ସେ ସେସବୁ ଭାବି ଲଜ୍ଜାବୋଧ କରନ୍ତି ବୋଲି ମଧ୍ୟ କହିଛନ୍ତି।

ଅଭିନୟ ବିଷୟରେ କହିଲେ ଆଗାମୀ ଦିନରେ ତାଙ୍କର ଅନେକ ଫିଲ୍ମ ରିଲିଜ ହେବାକୁ ଯାଉଛି। ସେଥିରେ ଚନ୍ଦୁ ଚମ୍ପିଆନ୍, ଭୁଲ୍ ଭୁଲୈୟା ୩, ଆଶିକି ୩ ଆଦି ରହିଛି।

ଭାରତ ନିର୍ବାଚନ ଆୟୋଗ
Election Commission of India
#IVoteForSure
#MeraVoteDeshKeLiye
iOS
Android
ମୁକ୍ତ ଓ ନିରପେକ୍ଷ ନିର୍ବାଚନରେ ନିଜର ଭୂମିକା ତୁଲାନ୍ତୁ
ସ୍କାନ୍ କରି cVigil ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ଆଦର୍ଶ ଆଚରଣ ସଂହିତାର ଯେକୌଣସି ଉଲ୍ଲଂଘନ ସମ୍ପର୍କରେ ସୂଚନା ଦିଅନ୍ତୁ

cVIGIL
ରାଜକୁମାର ରାଓ
ଚୁନାବ କା ପର୍ବ DESH KA GARV
CBC 52101/13/0007/2425

# ପୋଲିଂ କର୍ମଚାରୀଙ୍କୁ ମିଳିବ କ୍ୟାଶ୍‌ଲେସ ଚିକିତ୍ସା

ଭୁବନେଶ୍ୱର,୧୨।୪(ଅସମାପିକା ସାହୁ)

ଚଳିତ ସାଧାରଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ପୋଲିଂ କର୍ମଚାରୀ ଯଦି ଅଂଶୁଘାତରେ ଅସୁସ୍ଥ ହୁଅନ୍ତି, ତେବେ ସେମାନଙ୍କୁ କ୍ୟାଶ୍‌ଲେସ ଚିକିତ୍ସା ସୁବିଧା ଯୋଗାଇଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅଧୀନରେ ପରିସରଭୁକ୍ତ ହୋଇଥିବା ରାଜ୍ୟର ସମସ୍ତ ଘରୋଇ ହସ୍ପିଟାଲଗୁଡ଼ିକୁ ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି ହୋଇଛି। ନିର୍ବାଚନକାଳୀନ ଡ୍ୟୁଟି ସଂକ୍ରାନ୍ତ ନିଯୁକ୍ତିପତ୍ର ଦାଖଲ କରାଯିବା ପରେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ହେବ। ସୂଚନାଯୋଗ୍ୟ, ରାଜ୍ୟର କୋଟି କୋଟି ଲୋକ ବିଏସ୍‌କେୱାଇ ଜରିଆରେ ଉପକୃତ ହେଉଥିବାବେଳେ ରାଜ୍ୟ ସରକାର ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ଲାଗି ଏହାକୁ ଉପଲବ୍ଧ କରାଇଛନ୍ତି। ଘରୋଇ ହସ୍ପିଟାଲଗୁଡ଼ିକ ଚିକିତ୍ସା ବାବଦ ପେମେଣ୍ଟ ପାଇବାକୁ ଷ୍ଟେଟ ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟି ନିକଟରେ ଅଫ୍‌ଲାଇନରେ ବିଏସ୍‌କେୱାଇ ପ୍ୟାକେଜ ରେଟ୍ ଆଧାରରେ ବିଲ୍ ପୈଠ କରିବା ପାଇଁ କୁହାଯାଇଛି।




# ପୂର୍ବତନ ମନ୍ତ୍ରୀ ଡା. କମଳା ଦାସଙ୍କ ପରଲୋକ

## ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

କଟକ,(କାର୍ତ୍ତିକ ସାହୁ)/ ଭୋଗରାଇ, ୧୨।୪ (ପ୍ରଦୀପ ଦାସ)


ଡା. କମଳା ଦାସ

ପୂର୍ବତନ ମନ୍ତ୍ରୀ ଡା. କମଳା ଦାସଙ୍କର ଗୁରୁବାର ରାତି ୧୨ଟା ୧୫ରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ଫୁସ୍‌ଫୁସ୍ ସଂକ୍ରମଣରେ ପୀଡ଼ିତ ଥିବାରୁ କିଛିଦିନ ତଳେ ତାଙ୍କୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଡା. ଦାସଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଡା. ଦାସଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ ବୋଲି କହିଛନ୍ତି। ସେହିପରି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ ମଧ୍ୟ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ଗ୍ରାମରେ ଜନ୍ମିତ କମଳା ଦାସ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ପ୍ରଫେସର ଭାବେ ଯୋଗଦେଇଥିଲେ। ୧୯୯୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୀତିରେ ଯୋଗ ଦେଇଥିଲେ। ଭୋଗରାଇ ନିର୍ବାଚନମଣ୍ଡଳୀରୁ ଜନତା ଦଳ ଟିକେଟରେ ୧୯୯୦ ଓ ୧୯୯୫ ଏବଂ ୨୦୦୦ ମସିହାରେ ବିଜେଡିରୁ ପ୍ରାର୍ଥୀ ହୋଇ ନିର୍ବାଚିତ ହୋଇଥିଲେ। ବିଜୁ ପଟ୍ଟନାୟକ ଏବଂ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ପରେ ସେ କଂଗ୍ରେସରେ ଯୋଗଦେଇ ଭୋଗରାଇ ନିର୍ବାଚନମଣ୍ଡଳୀରେ ହାରି ଯାଇଥିଲେ। ପରେ ସେ ବିଜେଡିକୁ ଫେରିଥିଲେ। କମଳା ଶଙ୍ଖାରୀ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ଡ. କାଳୀକୁମାର ଦାସଙ୍କୁ ବିବାହ କରିଥିଲେ। ଐତିହାସିକ ଡ. ମନ୍ମଥ ନାଥ ଦାସ ଓ ବିଶିଷ୍ଟ କଥାକାର ମନୋଜ ଦାସଙ୍କର ସେ ଥିଲେ ଭାଇବୋହୂ। କଟକରୁ ତାଙ୍କ ମରଶରୀରକୁ ପ୍ରଥମେ ଭୁବନେଶ୍ୱରସ୍ଥିତ ବାସଭବନ ଓ ପରେ ଗାଁ ମାଟି ଶଙ୍ଖାରିସ୍ଥିତ ଶାଶୁ ଘରକୁ ନିଆଯାଇଥିଲା। ବିଧାୟକ ଅନନ୍ତ ଦାସ, ତହସିଲଦାର ସୁଧାଂଶୁ ଶେଖର ଗିରି, କଂଗ୍ରେସ ନେତା ସତ୍ୟଶିବ ଦାସ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, ସାମାଜିକ କର୍ମୀ ଅଭିଜିତ ଦାସ, ଗୌତମବୁଦ୍ଧ ଦାସ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ପୋଲିସ ପକ୍ଷରୁ ତୋପ ସଲାମୀ ଦିଆଯାଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା।

# ନିର୍ବାଚନକୁ ବିରୋଧକରି ହେବ ମାଓବାଦୀ ମେଳି

ମାଲକାନଗିରି,୧୨।୪ (ଦୁର୍ଯ୍ୟୋଧନ ପାତ୍ର)

ଶନିବାରଠାରୁ ନିର୍ବାଚନକୁ ବିରୋଧ କରିବା ସହ ବିଭିନ୍ନ ସ୍ଥାନରେ ମେଳି କରିବା ନେଇ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟିପକ୍ଷରୁ ଚିଠିମାଧ୍ୟମରେ ସ୍ପଷ୍ଟ କରାଯାଇଛି। ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ମାଓବାଦୀ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଉଥିବା ବେଳେ ଛତିଶଗଡ଼ ସହ ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ଲାଗି ରହିଥିବା ଜିଲାର ବିଭିନ୍ନ ଅଞ୍ଚଳରେ ସଙ୍ଗଠନ ବିରୋଧ ଦିବସ ପାଳନ କରିବ। ମାଓବାଦୀ ସଙ୍ଗଠନ ନିର୍ବାଚନରେ ବାଧା ଦେବା ଆଶଙ୍କା ଥିବାରୁ ଏହାର ବହୁ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ଉଭୟ ଛତିଶଗଡ଼ ଓ ମାଲକାନଗିରିରେ କଡାକଡି କରାଯାଇଛି। ଉଭୟ ସୀମାରେ ହାଇଆଲର୍ଟ ଜାରି କରି ଯାଞ୍ଚ କରାଯାଉଛି। ସିସିଟିଭି ଲଗାଇ ନଜର ମଧ୍ୟ ରଖାଯାଇ ତଲାସି ଅଭିଯାନକୁ ଜୋରଦାର କରାଯାଇଛି। ଆସନ୍ତା ୧୫ ପର୍ଯ୍ୟନ୍ତ ମାଓବାଦୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ଏହି ମେଳି ଓ ଶୋଭାଯାତ୍ରା ଚାଲିବ ବୋଲି ଜଣାପଡିଛି।

# ୧୭ରୁ ଅସମ୍ଭାଳ ତାତି

## ୪୫ ଡିଗ୍ରୀ ଛୁଇଁପାରେ ପାରଦ

## ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ପରାମର୍ଶ

ଭୁବନେଶ୍ୱର, ୧୨।୪ (ଅସମାପିକା ସାହୁ)

ରାଜ୍ୟରେ ପୁଣି ଗରମ ଓ ଗୁଳୁଗୁଳି ଲେଉଟିଛି। ଶୁକ୍ରବାର ପାରଳାଖେମୁଣ୍ଡିରେ ସର୍ବାଧିକ ୩୭.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୩୬.୨ ଓ ଜଗତ୍‌ସିଂହପୁରରେ ୩୬ ଡିଗ୍ରୀ ରହିଥିଲା। ବୌଦ୍ଧ ଓ ରାୟଗଡ଼ାର କିଛି ସ୍ଥାନରେ ବର୍ଷା ହୋଇଥିଲେ ମଧ୍ୟ ଶନିବାରଠାରୁ ତାତି ଆହୁରି ବଢ଼ିବା ସମ୍ଭାବନା ରହିଛି। ତେବେ ୧୪ରୁ ଅସହ୍ୟ ତାତି ଅନୁଭୂତ ହେବ। ଦିନ ତାପମାତ୍ରାରେ ୬ରୁ ୮ ଡିଗ୍ରୀ ବୃଦ୍ଧି ପାଇବାର ଆଶଙ୍କା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୨୪ ଘଣ୍ଟାରେ ଦିନ ତାପମାତ୍ରରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବାର ନାହିଁ। କିନ୍ତୁ ୧୪ରେ କଟକ, ନୟାଗଡ଼, ବୌଦ୍ଧ, ଅନୁଗୋଳ ଓ ଖୋର୍ଦ୍ଧାରେ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ରହିବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଫଳରେ ଗୁଳୁଗୁଳି ଅସହ୍ୟ ହେବ। ସେହିଭଳି ୧୫ ଓ ୧୬ରେ ବିଭିନ୍ନ ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବିଶେଷକରି ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ପଡ଼ିବ। ୧୫ରେ କଟକ, ନୟାଗଡ଼, ମାଲକାନଗିରି, କୋରାପୁଟ, ଅନୁଗୋଳ ଏବଂ ଢେଙ୍କାନାଳ ଓ ୧୬ରେ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ବୌଦ୍ଧ, କଟକ, କନ୍ଧମାଳ, କୋରାପୁଟ, ମାଲକାନଗିରି, ବାଲେଶ୍ୱର ଏବଂ ଭଦ୍ରକରେ ଗ୍ରୀଷ୍ମ ପ୍ରବାହ ସାଧାରଣ ଜନଜୀବନକୁ ପ୍ରଭାବିତ କରିବ। ତେବେ ଆଗାମୀ ୧୭ରୁ ୨୦ ତାରିଖ ଯାଏ ସାଂଘାତିକ ସ୍ଥିତି ରହିବ। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଅଧିକ ବଢ଼ିବ। ୪୩ରୁ ୪୫ ଡିଗ୍ରୀ ତାପମାତ୍ରା ଛୁଇଁବ। ଅସହ୍ୟ ପାଣିପାଗ ସ୍ଥିତି ସୃଷ୍ଟି ହେବ। ଏହା ଶରୀର ପାଇଁ ଘାତକ ହୋଇପାରେ। ତେଣୁ ଏଥିପ୍ରତି ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ଥାନାରେ ରାଣୀ ପଣ୍ଡା

## ୮ ବର୍ଷର ପ୍ରେମରେ ଧୋକା

ଭୁବନେଶ୍ୱର,୧୨।୪ (ସୂର୍ଯ୍ୟକାନ୍ତ ବେହେରା)

ପ୍ରେମ-ପ୍ରତାରଣା ଅଭିଯୋଗ ଆଣି ମହିଳା ଥାନାରେ ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା ତାଙ୍କ ପୁରୁଷ ବନ୍ଧୁଙ୍କ ବିରୋଧରେ ଏତଲା ଦେଇଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ପୁରୁଷ ବନ୍ଧୁ ପ୍ରତାରଣା କରିଥିବା ରାଣୀ ଏତଲାରେ ଦର୍ଶାଇଛନ୍ତି। ଦୀର୍ଘ ୮ ବର୍ଷ ଧରି ପ୍ରେମ ସମ୍ପର୍କରେ ରହିବା ପରେ ପୁରୁଷ ବନ୍ଧୁ ଅନ୍ୟତ୍ର ବିବାହ କରୁଥିବା ଖବର ପାଇବା ପରେ ଶୁକ୍ରବାର ରାଣୀ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୭୪/୨୦୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଥାନାରେ ଅଭିଯୋଗ କରିବା ପରେ ରାଣୀ ଗଣମାଧ୍ୟମକୁ କହିଛନ୍ତି, ଏତେ ଭଲପାଇବାର ପରିଣାମ ମୋତେ ଏଇଆ ମିଳିଲା। ମୁଁ ନ୍ୟାୟ ଚାହୁଁଛି। ମୋର ମାନ, ଇଜ୍ଜତ ସବୁ ମାଟିରେ ମିଶି ଯାଇଛି। ତେଣୁ ସେ ପିଲା ଓ ତାଙ୍କର ପରିବାର ଲୋକେ ମୋ ସହିତ ଆଲୋଚନା କରିବା ଦରକାର। ମୋତେ ବାହାହେଲେ ତାଙ୍କ ପରିବାରର ଇଜ୍ଜତ ଚାଲିଯିବ ବୋଲି ତାଙ୍କ ପୁଅ କହିଛି। ସେ ଯଦି ଏହା ପୂର୍ବରୁ ଜାଣିଥିଲେ ତେବେ ମୋ ସହିତ ବର୍ଷ ବର୍ଷ ଧରି କାହିଁକି ସମ୍ପର୍କରେ ରହିଥିଲେ ବୋଲି ରାଣୀ ପ୍ରଶ୍ନ କରିଛନ୍ତି। ମୁଁ ଏହି କଥା ସୋସିଆଲ ମିଡିଆରେ ଛାଡ଼ିବା ପରେ ସେ ମୋତେ ନାନା ଧମକ ଚମକ ଦେବା ଆରମ୍ଭ କରିଥିଲେ। ତାଙ୍କର ନେତା ମନ୍ତ୍ରୀ ଅଛନ୍ତି, ମୁଁ ତାଙ୍କର କିଛି କରିପାରିବି ନାହିଁ ବୋଲି କହୁଛନ୍ତି। ତେଣୁ ଗଣମାଧ୍ୟମ ଏବଂ ଓଡ଼ିଶାବାସୀ ମୋତେ ସାହାଯ୍ୟ କରନ୍ତୁ। ସେ ଯେଉଁ ଅପମାନ ଓ ନିର୍ଯାତନା ଦେଇଛନ୍ତି ତା'ର ନ୍ୟାୟ ଚାହୁଁଛି ବୋଲି ରାଣୀ କହିଛନ୍ତି।

# ବିରୂପାରେ ବୁଡ଼ିଗଲେ ୨ ଛାତ୍ର

## ନଦୀରେ ବଲ୍ ଖେଳ ହେଲା କାଳ

ମଙ୍ଗୁଳି-ଜଗତପୁର, (ମାନସ ସାମଲ)/ ଚୌଦ୍ୱାର (ଆଶୁତୋଷ ଦାସ), ୧୨।୪


ମାୟଙ୍କ କୁମାର ସାହୁ ଓ କୃଷ୍ଣଚନ୍ଦ୍ର ସାହୁ

ଜଗତ୍‌ପୁର ଥାନା ଅଧୀନ ବିରୂପା ନଦୀରେ ବୁଡ଼ିଯାଇ ଶୁକ୍ରବାର ୨ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଚୌଦ୍ୱାର ପୌରପାଳିକା ଅଧୀନ ୩ ନମ୍ବର ୱାର୍ଡ ଖର୍ଦ୍ଧାସାହିର ମାୟଙ୍କ କୁମାର ସାହୁ(୧୮) ଓ କୃଷ୍ଣଚନ୍ଦ୍ର ସାହୁ(୨୦)। ଅପରାହ୍ନ ପ୍ରାୟ ୧ଟାରେ ମାୟଙ୍କ, କୃଷ୍ଣଚନ୍ଦ୍ର ଓ ଅନ୍ୟ ଜଣେ ସାଙ୍ଗ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହା ପୂର୍ବରୁ ସାଥିରେ ନେଇଥିବା ଏକ ବଲ୍‌ରେ ସେମାନେ ଜଣେ ଜଣଙ୍କୁ କ୍ୟାଚ୍ ପକାଇ ଖେଳୁଥିଲେ। ଏହି ସମୟରେ ବଲ୍ ପାଣି ସୁଅରେ ପଡ଼ି ଯାଇଥିଲା। ବଲ୍‌କୁ ଆଣିବା ପାଇଁ କୃଷ୍ଣଚନ୍ଦ୍ର ଚେଷ୍ଟାକରି ପାଣି ସୁଅରେ ଭାସି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଦୁଇ ସାଙ୍ଗ ମଧ୍ୟ ପାଣି ସୁଅରେ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନିଜ ଚେଷ୍ଟା ଫଳରେ କୂଳକୁ ଚାଲି ଆସିଥିବାବେଳେ କୃଷ୍ଣଚନ୍ଦ୍ର ଓ ମାୟଙ୍କ ପାଣିରେ ବୁଡିଯାଇଥିଲେ। ଖବରପାଇ ଅନ୍ୟ ଜଣେ ସାଙ୍ଗ ଚନ୍ଦ୍ରଶେଖର ବେହେରା ପହଞ୍ଚି ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହାୟତାରେ ଖୋଜାଖୋଜି କରି ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉଭୟେ ପହଁରା ଜାଣି ନ ଥିବାରୁ ଏଭଳି ଅଘଟଣ ଘଟି ଥାଇପାରେ ବୋଲି ଅନୁମାନ କରାଯାଉଛି। ସ୍ଥାନୀୟ ଶ୍ମଶାନରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଜଗତ୍‌ପୁର ଥାନାରେ ଦୁଇଟି ଅପମୃତ୍ୟୁ ମାମଲା(ନଂ.୧୩,୧୪/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, କୃଷ୍ଣଚନ୍ଦ୍ର ଚୌଦ୍ୱାର କଲେଜରେ ଯୁକ୍ତ ୩ କଳାରେ ପଢୁଥିବାବେଳେ ମାୟଙ୍କ ଧବଳେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର ଥିଲେ।

# ପୂର୍ବତନ ସରପଞ୍ଚଙ୍କୁ ୨ ବର୍ଷ ଜେଲ

ବ୍ରହ୍ମପୁର,୧୨।୪ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଶୁକ୍ରବାର ଏକ ସରକାରୀ ଅର୍ଥ ଆତ୍ମସାତ ମାମଲାର ବିଚାର କରି ଜଣେ ପୂର୍ବତନ ସରପଞ୍ଚଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଗଜପତି ଜିଲା କାଶୀନଗର ବ୍ଲକ କିଡିଗାଁ ପଞ୍ଚାୟତର ତତ୍କାଳୀନ ସରପଞ୍ଚ ଡି.ରାମାରାଓ(୪୯)। ଏହି ମାମଲାର ବିଚାର ପ୍ରକ୍ରିୟା ଚାଲିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଉକ୍ତ ପଞ୍ଚାୟତର ଗ୍ରାମସେବକ ତଥା ନିର୍ବାହୀ ଅଧିକାରୀ ଆଦିକନ୍ଦ ରାଇତାଙ୍କ ମୃତ୍ୟୁ ଘଟିଥିଲା। ତେଣୁ ତାଙ୍କୁ ମାମଲାରୁ ବାଦ ଦିଆଯାଇଥିଲା।

# ଅଣହିନ୍ଦୁ ପ୍ରବେଶ ରୋକିବେ ପ୍ରତିହାରୀ ସେବକ

ପୁରୀ,୧୨।୪(ଅଜିତ୍ ମହାନ୍ତି)




ଏଣିକି ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ରୋକିବେ ପ୍ରତିହାରୀ ସେବକ। କୌଣସି ଅଣହିନ୍ଦୁ ଯେପରି ଶ୍ରୀମନ୍ଦିରରେ ପ୍ରବେଶ ନ କରନ୍ତି ସେଥିଲାଗି ସିଂହଦ୍ୱାର ସମ୍ମୁଖରେ ପ୍ରତିହାରୀ ସେବାୟତମାନେ ନିୟୋଜିତ ରହି ତଦାରଖ କରିବେ। ଶ୍ରୀମନ୍ଦିରକୁ ଅନେକ ସମୟରେ ଅଣହିନ୍ଦୁ ପ୍ରବେଶ କରୁଥିବା ନେଇ ବାରମ୍ବାର ଅଭିଯୋଗ ଆସିବା ପରେ ପ୍ରତିହାରୀ ନିଯୋଗର ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକୃତି ଦେଇଥିବା ନିଯୋଗର ସମ୍ପାଦକ ରାମନାରାୟଣ ଗୋଚ୍ଛିକାର ଶୁକ୍ରବାର ସୂଚନା ଦେଇଛନ୍ତି।

ଗୋଚ୍ଛିକାର କହିଛନ୍ତି ଯେ, ଅତୀତରେ ପ୍ରତିହାରୀ ସେବକମାନେ ଶ୍ରୀମନ୍ଦିରକୁ ଜଗୁଥିବାବେଳେ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେଇଥାନ୍ତି। ପୂର୍ବକାଳରେ ପ୍ରତିହାରୀ ସେବକମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଥିଲେ। କାଳକ୍ରମେ ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରତିହାରୀ ସେବା ବନ୍ଦ ହୋଇଯାଇ ଥିଲା। ଶ୍ରୀମନ୍ଦିର ଭିତରେ ପ୍ରତିହାରୀ ସେବକମାନେ ସେବା ଯୋଗାଉଥିଲେ। ଏପରିକି ରଥଯାତ୍ରାବେଳେ ମହାପ୍ରଭୁଙ୍କୁ ସେବା ଯୋଗାଇଆସୁଥିଲେ। ମାତ୍ର ମାଳ ମାଳ ପୋଲିସ କର୍ମଚାରୀ ଓ ଅଧିକାରୀ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହୁଥିଲେ ମଧ୍ୟ ଅନେକ ସମୟରେ ଅଣହିନ୍ଦୁମାନେ ସୁରକ୍ଷା ବଳୟ ଭେଦି ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି। ତେଣୁ ଅଣହିନ୍ଦୁମାନେ ଯେପରି ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ ତାହାକୁ ଦୃଷ୍ଟିରେ ରଖି ଆସନ୍ତା ୧୪ ତାରିଖ ମହାବିଷୁବ ସଂକ୍ରାନ୍ତିଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରତିହାରୀ ସେବାୟତମାନେ ନିୟୋଜିତ ରହିବେ। ପ୍ରଥମେ ସକାଳୁ ଦ୍ୱାରଫିଟା ସମୟରେ ଦୁଇଜଣ ଓ ପରେ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ବେଳେ ୨ଜଣ ପ୍ରତିହାରୀ ସେବକ ନିୟୋଜିତ ହେବେ। ପରବର୍ତ୍ତୀ ସମୟରେ ପୁରା ଦିନରାତି ପ୍ରତିହାରୀମାନେ ଜଗିବେ। ଫଳରେ ଅଣହିନ୍ଦୁଙ୍କୁ ଚିହ୍ନଟ କରାଯାଇପାରିବ। ଏନେଇ ନିଯୋଗରେ ଆଲୋଚନା ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇଥିଲା। ଉଭୟ ପ୍ରଶାସନ ଓ ପ୍ରତିହାରୀ ନିଯୋଗର ସହଯୋଗରେ ଏହି ସେବା ଆରମ୍ଭ କରାଯାଉଛି। ଦୀର୍ଘବର୍ଷ ପରେ ପୁଣି ପ୍ରତିହାରୀ ସେବା ଆରମ୍ଭ ହେବାକୁ ଯାଉଥିବାରୁ ପ୍ରତିହାରୀ ସେବକମାନଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ଆଜି ରାଜଧାନୀ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୨।୪(ବନ୍ଦନା ସେଠୀ)

ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ପକ୍ଷରୁ ଶନିବାର ୭୬ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହେବ। ଏହି ଅବସରରେ ସକାଳ ୭ଟା ୩୦ରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ମାନିତ ଅତିଥି ଭାବେ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ, ପୋଲିସ କମିଶନର ସଞ୍ଜୀବ ପଣ୍ଡା, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ବଲଓ୍ୱନ୍ତ ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରଣା, ଡିସିପି ପ୍ରତୀକ ସିଂ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇ ବିଧାନସୌଧ ସମ୍ମୁଖସ୍ଥ ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ କରିବେ। ପରେ ଅତିଥିଙ୍କ ଦ୍ୱାରା ସୂଚନା ଭବନରେ ଏକ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀର ଉଦ୍‌ଘାଟନ କରାଯିବ। ସନ୍ଧ୍ୟାରେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥିରୂପେ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।


ଆଜିର ରାଜଧାନୀ (ଫଟୋ- ବିକାଶ ନାୟକ)

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୭୬ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ, ସମୟ: ସକାଳ ୭ଟା ୩୦।
- ୨୨ ତମ ବାର୍ଷିକ ଯଜ୍ଞର ଷୋଡ଼ଶ ଉପଚାର ପୂଜା, ସ୍ଥାନ: ବାଲିଅନ୍ତାସ୍ଥିତ ମା'ପଞ୍ଚବଟୀ ତାରିଣୀ ପୀଠ, ସମୟ: ସକାଳ ୮ଟା।
- ୧୧ତମ ଜନ୍ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ଜଳଯାତ୍ରା, ସ୍ଥାନ: ହଂସପାଳ ଗ୍ରାମସ୍ଥିତ ବାଟ ମହାବୀରଙ୍କ ପୀଠସ୍ଥଳୀ, ସମୟ: ସକାଳ ୮ଟା।
- ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଫଟୋଚିତ୍ର ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୮ଟା ୩୦।
- ସିଆଇଏସ୍‌ସିଇ ରିଜିଓନାଲ ଯୋଗ ଅଲମ୍ପିଆଡ୍ କମ୍ପିଟିଶନ, ସ୍ଥାନ: ଲୟଲା ସ୍କୁଲ ପରିସର, ସମୟ: ସକାଳ ୯ଟା।
- ଜାତୀୟ ଫେଡେରେଶନ କପ୍ ବଡିବିଲ୍ଡିଂ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଉତ୍କଳ କରାଟେ ସ୍କୁଲ, ସମୟ: ଅପରାହ୍ଣ ୪ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: ଦୁଦୁରାବସ୍ତ ସ୍ଥିତ ମହାବୀରଙ୍କ ପୀଠ, ବାଲିଅନ୍ତା, ସମୟ: ରାତି ୭ଟା।

## କଟକ

- ଝଙ୍କାର ପତ୍ରିକାର ୭୫ତମ ବାର୍ଷିକୀ ଅବସରରେ ପ୍ରଜାତନ୍ତ୍ର ପ୍ରଚାର ସମିତିର ସାରସ୍ୱତ ଉତ୍ସବ ବିଷୁବ ମିଳନର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଟକ ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ରାଧାରମଣ ଫାଉଣ୍ଡେଶନ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର, ସ୍ଥାନ: ପୁରୀ ମଧୁବନ, ସମୟ: ସକାଳ ୮ଟା।
- ଜଗତ୍‌ଜନନୀ ମା'ଦେବୀ ବନଦୁର୍ଗାଙ୍କ ୬ ଦିନିଆ ପୂଜା ଉତ୍ସବର ଶୁଭାରମ୍ଭ, ସ୍ଥାନ: ବନଦୁର୍ଗା ଶକ୍ତିପୀଠ, ନାଗବସ୍ତ ଗ୍ରାମ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟବାଦୀ ଦିବ୍ୟାଙ୍ଗ ମହାସଙ୍ଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଟୁଇଟର ଆକ୍ଟିଭିଟିଜ ଅନୁଷ୍ଠାନ ପକ୍ଷରୁ ବୈଠକ, ସ୍ଥାନ: ଭକ୍ତସାଲବେଗ ପୀଠ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ଜନତା ଦଳ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀରାଧାରମଣ ଫାଉଣ୍ଡେଶନ ପକ୍ଷରୁ 'ଯୁଗେ ଯୁଗେ ଜଗନ୍ନାଥ' ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ମଧୁବନ ଟାଇଟନିକ ହାଉସ, ସମୟ: ଅପରାହ୍ଣ ୪ଟା।
- ପ୍ରଥମ ବାର୍ଷିକ ରାମଚରିତ ମାନସ ନବାହ୍ନ ପାରାୟଣ, ଜ୍ଞାନଯଜ୍ଞ ନବମ ଦିବସ, ସ୍ଥାନ: ବାଟମହାବୀର ପ୍ରାଙ୍ଗଣ ପାଟପୁର ମେଳକ, କିଆକଣ୍ଟା, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଲବଣଗିରି ମହିମା ଧର୍ମାଶ୍ରମର ୩୮ତମ ବାର୍ଷିକ ମହୋତ୍ସବ ଆରମ୍ଭ, ସ୍ଥାନ: ଜାମୁକୋଳି ମହିମା ଆଶ୍ରମ, ସମୟ: ଅପରାହ୍ଣ ୪ଟା।
- ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: ବେଗୁନିଆ ମା'ଦୁର୍ଗାଦେବୀଙ୍କ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମା' ପରମ ବୈଷ୍ଣବାଣୀଙ୍କର ବାର୍ଷିକ ଉତ୍ସବ ଓ ହରିହାଟ, ସ୍ଥାନ: ରାଣୀପାଟଣା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମହାବୀର ଜୟନ୍ତୀ ଉତ୍ସବ, ସ୍ଥାନ: ସିମୁଳିଆ ଥାନା ପରିସର, ସମୟ: ଦିବସବ୍ୟାପୀ।
- ମହାବିଷୁବ ସଂକ୍ରାନ୍ତି ପାଳନ ଓ କବିତା ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ଅପରାହ୍ଣ ୫ଟା।

## ଭଦ୍ରକ

- ଆଙ୍କୁଡ଼େଶ୍ୱରୀ ପୀଠରେ ଘଟୋତ୍ତଳନ, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ପ୍ରାତଃ ୫ଟା।
- ବୁଢ଼ୀମଙ୍ଗଳାଙ୍କ ପୂଜାର୍ଚ୍ଚନା ଓ ଘଟ ପୂଜନ, ସ୍ଥାନ: ରାଧାବଲ୍ଲଭପୁର, ବାସୁଦେବପୁର, ସମୟ: ସକାଳ ୬ଟା।
- ହନୁମାନ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଗିରିଧାରୀ ନଗର, ବନ୍ତ, ସମୟ: ସକାଳ ୬ଟା।
- ଭୋଟର ସଚେତନତା ପାଇଁ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୭ଟା।
- ଭେଡ଼ାନାୟକାଣୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ବାଲିମେଦ, ବାସୁଦେବପୁର, ସମୟ: ସକାଳ ୭ଟା।
- ପାଟୁଆ ଯାତ୍ରା, ସ୍ଥାନ: ଦପାନାୟକାଣୀ ପୀଠ, ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୭ଟା।
- ପାଟୁଆ ଯାତ୍ରା, ସ୍ଥାନ: ମା' ବାସୁଳୀ ପୀଠ, କାଁପଡ଼ା, ତିହିଡ଼ି, ସମୟ: ସକାଳ ୭ଟା।
- ପାଟୁଆ ଯାତ୍ରା, ସ୍ଥାନ: କଣ୍ଟିମଙ୍ଗଳା ପୀଠ, ନୟାନନ୍ଦ, ତିହିଡ଼ି, ସମୟ: ସକାଳ ୭ଟା।
- ପାଟୁଆ ଯାତ୍ରା, ସ୍ଥାନ: ସାହାଡ଼ାଶୁଣୀ ପୀଠ, ବନମାଟିଆ, ତିହିଡ଼ି, ସମୟ: ସକାଳ ୭ଟା।
- ନଗର କୀର୍ତ୍ତନ ଓ ୧୦୮ କଳସ ଶୋଭାଯାତ୍ରା, ସ୍ଥାନ: ଗୋପାଳଦୋହରା, ତିହିଡ଼ି, ସମୟ: ସକାଳ ୮ଟା।
- ଗଡ଼ଚଣ୍ଡୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ଟିଲୋ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ମଠଛକ, ପଧାନପଡ଼ା, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ମା' ସ୍ୱର୍ଣ୍ଣମୟୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ଭଣ୍ଡାରଗଡ଼ିଆ, ବନ୍ତ, ସମୟ: ଅପରାହ୍ଣ ୪ଟା।
- ବିଷୁବ ମିଳନ ଓ କବିତା ପାଠୋତ୍ସବ, ସ୍ଥାନ: ଟାଉନ ହଲ୍, ତିହିଡ଼ି, ସମୟ: ଅପରାହ୍ଣ ୫ଟା। ଶ୍ରୀରାମ ନବମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଯଜ୍ଞ ପୂର୍ଣ୍ଣାହୁତି ଓ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଭଗବତୀ ତାରିଣୀ ପୀଠ, ଭାଟପଡ଼ା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ହନୁମାନ ଜୟନ୍ତୀ ଉତ୍ସବ, ସ୍ଥାନ: ମରେଇଗାଁ, ହାଟଡିହୀ, ସମୟ: ପ୍ରାତଃ ୫ ଟା।
- ମା' ଗଡ଼ଚଣ୍ଡୀ ପୀଠରେ ପଣା ସଂକ୍ରାନ୍ତି ଏବଂ ଯଜ୍ଞ ଉତ୍ସବ, ସ୍ଥାନ: ଶଢା, ହାଟଡ଼ିହୀ, ସମୟ: ପ୍ରାତଃ ୫ଟା।
- ମା ରାମଚଣ୍ଡୀ ପୀଠରେ ପଣା ସଂକ୍ରାନ୍ତି ଏବଂ ଭଜନ ଉତ୍ସବ, ସ୍ଥାନ: ପୋଡାସିଙ୍ଗିଡ଼ି, ହାଟଡିହୀ, ସମୟ: ପ୍ରାତଃ ୫ ଘଟିକା
- ହନୁମାନ ଜୟନ୍ତୀ, ଭଜନ କୀର୍ତ୍ତନ ଉତ୍ସବ, ସ୍ଥାନ: ବିଷ୍ଣୁପୁର, ହାଟଡିହୀ, ସମୟ: ପ୍ରାତଃ ୫ ଟା।
- ହନୁମାନ ଜୟନ୍ତୀ, ଯଜ୍ଞ, ବେଦପାଠ, ଭଜନ କୀର୍ତ୍ତନ, ପଣା ସଂକ୍ରାନ୍ତି ଉତ୍ସବ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ପ୍ରାତଃ ୫ଟା ୨୦।
- ହନୁମାନ ଜୟନ୍ତୀ,ଭଜନ ଉତ୍ସବ, ସ୍ଥାନ: ସୋସୋ, ହାଟଡିହୀ, ସମୟ: ପ୍ରାତଃ ୫ଟା ୩୦।
- ହନୁମାନ ଜୟନ୍ତୀ, ଭଜନ ସମାରୋହ ଉତ୍ସବ, ସ୍ଥାନ: ଶାଳନିଆ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ମା ବିଶ୍ୱ ତାରିଣୀଙ୍କ ଚଇତି ପର୍ବ ପାଳନ, ସ୍ଥାନ: ମାଛଳ, ଘସିପୁରା, ସମୟ: ସକାଳ ୭ ଟା।
- ଭୋଟର ସଚେତନତା ବାର୍ତ୍ତା ଦେବେ କ୍ରିକେଟର ଶୁଭ୍ରାଂଶୁ ସେନାପତି , ସ୍ଥାନ: କେନ୍ଦୁଝର ଦରବାର ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ବିଜେଡି ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ, ସ୍ଥାନ: ସାହାରପଡ଼ା, ସମୟ: ପୂର୍ବାହ୍ନ ୧୧ ଟା।
- କିଡ୍‌ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ : କେନ୍ଦୁଝର ଷ୍ଟେସନ ରୋଡ ସ୍କୁଲ କ୍ୟାମ୍ପସ, ସମୟ: ଅପରାହ୍ଣ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: ସୁଡୁସୁଡ଼ିଆ, ଆନନ୍ଦପୁର, ସମୟ: ଅପରାହ୍ଣ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: କରଡ଼ାପାଳ, ବାତୋ, ଘସିପୁରା, ସମୟ: ଅପରାହ୍ଣ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ: ଅପରାହ୍ଣ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: ବାରିଗାଁ, ବାଇଲୋ, ଆନନ୍ଦପୁର, ସମୟ: ଅପରାହ୍ଣ ୪ ଟା।

## ମୟୂରଭଞ୍ଜ

- ଭକ୍ତଙ୍କ ଦ୍ୱାରା କଣ୍ଟାପାଟ ଅନୁଷ୍ଠିତ, ସ୍ଥାନ:ପାରେଶ୍ୱର ମହାଦେବ ପୀଠ, ପାରିଆକୁଲି, ମୋରଡ଼ା, ସମୟ: ଅପରାହ୍ଣ ୪ଟା।

## ଗଞ୍ଜାମ

- ଗାଲେରୀ ମେରୁ ଯାତ୍ରା, ସ୍ଥାନ: ଭଞ୍ଜନଗର ବ୍ଲକ ଗାଲେରୀ, ସମୟ: ଅପରାହ୍ଣ ୧ ଟା।
- ଆସିକା ଦଣ୍ଡନାଚ ଦଳର ମାସନ୍ତ ମେରୁ, ସ୍ଥାନ: ସୁନାମ୍ବ ସାହି, ସମୟ: ଅପରାହ୍ଣ ୧ଟା୩୦।
- ନାଟକ ଏ ଆଖି କାନ୍ଦୁଛି ତୋରି ପାଇଁ ମଞ୍ଚସ୍ଥ, ସ୍ଥାନ: ବେଲଗୁଣ୍ଠା ବ୍ଲକ ନୂଆଁଗା, ସମୟ: ରାତି ୧ ଟା।
- ସାମାଜିକ ନାଟକ,ସ୍ଥାନ : ବୁଗୁଡ଼ା ବ୍ଲକ ଗୋଳିଆ, ସମୟ:ରାତି ୧ ଟା।

## ଢେଙ୍କାନାଳ

- ଢେଙ୍କାନାଳ 'ବିଭାବନା' ସାରସ୍ୱତ ସମାରୋହ, ସ୍ଥାନ: ଲେଖକ ସଂସଦ ଭବନ, ସମୟ: ସକାଳ ୯ଟା ୪୫।

## ଅନୁଗୋଳ

- ହନୁମାନ ଜୟନ୍ତୀ ପାଇଁ କଳସଯାତ୍ରା, ସ୍ଥାନ: ଅମଲାପଡ଼ା, ସମୟ: ସକାଳ ୮.୩୦।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ୧୦ ନଂ. ଜିଲା ପରିଷଦ ଜୋନରେ ବିଜେଡିର ସାଙ୍ଗଠନିକ ବୈଠକ, ସ୍ଥାନ: କଣିହାଁ ବ୍ଲକ ସୁଲେଇପାଳ ଗ୍ରାମ ଆମ୍ବତୋଟା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।
- ଅନ୍ନପ୍ରସାଦ ସେବନ, ସ୍ଥାନ: ହନୁମାନ ମନ୍ଦିର, ସମୟ: ମଧ୍ୟାହ୍ନ ୧ ଟା।
- ମେରୁ ଯାତ୍ରା, ସ୍ଥାନ: ବସଲା, ସମୟ: ରାତି ୧୦ଟା।
- ଦଣ୍ଡନାଚ, ସ୍ଥାନ: କାଙ୍ଗୁଲା, ସମୟ: ରାତି ୧୦ ଟା।
- ମେରୁ ଯାତ୍ରା, ସ୍ଥାନ: ବଲାସିଂହା, ବଡ଼କନ୍ତକୁଳ, ଖାଲଗାଁ, ଖୃଣ୍ଡା ସମୟ: ରାତି ୧୧ଟା

## ଜଗତ୍‌ସିଂହପୁର

- ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ଜୀବନ ଦର୍ଶନ କଥା, ସ୍ଥାନ: ତାଳଦଣ୍ଡା, କୁଜଙ୍ଗ, ସମୟ : ଅପରାହ୍ଣ ୫ଟା।

## କେନ୍ଦ୍ରାପଡ଼ା

- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ଶ୍ରୀରାମ ଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ନାମଯଜ୍ଞ, ସ୍ଥାନ: ମହାବୀର ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ପ୍ରଭୁ ନାରାୟଣ ଗୋସାଇଁଙ୍କ ଜଳ ଆବିର୍ଭାବ ଉତ୍ସବ ଆରମ୍ଭ, ସ୍ଥାନ: ରସୁଲପୁର ବ୍ଲକ୍‌ର ସିଂହାପୁର ମଧୁତୀର୍ଥ ପୁଷ୍କରିଣୀ, ସମୟ: ପ୍ରାତଃ ୫ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା। ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ମହାବୀର ଜିମ୍ନାସିୟମ ପରିସରରେ ହନୁମାନଙ୍କ ଜନ୍ମୋତ୍ସବ, ସ୍ଥାନ: ଯାଜପୁର ପୌରପରିଷଦର ଚମ୍ପାମଡେଇ, ସମୟ: ସକାଳ ୮ଟା।
- ମା' ତାରିଣୀଙ୍କ ଯଜ୍ଞ ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ ଅଧୀନ ଓଡ଼ଶୋ ପଞ୍ଚାୟତର ମାନପୁର ଗ୍ରାମ, ସମୟ: ସକାଳ ୮ଟା।
- ମେଗା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ରସୁଲପୁର ବ୍ଲକ୍‌ର ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକର ୯ ପଞ୍ଚାୟତରେ ଭାଜପା ପ୍ରାର୍ଥୀ ସ୍ମୃତିରେଖା ପହିଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ଖଣ୍ଡିତର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଥାନପତିଙ୍କ ୧୦ମ ବାର୍ଷିକ ଯଜ୍ଞ ମହୋତ୍ସବ, ସ୍ଥାନ: ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତର କଳସପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ବ୍ଲକ ଅର୍ନ୍ତଗତ ଉପରବରୁଆଁ ପଞ୍ଚାୟତର ତାରା ଦେବୀପୀଠ, ସମୟ: ଅପରାହ୍ଣ ୫ଟା।
- ମା' ସିଂହାରଶୁଣୀଙ୍କ ତୃତୀୟ ବାର୍ଷିକ ଯଜ୍ଞ ଅବସରରେ ସଙ୍ଗୀତ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ପଞ୍ଚାୟତର ସିଂହାରସାହି, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ପଞ୍ଚ କୁଣ୍ଡିୟ ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ାର ଗିରି ହନୁମାନ ପୀଠ, ସମୟ: ସକାଳ ସାଢ଼େ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ାର ବ୍ଲକର ବଡବାଣପୁର, ସମୟ: ଅପରାହ୍ଣ ୪ଟା।

## ନବରଙ୍ଗପୁର

- ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଝରିଗାଁ ହାଇସ୍କୁଲ୍ ପଡ଼ିଆ, ସମୟ: ରାତି ୮ଟା.୩୦।

## କୋରାପୁଟ

- ଶ୍ରୀଅଭୟ ଆଞ୍ଜେନେୟଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନାଲ୍‌କୋ ଟାଉନଶିପ, ଦାମନଯୋଡି, ସମୟ: ସକାଳ ୯ଟା।

## ସମ୍ବଲପୁର

- ଷୋହଳ ପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ଦେବେଇପାଲି, ସମୟ: ସକାଳ ୮ଟା।
- ନବରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ୱଳନ, ସ୍ଥାନ: ସମଲେଇ ମନ୍ଦିର ଦୀପ ଘର, ସମୟ: ସକାଳ ୯ଟା।
- ବାସନ୍ତିକ ନବରାତ୍ର ପୂଜା, ସ୍ଥାନ: ବହିଦାରନୂଆପାଲିସ୍ଥିତ କାମାକ୍ଷାଦେବୀ ମନ୍ଦିର, ସମୟ: ସକାଳ ୯ଟା।
- ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ର କାର୍ଯ୍ୟକ୍ରମ, ସ୍ଥାନ: ଭୁତାପଡା ଛକ, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ କଥା ସପ୍ତାହ ଅଭିଜ୍ଞାନ ଯଜ୍ଞ, ସ୍ଥାନ: ଦୁର୍ଗାପାଲିସ୍ଥିତ ଦୟାମଣୀ ବୃଦ୍ଧାଶ୍ରମ, ସମୟ: ଅପରାହ୍ଣ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଜୟନ୍ତପୁର, ସମୟ: ଅପରାହ୍ଣ ୪ଟା।
- ଆଞ୍ଚଳିକ ରାମଲୀଳା ମହୋତ୍ସବ, ସ୍ଥାନ: କୁସୁମି ଗ୍ରାମ, ସମୟ: ରାତି ୧୦ଟା।

## ବଲାଙ୍ଗୀର

- ହନୁମାନ ଜୟନ୍ତୀ ପାଳନ ଉପଲକ୍ଷେ ୨୪ ପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ହନୁମାନ ମନ୍ଦିର ହେମାଲ ଭବନ କଣ୍ଟାବାଞ୍ଜି, ସମୟ: ସକାଳ ୮ଟା୪୫।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ମୁରିବାହାଲ ବ୍ଲକ ଡଙ୍ଗରପଡା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଭାଜପା ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ବଲାଙ୍ଗୀର ଗସ୍ତ କାର୍ଯ୍ୟକ୍ରମ ଏବଂ ଜିଲା ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ପଥରଚେପା, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା୩୦।
- ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ଗାଳ୍ପିକା ଗାୟତ୍ରୀ ସରାଫଙ୍କ ଆଲୋଚନା ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା୧୫।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଟିଟିଲାଗଡ଼ ଭାଜପା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ନବାହ୍ନ ପାରାୟଣ ଉଦ୍‌ଯାପନ, ସ୍ଥାନ: କମିରା,ବୀରମହାରାଜପୁର,ସମୟ: ପୂର୍ବାହ୍ନ ୧୦ ଟା।
- ନବରାତ୍ରିର ପଞ୍ଚମ ଦିବସ, ସ୍ଥାନ: ଦୁର୍ଗାମନ୍ଦିର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜୁ ଯୁବ ଜନତା ଦଳର ସମାବେଶ, ସ୍ଥାନ: ଲିଙ୍ଗମାର୍ଣ୍ଣି ଖେଳପଡିଆ,ଡୁଙ୍ଗୁରିପାଲି, ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ରାମାୟଣ ପାରାୟଣର ପଞ୍ଚମ ଦିବସ, କୁଦେଇପଡାସ୍ଥିତ ଶ୍ରୀରାମ ମନ୍ଦିର ପରିସର,ଡୁଙ୍ଗୁରିପାଲି, ପୂର୍ବାହ୍ନ ୧୧ଟା।
- ଝାମୁଯାତ୍ରାରେ ଧୂଳିଦଣ୍ଡ ପରିବେଷଣ, ସ୍ଥାନ: ବଡମାଳ,ବୀରମହାରାଜପୁର, ସମୟ: ଅପରାହ୍ଣ ୩ ଟା।
- ଝାମୁ ଯାତ୍ରା, ସ୍ଥାନ: ଗୌଡଗାଡ, ବୀରମହାରାଜପୁର, ସମୟ: ଅପରାହ୍ଣ ୩ଟା ୩୦।
- ଅମରପାଲି ଫ୍ଲଡ ଲାଇଟ କ୍ରିକେଟ କପ, ସ୍ଥାନ: ଅମରପାଲି,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ ଟା ୩୦।
- ଷୋଳ ସୁଆଙ୍ଗ ନୃତ୍ୟ ପରିବେଷଣ, ସ୍ଥାନ: ସିନ୍ଦିରିଆବାହାଲ,ଉଲୁଣ୍ଡା, ସମୟ: ରାତି ୧୦ ଟା।
- ଦଣ୍ଡଯାତ୍ରା, ସ୍ଥାନ: ଚୌକା, ବୀରମହାରାଜପୁର, ସମୟ: ରାତି ୧୧ ଟା।

## ରାଉରକେଲା

- ରାମନବମୀ ମହୋତ୍ସବ ପାଳନ, ସ୍ଥାନ: ଉଦିତ ନଗର, ସମୟ: ସକାଳ ୭ଟା।
- ଆର୍ଚିଷ୍ଟ କ୍ରିକେଟ ମ୍ୟାଚ ତୃତୀୟ ଦିବସ ମ୍ୟାଚ୍, ସ୍ଥାନ: ସେକ୍ଟର-୨୦, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ହନୁମାନଙ୍କ ସିନ୍ଦୂର ଗ୍ରହଣ ଓ ଝଣ୍ଡା ପରିକ୍ରମା, କୀର୍ତ୍ତନ ପାଇଁ ଅଧିବାସ, ସ୍ଥାନ: ବଡ଼ଗାଁ ବ୍ଲକ ଶଙ୍କରାପୋଷ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ୧୦ଟା।

## ବରଗଡ଼

- ଚୈତ୍ର ବାସନ୍ତୀକ ନବଦିନାତ୍ମକ ପୂଜନୋତ୍ସବ, ସ୍ଥାନ: ଗ୍ରାମ୍ୟଦେବୀ ସମଲେଶ୍ୱରୀଙ୍କ ମନ୍ଦିର, ସମୟ: ସକାଳ ୭ଟା।
- ବାସନ୍ତୀକ ନବଦିନାତ୍ମକ ମହୋତ୍ସବ, ସ୍ଥାନ: ମା' ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ଚୈତ୍ର ବାସନ୍ତୀକ ନବରାତ୍ର ପୂଜା, ସ୍ଥାନ: ଶ୍ରୀଶ୍ରୀ ସମଲେଶ୍ୱରୀ ଦେବୀପୀଠ, ଗୁଡ଼େଶିରା, ସମୟ: ସକାଳ ୭ଟା।
- ବାଟମଙ୍ଗଳାଙ୍କ ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ବରଗଡ଼, ସମୟ: ସକାଳ ୭ଟା।
- ଉଚ୍ଛବ ନାଟକ ମହୋତ୍ସବ, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।

## କଳାହାଣ୍ଡି

- ମା' ତାରିଣୀ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: କେସିଙ୍ଗା ବ୍ଲକ ମଶାଣିବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ସାଧାରଣ ନିର୍ବାଚନ ପାଇଁ ଭାଜପାର ବୁଥସ୍ତରୀୟ ବୈଠକ, ସ୍ଥାନ: ଧର୍ମଗଡ଼ ଦଳୀୟ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଆଦିବାସୀ ମହାମେଳି, ସ୍ଥାନ: କୋମନା ବ୍ଲକ ମିଛାପାଲି ସିବିଡିଏ ଗୃହଠାରେ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଦପଲା ପଞ୍ଚାୟତର ପ୍ରଧାନପାଲି ଗ୍ରାମରେ ଚାରିଶମ୍ଭୁ ମିଳନ, ସ୍ଥାନ: ପ୍ରଧାନପାଲି ଗ୍ରାମ,କଣ୍ଟାମାଳ ବ୍ଲକ, ସମୟ: ଅପରାହ୍ଣ ୩ ଟା।
- କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ତିଲେଇବନି ବ୍ଲକ ଝରମୁଣ୍ଡା ପଞ୍ଚାୟତ, ସମୟ:ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର,ସ୍ଥାନ:ବାରକୋଟ ବ୍ଲକ କଣ୍ଟାପାଲି ପଞ୍ଚାୟତ,ସମୟ:ଅପରାହ୍ଣ ୪ଟା।

## ଦେବଗଡ଼

- ନବରାତ୍ର, ବାସନ୍ତିକ ଦୁର୍ଗା ପୂଜା ପଞ୍ଚମ ଦିବସ,ସ୍ଥାନ:ମା' କନକ ଦୁର୍ଗା ମନ୍ଦିର, ଦକ୍ଷିଣକାଳୀ ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରି ମନ୍ଦିର,ସମୟ:ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅନୁକୂଳ ଗ୍ରହସ୍ଥିତି କାରଣରୁ ଆପଣଙ୍କ ଆକର୍ଷଣୀୟ ବ୍ୟବହାର ସମସ୍ୟା ସମାଧାନରେ ସହାୟକ ହେବ। ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସହଯୋଗ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ଲାଭ କରିବେ। ଖର୍ଚ୍ଚଭାର ବୃଦ୍ଧି କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟା ଯୋଗୁ ଚିନ୍ତାପ୍ରକଟ କରିବେ। ସଭାସମିତି, ଆଲୋଚନା କ୍ଷେତ୍ରରେ ସମ୍ମାନ ଲାଭ କରିବେ।

**ବୃଷ** ଚନ୍ଦ୍ରଙ୍କ ଶୁଭପ୍ରଭାବରୁ ନିଜ ଲୋକଙ୍କ ସାହାଯ୍ୟ ସହଯୋଗ କାର୍ଯ୍ୟ ହାସଲରେ ସହାୟକ ହେବ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପ ଫଳ ପ୍ରାପ୍ତି ନ ହୋଇପାରେ। ଘରର ସମସ୍ୟାରେ ବିଚଳିତ ମନ ବନ୍ଧୁଙ୍କ ସହ ରକ୍ଷ ବ୍ୟବହାରରେ ପ୍ରତିଫଳିତ ହେବ। ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ଆଶା ରହିଛି।

**ମିଥୁନ** ଆଜି ଚନ୍ଦ୍ର ବିଳାସକାରକ ଗ୍ରହଙ୍କ ରାଶିରେ ଅବସ୍ଥାନ କାରଣରୁ ମିଠା କଥା ଓ ଲୋଭନୀୟ ପ୍ରତିଶ୍ରୁତି ଦେଇ କାମ ହାସଲ କରିପାରନ୍ତି। ଦୀର୍ଘ ଦିନ ହେଲା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଏକ ତରଫା ହୋଇଯାଇ ପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ସଂଗଠନରେ ସଫଳତା ପାଇବେ।

**କର୍କଟ** ଆଜିର ଗ୍ରହସ୍ଥିତି ମନକୁ ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚାଟ କରି ରଖିବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଓ ସାଂଗଠନିକ ସ୍ତରରେ ଲୋକ ସମ୍ପର୍କ ବଢ଼ିବ। କଚେରି ମାମଲା, ଜମିଜମା କାରବାର, ଅର୍ଥ ଲଗାଣ ସଂସ୍ଥାରେ ଟେନସନ୍ ବଢ଼ିଯାଇପାରେ।

**ସିଂହ** ଦେବଗୁରୁଙ୍କ ପ୍ରଭାବରୁ ଯେମିତି ଚାହିଁବେ ସେମିତି କାମ କରିବାରେ ସଫଳ ହେବେ। ମାତ୍ର ଅଫିସ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବିତ ହେବାର ସମ୍ଭାବନା ଦୁଶ୍ଚିନ୍ତାର କାରଣ ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସି ଓ ସଭାସମିତିରେ ପ୍ରଶଂସିତ ହେବେ।

**କନ୍ୟା** ଏକାଧିକଗ୍ରହ ସପ୍ତମସ୍ଥ ଯୋଗୁ ବିବାଦୀୟ ପରିସ୍ଥିତିରେ ଅପଦସ୍ଥ ହୋଇପାରନ୍ତି। କିନ୍ତୁ ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆକସ୍ମିକ ଯାତ୍ରାରେ କେତେକ ପ୍ରତିବନ୍ଧକ ଦେଖାଦେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ତୁଳା** ଷଷ୍ଠସ୍ଥ ଗ୍ରହଜନିତ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କର୍ମାରମ୍ଭ କରିବା ଭୁଲ୍ ହେବ। ଇଚ୍ଛା ବିରୋଧରେ କୌଣସି କାମ କରିବାକୁ ପଡ଼ିପାରେ, ଯାହାକି ଅଶାନ୍ତିକୁ ଆମନ୍ତ୍ରଣ କରିବ। ନିର୍ମାଣାଧୀନ କାମ, ଚୁକ୍ତିପତ୍ର, ବିବାଦୀୟ ଘଟଣା ଓ ଜମି କିଣା ବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ବନ୍ଧୁଙ୍କ ସାହାଯ୍ୟରୁ ଦ୍ରବ୍ୟ ପ୍ରାପ୍ତି ହେବ।

**ବିଛା** ଆଜି ମଙ୍ଗଳ ସହ ଶନିଙ୍କ ସ୍ଥିତି କାରଣରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ପାରିବାରିକ ସ୍ଥିତି ମଧ୍ୟ ଭଲ ରହିବ ନାହିଁ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି। ଶୀଘ୍ର ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଆତ୍ମୀୟଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ** ଉଚ୍ଚାରୋହୀ ତୃତୀୟସ୍ଥ ଶନି କାରଣରୁ ମାନସିକ ସ୍ଥିତି ସୁଦୃଢ଼ ରହିବ ଓ କାମ ହାସଲରେ କିଛି ଅସୁବିଧା ହେବନାହିଁ। ଆଇନ ଅଦାଲତ ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କଳା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ସମ୍ମାନିତ ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମକର** ସ୍ୱସ୍ଥାନହନ୍ତା ବୃହସ୍ପତିଙ୍କ ଯୋଗୁ ବନ୍ଧୁ ପରିଜନଙ୍କ ସହ ଆଲୋଚନାରେ ସମୟ କଟାଇବେ। ମାତ୍ର ଶ୍ରବଣା ନକ୍ଷତ୍ରର ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ବ୍ୟବସାୟିକ ଦିଗଟି ଭଲ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି।

**କୁମ୍ଭ** ମୁଖଭାବସ୍ଥ ଗ୍ରହମାନଙ୍କ ପ୍ରଭାବରୁ ଆପଣଙ୍କ କଠୋର ବାକ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରିବ। ଆକସ୍ମିକ ଭାବରେ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବନ୍ଧୁଗହଣରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ବୁଧଙ୍କ ଦୁର୍ବଳତା କାରଣରୁ ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି। ଯାତ୍ରା, ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ଅବଶ୍ୟ ଘଟିବ। ଗବେଷଣା, ଅନୁସନ୍ଧାନ, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଏପ୍ରିଲ ୧୩ ତାରିଖ, ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ, ଜାଲିଆନାୱାଲା ବାଗ ଦିବସ, ମା' ଶାରଳାଙ୍କ ଝାମୁଯାତ୍ରା, ଚୈତ୍ର ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ, ଶନିବାର, ରାଶିନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ.୧୦।୪୫ ଗତେ ମିଥୁନ ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୩ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଉତ୍ତର ଦେଉନାହାନ୍ତି ...

ଦେଉ ନ ଥିବା ଜଣାଇଥିଲେ। ଦେବସହାୟମ୍‌ଙ୍କୁ କ'ଣ ପାଇଁ ଉତ୍ତର ଦିଆଯାଇ ନାହିଁ ବୋଲି ମୁଖ୍ୟ ସୂଚନା ଆୟୁକ୍ତ ହୀରାଲାଲ୍ ସମରିୟା ପଚାରିବାରୁ ଇସିଙ୍କ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ସିଆଇସି ନିର୍ବାଚନ କମିଶନଙ୍କ ତତ୍କାଳୀନ ପିଆଇଓଙ୍କ ବ୍ୟବହାରରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଆର୍‌ଟିଆଇ ଆଇନର ଉଲ୍ଲଂଘନ ନେଇ ଲିଖିତ ସ୍ପଷ୍ଟୀକରଣ ମାଗିଥିଲେ। ଆର୍‌ଟିଆଇ ଆବେଦନ ଉପରେ ୩୦ ଦିନ ମଧ୍ୟରେ ଉତ୍ତର ପ୍ରଦାନ କରିବା ନିମନ୍ତେ ସମରିୟା ଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେବଳ ଦେବସହାୟମ ନୁହନ୍ତି,ବିଶିଷ୍ଟ ପ୍ରଯୁକ୍ତି ପେସାଦାର, ଶିକ୍ଷାବିତ୍, ଆଇଆଇଟି ଏବଂ ଆଇଆଇଏମ୍‌ଗୁଡ଼ିକର ପ୍ରଫେସର, ଅବସରପ୍ରାପ୍ତ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଅଫିସରମାନେ ଇଭିଏମ୍ ଏବଂ ଭିଭିପିଏଟିର ବିଶ୍ୱସନୀୟତାକୁ ନେଇ ନିର୍ବାଚନ କମିଶନଙ୍କୁ ଅନେକ ପ୍ରଶ୍ନର ଜବାବ ମାଗିଥିଲେ ମଧ୍ୟ ଉତ୍ତର ଦିଆ ନଯିବାକୁ ନେଇ ସିଆଇସି ଉଦ୍‌ବେଗ ପ୍ରକାଶ କରିଛନ୍ତି।

### ପ୍ୟାରିସ ଅଲିମ୍ପିକ୍ସ ଚିଫ୍ ଡି' ମିଶନ ...

ଏଥିପାଇଁ ସେ ମାନସିକ ରୂପେ ପ୍ରସ୍ତୁତ ଥିଲେ। ତାଙ୍କୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା, ବର୍ତ୍ତମାନ ବ୍ୟକ୍ତିଗତ କାରଣରୁ ତାହା ତୁଲାଇବା ସମ୍ଭବ ନୁହେଁ। ଏଥିପାଇଁ ତାଙ୍କର ଅବଶ୍ୟ ଅବସୋସ ରହିଛି। ଆଇଓଏ ଗତ ମାର୍ଚ୍ଚ ୨୧ରେ ମେରୀକମ୍‌ଙ୍କୁ ଭାରତୀୟ ଅଲିମ୍ପିକ ଆଥ୍‌ଲେଟିକ ଦଳର ଚିଫ୍ ଡି' ମିଶନ ଭାବେ ନିଯୁକ୍ତି ଦେଇଥିଲା। ଏହି ସେଲିବ୍ରିଟି ବକ୍ସର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଏକ ବ୍ରୋଞ୍ଜ ଜିତିଥିଲେ। ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ହେବାକୁଥିବା ପ୍ୟାରିସ ଗେମ୍ସ ପାଇଁ ମେରୀକମ୍‌ଙ୍କୁ ଦେଶର ପ୍ରତିନିଧି ଦଳର ମୁଖ୍ୟ ଦାୟିତ୍ୱ ପ୍ରଦାନ କରିବା ଯଥାର୍ଥ ଥିଲା। ଉଷା କହିଛନ୍ତି, ତାଙ୍କର ଚିଠି ହସ୍ତଗତ ହେବା ପରେ ମେରୀକମ୍‌ଙ୍କ ସହ କଥା ହୋଇଥିଲେ। ଆମେ ଦୁଃଖର ସହ ଘୋଷଣା କରୁଛୁ ଯେ ଅଲିମ୍ପିକ ପଦକ ବିଜୟିନୀ ବକ୍ସର ତଥା ଆଇଓଏ ଆଥ୍‌ଲେଟ୍ସ କମିଶନ ଚେୟାରମ୍ୟାନ ବ୍ୟକ୍ତିଗତ କାରଣରୁ ତାଙ୍କ ପଦବୀରୁ ଓହରି ଯାଉଛନ୍ତି। ଆମେ ତାଙ୍କ ନିଷ୍ପତ୍ତି ଏବଂ ଗୋପନୀୟତାକୁ ସ୍ୱାଗତ ଜଣାଉଛୁ ବୋଲି ଉଷା ତାଙ୍କର ଏକ ବିବୃତିରେ ପ୍ରକାଶ କରିଛନ୍ତି। ବିଚାରବିମର୍ଶ ପରେ ଠିକଣା ସମୟରେ ମେରୀକମ୍‌ଙ୍କ ସ୍ଥାନରେ ଚିଫ୍ ଡି' କମିଶନ ପଦବୀରେ ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଆଇଓଏ ପୂର୍ବରୁ ୬ଥର ଅଲିମ୍ପିଆନ ତଥା ଲୁଗର ଶିବ କେଶବନଙ୍କୁ ଡେପୁଟି ଚିଫ୍ ଡି' କମିଶନ ଭାବେ ନିଯୁକ୍ତି ଦେଇଥିବାବେଳେ ବର୍ତ୍ତମାନର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଭେଟେରାନ ଟେନିସ ଖେଳାଳିଙ୍କୁ ଭାରତର ପୁରୁଷ ପତାକା ବାହକ ଘୋଷଣା କରିଛି। ଗେମ୍ସ ପାଇଁ ଅନେକ କୋଟା ପୂରଣ ହୋଇ ନ ଥିବାରୁ ମହିଳା ପତାକା ବାହକଙ୍କ ନାମ ଏପର୍ଯ୍ୟନ୍ତ ଘୋଷଣା କରାଯାଇପାରି ନାହିଁ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ଇତିମଧ୍ୟରେ ସମସ୍ତ ବିଭାଗରୁ ମୋଟ ୪୦ରୁ ଊର୍ଦ୍ଧ୍ୱ ଭାରତୀୟ ଆଥ୍‌ଲେଟ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଗତ ଅଲିମ୍ପିକ୍ସ ତୁଳନାରେ ଭାରତ ଏଥର ଉନ୍ନତ ପ୍ରଦର୍ଶନ ଆଶା ରଖିଛି। ଗତଥର ଗୋଟିଏ ସ୍ୱର୍ଣ୍ଣ ସହ ଭାରତ ମୋଟ ୭ ପଦକ ହାସଲ କରିଥିଲା।

# ବିଧାୟକଙ୍କ ନାମରେ ନିର୍ଯାତନା ମାମଲା ହାଇକୋର୍ଟରେ ଖାରଜ

**କଟକ,୧୨।୪ (କାର୍ତ୍ତିକ ସାହୁ)**

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଆଗତ ଦୁଇଟି ମାମଲାକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଛନ୍ତି। ଭୁବନେଶ୍ୱର ମହିଳା ଥାନା ବିଧାୟକ ସାହୁଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ ମଧ୍ୟ ବଳାତ୍କାର ଅଭିଯୋଗକୁ ଗ୍ରହଣ କରୁନାହିଁ। ତାଙ୍କ ନାମରେ ବଳାତ୍କାର ମାମଲା ରୁଜୁ କରି ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନକାରିଣୀ ସଂଯୁକ୍ତା ମହଲା ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ହାଇକୋର୍ଟର ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ତଦନ୍ତ ଶେଷ ହୋଇ ନ ଥିବାରୁ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଥିଲେ। ଏଥିସହ ଆବେଦନକାରିଣୀଙ୍କ ଆବେଦନକୁ ଖାରଜ କରିଛନ୍ତି। ସେହିପରି ବିଧାୟକ ସାହୁଙ୍କ ଅତି ନିକଟତମ କୁହାଯାଉଥିବା ଦୁଇଜଣ ଖବରଦାତାଙ୍କ ନାମରେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ନେଇ ଅଭିଯୋଗ କରି ଆବେଦନକାରିଣୀ ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଏହି ଆବେଦନକୁ ମଧ୍ୟ ଖାରଜ କରିଦେଇଛନ୍ତି।

# ଉଭୟଙ୍କୁ ପ୍ରତିଶ୍ରୁତି, ଭାଗ୍ୟରେ ଟିକେଟ

## ନୀଳଗିରି ବିଧାନସଭା କ୍ଷେତ୍ର

ବାଲେଶ୍ୱର,୧୨।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଟିକେଟକୁ ନେଇ ଲାଗିରହିଛି ଡ୍ରାମା। ଗତ ୨୦୧୪ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟଲାଭ କରିଥିବା ସୁକାନ୍ତ କୁମାର ନାୟକ ଗତ ୨୦୧୯ ନିର୍ବାଚନରେ ନିଜର ପ୍ରାର୍ଥିତ୍ୱ ଅସୁରକ୍ଷିତ ମନେକରି ଭାଜପାରେ ଯୋଗଦେଇ ଟିକେଟ ହାତେଇଥିଲେ। ବିଜେଡି ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କୁ ସେ ମାତ୍ର ୧,୫୭୭ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ। ସୁକାନ୍ତ ଗତ ୧୦ବର୍ଷ ମଧ୍ୟରେ ନୀଳଗିରି ଅଞ୍ଚଳରେ ନିଜର ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରିପାରିଛନ୍ତି। ଅନ୍ୟପକ୍ଷରେ ସନ୍ତୋଷ ଖଟୁଆ ନୀଳଗିରି ଅଞ୍ଚଳର ହୋଇ ନ ଥିଲେ ମଧ୍ୟ ୨୦୧୪ରୁ ନୀଳଗିରି ବ୍ଲକ ଭଉଁରିଆବାଡ଼ ପଞ୍ଚାୟତରେ ନିଜ ଫାର୍ମ ହାଉସ୍‌ରେ ରହି ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଗତ ୨୦୧୯ରେ


ଇଂ. ସୁକାନ୍ତ ନାୟକ


ସନ୍ତୋଷ ଖଟୁଆ

ସେ ଭାଜପା ପ୍ରାର୍ଥୀ ଭାବେ ନୀଳଗିରି ବିଧାନସଭା ଆସନରୁ ପ୍ରାର୍ଥୀ ହେବାର ଏକପ୍ରକାର ସିଦ୍ଧାନ୍ତ ହୋଇଥିବା ବେଳେ ହଠାତ୍ ବିଧାୟକ ସୁକାନ୍ତ ବିଜେଡି ଛାଡ଼ି ଭାଜପାରେ ଯୋଗଦେବାରୁ ଭାଜପା ତାଙ୍କୁ ପ୍ରାର୍ଥୀ କରିଥିଲା। ଅନ୍ୟପକ୍ଷରେ ସନ୍ତୋଷ ବିଜେଡିରେ ଯୋଗଦେଇ ପ୍ରାର୍ଥୀ ହୋଇଥିଲେ। ଗତ ୨୦୧୯ ନିର୍ବାଚନରେ ସୁକାନ୍ତ ଓ ସନ୍ତୋଷଙ୍କ ମଧ୍ୟରେ ଜୋରଦାର ସଂଘର୍ଷ ଦେଖିବାକୁ ମିଳିଥିଲା।

ସନ୍ତୋଷ ୬୭,୯୪୦ ଭୋଟ୍ ପାଇଥିବା ବେଳେ ସୁକାନ୍ତ ୬୯,୫୧୭ ଭୋଟ ପାଇ ବିଜୟୀ ହୋଇଥିଲେ। ସେବେଠାରୁ ସନ୍ତୋଷ ବିଜେଡିରେ ରହି ଦଳର ସବୁ ସାଙ୍ଗଠନିକ କାର୍ଯ୍ୟ କରିଆସୁଛନ୍ତି। ଦଳର ବରିଷ୍ଠ ନେତାଙ୍କର ମଧ୍ୟ ତାଙ୍କ ଉପରେ ଭରସା ରହିଛି। ତେଣୁ ଆଗାମୀ ନିର୍ବାଚନରେ ବିଜେଡି ତାଙ୍କୁ ପୁନର୍ବାର ପ୍ରାର୍ଥୀ କରିବ ବୋଲି ସମର୍ଥକମାନେ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ନୀଳଗିରି ବିଧାୟକ ନାୟକ ଭାଜପା ଛାଡ଼ି ବିଜେଡିରେ ଯୋଗଦେବା ପରେ କର୍ମୀ ଓ ନେତାଙ୍କର ସମୀକରଣ ପରିବର୍ତ୍ତନ ହେଉଛି। ସମସ୍ତେ ଦଳର ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଦଳର ନିର୍ବାଚିତ ନେତା ଓ କର୍ମୀମାନେ ଖଟୁଆଙ୍କୁ ପ୍ରାର୍ଥୀ କରିବା ନେଇ ଦଳର ମୁଖିଆଙ୍କୁ ଜଣାଇ ଦେଇଥିବା ବେଳେ ସୁକାନ୍ତଙ୍କୁ ଗ୍ରହଣ କରିପାରୁନାହାନ୍ତି। ଗତ ୨୦୧୯ ନିର୍ବାଚନର ଘଡ଼ିସନ୍ଧି ମୁହୂର୍ତ୍ତରେ ସୁକାନ୍ତ ଦଳର କର୍ମୀମାନଙ୍କୁ ଛାଡ଼ି ଦେଇ ଯେଉଁ ବିଶ୍ୱାସଘାତ କରିଛନ୍ତି ସେମାନେ ମନେ ପକାଇ ସଭାସମିତିରେ ବଖାଣୁଛନ୍ତି। ସୁକାନ୍ତଙ୍କ ସହ ଦଳ ଛାଡ଼ି ଭାଜପାକୁ ଯାଇଥିବା କର୍ମୀମାନେ ମଧ୍ୟ ବିଜେଡିକୁ ଫେରିଛନ୍ତି। କିନ୍ତୁ ସେମାନଙ୍କ କଥା କେହି ଶୁଣୁନାହାନ୍ତି। ଉଭୟ ନେତା ଓ ସମର୍ଥକ ବାରମ୍ବାର ଶଙ୍ଖ ଭବନ ଗସ୍ତ କରୁଥିବା ଦେଖାଯାଉଛି। ବରିଷ୍ଠ ନେତାମାନେ ଉଭୟଙ୍କୁ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ କରୁଛନ୍ତି। ଏପରିକି ନିର୍ବାଚନ ପ୍ରଚାର ଆରମ୍ଭ କରିସାରିଲେଣି। ଖଟୁଆ ବିଭିନ୍ନ ସ୍ଥାନରେ ସଭା ଓ କର୍ମୀ ସମ୍ମିଳନୀ ନାମରେ ଶକ୍ତି ପ୍ରଦର୍ଶନ କରୁଛନ୍ତି ତ, ସୁକାନ୍ତ ବିଜେଡିର କର୍ମୀ ଓ ନେତାଙ୍କୁ ମନାଇବାରେ ବ୍ୟସ୍ତ ରହୁଛନ୍ତି। ଟିକେଟ ୱାର୍‌ର ଏହି ହାଇଡ୍ରାମାରେ କାହାର ବିଜୟ ହେବ, ଆଉ କିଏ ନିରାଶ ହେବେ ତାହା ଦେଖିବାକୁ ବାକି ରହିଲା। ଅନ୍ୟପଟରେ ଭାଜପା ଓ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା ନ କରି ଜାଲ ପକାଇ ବସିଛନ୍ତି, କିଏ ଖସିବ ଏବଂ କାହା ଜାଲରେ ପଡ଼ିବ ତାକୁ ନେଇ ରାଜନୈତିକ ପଶାପାଲିରେ ଗୋଟି ବନାଇବା ସୁଯୋଗରେ ରହିଛନ୍ତି ଉଭୟ ଦଳ।

# ବିଜେଡି ଗୋଷ୍ଠୀ କନ୍ଦଳ ଟାଳିବାକୁ ପ୍ରସନ୍ନ କାର୍ଡ

ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର), ଭୁବନେଶ୍ୱର(ଅନିଲ ଦାସ)

## ସମ୍ବଲପୁର ବିଧାନସଭା ଆସନ

### ନିଜ ପ୍ରାର୍ଥିତ୍ୱକୁ ନେଇ ଅସନ୍ତୁଷ୍ଟ


ପ୍ରସନ୍ନ ଆଚାର୍ଯ୍ୟ

ବିଜେଡି ଗୁରୁବାର ସମ୍ବଲପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ରେଢ଼ାଖୋଲ ଓ ସମ୍ବଲପୁର ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଏଥିରେ ବିଧାୟକ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ରୋହିତ ପୂଜାରୀ ପୁନର୍ବାର ରେଢ଼ାଖୋଲ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସମ୍ବଲପୁର ବିଧାନସଭା ଆସନରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିଜେଡି ପ୍ରାର୍ଥୀ କରିଛି। ସମ୍ବଲପୁରକୁ ନେଇଥିବା ଦଳୀୟ କନ୍ଦଳରେ ପୂର୍ଣ୍ଣଚ୍ଛେଦ ପକାଇବା ଲକ୍ଷ୍ୟରେ ବିଜେଡି ପ୍ରସନ୍ନ କାର୍ଡ ଖେଳିଥିବା ଚର୍ଚ୍ଚା ହେଉଛି।

ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ବିଜେଡିରେ ଗୋଷ୍ଠୀ କନ୍ଦଳ ଚରମସୀମାରେ ପହଞ୍ଚିଥିଲା, ଯାହା ଥମିବାର ନାଁ ନେଉ ନ ଥିଲା। ସମ୍ବଲପୁର ବିଧାନସଭା ଆସନରେ ତିନି ପ୍ରମୁଖ ଆଶାୟୀଙ୍କ ମଧ୍ୟରେ ଥିଲେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଓ ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ। ଏହାମଧ୍ୟରେ ବିଧାୟକ ରୋହିତ ପୂଜାରୀଙ୍କୁ ତାଙ୍କ ନିଜ ନର୍ବାଚନମଣ୍ଡଳୀ ରେଢ଼ାଖୋଲରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ମାତ୍ର ଏହାପୂର୍ବରୁ ଡା. ପାଣିଗ୍ରାହୀ ଓ ସିଦ୍ଧାର୍ଥ ଦାସଙ୍କ ସମର୍ଥକମାନେ ନିଜ ନେତାଙ୍କ ପାଇଁ ଟିକେଟ୍ ଦାବି କରି ପରୋକ୍ଷରେ ପରସ୍ପରକୁ ବିରୋଧ କରିଥିଲେ, ଯାହା ବିଜେଡି ଶୀର୍ଷ ନେତୃତ୍ୱଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ରାଜ୍ୟରେ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ନବୀନ ପଟ୍ଟନାୟକଙ୍କୁ ଏକ ବିରଳ ରେକର୍ଡର ଅଧିକାରୀ କରିବା ଲକ୍ଷ୍ୟ ରଖିଛି ବିଜେଡି। ତେଣୁ କୌଣସି ପ୍ରକାର ବ୍ୟତିକ୍ରମ ଘଟି ବିଜେଡି ଭୋଟ୍‌କୁ ଯେପରି ପ୍ରଭାବିତ କରା ନ ଯାଏ, ସେଥିପ୍ରତି ବିଜେଡି ରାଜ୍ୟ ନେତୃବର୍ଗ ସବୁ ପ୍ରକାର ରଣନୀତି ଆପଣାଇଛି। ଏହି ଦୃଷ୍ଟିରୁ ସମ୍ବଲପୁରରେ ଲାଗିରହିଥିବା ଗୋଷ୍ଠୀ ବିବାଦର ଅନ୍ତ ଘଟାଇବା ପାଇଁ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏଠାରୁ ପ୍ରାର୍ଥୀ କରିବାକୁ ଦଳ ନିଷ୍ପତ୍ତି ନେଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଅତୀତରେ ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁର ଲୋକ ସଭା ଆସନରୁ ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଲଗାତର ତିନିଥର ସାଂସଦ ନିର୍ବାଚିତ ହେବା ସହ ୨୦୦୯ରେ ରେଢ଼ାଖୋଲ ଆସନରୁ ନିର୍ବାଚିତ ହୋଇ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ଏହି ଅବଧି ମଧ୍ୟରେ ବର୍ତ୍ତମାନ ଗୋଷ୍ଠୀ ବିବାଦରେ ଲିପ୍ତ ଦଳୀୟ ନେତା ବା ନେତ୍ରୀ କୌଣସି ନା କୌଣସି ସମୟରେ ପ୍ରସନ୍ନଙ୍କ ଦ୍ୱାରା ଉପକୃତ ହୋଇଛନ୍ତି। ଫଳରେ ତାଙ୍କୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି। ପ୍ରସନ୍ନ ରାଜନୀତିରେ ଅଭିଜ୍ଞ ଓ ଦଳୀୟ ଶଙ୍କଟ ଟାଳିବା କ୍ଷେତ୍ରରେ ତାଙ୍କୁ ନିୟୋଜିତ କରାଯାଇଥିବା ଅତୀତରେ ଦେଖିବାକୁ ମିଳିଛି। ତେଣୁ ଅନ୍ତତଃ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଲାଗି ରହିଥିବା ଗୋଷ୍ଠୀ ବିବାଦ ଟାଳିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରସନ୍ନଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ବିଧାନସଭା ଆସନରେ ତାଙ୍କୁ ପ୍ରାର୍ଥୀ କରିଥିବା ଚର୍ଚ୍ଚା ହେଉଛି। ଏଥିସହିତ ସମ୍ବଲପୁର ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଭୋଟ ବଢ଼ାଇବାରେ ପ୍ରସନ୍ନଙ୍କ ଯୋଗଦାନ ରହିବ ବୋଲି ଶୀର୍ଷ ନେତୃତ୍ୱ ଚିନ୍ତା କରିଥିବା କୁହାଯାଉଛି।

ଅନ୍ୟପକ୍ଷରେ ପ୍ରସନ୍ନ ରେଢ଼ାଖୋଲ ବିଧାନସଭା ଆସନ ପାଇଁ ଆଶାୟୀ ଥିଲେ। ହେଲେ ସମ୍ବଲପୁର ବିଧାନସଭା ଆସନରୁ ତାଙ୍କୁ ପ୍ରାର୍ଥୀ କରାଯିବା ପରେ ସେ ଅସନ୍ତୋଷ ବ୍ୟକ୍ତ କରିଥିବା ନେଇ ଚର୍ଚ୍ଚା ହେଉଛି। ଏପରି କି ସେ ଶୁକ୍ରବାର ନବୀନ ନିବାସ ଯାଇ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଥିବା କୁହାଯାଉଛି। କିନ୍ତୁ ସେଠାରେ କ'ଣ କଥାବାର୍ତ୍ତା ହୋଇଛି, ସେ ସଂକ୍ରାନ୍ତରେ କିଛି ସ୍ପଷ୍ଟ ହୋଇ ନାହିଁ।

# ଭାଜପାରେ କୁଲେସିକା, ପ୍ରଣବଙ୍କୁ କଲେ ଟାର୍ଗେଟ


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ବରିଷ୍ଠ ନେତୃବୃନ୍ଦଙ୍କ ଗହଣରେ କୈଳାସ କୁଲେସିକା ଦଳରେ ସାମିଲ ହୋଇଛନ୍ତି।

ଭୁବନେଶ୍ୱର(ସୁନିତ୍ ମିଶ୍ର)/କୋରାପୁଟ (ଅମିତାଭ ବେହେରା), ୧୨।୪

- କୋଟିଏ ଟଙ୍କା ନେଇ ଚୁପ୍ ରହିବାକୁ ଅଫର ଦେଇଥିଲେ ବବି
- ଲକ୍ଷ୍ମୀପୁରରୁ ଭାଜପା ଟିକେଟରେ ଲଢ଼ିପାରନ୍ତି

ବିଜେଡି ଛାଡ଼ି କୋରାପୁଟ ଜିଲା ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ଗୁରୁବାର ରାତିରେ କୁଲେସିକା ଭାଜପାରେ ଏକୁଟିଆ ମିଶିଥିବା ବେଳେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ବିଧିବଦ୍ଧ ସାମିଲ ହୋଇଛନ୍ତି। ତାଙ୍କ ସହ ବ୍ଲକ ବିଜେଡି ସଭାପତି ପ୍ରମୋଦ ଖରା ଏବଂ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ଅନେକ ଶହ ସମର୍ଥକ ମଧ୍ୟ ଭାଜପାରେ ମିଶିଛନ୍ତି। ବିଜେଡି ଛାଡ଼ିବା ପରେ କୁଲେସିକା ଦଳ ଉପରେ ପ୍ରବଳ ବର୍ଷିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ସେ କହିଛନ୍ତି, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସେ ରକ୍ଷା କରିବେ ବୋଲି ତାଙ୍କର ଆଶା ଥିଲା। ହେଲେ ସେହି ଆଶା ତାଙ୍କର ଧୂଳିସାତ ହୋଇଯାଇଛି। ତାଙ୍କ ବିଶ୍ୱାସରେ ବିଷ ଦିଆଯାଇଛି। ସେ ବିଜେଡିରେ ମିଶିବାକୁ ଅନୁରୋଧ କରି ନ ଥିଲେ। ବିଜେଡିରେ ମିଶିବାକୁ ତାଙ୍କୁ ଆହ୍ୱାନ କରାଯାଇଥିଲା। ବିଜେଡିରେ ମିଶିବା ପରେ ଲକ୍ଷ୍ମୀପୁରରେ ପ୍ରାର୍ଥୀ କରାଯିବ ବୋଲି ପ୍ରଣବ ତାଙ୍କୁ କହିଥିଲେ। ଏବେ ଲକ୍ଷ୍ମୀପୁରରେ ଅନ୍ୟ ଜଣଙ୍କୁ ପ୍ରାର୍ଥୀ କରାଯିବା ପରେ ତାଙ୍କୁ ପ୍ରଲୋଭନ ଦେଖାଯାଇଛି। ତାଙ୍କୁ କୋଟିଏ ଟଙ୍କା ଦିଆଯିବ ବୋଲି ପ୍ରଣବ କହିଥିବା କୁଲେସିକା ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ସରକାର ହେବା ପରେ ଏସ୍‌ଡିସି ଉପଦେଷ୍ଟା ପଦ ଦିଆଯିବ ବୋଲି ମଧ୍ୟ କହୁଛନ୍ତି। ଟିକେଟ ନ ଦେଇ ଏଭଳି ଲାଳସା ଦେଖାଉଛନ୍ତି। ଲକ୍ଷ୍ମୀପୁରର ପ୍ରାର୍ଥୀ ନ କରି କୋଟିଏ ଟଙ୍କାରେ କିଣିବାକୁ ଯେଉଁ ପ୍ରୟାସ କଲେ ତାହା ତାଙ୍କ ହୃଦୟକୁ ବାଧିଲା। ତାଙ୍କ ଲୁହ ବିଜେଡି ଉପରେ ପଡ଼ିବ। ସେମାନଙ୍କ ଉପରେ ଅଭିଶାପ ପଡ଼ିବ। ବିଜେଡି ଲକ୍ଷ୍ମୀପୁରରେ ହାରିବ, ଭାଜପା ସେଠାରେ ଜିତିବ ବୋଲି କୁଲେସିକା କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ କଂଗ୍ରେସ ଛାଡ଼ି କୈଳାସ କୁଲେସିକା ବିଜେଡିରେ ମିଶିଥିଲେ। ସେ ଲକ୍ଷ୍ମୀପୁରରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ହେଲେ ଗୁରୁବାର ବିଜେଡି ପ୍ରଭୁ ଜାନିଙ୍କୁ ଲକ୍ଷ୍ମୀପୁର ପାଇଁ ପ୍ରାର୍ଥୀ କରିଛି। ଏହି ଘୋଷଣା ପରେ କ୍ଷୋଭ ପ୍ରକାଶକରି ସେ ବିଜେଡିରୁ ଇସ୍ତଫା ଦେଇଥିଲେ। କୁଲେସିକା ୨୦୧୪ରେ ଲକ୍ଷ୍ମୀପୁରରୁ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ କୁଲେସିକା କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ପ୍ରଭୁ ଜାନିଙ୍କଠାରୁ ମାତ୍ର ୨୨୯ ଖଣ୍ଡ ଭୋଟରେ ହାରିଥିଲେ।

## ବିଜେଡିରେ କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ

ଭୁବନେଶ୍ୱର,୧୨।୪(ଅନିଲ ଦାସ)

ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଛତ୍ରିଆ ଶୁକ୍ରବାର ଶଙ୍ଖଭବନଠାରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ସହ ଶତାଧିକ କଂଗ୍ରେସ କର୍ମୀଙ୍କୁ ସେ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଦେବାଶିଷ କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ସେ କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବେ ବୋଲି କହିଛନ୍ତି।

# ପ୍ରଚାରବେଳେ ଚ୍ୟାଉ-ପ୍ରଦୀପ ଭେଟ

ବ୍ରହ୍ମପୁର,୧୨।୪ (ଅଶୋକ କୁମାର ସାହୁ)

ବ୍ରହ୍ମପୁରରେ ବିଜେଡି ଓ ଭାଜପା ପକ୍ଷରୁ ପ୍ରଚାର ଆରମ୍ଭ ହୋଇଛି। ଶୁକ୍ରବାର ମେଡିକାଲ ଛକରେ ପ୍ରଚାର ବେଳେ ଭାଜପାର ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ବିଧାନସଭା ପ୍ରାର୍ଥୀ କେ. ଅନିଲ ବିଜେଡିର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଆଶୀର୍ବାଦ ନେଇଥିବା ଦେଖାଯାଇଥିଲା। ସକାଳେ କମାପଲ୍ଲୀ ପରିବା ମାର୍କେଟରେ ପ୍ରଦୀପ ଓ ଅନିଲ କୁମାର ପରିବା ବିକାଳିମାନଙ୍କୁ ଭୋଟଭିକ୍ଷା କରିଥିଲେ। ସେପଟେ ଚ୍ୟାଉ ପଟ୍ଟନାୟକ ପ୍ରାତଃଭ୍ରମଣକାରୀ ଓ ଚା ଖଟିକୁ ଯାଇ ନିଜ ଦଳ ସପକ୍ଷରେ କହି ଭୋଟ ଭିକ୍ଷା କରୁଥିବା ବେଳେ ଏଭଳି ରୋଚକ ପରିସ୍ଥିତି ଉପୁଜିଥିଲା।


ଭାଜପାର ପ୍ରଦୀପ ପାଣିଗ୍ରାହୀ ଓ କେ. ଅନିଲ ବିଜେଡିର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କଠାରୁ ଆଶୀର୍ବାଦ ନେଉଛନ୍ତି।

# ସିଇଓଙ୍କ ନିକଟରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

### 'ପ୍ରଧାନ ଶିକ୍ଷକଙ୍କୁ ବିଜେଡି ସପକ୍ଷରେ କାମ କରିବାକୁ ଷଡ଼ଯନ୍ତ୍ର'

ରାଜ୍ୟ ସରକାର ଲଜ୍ଜାର ସବୁ ସୀମା ଅତିକ୍ରମ କରିଗଲେରି। ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଜାତୀୟ ନିର୍ବାଚନ କମିଶନ ୮ ଜଣ ଅଫିସରଙ୍କୁ ବଦଳିକଲେ। ସମସ୍ତ ସରକାରୀ ପୋର୍ଟାଲରୁ ୫-ଟିର ଉଲ୍ଲେଖକୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ପରେ ରାଜ୍ୟ ସକରାର ବାଧହୋଇ ତାହା ହଟାଇଥିଲେ। ଏହାସତ୍ତ୍ୱେ ପ୍ରଶାସନର ଚେତା ପଶିଲା ନାହିଁ। ଗତ ୧୦ ତାରିଖରେ ପ୍ରଶାସନ ଏକ ଚିଠି ଲେଖିଛି। ଏହି ଚିଠିରେ ୯୩ଟି ବ୍ଲକ୍‌ର ଯେତେସବୁ ମୋ ସ୍କୁଲର ୫-ଟିରେ ରୂପାନ୍ତରୀକରଣ ହୋଇଛି ସେ ସ୍କୁଲଗୁଡ଼ିକର ତର୍ଜମା ପାଇଁ ୯୩ ଜଣ ବ୍ୟକ୍ତି ବିଶେଷଙ୍କୁ ନିଯୁକ୍ତି କରାଯାଇଛି। ଆଶ୍ଚର୍ଯ୍ୟର ବିଷୟ ଏମାନଙ୍କ ମଧ୍ୟରେ ଅଧିକାଂଶ ସ୍ୱେଚ୍ଛାସେବୀ ବା ପରାମର୍ଶଦାତା ବୋଲି ଉଲ୍ଲେଖ ଅଛି। କିନ୍ତୁ ବାସ୍ତବରେ ବିଜେଡିର କେତେଜଣ ସ୍ଥାନୀୟ କର୍ମୀ ତର୍ଜମା ଆଳରେ ପ୍ରଧାନ ଶିକ୍ଷକମାନଙ୍କୁ ବିଜେଡି ସପକ୍ଷରେ କାମ କରିବାକୁ ଚାପ ପକାଇବା ପାଇଁ ଏହା ଏକ ହୀନ ଷଡ଼ଯନ୍ତ୍ର ବୋଲି ଭାଜପା ଅଭିଯୋଗ କରିଛି। ଏହି ଅଭିଯୋଗ ନେଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଶୁକ୍ରବାର ଫେରାଦ ହୋଇଛି। ଏହି ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ, ବିଜେଡି ନିର୍ବାଚନ ବୈତରଣୀ ପାରହେବା ପାଇଁ ସବୁ ସୀମା ଉଲ୍ଲଂଘନ କରୁଛି। ଉଦାହରଣ ସ୍ୱରୂପ, ସୁନ୍ଦରଗଡ଼ ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା ଏବଂ ଭଷ୍ମା ଥାନାର ଭାରପ୍ରାପ୍ତ ଅଧିକାରୀ ରାମପ୍ରସାଦ ନାଗ ବିଜେଡିର ସାଧାରଣ କର୍ମୀଙ୍କଠାରୁ ଅଧିକ ଉତ୍ସାହିତ ହୋଇ ନିର୍ବାଚନରେ ଦଳୀୟ କାର୍ଯ୍ୟ କରୁଛନ୍ତି। ଏହି ୨ ଜଣ ନିର୍ବାଚନମଣ୍ଡଳୀର ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଧମକ ଦେଉଛନ୍ତି। ଏହାଦ୍ୱାରା ସରକାରୀ କର୍ମଚାରୀଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠୁଛି। ସେମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ୧୭୧(ସି)ରେ ମକଦ୍ଦମା ରୁଜୁ କରାଯାଉ ବୋଲି ଭାଜପା ଦାବି କରିଛି।

# ନବୀନ ନିବାସରେ ସିନେମା କଳାକାର

## ରୋଚକ ହେବ ନିର୍ବାଚନ ପ୍ରଚାର

ଭୁବନେଶ୍ୱର,୧୨।୪(ଅନିଲ ଦାସ)


ନବୀନ ନିବାସ ଯାଉଛନ୍ତି ଅଭିନେତ୍ରୀ, ଅଭିନେତା ଓ କଳାକାର।

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତାଙ୍କୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆସନ୍ତା ନିର୍ବାଚନରେ ଉଭୟ ଦଳ ଅଭିନେତ୍ରୀ, ଅଭିନେତା ଓ କଳାକାରଙ୍କୁ ନେଇ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଯୋଜନା କରିଛନ୍ତି। ତେବେ ଗତ ନିର୍ବାଚନରେ ଯେଉଁ ଓଡ଼ିଆ ସିନେମା କଳାକାର ବିଜେଡିରେ ଥିଲେ ଚଳିତ ନିର୍ବାଚନରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କ ଖାଲିସ୍ଥାନ ପୂରଣ କରିବାକୁ ବିଜେଡି ନୂତନ କଳାକାରଙ୍କୁ ନିୟୋଜିତ କରିବା ନେଇ ଚର୍ଚ୍ଚା ହେଉଛି।

ଶୁକ୍ରବାର ନେତା, କର୍ମୀଙ୍କ ବଦଳରେ ନବୀନ ନିବାସରେ ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ, ଅଭିନେତା, କଣ୍ଠଶିଳ୍ପୀମାନଙ୍କୁ ଦେଖିବାକୁ ମିଳିଥିଲା। କଳାକାରଙ୍କ ମଧ୍ୟରେ ଥିଲେ ବାବୁଶାନ୍, ଅମ୍ଲାନ୍ ଦାସ, ଶୈଳେନ୍ଦ୍ର, ପପୁ ପମ୍‌ପମ୍, ଅଶ୍ୱିନୀ ତ୍ରିପାଠୀ, ପ୍ରଜ୍ଞା, ଭୂମିକା, ସୁପ୍ରିୟା, ପ୍ରେରଣା, ତାରିକ ଅଜିଜ ପ୍ରମୁଖ। ସମସ୍ତେ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ନବୀନ ନିବାସ ଭିତରକୁ ଯାଇଥିଲେ। ସେଠାରେ ଦୀର୍ଘ ସମୟ ଧରି ବୈଠକ ହୋଇଥିଲା। କଳାକାରଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଲୋଚନା କରିଥିବା କୁହାଯାଉଛି। ବୈଠକ ପରେ ଅଭିନେତ୍ରୀ ଓ ଅଭିନେତା ବାହାରକୁ ଆସି ଗଣମାଧ୍ୟମଙ୍କୁ ମାପିଚୁପି ମତାମତ ଦେଇଥିଲେ। ଅଭିନେତା ପପୁ ପମ୍‌ପମ୍ କହିଥିଲେ, ପ୍ରଚାର ପ୍ରସାର ପାଇଁ ଡାକି ନ ଥିଲେ। ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ବାବଦରେ ଆଲୋଚନା ପାଇଁ ଆସିଥିଲୁ। ଅଭିନେତ୍ରୀ ସୁପ୍ରିୟା କହିଥିଲେ, ମୁଖ୍ୟମନ୍ତ୍ରୀ ଓ ପାଣ୍ଡିଆନ ସାର୍ ଡାକିଥିଲେ। ୨୦୨୪ରୁ ୨୦୩୪ ବର୍ଷ ଭିତରେ ଓଡ଼ିଶାରେ କ'ଣ ବିକାଶ ହୋଇପାରିବ, ତାହା ଉପରେ ଆଲୋଚନା ହୋଇଥିଲା। ଅଭିନେତା ତଥା ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ କହିଛନ୍ତି, ନବୀନ ପଟ୍ଟନାୟକ ସାର୍ ଆମ ପାଇଁ ଅନେକ କିଛି କରିଛନ୍ତି। ପୂର୍ବରୁ ଯାହା ସବୁ ହୋଇଛି, ତାହାର ପ୍ରେଜେଣ୍ଟେଶନ ହୋଇଥିଲା, ଯାହାକୁ ଆମେ ସମସ୍ତେ ଦେଖିଲୁ। ଏହାଛଡ଼ା ଆଗକୁ ଆଉ କ'ଣ ବିକାଶ ହୋଇପାରିବ,ସେ ବିଷୟରେ ଆଲୋଚନା ହୋଇଥିଲା। ତେବେ ୨୦୧୯ ନିର୍ବାଚନରେ ବିଜେଡିରେ ଥିବା ବରିଷ୍ଠ ଅଭିନେତା ଏବଂ ତାରକା କଳାକାର ଚଳିତ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗ ଦେଇଛନ୍ତି। ପୂର୍ବତନ ଏମ୍‌ପି ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି, ପୂର୍ବତନ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ ଏବଂ ଅରିନ୍ଦମ ରାୟ ଗତ ନିର୍ବାଚନରେ ବିଜେଡି ପାଇଁ ଭୋଟରଙ୍କୁ ଆକର୍ଷିତ କରିବାରେ ବଡ଼ ଭୂମିକା ଗ୍ରହଣ କରୁଥିଲେ। ଏହାଛଡ଼ା ଭାଜପାରେ ପୂର୍ବରୁ ଶ୍ରୀତମ ଦାସ, ପିଙ୍କି ପ୍ରଧାନଙ୍କ ଭଳି କଳାକାର ମଧ୍ୟ ରହିଛନ୍ତି। ସେମାନଙ୍କୁ କାଉଣ୍ଟର କରିବା ପାଇଁ ବିଜେଡି ବର୍ତ୍ତମାନର ଲୋକପ୍ରିୟ ଅଭିନେତ୍ରୀ ଓ ଅଭିନେତାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ଯୋଜନା କରୁଥିବା ନେଇ ଚର୍ଚ୍ଚା ହେଉଛି।

# ଜମି ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହରିୟାଣାରେ ଏକ ବହୁଚର୍ଚ୍ଚିତ ଜମି କିଣାବିକାରେ ଜଣେ ବରିଷ୍ଠ ମହିଳା ଆଇଏଏସ୍ ଅଧିକାରୀ, ତାଙ୍କ ସ୍ୱାମୀ ଏବଂ ଜଣେ ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଜଡ଼ିତ ରହିବା ତଥା ଜମି କିଣାବିକାକୁ ପଞ୍ଚକୁଲା ରାଜସ୍ୱ ଅଧିକାରୀ ବନ୍ଦ କରିବା ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ପଞ୍ଚକୁଲା ନିକଟରେ ଏକ ରାଜ ପରିବାର ମାଲିକାନାରେ ଥିବା ଏହି ୧୪ ଏକର ଜମିର କିଣାବିକା ଉପରେ ଗତବର୍ଷ ସେପ୍ଟେମ୍ବରରେ ଅମ୍ବାଲା ଡିଭିଜନାଲ କମିଶନର ରେଣୁ ଫୁଲିଆ ଏକ ଦଶନ୍ଧିର ପୁରୁଣା ଆଇନଗତ ପ୍ରତିବନ୍ଧକ ଉଠାଇଦେବା ପାଇଁ ଅର୍ଦ୍ଧନ୍ୟାୟିକ ନିଷ୍ପତ୍ତି ନେବା ପରେ ଏହା ଆଲୋଚନାର ପରିସରକୁ ଆସିଥିଲା। ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଶଶି ଗୁଲାଟିଙ୍କ ଭାଇଙ୍କର ଏକ ଆବେଦନକୁ କେନ୍ଦ୍ରକରି ମାତ୍ର ୧୬ ଦିନ ମଧ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ଏହି ନିଷ୍ପତ୍ତି ନିଆଯାଇଥିଲା । ନିଷ୍ପତ୍ତି ପରେ ରେଣୁଙ୍କ ସ୍ୱାମୀ, ବର୍ତ୍ତମାନର ରାଜ୍ୟ ସୂଚନା କମିଶନର ତଥା ପୂର୍ବତନ ଆଇଏଏସ୍ ଅଧିକାରୀ ଏସ.ଏସ୍. ଫୁଲିଆ ଏହି ଜମିରୁ ୫ ଏକର କିଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସରକାରୀ ରେକର୍ଡ ଅନୁଯାୟୀ, ଶଶି ଗୁଲାଟି ଏହି ଜମି ମାଲିକାନା ପାଇଥିଲେ। କିନ୍ତୁ ଏଠାରେ ସମସ୍ୟା ହେଉଛି: ପଞ୍ଚକୁଲାର କିଛି ଅଞ୍ଚଳରେ ଜମି କିଣାବିକା ଉପରେ ୨୦ ବର୍ଷର ପ୍ରତିବନ୍ଧକ ରହିଛି। ପଞ୍ଚକୁଲାର ଏସ୍‌ଡିଏମ୍‌କୁ ଅତିରିକ୍ତ ଜମିର ପୁନଃ ମୂଲ୍ୟାଙ୍କନ କରିବା ପାଇଁ ଫେବୃଆରୀ ୨୦୨୩ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ନିର୍ଦ୍ଦେଶ ଦେବା ଯୋଗୁ ସ୍ଥିତି ଖରାପ ହୋଇଥିଲା । ଅମ୍ବାଲା କମିଶନରଙ୍କ ନିକଟରେ ହୋଇଥିବା ଆବେଦନରେ ଶଶି ଗୁଲାଟିଙ୍କ ପରିବାର ସ୍ଥଗିତାଦେଶ ହଟାଇବାକୁ ଯୁକ୍ତି କରିଥିଲେ। ସ୍ଥଗିତାଦେଶ ରଦ୍ଦ କରିବାକୁ ରେଣୁ ଫୁଲିଆଙ୍କ ନିଷ୍ପତ୍ତି ସେପ୍ଟେମ୍ବର ୨୦୨୩ରେ ଏକ ଅର୍ଦ୍ଧନ୍ୟାୟିକ ଆଦେଶ ମାଧ୍ୟମରେ ସାମ୍ନାକୁ ଆସିଥିଲା। ସେ କହିଥିଲେ ଯେ ଏହି ଜମି ଅନୁମତିପ୍ରାପ୍ତ ଅଞ୍ଚଳରେ ରହିଛି । ପୁଣି ଦର୍ଶାଇଥିଲେ ଯେ, କ୍ରୟ ପାଇଁ ସମସ୍ତ ସରକାରୀ ଅନୁମତି ମିଳିଛି । କିନ୍ତୁ ବିବାଦ ଥମିବାର ନାଁ ଧରୁନାହିଁ।

### ଏୟାରପୋର୍ଟରେ ଡ୍ରାମା

ଗୁଆହାଟୀରେ ବିମାନବନ୍ଦରର ଡ୍ରାମା ଅଭିଯୋଗ ଓ ଅନୁସନ୍ଧାନରେ ଶେଷ ହୋଇଛି। ଏଥିରେ ଜଣେ ଆଇପିଏସ୍ ଅଧିକାରୀଙ୍କୁ ତୁରନ୍ତ ପଦ ଛାଡ଼ିବାକୁ ପଡ଼ିଛି। ଏହି ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ଶୀଘ୍ର ତାଙ୍କ ମୂଳ କ୍ୟାଡର ଉତ୍ତରପ୍ରଦେଶକୁ ଫେରାଇ ଦିଆଯିବା ସହ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍)ରୁ ବିଦା କରାଯାଇଛି। ଅବଶ୍ୟ ଏହାର କୌଣସି କାରଣ ଦିଆଯାଇ ନାହିଁ, କିନ୍ତୁ ଏହା ଯେଉଁଠୁ ଆରମ୍ଭ ହୋଇଥିଲା ତାହାକୁ ଦେଖିଲେ ଏହି ଘଟଣା ରହସ୍ୟମୟ ଲାଗିବ। ଭିସ୍ତାରା ଏୟାର ପାଇଲଟଙ୍କ ଷ୍ଟ୍ରାଇକ ହୁଏତ ଏହି 'ସଙ୍କଟ'କୁ ଫିକା କରିଦେଇଥାଇପାରେ। ତଥାପି କ'ଣ ଘଟିଥିଲା ସେ ବିଷୟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏବଂ ଗୃହ ମନ୍ତ୍ରଣାଳୟ ପ୍ରକାଶ କରିବାକୁ ଅନିଚ୍ଛୁକ ଥିଲେ ବି କିଛି ରୋଚକ ତଥ୍ୟ ବାହାରକୁ ଆସୁଛି। ଯାହା ଏବେ ଜଣାପଡ଼ିଛି, ଗୁଆହାଟୀ ବିମାନବନ୍ଦର ପୋଲିସ ମୁଖ୍ୟ ରାଜ୍ୟ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ, ଉତ୍ତର-ପୂର୍ବ ଜୋନର ସିଆରପିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ଗୁଆହାଟୀ ବିମାନବନ୍ଦରରେ ଜଣେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଦେଇଛନ୍ତି। ଜଣେ ମହିଳା ପୋଲିସ ଅଧିକାରୀ ଏହା ଉପରେ ପ୍ରାଥମିକ ଅନୁସନ୍ଧାନ କରିଥିଲେ। ତେବେ ଘଟଣାରେ ଥିବା ମହିଳା ଜଣକ ଏହି ମାମଲାକୁ ଆଗକୁ ନ ବଢ଼ାଇବାକୁ ନିଷ୍ପତ୍ତି ନେବା ଯୋଗୁ ପୋଲିସ ଅଧିକାରୀ ଜଣକ ରକ୍ଷା ପାଇଯାଇଥିଲେ। କ୍ଷମା ପ୍ରାର୍ଥନା ଘଟଣାର ଅନ୍ତ ଘଟାଇଥିଲା ଓ ଏବାବଦରେ କୌଣସି ମାମଲା ପଞ୍ଜୀକୃତ ହୋଇ ନ ଥିଲା। ଘଟଣାର ସମାଧାନ ହୋଇସାରିଥିଲେ ବି ଅଧିକାରୀ ଜଣକ ପଦବୀ ଛାଡ଼ି ତାଙ୍କ ଅସ୍ଥାୟୀ ନିଯୁକ୍ତିରୁ ବିଦାୟ ନେଇଛନ୍ତି। ବର୍ତ୍ତମାନ ତାଙ୍କର କ'ଣ ହେବ, ତାହା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିଷ୍ପତ୍ତି ନେବ। କିନ୍ତୁ ବର୍ତ୍ତମାନ ପାଇଁ ସେ ନିଜ ରାଜ୍ୟରେ ଅପେକ୍ଷା କରି ରହିବେ।

### ରେଡ୍ଡୀଙ୍କ ପାଇଁ ସମସ୍ୟା

ସାଧାରଣ ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରେ ଏପି ମେଡ୍‌ଟେକ ଜୋନ୍ ପ୍ରତିଷ୍ଠାର ତଥାକଥିତ ଅନିୟମିତତାକୁ ନେଇ ନିକଟରେ ଗୁଞ୍ଜରଣ ଉଠିବା ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଣ୍ଠିର ଦୁରୁପଯୋଗ ଉପରେ ବି ଚର୍ଚ୍ଚା ଜୋର ଧରିଛି। ଏ ସଂକ୍ରାନ୍ତରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ସ୍ୱତନ୍ତ୍ର ମୁଖ୍ୟ ଶାସନ ସଚିବ ପୁନମ ମାଲାକୋଣ୍ଡିଆ ଏବଂ ଏପି ମେଡ୍‌ଟେକ ଜୋନ୍ ସିଇଓ ଜିତେନ୍ଦ୍ର କୁମାର ଶର୍ମାଙ୍କ ସମେତ ଅନେକ ପ୍ରମୁଖ ଅଧିକାରୀଙ୍କୁ ନୋଟିସ ଜାରି କରିଛନ୍ତି। ଏପି ମେଡ୍‌ଟେକ ଜୋନ୍‌କୁ ନେଇ ଉଠିଥିବା ଅଭିଯୋଗଗୁଡ଼ିକ ସ୍ୱାସ୍ଥ୍ୟସେବା ପାଇଁ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ପାଣ୍ଠି ଆବଣ୍ଟନ ଏବଂ ତାହାର ବିନିଯୋଗର ଉତ୍ତରଦାୟିତ୍ୱ ଏବଂ ତଦାରଖ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାସହ ନିର୍ବାଚନ ଋତୁରେ ଏହି ପ୍ରସଙ୍ଗ ମୁଖ୍ୟତଃ ସରକାରୀ ବିରୋଧୀ ହାୱାର ସମ୍ମୁଖୀନ ହେଉଥିବା ରାଜ୍ୟ ମୁଖ୍ୟମନ୍ତ୍ରୀ ୱାଇ.ଏସ୍.ଜଗନମୋହନ ରେଡ୍ଡୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି। ତିନି ସପ୍ତାହ ମଧ୍ୟରେ କାଉଣ୍ଟର-ଆଫିଡାଭିଟ ଦାଖଲ କରିବାକୁ ହାଇକୋର୍ଟଙ୍କ ନିଷ୍ପତ୍ତି ଏହି ସମସ୍ୟାର ତ୍ୱରିତ ସମାଧାନ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାର ପ୍ରତିବଦ୍ଧତାକୁ ଦର୍ଶାଉଛି। ରାଜ୍ୟ ସରକାର ତାଙ୍କ ଭାବମୂର୍ତ୍ତିର ବଡ଼ କ୍ଷତି ନ କରି ଏହି ପ୍ରସଙ୍ଗ ଶୀଘ୍ର ଥମିଯାଉ ବୋଲି ଆଶା କରୁଥିବାବେଳେ ବିରୋଧୀମାନେ ସରକାରକୁ ସାମ୍ନାକୁ ଆଣି ହୁଏତ ଖୁସି ହେଉଥିବେ।

Email: dilipcherian@gmail.com

# ଦଳ ବଦଳ: ପଥ ଓ ପଥିକ



ଡ. ଗୌରୀଶଙ୍କର ସାହୁ

ଫରାସୀ ନାଟ୍ୟକାର ଅଏଜେନ୍ ଆୟୋନେସ୍କୋ କହିଥିଲେ, 'ବିଚାରଧାରା ଯେଉଁମାନଙ୍କୁ ପରସ୍ପରଠାରୁ ବିଚ୍ଛିନ୍ନ କରେ, ସ୍ୱପ୍ନ ଓ ପୀଡ଼ା ସେମାନଙ୍କୁ ନିକଟତର କରାଏ।' ଏଇ ଯେମିତି ଜଣକୁ ଦେଖିଲେ ଆର ଜଣଙ୍କର ନାହି ଡେଉଁଥିବା ରାଜନୈତିକ ଦଳଗୁଡ଼ିକ ସାଧାରଣ ନିର୍ବାଚନ ପୂର୍ବରୁ ପରସ୍ପରର ତୁଙ୍ଗନେତାମାନଙ୍କୁ ବଡ଼ ଆଦରରେ କୋଳାଇ ନେଉଛନ୍ତି ଓ ନିଜ ଦଳର ବିଧାୟକ, ସାଂସଦ ପ୍ରାର୍ଥୀ କରୁଛନ୍ତି। ଅନ୍ୟ ଦଳର ନେତା, ସେମାନଙ୍କ ସ୍ତ୍ରୀ, ପୁଅ, ପୁତୁରାମାନଙ୍କୁ ଟିକେଟ ମିଳିବାର ପାର୍ଶ୍ୱ ପ୍ରତିକ୍ରିୟାସ୍ୱରୂପ ନିଜ ଦଳର ପୁରୁଣା ଓ ଯୋଗ୍ୟ ନୂଆ ନେତା ଓ କର୍ମୀମାନେ କୋଣଠେସା ହେବା ସ୍ୱାଭାବିକ। ଭାଜପା, ବିଜେଡି ଓ କଂଗ୍ରେସ ପ୍ରଭୃତି ପ୍ରମୁଖ ଦଳ ଭଙ୍ଗାଗଢ଼ାର କାରିଗରି କାମରେ ବ୍ୟସ୍ତ ଥିବାବେଳେ ଭୋଟର ଓ କର୍ମୀମାନେ ଜଳକା !

ଜୀବନରେ କେବେ ନିର୍ବାଚିତ ହୋଇ ବିଧାନସଭା ବା ସଂସଦକୁ ଯାଇ ନ ଥିବା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଝିଅ ୨୪ ଜାନୁଆରୀ ୧୯୬୬ରେ ଅପ୍ରତ୍ୟାଶିତ ଭାବେ କଂଗ୍ରେସ ସାଂସଦମାନଙ୍କ ନେତ୍ରୀ ହେଲେ ଓ ଦେଶର ପ୍ରଧାନମନ୍ତ୍ରୀ ଆସନରେ ବସିଲେ। କାହାପାଇଁ ଏ ସ୍ୱପ୍ନାତୀତ ସଫଳତା ଥିଲା ତ ଆଉ କାହା ପାଇଁ ଅସହ୍ୟ ପୀଡ଼ା। କଂଗ୍ରେସର ଅନ୍ତରୀଣ ସମୀକରଣ ଏହି ସ୍ୱପ୍ନ ଓ ପୀଡ଼ା ଚାରିପାଖରେ ଘୂରି ବୁଲିବାକୁ ଲାଗିଲା। ୧୯୬୭ ଚତୁର୍ଥ ସାଧାରଣ ନିର୍ବାଚନରେ କଂଗ୍ରେସ ୫୨୩ରୁ ମାତ୍ର ୨୮୩ଟି ଲୋକ ସଭା ଆସନରେ ବିଜୟୀ ହେଲା, ଯାହା ବହୁମତର ପାଖାପାଖି ଉପରକୁ ଥିଲା। ଏହା ରାଜ୍ୟ ରାଜନୀତିରେ ପ୍ରତିଫଳିତ ହେଲା।

ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୧୪ ଦିନ ନ ପୂରୁଣୁ କଂଗ୍ରେସ ବିଧାୟକ ଦଳ ନେତା ଭାଗବତ ଦୟାଲ ଶର୍ମା ଗାଦିଚ୍ୟୁତ ହେଲେ ଓ ୧୨ ଜଣ ଜନସଂଘ, ୧୮ ଜଣ ସ୍ୱାଧୀନ ତଥା ଅନ୍ୟାନ୍ୟ ଛୋଟମୋଟ ଦଳଙ୍କ ସହ ମିଶି କଂଗ୍ରେସରୁ ୧୨ ଜଣ ବିଧାୟକ ନେଇ ବାହାରି ଆସିଥିବା ବରିଷ୍ଠ ପ୍ରାକ୍ତନ କଂଗ୍ରେସ ନେତା ରାଓ ବୀରେନ୍ଦ୍ର ସିଂ ୨୪ ମାର୍ଚ୍ଚ ୧୯୬୭ରୁ ୨ନଭେମ୍ବର ୧୯୬୭ ପର୍ଯ୍ୟନ୍ତ ହରିୟାଣାର ମୁଖ୍ୟମନ୍ତ୍ରୀ ରହିଲେ । ମାର୍ଚ୍ଚ ୧୯୬୭ରେ ନଅ ଘଣ୍ଟା ଭିତରେ ହାସନପୁର ବିଧାୟକ ଗୟାଲାଲ ଚାରିଥର ଆନୁଗତ୍ୟ ବଦଳାଇ ଶେଷରେ ଯେତେବେଳେ ବୀରେନ୍ଦ୍ର ସିଂଙ୍କୁ ସମର୍ଥନ କଲେ, ବୀରେନ୍ଦ୍ର ସିଂ ଗଣମାଧ୍ୟମ ଆଗରେ କହିଥିଲେ, 'ଗୟାରାମ ଏବେ ଆୟାରାମ'।

ଏପଟେ ପଶ୍ଚିମବଙ୍ଗରେ କଂଗ୍ରେସର ୧୨୭ରୁ



୧୭ ଜଣ ବିଧାୟକଙ୍କୁ ନେଇ ବାହାରି ଆସି ବାଂଲାକଂଗ୍ରେସ ଦଳ ଗଢ଼ି ସିପିଆଇ (୪୩), ସିପିଏମ୍ (୧୬), ଫରୱାର୍ଡ ବ୍ଲକ୍ (୧୩), ଏସ୍‌ୟୁସିଆଇ(୪), ଅନ୍ୟାନ୍ୟ ଛୋଟ ଦଳମାନଙ୍କୁ ନେଇ ୟୁନାଇଟେଡ୍ ଫ୍ରଣ୍ଟ ଗଢ଼ି ବାଂଲାକଂଗ୍ରେସ ନେତା ଅଜୟ ମୁଖାର୍ଜୀ ୯ ମାସ ମୁଖ୍ୟମନ୍ତ୍ରୀ ରହିଲେ। ୨୮୦ ସଦସ୍ୟବିଶିଷ୍ଟ ବିଧାନସଭାରେ ବାଂଲାକଂଗ୍ରେସରୁ ୧୬ଜଣ ବିଧାୟକଙ୍କୁ ଆଣି ପ୍ରଫୁଲ୍ଲ ଚନ୍ଦ୍ର ଘୋଷ ବାମଦଳମାନଙ୍କ ସହ ମିଶି ପ୍ରୋଗ୍ରେସିଭ୍ ଡେମୋକ୍ରାଟିକ୍ ଫ୍ରଣ୍ଟର ନେତା ଭାବେ ମୁଖ୍ୟମନ୍ତ୍ରୀ ରହିଲେ୨୧ ନଭେମ୍ବର ୧୯୬୭ରୁ ୪ ମାସ। ସେପଟେ ବିହାରରେ ୩୧୮ରୁ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ମେଣ୍ଟ ୟୁନାଇଟେଡ୍ ଫ୍ରଣ୍ଟର ମୁଖ୍ୟମନ୍ତ୍ରୀ ମହାମାୟା ପ୍ରସାଦ ସିହ୍ନାଙ୍କ ସରକାର ମାତ୍ର ୧୧ ମାସ ତିଷ୍ଠିପାରିଲା। ଯାଦବ ଜାତିର ଜମିଦାର ନେତା ବାବୁ ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳ ୟୁନାଇଟେଡ୍ ଫ୍ରଣ୍ଟର ୩୮ ଜଣ ବିଧାୟକଙ୍କୁ ନେଇ ଦଳ ଛାଡ଼ିଲେ ଓ ୧୨୮ଟି ଆସନରେ ଜିତିଥିବା କଂଗ୍ରେସ ସମର୍ଥନରେ ମାତ୍ର ୪୭ ଦିନ ମୁଖ୍ୟମନ୍ତ୍ରୀ ରହିଲେ। ଭୋଳାପାଶ୍ୱାନ ଶାସ୍ତ୍ରୀ ମଧ୍ୟ ଏହି ସମୟରେ ଦୁଇ ଥର, ମୋଟ୍ ଉପରେ ୧୦୦ ଦିନ ମୁଖ୍ୟମନ୍ତ୍ରୀ ହୋଇଥିଲେ କଂଗ୍ରେସ ସମର୍ଥନରେ।

ଉତ୍ତର ପ୍ରଦେଶର କଂଗ୍ରେସ ନେତା ଚୌଧୁରୀ ଚରଣ ସିଂ କଂଗ୍ରେସରୁ ୧୭ ଜଣ ବିଧାୟକଙ୍କୁ ନେଇ ଦଳ ଛାଡ଼ିଲେ ଓ ମଧ୍ୟପ୍ରଦେଶର କଂଗ୍ରେସ ନେତା ଡ. ଗୋବିନ୍ଦ ନାରାୟଣ ସିଂ ୩୬ ଜଣ ବିଧାୟକଙ୍କୁ ନେଇ ଦଳ ଛାଡ଼ିଲେ। ଉତ୍ତର ପ୍ରଦେଶରେ ଜନସଂଘର ୯୮ ବିଧାୟକ, ସଂଘଟ ସୋସାଲିଷ୍ଟ ପାର୍ଟିର ୪୪ ବିଧାୟକ, ବାମଦଳ ଓ ଅନ୍ୟାନ୍ୟ ଦଳକୁ ନେଇ ୟୁନାଇଟେଡ୍ ଫ୍ରଣ୍ଟ ଗଢ଼ି ଚୌଧୁରୀ ଚରଣ ସିଂହ ୩ ଏପ୍ରିଲ ୧୯୬୭ରୁ ୧୧ ମାସ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ରହିଲେ। ଏପଟେ ୩୦ ଜୁଲାଇ ୧୯୬୭ରୁ ୮ ମାସ ମଧ୍ୟପ୍ରଦେଶରେ ୟୁନାଇଟେଡ୍ ଫ୍ରଣ୍ଟର ମୁଖ୍ୟମନ୍ତ୍ରୀ ରହିଲେ ଡ. ଗୋବିନ୍ଦ ନାରାୟଣ ସିଂହ।

ସେପଟେ ପଞ୍ଜାବର ନ୍ୟାୟମୂର୍ତ୍ତି ଗୁରୁନାମ ସିଂଙ୍କ ୟୁନାଇଟେଡ୍ ଫ୍ରଣ୍ଟ ସରକାର ମାତ୍ର ୯ ମାସ କ୍ଷମତାରେ ନ ରହୁଣୁ ଲଛମନ ସିଂ ଗିଲ୍ ୧୬ ଜଣ ବିଧାୟକଙ୍କୁ ନେଇ ବିଦ୍ରୋହ କଲେ ଓ କଂଗ୍ରେସ ସମର୍ଥନରେ ମୁଖ୍ୟମନ୍ତ୍ରୀ ହେଲେ। ମାତ୍ର ୯ ମାସ ମଧ୍ୟରେ ମଧୁଚନ୍ଦ୍ରିକାର ଅବସାନ ହେଲା ଓ କଂଗ୍ରେସ ଲଛମନ ସିଂ ସରକାର ଭାଙ୍ଗିଦେଲା। ଲଛମନ ସିଂ ଗିଲ୍ ଓ ଭୋଳାପାଶ୍ୱାନ ଶାସ୍ତ୍ରୀ ସରକାରରେ ଦଳବଦଳ କରିଥିବା ସମସ୍ତ ବିଧାୟକ (ଯଥାକ୍ରମେ ୧୮,୫୧) ମନ୍ତ୍ରୀପଦ ପାଇଥିଲେ। ପଶ୍ଚିମବଙ୍ଗରେ ବାମଦଳମାନେ ନିଜ ସୁବିଧାରେ ଦୁଇଟି ଭିନ୍ନ ଭିନ୍ନ ସରକାର ଗଢ଼ିଥିବାବେଳେ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ପଞ୍ଜାବ, ହରିୟାଣାରେ ବାମଦଳ, ଦକ୍ଷିଣପନ୍ଥୀ ଦଳ, ନିର୍ଦ୍ଦଳୀୟ ଓ ଅନ୍ୟ ଦଳମାନେ ଏକାଠି ସରକାର ଚଳାଇଥିଲେ। ଏଇ ଆରମ୍ଭର ଶେଷ ଏଯାଏ ହୋଇନି।

କିମାଶ୍ଚର୍ଯ୍ୟମ୍, ମୁଖ୍ୟମନ୍ତ୍ରୀ ଥିବା ସତ୍ତ୍ୱେ ଭୟ ଯୋଗୁ ହେଉ ବା ଲୋଭ ଯୋଗୁ ଜନତା ପାର୍ଟିର ହରିୟାଣା ମୁଖ୍ୟମନ୍ତ୍ରୀ ଭଜନଲାଲ ୨୨ ଜାନୁୟାରୀ ୧୯୮୦ରେ ଜନତା ପାର୍ଟିର ୩୭ ଜଣ ବିଧାୟକଙ୍କୁ ନେଇ ଜନତା ପାର୍ଟି ଛାଡ଼ି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଛତ୍ରଛାୟା ତଳେ ପ୍ରଥମେ ଦୁଇ ବର୍ଷ ଓ ନିର୍ବାଚନ ପରେ ପୁଣି ୪ ବର୍ଷ ମୁଖ୍ୟମନ୍ତ୍ରୀ ରହିଲେ।

ଓଡ଼ିଶାରେ ନିର୍ବାଚନ ପରେ ଦଳବଦଳ କରି ସରକାର ଗଢ଼ିବାର ଇତିହାସ ନାହିଁ କହିଲେ ଚଳେ। କେବଳ ୧୯୭୨ରେ ଦଳବଦଳ ପାଇଁ ବିଶ୍ୱନାଥ ଦାସ ସରକାର ଭାଙ୍ଗିଥିଲା। ବିଜେଡିରେ ମିଡ୍‌ନାଇଟ୍ ଅପରେଶନ ବିଫଳ ହୋଇଥିଲା।

ଏବେ କିଛିବର୍ଷ ହେଲା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଦଳବଦଳ ଓ ସଦ୍ୟ ଯୋଗଦେଇଥିବା ନେତାଙ୍କୁ ପ୍ରମୁଖ ଦଳଗୁଡ଼ିକ ଟିକେଟ ଦେବା ଶୁଭଙ୍କରୀ ଭବିଷ୍ୟତର ସୂଚନା କେବେ ନୁହେଁ। ହିନ୍ଦ୍ ସ୍ୱରାଜ ପୁସ୍ତକରେ 'ସ୍ୱରାଜ' ସମ୍ବନ୍ଧରେ ଆଲୋଚନା କଲାବେଳେ ମହାତ୍ମା ଗାନ୍ଧୀ କହିଛନ୍ତି, ''ଇଂରେଜ ଶାସନ ପଦ୍ଧତି ବଜାୟ ରଖି ଇଂରେଜମାନଙ୍କୁ ଦେଶରୁ ତଡ଼ିବା ବାଘ ପ୍ରବୃତ୍ତିକୁ ସ୍ୱୟଂ ଆହରଣ କରି ବାଘକୁ ଘଉଡ଼ାଇ ଦେବା ସଙ୍ଗେ ସମାନ।'' ଅନ୍ୟ ଦିଗରୁ ଦେଖିଲେ ଯେଉଁ ଦଳର, ଯେଉଁ ସରକାର ନୀତି, କାର୍ଯ୍ୟପଦ୍ଧତି ଓ ଚରିତ୍ରକୁ ଆର ଦଳଟି ବିରୋଧ କରି ଭୋଟ ଭିକ୍ଷା କରୁଛି, ସେଇ ଦଳର ପ୍ରାକ୍ତନ କର୍ମୀ ଓ ନେତାମାନଙ୍କ ନେତୃତ୍ୱରେ ସରକାର ଗଢ଼ି, ଭିନ୍ନ ଏକ ନେତୃତ୍ୱ, ଭିନ୍ନ ଏକ ସରକାର ଦେଇପାରିବ କି? ଏଇ ଦଳଡିଆଁ ଜନପ୍ରତିନିଧିମାନଙ୍କୁ ନେଇ ପାଞ୍ଚ ବର୍ଷ ଚଳାଇବା ବେଳେ ସେମାନଙ୍କ ପୂର୍ବଦଳର ଅବଗୁଣ, ଅନୀତି, ଚରିତ୍ର ଏଇ ସରକାରକୁ ସଂକ୍ରମିତ କରିବ ନାହିଁ କି?

ମୋ : ୭୯୭୮୪୧୨୮୩୫

# ଯନ୍ତ୍ର ମାନବ ମାଗେ ଅଧିକାର



ଡ. ନରେନ୍ଦ୍ର ସେଠୀ

କିଛିଦିନ ତଳେ ସାଉଦି ଆରବ ସୋଫିଆ ନାମକ ଏକ ରୋବୋକୁ ନିଜ ଦେଶର ନାଗରିକତା ପ୍ରଦାନ କରିବା ପରେ ତାହା ଅନେକ ଲୋକଙ୍କ ଭ୍ରୂକୁଞ୍ଚନ କରିଥିଲା। ସୋଫିଆ ଏମିତି ଏକ ରୋବୋ ଯିଏ ଚିତ୍ର ଆଙ୍କିବା ଓ କଥା କହିବା ସହିତ ଏକ ମା' ହେବାର ଅଭିଳାଷ ମଧ୍ୟ ପ୍ରକଟ କରୁଥିଲା। ତେବେ ସୋଫିଆ ଏକ ଦେଶର ନାଗରିକ ହୋଇଯିବା ପରେ ଏକ ଯନ୍ତ୍ର ମାନବ ହୋଇ ମଧ୍ୟ ତା'ର ଆଇନ ଅନୁସାରେ ସେ ଦେଶର ସବୁ ଅଧିକାର ମିଳିବା କଥା। କିନ୍ତୁ ସତରେ କ'ଣ ସୋଫିଆ ବିବାହ କରି ମା' ହେବାର ଅଭିଳାଷ ପୂରଣ କରିପାରିବ ନା ଭୋଟଦାନର ଅଧିକାର ପାଇପାରିବ! ଏହି ପରିସ୍ଥିତି ନ୍ୟୁଜିଲାଣ୍ଡ ଦେଶରେ ନିର୍ମିତ ସାମ ଦି ରୋବୋ ନାମକ ଅନ୍ୟ ଏକ ଯନ୍ତ୍ର ମାନବ ପାଇଁ ଉପୁଜିଛି ଯିଏ ବିଶ୍ୱର ପ୍ରଥମ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ରାଜନେତା ଭାବରେ ସେହି ଦେଶରେ ଆଖ୍ୟା ପାଇଛି। ଯଦି କଥା ସାହିତ୍ୟ କିମ୍ବା ଶବ୍ଦକୋଷକୁ ଅଣ୍ଡାଳିବା ରୋବୋ ମାନେ ଏକ ଯନ୍ତ୍ର, ଯିଏ ଅନେକ ଜଟିଳ କାମ ନିଜେ ସୁଚାରୁ ଭାବେ କରିପାରେ। କିନ୍ତୁ ରୋବୋକୁ ଏକ ଯନ୍ତ୍ର ଭାବରେ ଉପସ୍ଥାପିତ କରି ଶବ୍ଦକୋଷ ବିଶେଷଜ୍ଞମାନେ ଅଟକି ଯିବା ବେଳେ ଆଇନ ବିଶାରଦ ଓ ବିଜ୍ଞାନ ଜଗତ ଉଭୟ ସୋଫିଆ ଓ ସାମକୁ ଆଇନ ଅଧିକାର ଥିବା ଯନ୍ତ୍ର ମାନବ ଭାବରେ ବିବେଚନା କରୁଛନ୍ତି। ଏହା ସତ୍ୟ ଯେ ଆମ ଦେଶରେ ପବିତ୍ର ଗଙ୍ଗା ନଦୀ ଓ ଭଗବାନ ରାମ ଲାଲାଙ୍କୁ ମଧ୍ୟ ଆଇନ ଅଧିକାର ଦିଆଯାଇଛି। ସେପରି ସ୍ଥଳରେ ଶବ୍ଦକୋଷ ବିଶେଷଜ୍ଞ, ଆଇନ ବିଶାରଦ ଓ ବିଜ୍ଞାନ ଜଗତ ରୋବୋକୁ ଏକ ଆଇନ ଅଧିକାର ଥିବା ଯନ୍ତ୍ର ମାନବ ଭାବେ ବିବେଚନା କରିବା ଯୁକ୍ତିଯୁକ୍ତ ଲାଗେ। ଏହି ବର୍ଷ ଆରମ୍ଭରେ ଏକ କୃତ୍ରିମ ବୁଦ୍ଧିମତ୍ତାସମ୍ପନ୍ନ ରୋବୋ ଓକିଲ ଭାବରେ ଆମେରିକାର ଏକ ଗୁପ୍ତ ନ୍ୟାୟାଳୟରେ ନିଜକୁ ଉପସ୍ଥାପିତ କରିବାର ଚେଷ୍ଟା ଚାଲୁଥିଲାବେଳେ ଆଇନଜୀବୀମାନଙ୍କ ଧମକ ଯୋଗୁ ଶେଷ ମୁହୂର୍ତ୍ତରେ ଓହରି ଦିଆଯାଇଥିଲା। ତେବେ ଏହାକୁ ବିଜ୍ଞାନ ଇତିହାସରେ ଏକ ଐତିହାସିକ ଦିନ ଭାବରେ ବିବେଚନା କରାଗଲା।

ତେବେ ରୋବୋ ତିଆରି କରୁଥିବା ନୂତନ ଜ୍ଞାନ କୌଶଳ ଉପରେ ଆଇନଗତ ଅଧିକାର ନେଇ ମଧ୍ୟ ଏକ ସମସ୍ୟା ଉପୁଜିଛି। ରୋବୋର ନିଜସ୍ୱ ଆଇନଗତ ଅଧିକାର ରହିବ ନା ନାହିଁ ତା' ଉପରେ ନାନା ମୁନି ନାନା ମତ ରହିଛି । ୨୦୧୫ ରେ ରୋବୋ ପ୍ରଥମ କରି ଏକ ଆତ୍ମ-ସଚେତନତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ୟୁରୋପୀୟ ୟୁନିଅନ ଆଇନ ବ୍ୟାପାର କମିଟି ଏହାର ରିପୋର୍ଟରେ ଅତି ଆଧୁନିକ ସ୍ୱୟଂ ଚାଳିତ ରୋବୋକୁ ନିର୍ଦ୍ଦିଷ୍ଟ କିଛି ଆଇନ ଅଧିକାର ସହିତ ଯନ୍ତ୍ର ମାନବର ମାନ୍ୟତା ଦେବାକୁ ପ୍ରସ୍ତାବ ଦେଇଥିଲେ। ଯେହେତୁ ମଣିଷ ଜୀବନର ପ୍ରତ୍ୟେକ ସ୍ତରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରବେଶ ଫଳରେ ଦିନକୁ ଦିନ ମଣିଷ ଓ ଯନ୍ତ୍ର ମାନବ ଭିତରେ ଥିବା ବିଭାଜନ ରେଖା ଫିକା ହେବାରେ ଲାଗିଛି ଓ ରୋବୋ ସବୁ କାମ କରିପାରୁଛି ଯାହା ମଣିଷ



କରେ, ତେଣୁ ଏହାକୁ ଆଇନଗତ ଅଧିକାର ଦେବାରେ ଭୁଲ୍ ରହିଲା କେଉଁଠି। ଭାରତୀୟ ଆଇନ ବ୍ୟବସ୍ଥା ଓ ନ୍ୟାୟାଳୟ ଏପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତ୍ତାସମ୍ପନ୍ନ ରୋବୋ ଦ୍ୱାରା ତିଆରି କାର୍ଯ୍ୟର ବୌଦ୍ଧିକ ସମ୍ପତ୍ତି ଅଧିକାର ବିଷୟରେ କିଛି ସ୍ପଷ୍ଟ କରିନାହିଁ, ତେବେ ନିକଟ ଅତୀତରେ ଏ ବିଷୟରେ ନିଶ୍ଚିତ ତର୍ଜମା ହେବ। ଏପରିକି ଆମେରିକାରେ ଯନ୍ତ୍ର ମାନବ ଦ୍ୱାରା ହୋଇଥିବା ମୂଲ୍ୟବାନ କାର୍ଯ୍ୟକୁ ଆଇନଗତ ସୁରକ୍ଷା ଦିଆଯାଇ ନାହିଁ। କିନ୍ତୁ ଭବିଷ୍ୟତରେ ରୋବୋ ଦ୍ୱାରା ହେବାକୁ ଯାଉଥିବା ବେକାରି ସମସ୍ୟା କିମ୍ବା ଅନିୟନ୍ତ୍ରିତ ବିନାଶକାରୀ ଶକ୍ତିର କ୍ଷମତା ରଖିଥିବା ସ୍ୱୟଂଚାଳିତ ଯାନ୍ତ୍ରିକ ଯୋଦ୍ଧାଙ୍କ ଭୟକୁ ଦେଖି ଏହା ବିଡ଼ମ୍ବନାର ବିଷୟ ହୋଇପାରେ ଯେ ରୋବୋ ଆଇନ ଅଧିକାର ପ୍ରସଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ବିତର୍କର ବିଷୟ ପାଲଟିଛି। ଆମ ସମାଜରେ କଷ୍ଟ ଓ ଯନ୍ତ୍ରଣାକୁ ଅନୁଭବ କରିପାରୁଥିବା, ବାହ୍ୟ କ୍ରିୟାର ପ୍ରତିକ୍ରିୟା କରିବା ଭଳି ଚେତନା ଥିବା ଜୀବକୁ ଆଇନଗତ ଅଧିକାର ମିଳିଥାଏ। କିନ୍ତୁ ରୋବୋ ହସ ଖୁସି ଦୁଃଖ ଯନ୍ତ୍ରଣା ଭଳି ଚେତନାକୁ ଅନୁଭବ କରିପାରୁ ନ ଥିବାରୁ ଏହାକୁ ଆଇନଗତ ଅଧିକାର ଦେବା ନିରର୍ଥକ ବୋଲି କେହି କେହି ମତବ୍ୟକ୍ତ କରିଛନ୍ତି। ଏକ ଜୀବ ଯନ୍ତ୍ରଣା ଓ କଷ୍ଟକୁ ପସନ୍ଦ କରେନା କାରଣ ଏହାର ମସ୍ତିଷ୍କ ତାକୁ ସୁସ୍ଥ ଓ ନୀରୋଗ ରହି ବଞ୍ଚିବାକୁ ଚେତାଇଥାଏ, ଯାହା ଫଳରେ ମଣିଷ ସମେତ ସମସ୍ତ ଜୀବ ନିଜକୁ ସବୁ ବାହ୍ୟ ଉଲ୍ଲଂଘନରୁ ମୁକ୍ତ ରଖିବାକୁ ସ୍ୱତଃ ପ୍ରସ୍ତୁତ ରହେ ଯାହା ତାକୁ ଯନ୍ତ୍ରଣା ଓ କଷ୍ଟ ଦିଏ। କିନ୍ତୁ ଏକ ଯନ୍ତ୍ର ମାନବ ବା ରୋବୋ ଯନ୍ତ୍ରଣା, କଷ୍ଟ , ହସ ଖୁସି ଭଳି ଚେତନାକୁ ଅନୁଭବ କରିପାରେନି। ଯଦି ନିକଟରେ ମଣିଷ ଭଳି ଯନ୍ତ୍ରଣା ଓ କଷ୍ଟର ଅନୁଭବ ମଧ୍ୟ ରୋବୋ କରିପାରିବ ସେତେବେଳେ ରୋବୋକୁ ଆଇନଗତ ସୁରକ୍ଷା ଦେବାକୁ ଆମେ ପ୍ରସ୍ତୁତ ତ?

ନିକଟରେ ଆମେରିକାର ପେନ୍‌ସିଲଭାନିଆରେ ସ୍ୱୟଂଚାଳିତ ଜିନିଷ ପହଞ୍ଚେଇବା ରୋବୋ ଡ୍ରୋନଗୁଡ଼ିକୁ ରାସ୍ତାର ଦୁଇ କଡ଼ରେ ଥିବା ଚାଲିବା ରାସ୍ତାରେ ଯିବା ପାଇଁ ଅନୁମତି ପ୍ରଦାନ କରି ପଥଚାରୀ ଭାବରେ ବିବେଚନା କରାଯିବା ଓ ମାନବ ପଥଚାରୀ ସମକକ୍ଷ ତୁଳନା କରିବା ଏକ ଯୁଗାନ୍ତକାରୀ ଘଟଣା। ଚଳିତ ଶତାବ୍ଦୀର ବିଚକ୍ଷଣ ବୈଜ୍ଞାନିକ ଷ୍ଟିଫେନ ହକିଙ୍ଗ ସମଗ୍ର ମାନବ ଉପରେ ରୋବୋର ଆଧିପତ୍ୟ ହେବ ବୋଲି ଯେଉଁ ଭବିଷ୍ୟବାଣୀ କରିଥିଲେ ତାହା କେବଳ ଏକ କାଳ୍ପନିକ ଚଳଚ୍ଚିତ୍ରର ଦୃଶ୍ୟ ହୋଇପାରେ। ଯଦିଓ ଏକ ରୋବୋ ମଣିଷଠାରୁ ଅଧିକ ଜଟିଳ କାର୍ଯ୍ୟ ଖୁବ୍ ସହଜରେ କରିପାରେ, ମାତ୍ର ଶେଷରେ ଏହା ମଣିଷ ଦ୍ୱାରା ଖଞ୍ଜାଯାଇଥିବା ଅନେକ ଟିକିନିଖି କଳ କବ୍‌ଜାର ଏକ ସମାହାର ମାତ୍ର ଯାହାଠାରେ ରକ୍ତ ମାଂସରେ ଗଢ଼ା ମଣିଷ ଭଳି ଚେତନା ନାହିଁ। ତେଣୁ ଏହାକୁ ଆଇନର ଅଧିକାର ଦେବା ପୂର୍ବରୁ ତର୍ଜମା କରିବାର ସମୟ ଆସି ପହଞ୍ଚିଛି।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ହେଉଛି ଭାରତ। ଅନେକ ସମସ୍ୟା ମଧ୍ୟରେ ଦେଶ ଛନ୍ଦି ହୋଇଥିବାବେଳେ ସେଥିମଧ୍ୟରେ ଶିଶୁ ଚାଲାଣ ଏକ ଚିନ୍ତାଜନକ ବିଷୟ ହୋଇଛି। ଦେଶରୁ ବର୍ଷକୁ ପ୍ରାୟ ୧,୩୫, ୦୦୦ ପିଲା ବାହାରକୁ ଚାଲାଣ ହେଉଥିବାବେଳେ ଏମାନଙ୍କ ମଧ୍ୟରେ ସଂଖ୍ୟାଧିକ ହେଉଛନ୍ତି ଝିଅ। ଏଭଳି ବେଆଇନ ଚାଲାଣକୁ ରୋକିବା ଲାଗି ପ୍ରଶାସନିକ ପଦକ୍ଷେପ ନିଆଯାଉଥିଲେ ବି ଏଥିରେ ଆଶାନୁରୂପ ସଫଳତା ମିଳିପାରୁନାହିଁ। କିନ୍ତୁ ଏ ଦିଗରେ ଜଣେ ମହିଳାଙ୍କ ପ୍ରଚେଷ୍ଟା ଏକ ଉଦାହରଣ ସୃଷ୍ଟି କରିଛି। ଆସାମର ପଲ୍ଲବୀ ଘୋଷ ଦେଶର ବିଭିନ୍ନ ଅଞ୍ଚଳରେ ୭୫,୦୦୦ ମହିଳାଙ୍କୁ ନେଇ ଏକ ଆର୍ମି ଗଠନ କରିଛନ୍ତି, ଯାହା ଶିଶୁ ବିଶେଷକରି ଝିଅ ଚାଲାଣ ରୋକିବାରେ ପ୍ରଶଂସନୀୟ କାର୍ଯ୍ୟ କରିପାରିଛି। ପଲ୍ଲବୀ 'ଇମ୍ପାକ୍ଟ ଆଣ୍ଡ୍ ଡାଇଲଗ୍ ଫାଉଣ୍ଡେଶନ' ଗଠନ କରି ତା' ମାଧ୍ୟମରେ ମହିଳା ସେନାର ପରିଚାଳନା କରିବା ସହ ଏବେ ସୁଦ୍ଧା ୧୦,୦୦୦ ପିଲାଙ୍କୁ ଉଦ୍ଧାର କରିସାରିଲେଣି। କେବଳ ଉଦ୍ଧାର କାର୍ଯ୍ୟରେ ସୀମିତ ରହିନାହାନ୍ତି ପଲ୍ଲବୀ ବରଂ ସେମାନଙ୍କୁ ମଧ୍ୟ ଥଇଥାନ କରାଇବା ବ୍ୟବସ୍ଥା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଏପ୍ରିଲ ୧୯୭୫

- ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମାନ୍ତ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ରାଜସ୍ୱ ସମ୍ପର୍କୀୟ ତଥ୍ୟ ଓ ସର୍ଭେ ମ୍ୟାପ ଆନ୍ଧ୍ରପ୍ରଦେଶ ସରକାରଙ୍କଠାରୁ ମଗାଇଛନ୍ତି।
- ବିଶ୍ୱ ତେଲୁଗୁ ସମ୍ମିଳନୀ ଉପଲକ୍ଷେ ଡାକତାର ବିଭାଗ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ଡାକଟିକେଟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ।
- ବାଂଲାଦେଶରେ ୧୦ ଦିନ ପରିଭ୍ରମଣ ପାଇଁ ବିଦେଶୀ ପର୍ଯ୍ୟଟକମାନଙ୍କର ଭିସା ନେବା ଆବଶ୍ୟକ ହେବ ନାହିଁ ବୋଲି ବାଂଲାଦେଶ ସରକାରଙ୍କ ନିଷ୍ପତ୍ତି।

## ଚିରନ୍ତନୀ

ମୋ ପ୍ରିୟ ଆସିଛି ଛାଡ଼ି ସିନ୍ଧୁ ସଇକତେ,
ଭ୍ରମୁଛି କାନନ ନଦୀ ପରାଣ ଉଷତେ,
ଆସିଅଛି ଛାଡ଼ି ଘର
ନିଜର କରୁଛି ପର
ନିତି ନୂଆ ଘର ମୋର ଏ ଜଗତ-ପଥେ!
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 8 | | | | | | | |
| | | | 7 | | 1 | 3 | | |
| | 4 | | | | 2 | | | |
| 3 | | 2 | | | | 1 | 9 | 7 |
| | | | | | | | | |
| | | | 2 | | | | 3 | |
| 2 | | 5 | 8 | | 3 | | | 6 |
| | | 8 | | | | | 4 | 1 |
| | 6 | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 4 | 6 | 5 | 7 | 3 | 2 | 8 |
| 6 | 7 | 5 | 8 | 2 | 3 | 1 | 9 | 4 |
| 2 | 8 | 3 | 1 | 9 | 4 | 6 | 5 | 7 |
| 4 | 3 | 7 | 9 | 8 | 5 | 2 | 6 | 1 |
| 1 | 5 | 6 | 4 | 3 | 2 | 8 | 7 | 9 |
| 8 | 2 | 9 | 7 | 1 | 6 | 5 | 4 | 3 |
| 7 | 4 | 2 | 3 | 6 | 1 | 9 | 8 | 5 |
| 3 | 6 | 8 | 5 | 7 | 9 | 4 | 1 | 2 |
| 5 | 9 | 1 | 2 | 4 | 8 | 7 | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷମତା ଲୋଭର ବିକୃତ ମାନସିକତା

ମହାଶୟ,

ନିଜ ଦଳପ୍ରତି ବିଦ୍ରୋହ ମନୋଭାବ ପୋଷଣ କରି ଦଳବଦଳ କରୁଥିବା ନେତାମାନେ କେବଳ ସମଗ୍ର ରାଜନୈତିକ ସ୍ଥିତିକୁ କଳୁଷିତ କରନ୍ତିନାହିଁ, ବରଂ ନିଜର ରାଜନୈତିକ ଜୀବନର ଆତ୍ମ-ପରିଚୟ ଓ ଆତ୍ମବିଶ୍ୱାସକୁ ମଧ୍ୟ ଦେଶର ଜନତାଙ୍କ ସମ୍ମୁଖରେ ବିଶ୍ୱାସ-ଅବିଶ୍ୱାସର ବାତାବରଣ ସୃଷ୍ଟି କରିଥାଆନ୍ତି। କ୍ଷମତା ଲୋଭରେ ବଶୀଭୂତ ହୋଇ ଯେଉଁ ପ୍ରାର୍ଥୀମାନେ ଦଳ ପରିତ୍ୟାଗ କରୁଛନ୍ତି ସେମାନେ ଦେଶ ସେବାରେ ବ୍ରତୀ ହେବା ଓ ନ ହେବା ଉପରେ ସୃଷ୍ଟି କରେ ପ୍ରଶ୍ନବାଚୀ ? କ୍ଷମତା ରାଜନୀତିରେ ଦଳ ବଦଳ କରୁଥିବା ରାଜନେତାମାନେ ଏକଦା ଦିନେ ବିଜୟ ଲାଭ କରି ନିଜ ନିର୍ବାଚନମଣ୍ଡଳୀର ପ୍ରଗତିରେ ପାରଦର୍ଶିତା ଦେଖାଉଥିଲେ। ସେମାନେ କୌଣସି ନା କୌଣସି କାରଣରୁ ନିଜ ଦଳକୁ ପରିତ୍ୟାଗ କରି ଅନ୍ୟ ଦଳରେ ଯୋଗଦେଉଛନ୍ତି। ଦଳବଦଳ ଗଣତାନ୍ତ୍ରିକ ଦୃଷ୍ଟିରେ ଯଦିଓ ବିଜ୍ଞ ରାଜନୀତିଜ୍ଞମାନଙ୍କ ସ୍ୱାର୍ଥ ନିହିତ ଏକ ରାଜନୈତିକ ପ୍ରକ୍ରିୟା ତେବେ ଏହାର ଯଥାର୍ଥତା ନାହିଁ ବୋଲି ମନେହୁଏ । ଦଳ ବଦଳ କରି ନ ଥିବା ରାଜନେତାଙ୍କ କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶବୋଧତା ନିଶ୍ଚିତଭାବେ ମହାନ୍। ନିର୍ବାଚନ ସମୟରେ ନେତାଙ୍କ ଦଳ ଡିଆଁ ଗ୍ରହଣୀୟ ନୁହେଁ। ଦଳତ୍ୟାଗୀ ବିଦ୍ରୋହୀ ନେତାଙ୍କୁ ନୂତନ ଦଳରେ ସାମିଲ କରିବା ପୂର୍ବରୁ ସେମାନେ କେଉଁ କାରଣରୁ ନିଜର ପୁରୁଣା ଦଳକୁ ପରିତ୍ୟାଗ କରିଛନ୍ତି ତା'ର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯିବା ଆବଶ୍ୟକ। କାରଣ ଦଳ ବଦଳାଉଥିବା ନେତାମାନେ ବିଶେଷତଃ ପଞ୍ଚତନ୍ତ୍ର କାହାଣୀର ଚତୁର ମର୍କଟ-ବୁଦ୍ଧିହୀନ ଲୋଭୀ କୁମ୍ଭୀର ସଦୃଶ ବୋଲି କହିବା ମୋର ବ୍ୟକ୍ତିଗତ ମତ, ଯାହା କି ଗଣତନ୍ତ୍ରରେ ନିର୍ବାଚନ ରାଜନୀତିର ଜନତା ଦରବାରରେ ଔପଚାରିକ ଭାବେ ବିଚାରଯୋଗ୍ୟ ।

-ଅଶୋକ କୁମାର ଆଢ୍ୟ,
ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦିଲ୍ଲୀରୁ କେଜେଡ୍ଏଫ୍ କର୍ମୀ ଗିରଫ

ନୂଆଦିଲ୍ଲୀ,୧୨।୪

ପଞ୍ଜାବ ପୋଲିସ ବେଆଇନ ଘୋଷିତ ଖଲିସ୍ତାନୀ ଜିନ୍ଦାବାଦ ଫୋର୍ସ (କେଜେଡ୍ଏଫ୍)ର ଜଣେ କର୍ମୀଙ୍କୁ ଦିଲ୍ଲୀରୁ ଗିରଫ କରିଛି। ପ୍ରଭପ୍ରୀତ ସିଂ ଜର୍ମାନୀ ନାମକ ଏହି କର୍ମୀଙ୍କୁ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗିରଫ କରାଯାଇଥିବା ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି। ସେ ଜର୍ମାନୀରେ ରହି କେଜେଡ୍ଏଫ୍ ପାଇଁ ଆତଙ୍କବାଦୀ ନିଯୁକ୍ତି, ପାଣ୍ଠି ସଂଗ୍ରହ ଆଦି କାର୍ଯ୍ୟରେ ସାମିଲ ଥିଲେ। କେଜେଡ୍ଏଫ୍ ନେଟୱର୍କର ପର୍ଦ୍ଦାଫାଶ କରିବା ଦିଗରେ ପଞ୍ଜାବ ପୋଲିସ କାର୍ଯ୍ୟ କରୁଥିବା ଡିଜି କହିଛନ୍ତି।



ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚଡ଼କ ମେଳାର ଶେଷ ଅର୍ଘ୍ୟରେ ଶୁକ୍ରବାର ଜଣେ ଶ୍ରଦ୍ଧାଳୁ ଶରୀରରେ ଲୁହାକଣ୍ଟା ଫୋଡି ଭଗବାନଙ୍କଠାରେ କୃଚ୍ଛ୍ର ସାଧନ କରୁଛନ୍ତି।

# ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଶିକ୍ଷାଦାନ ହେଉନି

ବଇଣ୍ଡା,୧୨।୪(ପରିକ୍ଷିତ ସାହୁ)

■ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଅସୁବିଧା

■ଟିସି ନେବାକୁ ୧୨ ଅଭିଭାବକଙ୍କ ଆବେଦନ

କେତେକ ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷାବିଭାଗ ପକ୍ଷରୁ ଅଷ୍ଟମ ଶ୍ରେଣୀ ଖୋଲାଯାଇଛି। ହେଲେ ଉକ୍ତ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତ କରାଯାଇ ନାହିଁ। ଏହି କାରଣରୁ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଏପରି କି ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଭିଭାବକମାନେ ଉକ୍ତ ସ୍କୁଲରୁ ଟିସି ନେବାକୁ ଚାହୁଁଛନ୍ତି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁତୁଲିସିଙ୍ଗା ସରକାରୀ ଉ.ପ୍ରା ବିଦ୍ୟାଳୟ ଏହାର ଏକ ଉଦାହରଣ। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଶୁକ୍ରବାର ଆଠମଲ୍ଲିକ ବ୍ଲକ ଶିକ୍ଷା କାର୍ଯ୍ୟାଳୟଠାରେ ଅଭିଯୋଗ କରାଯାଇଛି।

ଶିକ୍ଷାକମିଟି ପକ୍ଷରୁ କୁହାଯାଇଛି, ଗ୍ରାମବାସୀଙ୍କ ପକ୍ଷରୁ ୧୯୬୩ରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଏଠାରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ରହିଛି। ଷଷ୍ଠ ଶ୍ରେଣୀରେ ୨୨, ସପ୍ତମରେ ୨୫ ଛାତ୍ରୀଛାତ୍ର ପଢୁଛନ୍ତି। ହେଲେ ଅଷ୍ଟମ ଶ୍ରେଣୀରେ କୌଣସି ନାମଲେଖା ହେଉ ନ ଥିବାବେଳେ ସପ୍ତମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ପିଲାଙ୍କୁ ପଢାଇବା ପାଇଁ ଶିକ୍ଷକ ନାହାନ୍ତି। ଏଥିଯୋଗୁ କିଛିବର୍ଷ ହେବ ଏଠାରୁ ୭ମ ପାସ୍ ପିଲାଙ୍କୁ ଅନ୍ୟତ୍ର ନାମ ଲେଖାଇବା ପାଇଁ ବିଦ୍ୟାଳୟ ପକ୍ଷରୁ ସାର୍ଟିଫିକେଟ ଦେଇ ଦିଆଯାଉଛି। ଚଳିତବର୍ଷ ଗ୍ରାମବାସୀ ଏହି ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ୨୫ ପିଲାଙ୍କୁ ପଢ଼ାଇବା ପାଇଁ ଦାବି କରିଥିବା ବେଳେ ବିଦ୍ୟାଳୟ ପକ୍ଷରୁ ମଧ୍ୟ ଉଦ୍ୟମ କରାଯାଉଛି। କିନ୍ତୁ ଶିକ୍ଷକ ନ ଥିବା ଯୋଗୁ ପାଠପଢା ଆରମ୍ଭ ହୋଇପାରିନାହିଁ। ଫଳରେ କେତେଜଣ ଅଭିଭାବକ ୨ କି.ମି. ଦୂର ଜାମୁଡୋଲି ହାଇସ୍କୁଲରେ ପିଲାଙ୍କ ନାମ ଲେଖାଇବା ପାଇଁ ନିଷ୍ପତ୍ତି କରିଛନ୍ତି। ଏ ନେଇ ୧୨ ଜଣ ଅଭିଭାବକ ଟିସି ପାଇଁ ଆବେଦନ କରିଛନ୍ତି। ୨୦୧୭ ମସିହାରେ ବିଦ୍ୟାଳୟରେ ୪ ଶିକ୍ଷକ ନିଯୁକ୍ତି ପାଇଥିବାବେଳେ ୨୦୧୯ରେ ପ୍ରଧାନ ଶିକ୍ଷକ ଛବି ନାରାୟଣ ସିଠଙ୍କୁ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଡେପୁଟେଶନରେ ପଠାଯାଇଥିଲା। ନଭେମ୍ବର ୨୦୨୩ରେ ଅନ୍ୟ ଜଣେ ଶିକ୍ଷକଙ୍କୁ ସିଆରସିସି ଭାବେ ମଇମୁରା କ୍ଲଷ୍ଟରରେ ନିଯୁକ୍ତି କରାଯାଇଥିବାରୁ ବର୍ତ୍ତମାନ ୨ ଜଣ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଫଳରେ ଠିକ୍ ଭାବେ ପାଠ ପଢ଼ାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଦାସରଥୀ ଶୁଣ୍ଡୀ କୁହନ୍ତି, ବିଦ୍ୟାଳୟରୁ ଅଣାଯାଇଥିବା ଶିକ୍ଷକ ଛବିନାରାୟଣ ସେଠୀଙ୍କୁ ଫେରାଇ ଦିଆଯିବ। ଆଚରଣ ବିଧି ଲାଗିଥିବାରୁ ତାଙ୍କୁ ନିଯୁକ୍ତି କରାଯାଇନାହିଁ। ଆଚରଣବିଧି ଉଠିଲା ପରେ ଉକ୍ତ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ।

# ବାରମୁଲ୍ଲାରୁ ଲଢ଼ିବେ ଓମାର



ଓମାର ଅବଦୁଲ୍ଲା

ଶ୍ରୀନଗର,୧୨।୪

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବାରମୁଲ୍ଲା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ିବେ। ନ୍ୟାଶନାଲ କନ୍ଫରେନ୍ସ ଶୁକ୍ରବାର ତାଙ୍କୁ ଉକ୍ତ ଆସନରୁ ପ୍ରାର୍ଥୀ ଘୋଷଣା କରିଛି। ସେହିପରି ପ୍ରଭାବଶାଳୀ ଶିଆ ନେତା ଆଗା ସୟେଦ ରୁହୁଲ୍ଲା ମେହଦି କେନ୍ଦ୍ରୀୟ କଶ୍ମୀରର ଶ୍ରୀନଗର ଆସନରୁ ନିର୍ବାଚନ ଲଢ଼ିବେ ବୋଲି ଏନ୍ସି ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିବାବେଳେ ଏନ୍ସି ଉପାଧ୍ୟକ୍ଷ ଓମାର ପ୍ରଥମ ଥର ଲୋକ ସଭା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ନ ଫେରିବା ପର୍ଯ୍ୟନ୍ତ ସେ ବିଧାନସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଥିଲେ।

# ଜାହାଜର ଅବ୍ୟବହୃତ ତେଲ ଟିଟିରାରୁ ଜବତ

ବାଲିକୁଦା,୧୨।୪(ତାପସ ସ୍ୱାଇଁ)

## ପାରାଦୀପ ବନ୍ଦରରୁ ହୋଇଥିଲା ଚାଲାଣ

ପାରାଦୀପ ବନ୍ଦରରୁ ଟ୍ରକ୍ରେ ତେଲ ବୋଝେଇ ବ୍ୟାରେଲ ଲୋଡ କରି ବାଲିକୁଦା ଥାନା ଅଧୀନ ଟିଟିରାରେ ଖଲାସ କରାଯାଉଥିବାବେଳେ ପୋଲିସ ହାତରେ ଧରାପଡ଼ିଛି। ଏହା ଜାହାଜର ଅବ୍ୟବହୃତ ତେଲ ବୋଲି ଜଣାପଡ଼ିଛି। ଖବରପାଇ ପାରାଦୀପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଉକ୍ତ ଘଟଣାରେ ଗାଡ଼ିର ଚାଳକ ସମେତ ଅନ୍ୟ ୫ ଜଣଙ୍କୁ ବାଲିକୁଦା ଥାନାରେ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଗାଡ଼ି ଚାଳକ ଟିଟିରା ଗାଁର ରାଜେଶ ସାହୁ ବୋଲି ପୋଲିସ କହିଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ଉକ୍ତ ଗାଁର ପ୍ରମୋଦ ଭୋଇ, ନୀଳକଣ୍ଠ ବାରିକ, ବାବୁ ସାହୁ, ଚନ୍ଦନ ଦାସ, ବାବୁ ଭୋଇ। ରାଜେଶ ପାରାଦୀପରେ ରହି ଏକ ସଂସ୍ଥାରେ ଗାଡ଼ିଚାଳକ ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ଏହି ତେଲ ବ୍ୟାରେଲଗୁଡ଼ିକ ଗାଡ଼ିରେ ଲୋଡ୍ କରି ସେ ଟିଟିରାସ୍ଥିତ ବାସଭବନକୁ ଆଣିଥିଲେ। ପରେ ଅନ୍ୟ ୫ ଅଭିଯୁକ୍ତଙ୍କୁ ଶ୍ରମିକ ଭାବେ ମଜୁରି ଦେବାକୁ ଡାକି ଘର ବାଡ଼ିରେ ତେଲ ଅନ୍ଲୋଡ୍ କରାଉଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା।

# ଭୁଶୁଡ଼ି ପଡ଼ିବ ଓଡ଼ିଶାର ଦ୍ୱିତୀୟ ପଥରବନ୍ଧ

ରାମଚନ୍ଦ୍ରପୁର,୧୨।୪(ଗଣେଶ୍ୱର ସା)

## ଗ୍ରାମବାସୀଙ୍କ ପକ୍ଷରୁ ରକ୍ଷଣାବେକ୍ଷଣ ଦାବି

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଦେଓଗାଁ କୁଶେଇ ନଦୀର ଦ୍ୱିତୀୟ ପଥର ବନ୍ଧ ଜରାଜୀର୍ଣ୍ଣ ହୋଇପଡ଼ିଛି। ପ୍ରଶାସନିକ ଅବହେଳା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ଐତିହାସିକ ପୁରାତନ କୀର୍ତ୍ତିରାଜି ଧୀରେ ଧୀରେ ନଷ୍ଟ ହୋଇଯାଉଛି। କେତେ ବେଳେ ଭୁଶୁଡ଼ି ପଡ଼ିବ କହି ହେବ ନାହିଁ। ଏ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ରକ୍ଷଣାବେକ୍ଷଣ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ପ୍ରାୟ ୯୦୦ ଖ୍ରୀଷ୍ଟାବ୍ଦରେ ରାଜା ଯଯାତି କେଶରୀ କୁଶେଇ ନଦୀ ନିକଟ ଗ୍ରାମ ଦେଓଗାଁ ସମେତ ପାଖ ଗାଁକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଏହାକୁ ନିର୍ମାଣ କରିଥିଲେ। କଟକ କାଠଯୋଡ଼ି ପଥର ବନ୍ଧ ପରେ ଏହା ଓଡ଼ିଶାର ଦ୍ୱିତୀୟ ପଥର ବନ୍ଧ ବୋଲି କୁହାଯାଉଛି। ଏହି ବନ୍ଧ ୫୦୦ ମିଟର ଲମ୍ବ ହୋଇଥିବା ବେଳେ ନଦୀ ପତନଠାରୁ ପ୍ରାୟ ୧୫ ଫୁଟ ଉଚ୍ଚତାରେ ନିର୍ମାଣ ହୋଇଛି। ଦୁଇପାର୍ଶ୍ୱରେ ଆଡି ବନ୍ଧ ସହ ୧୨ ଫୁଟ ଓସାରର ବନ୍ଧ ଉପରେ ଛୋଟ ଛୋଟ ଗମ୍ବୁଜ ନିର୍ମାଣ କରାଯାଇଥିଲା। ନଦୀ କୂଳରେ ଓଡ଼ିଶାର ସର୍ବ ପୁରାତନ ଶୈବପୀଠ ଶ୍ରୀକୁଶଳେଶ୍ୱରଙ୍କ ମନ୍ଦିର ରହିଛି। ଏହି ପଥର ବନ୍ଧ ଉପରୁ ବନ୍ୟା ପରିସ୍ଥିତି ନିରୀକ୍ଷଣ କରାଯିବାର ବ୍ୟବସ୍ଥା ଥିବା ବେଳେ ନଦୀକୁ ସ୍ନାନ ଶୌଚ ପାଇଁ ଯିବାକୁ ୪



ଜରାଜୀର୍ଣ୍ଣ ଅବସ୍ଥାରେ କୁଶେଇ ନଦୀର ପଥର ବନ୍ଧ।

ଗୋଟି ଘାଟର ବ୍ୟବସ୍ଥା ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ବନ୍ଧ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଅନାବନା ଗଛଲତା ମାଡିଯାଇ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ଜଳସେଚନ ବିଭାଗ (ବନ୍ୟା) ପକ୍ଷରୁ ଏହି ବନ୍ଧର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରତିବର୍ଷ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଛି। ମାତ୍ର ଅର୍ଥ ପଥରବନ୍ଧ ପରିବର୍ତ୍ତେ ମାଟିବନ୍ଧରେ ବିନିଯୋଗ କରାଯାଉଥିବାରୁ ଏହି ପ୍ରାଚୀନ ପଥରବନ୍ଧ ଭୁଶୁଡ଼ି ପଡ଼ିବା ପରିସ୍ଥିତି ସୃଷ୍ଟି ହୋଇଛି। ପଥରବନ୍ଧର ସୁରକ୍ଷା ଜରୁରୀ ହୋଇପଡ଼ିଥିବାରୁ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦେଓଗାଁ ଗ୍ରାମବାସୀ ଚିତ୍ତରଞ୍ଜନ ପତି, ସତ୍ୟ ବଳ, ପ୍ରମୋଦ ଦାସ, ଏକାଦଶୀ ପଣ୍ଡା, ରମେଶ ପତି, ଦୈତାରୀ ପଣ୍ଡା, ଧରମାନନ୍ଦ ପତି ପ୍ରମୁଖ ଦାବି କରିଛନ୍ତି। ଏହି ବିଷୟରେ ଜଳ ସମ୍ପଦ ବିଭାଗୀୟ ଅଧିକାରୀ ଲକ୍ଷ୍ମଣ ମାରାଣ୍ଡିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ।

# ଗୋଇଠା ମାରି ଭାଙ୍ଗିଲେ ମନ୍ଦିର ଚୂଡ଼ା



ପୀରହାଟ ଥାନା ଆଗରେ ଧାରଣାରତ ଫକୀରପୁର ଗ୍ରାମର ଲୋକେ।

ତିହିଡ଼ି,୧୨।୪(ସଞ୍ଜିତ ବଳ)

## ଗ୍ରାମବାସୀଙ୍କ ଧାରଣା ପରେ ଯୁବକ ଗିରଫ

ମନ୍ଦିର ଉପରକୁ ଚଢ଼ି ଗୋଇଠା ମାରି ନିର୍ମାଣାଧୀନ ଚୂଡ଼ା ଭାଙ୍ଗିଦେଲେ ଯୁବକ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତର ଫକୀରପୁର ଗ୍ରାମରେ ଗୁରୁବାର ଏହି ଘଟଣା ଘଟିଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ଗ୍ରାମବାସୀ ଗୁରୁବାର ରାତିରେ ପୀରହାଟ ଥାନା ଆଗରେ ଧାରଣା ଦେଇ ଉକ୍ତ ଯୁବକଙ୍କୁ ଗିରଫ ପାଇଁ ଦାବି କରିଥିଲେ। ଶୁକ୍ରବାର ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ସାହାପୁର ଗ୍ରାମର ସୁଧାଂଶୁ ଡାଙ୍ଗୁଆ। ଫକୀରପୁର ଗ୍ରାମ୍ୟ ହନୁମାନ ପୂଜା କମିଟି ସଭାପତି ପଞ୍ଚାନନ ନାୟକଙ୍କ ଅଭିଯୋଗକ୍ରମେ ପୀରହାଟ ଥାନାରେ ମାମଲା (ନଂ. ୮୭/୨୪) ରୁଜୁ ହୋଇଛି।

ଫକୀରପୁର ଗ୍ରାମର ଚଢେଇଖିଆପଦା ନିକଟରେ ଥିବା ହନୁମାନଙ୍କ ମନ୍ଦିର ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିଲା। ମନ୍ଦିର ପାଇଁ ୩ ଲକ୍ଷ ଟଙ୍କା ସରକାରୀ ଅନୁଦାନ ମିଳିବା ପରେ ସେଠାରେ ଏକ ଫଳକ ଲଗାଯାଇଥିଲା। ମାତ୍ର ସେହି ଅନୁଦାନ ରାଶି ମନ୍ଦିର ନିର୍ମାଣ କାର୍ଯ୍ୟରେ ବିନିଯୋଗ ନ ହୋଇ ଅନ୍ୟତ୍ର ଚାଲିଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀଙ୍କ ସହଯୋଗକ୍ରମେ ମନ୍ଦିର ଚୂଡ଼ା ନିର୍ମାଣ କାର୍ଯ୍ୟ ଚାଲିଥିଲା। ଗୁରୁବାର ସୁଧାଂଶୁ ହଠାତ୍ ସେଠାରେ ପହଞ୍ଚି ଗାଳିଗୁଲଜ କରିବା ସହ ଏକ ଶିଡ଼ି ସହାୟତାରେ ମନ୍ଦିର ଉପରକୁ ଉଠିଯାଇ ଗୋଇଠା ମାରି ମନ୍ଦିର ଚୂଡ଼ାର ଇଟା ଯୋଡ଼େଇକୁ ଭାଙ୍ଗି ତଳକୁ ଖସାଇ ଦେଇଥିଲେ। ଏଥିସହ କାର୍ଯ୍ୟ କରୁଥିବା ରାଜମିସ୍ତ୍ରିଙ୍କୁ ବିଭିନ୍ନ ଧମକ ଦେଇ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ଥାନା ଆଗରେ ଧାରଣା ଦେଇଥିଲେ।

# ପରିବାର ଭିଜା ପାଇଁ ଆୟ ସୀମା ୫୫% ବଢ଼ାଇଲା ବ୍ରିଟେନ

ଲଣ୍ଡନ,୧୨।୪

ବ୍ରିଟେନରେ ପରିବାର ସଦସ୍ୟ ଭିଜା ପାଇଁ ଆବଶ୍ୟକ ସର୍ବନିମ୍ନ ଆୟ ସୀମାକୁ ୫୫ ପ୍ରତିଶତ ବଢ଼ାଇ ଦିଆଯାଇଛି। ଦେଶକୁ ପ୍ରବାସୀଙ୍କ ଆଗମନକୁ ନିୟନ୍ତ୍ରିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଋଷି ସୁନକ ଯୋଜନା କରୁଛନ୍ତି। ପୂର୍ବରୁ ପରିବାର ଭିଜା ପାଇଁ ଆୟ ସୀମା ୧୮,୬୦୦ ପାଉଣ୍ଡ ଥିବାବେଳେ ଏହାକୁ ୨୯,୦୦୦ ପାଉଣ୍ଡକୁ ବୃଦ୍ଧି କରାଯାଇଛି। ଆସନ୍ତା ବର୍ଷ ଏହାକୁ ୩୮,୭୦୦ ପାଉଣ୍ଡ ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ବ୍ରିଟେନରେ ସାଧାରଣ ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ଦେଶାନ୍ତର ଗମନ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ହୋଇଛି।

# ନିର୍ବାଚନ ପ୍ରଚାର ସମୟର ଉଲ୍ଲଂଘନ: ଆନ୍ନାମଲାଇଙ୍କ ବିରୋଧରେ ମାମଲା



କେ. ଆନ୍ନାମଲାଇ

କୋଏମ୍ବାଟୁର,୧୨।୪

ନିର୍ବାଚନ ପ୍ରଚାର ସମୟର ଉଲ୍ଲଂଘନ ଅଭିଯୋଗରେ ତାମିଲନାଡୁର ଭାଜପା ସଭାପତି ତଥା କୋଏମ୍ବାଟୁର୍ ପ୍ରାର୍ଥୀ କେ. ଆନ୍ନାମଲାଇ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ନିର୍ବାଚନ କମିଶନ ରାତି ୧୦ଟା ପର୍ଯ୍ୟନ୍ତ ପ୍ରଚାର ସମୟ ଧାର୍ଯ୍ୟ କରିଥିବା ପ୍ରଚାର ବେଳେ ଭାଜପା ନେତା ଏହାର ଉଲ୍ଲଂଘନ କରି ୧୦ଟା ପରେ ପ୍ରଚାର ଚଳାଇଥିବା ନେଇ ଡିଏମ୍କେ କର୍ମୀ ଓ ଏହାର ସହଯୋଗୀ ବାମଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ଡିଏମ୍କେ ସଦସ୍ୟଙ୍କ ଅଭିଯୋଗକ୍ରମେ ପୋଲିସ ଭାଜପାର ୪ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

# ଜେଲ ନ ଯିବା ପାଇଁ ମଦ ବେପାରୀଙ୍କ ଡ୍ରାମା

## ଶୌଚାଳୟର ବ୍ଲିଚିଂ ପାଉଡର ଖାଇ ଡାକ୍ତରଖାନାରେ

ବାଲେଶ୍ୱର, ୧୨।୪(ମାନସ ବିଶ୍ୱାଳ)

ଜେଲ୍ ନ ଯିବା ପାଇଁ ଜଣେ ମଦ ବେପାରୀ ଶୌଚାଳୟରେ ପଡିଥିବା ବ୍ଲିଚିଂ ଖାଇ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଉକ୍ତ ବେପାରୀଙ୍କ ବାନ୍ତି ହେବାରୁ ଏହା ଦେଖି ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଖବର ଲେଖାଯିବା ବେଳକୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିବା ଡାକ୍ତର କହିଛନ୍ତି।

ବାଲେଶ୍ୱର ସହର ପାତ୍ରପଡ଼ା ଅଞ୍ଚଳରେ ଥିବା ସରକାରୀ ବିଦେଶୀ ମଦ ଦୋକାନର ରିନୁଆଲ କରାଯାଇ ନ ଥିବାରୁ ଗତ କିଛିଦିନ ପୂର୍ବରୁ ସିଲ୍ କରାଯାଇଥିଲା। କିନ୍ତୁ ଦୋକାନରେ ଚୋରାରେ ମଦ କାରବାର ଚାଲିଥିବା ଅଭିଯୋଗ ପାଇବା ପରେ ଅବକାରୀ ବିଭାଗ ଚଢାଉ କରିଥିଲା। ପ୍ରାୟ ଲକ୍ଷାଧିକ ଟଙ୍କାର ଏକ୍ସପାଏରୀ ବିୟର ଜବତ କରାଯାଇଥିଲା। ଏହି ଦୋକାନର ମାଲିକ ନବ ରାୟଙ୍କ ସହ ଜଣେ କର୍ମଚାରୀଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା। ଏକ୍ସପାଏରୀ ହୋଇଥିବା ବିୟରଗୁଡ଼ିକ କେଉଁଠୁ ଆସିଲା ଓ ବିଭାଗର ବିନା ଅନୁମତିରେ ବିକ୍ରି କରାଯାଉଥିବାରୁ ତଦନ୍ତ କରାଯାଇଥିଲା। ଶୁକ୍ରବାର କୋର୍ଟଚାଲାଣ ପାଇଁ ବିଭାଗୀୟ ଅଧିକାରୀ ପ୍ରସ୍ତୁତ ହେଉଥିବା ବେଳେ ଦୋକାନ ମାଲିକ ନବ ଶୌଚ ଯିବାକୁ କହିବାରୁ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ମଦ ଦୋକାନ ମାଲିକ ନବ ରାୟ।

ଅବକାରୀ ବିଭାଗ ନିକଟରେ ଥିବା ଶୌଚାଳୟକୁ ଯାଇଥିଲେ। ସେଠାରେ ଶୌଚାଳୟ ସଫା କରାଯିବା ପରେ ପକାଯାଇଥିବା ବ୍ଲିଚିଂ ପାଉଡ଼ରକୁ ସାଉଁଟି ଖାଇଦେଇଥିଲେ। ପରେ ତାଙ୍କର ବାନ୍ତି କରିବା ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀ କହିଛନ୍ତି, ନବ ନାମରେ ଥିବା ପାତ୍ରପଡ଼ା ସରକାରୀ ବିଦେଶୀ ମଦ ଦୋକାନରେ ଚୋରା ମଦ ବେପାର କରାଯାଉଥିବା ଖବର ପାଇ ଚଢ଼ାଉ କରାଯାଇଥିଲା। ନବ ରାୟଙ୍କ ସମେତ ଅନ୍ୟ ଜଣେ କର୍ମଚାରୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଶୁକ୍ରବାର କୋର୍ଟଚାଲାଣ କରାଯିବା ପୂର୍ବରୁ ଶୌଚାଳୟ ଯାଇ ସେଠାରେ ପଡ଼ିଥିବା ବ୍ଲିଚିଂକୁ ଖାଇଦେଇଥିଲେ। ଏବେ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ହସ୍ପିଟାଲରୁ ଫେରିଲେ ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପ୍ରକାଶ କରିଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର-୭୫୧୦୦୩, ଫୋନ୍ ନଂ.: ୦୬୭୪-୦୬୭୪-୨୫୩୭୯୦୦

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ ଜାମିନଦାର/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା/ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ପାରାଦୀପ (ପୂର୍ବରୁ ସେଣ୍ଟ୍ରାଲ ବ୍ୟାଙ୍କ) ଶାଖା / ଫୋନ୍ ନଂ.: ୭୬୭୧୯୫୮୫୪୩/** **ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ୍ କନ୍ଷ୍ଟ୍ରକନ୍ସ, ସ୍ୱତ୍ତ୍ୱାଧିକାରୀମାନେ: ବିଜୟ କେତନ ବେହେରା ଏବଂ ଦୀପକ କୁମାର ବେହେରା,** ସା.: ବାଲିପ୍ଲଟ (ନଂ.: ଆର୍/୧୦), ପୋ.: ଅଠରବାଙ୍କୀ, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର-୭୫୪୧୪୨, ଓଡ଼ିଶା, **ଶ୍ରୀ ବିଜୟ କେତନ ବେହେରା,** ପିତା: ରାମଚନ୍ଦ୍ର ବେହେରା, **ଶ୍ରୀମତୀ ପୁଷ୍ପଲତା ବେହେରା,** ସ୍ୱାମୀ: ବିଜୟ କେତନ ବେହେରା, ଉଭୟଙ୍କ ଠିକଣା ସା.: ବଳରାମପୁର, ନୂଆସାହି, କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା-୭୫୪୧୪୧ / **ବକେୟା ରାଶି ୩୧.୧୦.୨୦୨୩ ସୁଦ୍ଧା ଟ.୨୧,୩୫,୫୪୪.୫୬ +** ତତ୍ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ପୁଷ୍ପଲତା ବେହେରା,** ସ୍ୱାମୀ: ବିଜୟ କେତନ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ନିର୍ମାଣଧିନ ଗୃହ ଯାହାର ପ୍ଲଟ୍ ନଂ.: ୧୭୦୨/୨୫୯୦, ଖାତା ନଂ.: ୮୮୬/୭୨୯, କ୍ଷେତ୍ର: ଏକର୦.୧୮ଡିସିମିଲି, ମୌଜା: ବଳରାମପୁର, ଥାନା: କୁଜଙ୍ଗ ନଂ.: ୬୮, ତହସିଲ: କୁଜଙ୍ଗ, ଜଗତସିଂହପୁର, ଏହାର ଚତୁପାର୍ଶ୍ୱରେ ଉତ୍ତର: କଟକ ପାରାଦୀପ ରାସ୍ତା, ଦକ୍ଷିଣ: ଚକ ନଂ.: ୫୫୧, ପୂର୍ବ: ଭାରତୀ ବେହେରା, ପଶ୍ଚିମ: ଦୋଳଗୋବିନ୍ଦ ନାୟକ | ଟ.୬୩,୮୫,୦୦୦/- / ଟ.୬,୩୮,୫୦୦/- / ଟ.୬୩,୮୫୦/- | ଆକାଉଣ୍ଟ ନଂ.: ୧୫୮୧୨୧୯୮୦୦୫୦୦୦୦ IFSC Code: UBIN0915815 |
| ୨. | **ପୋର୍ଟ ମାର୍କେଟ ପାରାଦୀପ ଶାଖା / ଫୋନ୍ ନଂ.: ୯୯୨୫୧୮୫୧୨୩/** **ଋଣଗ୍ରହୀତା: ୧) ଶ୍ରୀ କିଶୋର ପ୍ରଧାନ,** ପିତା: ସୁଦର୍ଶନ ପ୍ରଧାନ, ସା.: ସିଜୁ, ପୋ.: ଝିମାଣୀ, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର-୭୫୪୧୪୧, **୨) ଶ୍ରୀ ଅଶୋକ କୁମାର ପାତ୍ର,** ପିତା: ଗୋପି ପାତ୍ର, ସା.: ଝିମାଣୀ ବଗଡିଆ, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର-୭୫୪୧୪୧ / **ବକେୟା ରାଶି ୩୧.୦୧.୨୦୨୪ ସୁଦ୍ଧା ଟ.୫,୧୩,୪୭୧.୮୫ +** ତତ୍ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ କିଶୋର ପ୍ରଧାନଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୧, ଖାତା ନଂ.: ୪୫, ତହସିଲ ନଂ.: ୨୫୦, ଥାନା ନଂ.: ୨୫୦, କ୍ଷେତ୍ର: ଏକର୦.୦୩୦ଡିସିମିଲି, କିସମ: ଘରବାରି, ମୌଜା: ସିଜୁ, ଏସ୍ଆରଓ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ଏହାର ଚତୁପାର୍ଶ୍ୱରେ ଉତ୍ତର: ପଞ୍ଚାନନ ପ୍ରଧାନ, ପୂର୍ବ: କିଶୋର ପ୍ରଧାନ, ପଶ୍ଚିମ: ରାସ୍ତା, ଦକ୍ଷିଣ: ନାରାୟଣ ପ୍ରଧାନ | ଟ.୧୨,୧୬,୦୦୦/- / ଟ.୧,୨୧,୬୦୦/- / ଟ.୧୨,୧୬୦/- | ଆକାଉଣ୍ଟ ନଂ.: ୪୮୦୬୦୧୯୮୦୦୫୦୦୦୦ IFSC Code: UBIN0548065 |
| ୩. | **ସିଡିଏ ବିଡାନାସୀ ଶାଖା / ଫୋନ୍ ନଂ.: ୮୫୦୦୮୮୮୪୧୫/** **ଋଣଗ୍ରହୀତା: ୧) ମେସର୍ସ ଜି.ଏନ୍. ଫୁଡ ପ୍ରୋସେସିଂ, ଅଂଶୀଦାରମାନେ: ଗୋପବନ୍ଧୁ ଦାଶ ଏବଂ ନିଳମଣୀ ବେହେରା,** ସା.: ନୂଆଟଇଳା, ଭାୟା: ବଡମ୍ବା, ପୋ.: ରଗଡିପଡା, ଜିଲ୍ଲା: କଟକ-୭୫୪୦୩୧, **୨) ଶ୍ରୀ ଗୋପବନ୍ଧୁ ଦାଶ,** ପିତା: ଶ୍ରୀ ଗୋପାଳ ଚନ୍ଦ୍ର ଦାଶ, ସା./ପୋ.: ମହୁଲିଆ, ପୋ/ଥାନା: ବଡମ୍ବା, ଜିଲ୍ଲା: କଟକ-୭୫୪୦୩୧, **୩) ଶ୍ରୀ ନୀଳମଣୀ ବେହେରା,** ପିତା: ସଦାନନ୍ଦ ବେହେରା, ସା.: ମୁଗଗହିର, ପୋ/ଥାନା: ବଡମ୍ବା, ଜିଲ୍ଲା: କଟକ-୭୫୪୦୩୧ / **ବକେୟା ରାଶି ୨୯.୦୨.୨୦୨୪ ସୁଦ୍ଧା ଟ.୫୦,୩୬,୮୨୩.୮୫ +** ତତ୍ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ସମ୍ପତ୍ତି-୧) ଶ୍ରୀ ନୀଳମଣୀ ବେହେରା,** ପିତା: ସଦାନନ୍ଦ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଏବଂ ଯନ୍ତ୍ରପାତି ଯାହାର ପ୍ଲଟ୍ ନଂ.:୩୯୧, ୩୯୨, ୩୯୩, ୪୫୨, ୪୫୩, ୪୪୬, ୪୪୭, ୪୪୮, ୪୦୨, ୪୦୧, ୪୧୧, ୪୦୮, ୪୦୫, ୪୦୬, ୪୧୩, ୪୧୪, ୪୧୫, ଖାତା ନଂ.: ୧୯୬/୧୧୧ ଏବଂ ୧୯୬/୧୧୩, ମୌଜା: ନୂଆଟଇଳା, ପୋ/ଥାନା: ବଡମ୍ବା ନଂ.: ୯୨, ଜିଲ୍ଲା: କଟକ, ଓଡ଼ିଶା, **ସମୁଦାୟ ପରିମିତ କ୍ଷେତ୍ର: ଏକର୧.୫୧୦ଡିସିମିଲି,** ଏହାର ଚତୁପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୯୪, ୪୦୪, ୩୯୭, ୪୦୭, ୩୯୯, ୪୪୯, ୪୫୧, ଦକ୍ଷିଣ: ପ୍ଲଟ୍ ନଂ.: ୩୯୦, ୪୧୭, ୪୧୬, ୪୪୦, ୪୪୧, ୪୪୨, ୪୪୩, ୪୪୪, ୪୪୫, ୪୬୨, ପୂର୍ବ: ପ୍ଲଟ୍ ନଂ.: ୪୫୫, ୪୫୪, ୪୬୧, ପଶ୍ଚିମ: ରାସ୍ତା | ଟ.୭୫,୨୩,୦୦୦/- / ଟ.୭,୫୨,୩୦୦/- / ଟ.୭୫,୨୩୦/- | ଆକାଉଣ୍ଟ ନଂ.: ୫୫୮୬୦୧୯୮୦୦୫୦୦୦୦ IFSC Code: UBIN0558869 |
| | **ସମ୍ପତ୍ତି-୨) ଶ୍ରୀ ଗୋପବନ୍ଧୁ ଦାଶ,** ପିତା: ଶ୍ରୀ ଗୋପାଳ ଚନ୍ଦ୍ର ଦାଶଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଖୋଲା ଜମି ଯାହାର ସମୁଦାୟ କ୍ଷେତ୍ର: ଏକର ୨.୮୯ଡିସିମିଲି (୧୨୫୮୮୮ବର୍ଗଫୁଟ),୪ଟି ପ୍ଲଟ୍ର, ପ୍ଲଟ୍ ନଂ.: ୪୭୦/୧୦୨୨, ୪୭୪/୧୦୨୩, ୪୭୫/୧୦୨୧, ଖାତା ନଂ.: ୨୦୧/୧୭୩, ମୌଜା: ଧନାପଲ୍ଲୀ, ଥାନା: ବଡମ୍ବା ନଂ.: ୧୨୫, ତହସିଲ: ବଡମ୍ବା ନଂ.: ୧୨୫ ଏବଂ ପ୍ଲଟ୍ ନଂ.: ୪୭୪/୩୯୪୬, ଖାତା ନଂ.: ୭୧୦/୩୪୭, ମୌଜା: ବୁଢ଼ାପଙ୍କ, ଥାନା: ବଡମ୍ବା ନଂ.: ୧୨୬, ତହସିଲ: ବଡମ୍ବା ନଂ.: ୧୨୬, ଜିଲ୍ଲା: କଟକ, ଏହାର ଚତୁପାର୍ଶ୍ୱରେ ଉତ୍ତର: ପ୍ରତି ରେଭ୍ ମାନଚିତ୍ର ଭାବରେ, ଦକ୍ଷିଣ: ପ୍ରତି ରେଭ୍ ମାନଚିତ୍ର ଭାବରେ, ପୂର୍ବ: ପ୍ରତି ରେଭ୍ ମାନଚିତ୍ର ଭାବରେ, ପଶ୍ଚିମ: ରାସ୍ତା ଓ ପ୍ଲଟ୍ ନଂ.: ୪୬୮ର ନିଜସ୍ୱ ପ୍ଲଟ୍ | | ଟ.୨୭,୬୪,୦୦୦/- / ଟ.୨,୭୬,୪୦୦/- / ଟ.୨୭,୬୪୦/- | |

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୨୯.୦୪.୨୦୨୪ ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ**
**ଇ-ନିଲାମ ତାରିଖ ଏବଂ ସମୟ : ତା.୩୦.୦୪.୨୦୨୪ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ**
**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ**
**ସମ୍ପତ୍ତି ଏନ୍କମ୍ବ୍ରାନ୍ସେସ୍ ବିବରଣୀ ଯଦି ଥାଏ: ନାହିଁ**

ରେଜିଷ୍ଟ୍ରେସନ୍, ଲଗ୍ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: **https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in** ଦେଖନ୍ତୁ। ଏହି ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ସମ୍ପତ୍ତି ନଂ.: ୧ ନିମନ୍ତେ- ସୂର୍ଯ୍ୟ କୁମାର ସାହୁ, ମୋବାଇଲ: ୭୬୭୧୯୫୮୫୪୩, ସମ୍ପତ୍ତି ନଂ.: ୨ ନିମନ୍ତେ- ଚିତ୍ତରଞ୍ଜନ ନାୟକ, ମୋବାଇଲ: ୯୯୨୫୧୮୫୧୨୩, ସମ୍ପତ୍ତି ନଂ.: ୩ ନିମନ୍ତେ- ମୂର୍ତ୍ତି ଭୂଷଣ ପଟ୍ଟନାୟକ, ମୋବାଇଲ: ୮୫୦୦୮ ୮୮୪୧୫

ଏହି ବିକ୍ରୟ ନୋଟିସ୍ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ:ଭୁବନେଶ୍ୱର
ତାରିଖ: ୧୨.୦୪.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ








# ୭୭ ବର୍ଷରେ ରାଜଧାନୀ ଭୁବନେଶ୍ୱର

୧୯୪୮ ଏପ୍ରିଲ ୧୩, ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ମାତ୍ର ୪୦ହଜାର ଲୋକଙ୍କୁ ନେଇ ପ୍ରତିଷ୍ଠା ହୋଇଥିବା ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ଏବେ ୧୧ ଲକ୍ଷ ପାର୍ କରିଛି। ପରିସୀମା ବଢ଼ିଛି, ବାସଗୃହ ବଢ଼ିଛି। ସହରର ନବକଳେବର ବଦଳିବା ସହ ଏବେ ଦିଲ୍ଲୀ, ମୁମ୍ବାଇ ଭଳି ମେଟ୍ରୋସିଟି ସହ ତାଳ ଦେଇ ଆଗକୁ ବଢ଼ୁଛି। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ରାଜନୀତି, ବ୍ୟବସାୟ, ଖେଳକୁଦ, ସଂସ୍କୃତି, ପର୍ଯ୍ୟଟନ କ୍ଷେତ୍ରରେ ସଫଳତାର ଫର୍ଦ୍ଦ ପରେ ଫର୍ଦ୍ଦ ଯୋଡିହେବାରେ ଲାଗିଛି। ଶନିବାର ରାଜଧାନୀ ଭୁବନେଶ୍ୱର ତା'ର ୭୬ତମ ଜନ୍ମଦିନ ପାଳନ କରିବ। ୭୭ବର୍ଷରେ ପାଦଥାପିଥିବା ରାଜଧାନୀର ସଫଳତା, ସମସ୍ୟା, ଆଶା ଓ ଆକାଂକ୍ଷାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା। (ବନ୍ଦନା ସେଠୀ)


ରାଜମହଲ ଓଭରବ୍ରିଜ୍‌କୁ ରଙ୍ଗରେ ଚିତ୍ରିତ କରାଯାଇଛି।




## ଲ୍ୟାଣ୍ଡମାର୍କ ପାଲଟିଛି ବିଏସ୍ଏବିଟି

୫-ଟି ଉପକ୍ରମରେ ବରମୁଣ୍ଡାଠାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ ଟର୍ମିନାଲ (ବିଏସ୍ଏବିଟି) ମାର୍ଚ୍ଚ ପହିଲାରୁ କାର୍ଯ୍ୟକ୍ଷମ ହୋଇଛି। ଏଠାରେ ଯାତ୍ରୀମାନଙ୍କୁ ଅନ୍ତର୍ଜାତୀୟ ବିମାନବନ୍ଦର ଭଳି ସମସ୍ତ ସେବା ମିଳୁଛି। ସୁବ୍ୟବସ୍ଥିତ ତଥା ସୁବିସ୍ତୃତ ପାର୍କିଂ ସହ ଯାତ୍ରୀଙ୍କ ପାଇଁ ଅପେକ୍ଷାଗୃହ, ଆହାର କେନ୍ଦ୍ର, ମିଶନ୍ ଶକ୍ତି କାଫେ, ବେବି ଫିଡିଂରୁମ୍ ସମେତ ଦେଶର ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ଉପରେ ଏକ ଲାଇବ୍ରେରି ମଧ ରହିଛି। କହିବାକୁ ଗଲେ, ବିଏସ୍ଏବିଟି ଏବେ ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ଭାବେ ଉଭା ହୋଇଛି।




## ମେଟ୍ରୋ ରେଳ ସେବା

ରାଜଧାନୀରେ ଗଡ଼ିବ ମେଟ୍ରୋ। ଐତିହାସିକ ପଦକ୍ଷେପସ୍ୱରୂପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଜାନୁୟାରୀ ୧ରେ ୬୨୨୫ କୋଟିର ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍ଆର୍‌ସି) ପକ୍ଷରୁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ ସରିଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ୨୬ କି.ମି ମେଟ୍ରୋ ଟ୍ରେନ ଚାଲିବ। ପରବର୍ତ୍ତୀ ସମୟରେ ଏହାକୁ ପୁରୀ ସମେତ ଅନ୍ୟ ଅଞ୍ଚଳକୁ ସଂଯୋଗ କରାଯିବ। ଫଳରେ ମୁମ୍ବାଇ, ଦିଲ୍ଲୀ ମେଟ୍ରୋସିଟି ଭଳି ଭୁବନେଶ୍ୱରବାସୀ ଏହି ସୁବିଧା ପାଇବେ।

## ଓଡ଼ିଆ ଭାଷାର ଗୌରବ ବହନ କରୁଛି 'ଅକ୍ଷରଭୂମି'



ଭୁବନେଶ୍ୱର ଜନତା ମଇଦାନଠାରେ ପ୍ରଥମ କରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଲ ସାହିତ୍ୟ ସୃଷ୍ଟି ସହ ଓଡ଼ିଆ ଭାଷାର ଅଧିକ ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ୩ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୪ଟି ଦେଶର ଭାଷା ବିଶେଷଜ୍ଞଙ୍କ ସମେତ ୧୦୦ରୁ ଅଧିକ ବିଦ୍ୱାନ ଏକତ୍ରିତ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା 'ଅକ୍ଷର ଭୂମି' ଲୋକାର୍ପିତ ହୋଇଥଲା। ଓଡ଼ିଆ ଭାଷାର ସୌନ୍ଦର୍ଯ୍ୟ ଓ ଖଣ୍ଡୋଲାଇଟ ପଥରରେ ଲିପିବଦ୍ଧ ହୋଇଥିବା କଳିଙ୍ଗ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ଏହା ମାଧ୍ୟମରେ ପ୍ରତିଫଳିତ ହେଉଛି। ଭୁବନେଶ୍ୱର କଳାମଣ୍ଡଳ ପରିସରରେ ଏହା ନିର୍ମିତ ହୋଇଛି। ପଥର ଖୋଦିତ ଅକ୍ଷର ସାଙ୍ଗକୁ ଏଠାରେ ଥ୍ରୀଡି ଝଲକ ଦେଖିବାକୁ ମିଳୁଛି। ତା' ସାଙ୍ଗକୁ ମୁକ୍ତେଶ୍ୱର ମନ୍ଦିର ତୋରଣ ଆକୃତ ମନ ମୋହୁଛି। ଓଡ଼ିଆ ବର୍ଣ୍ଣମାଳାରେ ସୁଶୋଭିତ ଅକ୍ଷର ଭୂମି ଆମ ଭାଷା ପ୍ରୀତିକୁ ଉଜ୍ଜୀବିତ କରି ରଖିବା ସହ ଆମ ଭାଷା ସଂସ୍କୃତି, କଳା ଓ ସ୍ଥାପତ୍ୟର ଜୟଗାନ କରୁଛି। ୪୦ ମିଟର ଲମ୍ବ ଓ ୩୦ ମିଟର ଚଉଡ଼ାର ଏହି ପ୍ରକଳ୍ପ ଖର୍ଚ୍ଚରେ ପ୍ରାୟ ୮୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।



## ଫିଟ୍ ରଖୁଛି ମୁକ୍ତାକାଶ ବ୍ୟାୟାମଶାଳା

ସମୟ ସହ ତାଳଦେଇ ବଦଳିବାରେ ଲାଗିଛି ସହରର ରୂପରେଖ। ନିଜକୁ ଫିଟ୍ ତଥା ସୁସ୍ଥ ରଖିବା ପାଇଁ ଆଉ ପଇସା ଖର୍ଚ୍ଚ କରି ଜିମ୍ ଯିବାକୁ ପଡୁନାହିଁ। ବିଭିନ୍ନ ସ୍ଥାନରେ ଖୋଲାଯାଇଛି ଓପନ୍ ଜିମ୍ ବା ମୁକ୍ତାକାଶ ବ୍ୟାୟାମଶାଳା। ସହରର ପ୍ରାୟ ୯୧ଟି ସ୍ଥାନରେ ମୁକ୍ତାକାଶ ବ୍ୟାୟାମଶାଳା ଖୋଲାଯାଇଛି। ବିଭିନ୍ନ ପାର୍କ ଏବଂ କମ୍ୟୁନିଟି ସେଣ୍ଟର ପାଖ ଖାଲି ସ୍ଥାନରେ ଏହାକୁ ସ୍ଥାପନ କରାଯାଇଛି। ଯେଉଁଠାରେ ଯୁବକଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବ୍ୟାୟାମ କରୁଥିବା ଦୃଶ୍ୟ ସହରୀ ବିକାଶ ଚିତ୍ର ପ୍ରଦାନ କରୁଛି।

## ବସ୍ତିବାସିନ୍ଦାଙ୍କ ନୂଆ ଠିକଣା ଆପାର୍ଟମେଣ୍ଟ



ଭୁବନେଶ୍ୱରରେ ପଞ୍ଜୀକୃତ ଭାବେ ୪୩୬ଟି ବସ୍ତି ରହିଛି। ବସ୍ତିବାସିନ୍ଦାମାନେ ରାସ୍ତାକଡ଼, ଖାଲିଜାଗାରେ ଜବରଦଖଲ କରି ଝାଟିମାଟି ଘରେ ରହୁଥିବାବେଳେ ଏବେ ସେମାନଙ୍କ ରହଣି ଓ ଚଳିଣିରେ ବଡ଼ ପରିବର୍ତ୍ତନ ଆସିଛି। ବସ୍ତିବାସିନ୍ଦାଙ୍କ ନୂଆ ଠିକଣା ପାଲଟିଛି ଆପାର୍ଟମେଣ୍ଟ। ରାଜ୍ୟ ସରକାରଙ୍କ ପକ୍ଷରୁ ବିଡିଏ ନିର୍ମାଣ କରିଥିବା ଆପାର୍ଟମେଣ୍ଟଗୁଡିକରେ ୧୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଥଇଥାନ କରାଯାଇଛି। ଉତ୍କଳ ହସ୍ପିଟାଲ ନିକଟ, କେୟାର ହସ୍ପିଟାଲ ନିକଟ, ଶହୀଦନଗର, ସୁବୁଦ୍ଧିପୁର ଭଳି ଜନବହୁଳ ସ୍ଥାନରେ 'ନୀଳମାଧବ ଆବାସ ଯୋଜନା', 'ଶାନ୍ତିନଗର ଆବାସ ଯୋଜନା', 'ମହାବୀର ଆବାସ ଯୋଜନା', 'କେଶରୀ ରେସିଡେନ୍ସି' ଭଳି ବିଭିନ୍ନ ଆପାର୍ଟମେଣ୍ଟ ନିର୍ମାଣ କରାଯାଇ ରାଜୀବ ଆବାସ ଯୋଜନା(ରେ) ଏବଂ ନନ୍‌ରେ' ହିତାଧିକାରୀଙ୍କୁ ଥଇଥାନ କରାଯାଇଛି।

## ଜାତୀୟ ପତାକାର ଐତିହ୍ୟ ବଖାଣୁଛି ଧ୍ୱଜାକ୍ଷେତ୍ର

ଜନତା ମଇଦାନ ନିକଟ ମହାତ୍ମା ଗାନ୍ଧୀ ପାର୍କରେ ଜାତୀୟ ଧ୍ୱଜାକ୍ଷେତ୍ର (ନ୍ୟାଶନାଲ ଫ୍ଲାଗ୍ ପ୍ଲାଜା) ଉଦ୍‌ଘାଟିତ ହୋଇଛି। ୫୬୦୦ ବର୍ଗମିଟର ଅଞ୍ଚଳରେ ରହିଥିବା ଏହି ପ୍ଲାଜାକୁ ଜାତୀୟ ପତାକା ପ୍ରତି ଥିବା ସମ୍ମାନ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ୧୦୦ ଫୁଟ ଉଚ୍ଚରେ ଥିବା ଏକ ମାଷ୍ଟ ଉପରେ ପତାକାକୁ ଅବସ୍ଥାପିତ କରାଯାଇଛି। ଏହି ପ୍ଲାଜା ଜାତୀୟ ପତାକାର ସୃଷ୍ଟିଠାରୁ ଆରମ୍ଭ କରି ଏହାର ଐତିହାସିକ ସଂଘର୍ଷର ସ୍ମରଣକାରୀ ଗାଥା ବର୍ଣ୍ଣନା କରୁଛି। ପ୍ୟାନେଲ୍‌ରେ ସ୍ୱାଧୀନତା ଆନ୍ଦୋଳନର ଜାତୀୟ ତଥା ସ୍ଥାନୀୟ ସଂଗ୍ରାମୀଙ୍କ ଚିତ୍ର ସ୍ଥାନ ପାଇବା ସହ ଭାରତୀୟ ସମ୍ବିଧାନର ସ୍ୱୀକୃତିପ୍ରାପ୍ତ ୨୨ଟି ସରକାରୀ ଭାଷାରେ 'ଜୟ ହିନ୍ଦ'ର ଲେଖା ରହିଛି। ସେହିପରି ହିନ୍ଦୀ ଏବଂ ଓଡିଆରେ ଜାତୀୟ ସଙ୍ଗୀତ ଏହି ପ୍ୟାନେଲର ଶୋଭାବର୍ଦ୍ଧନ କରୁଛି। ଅଡିଓ ସାଉଣ୍ଡ୍ ସିଷ୍ଟମ ଓ ଏକ ୱାଟର ଫାଉଣ୍ଟେନ ଦେଶପ୍ରୀତିର ପରିବେଶ ସୃଷ୍ଟି କରୁଛି। ଏହା ମଧ୍ୟରେ ଛୋଟପିଲାଙ୍କ ଖେଳପଡ଼ିଆ ଏବଂ ସମସ୍ତ ବୟସ ବର୍ଗର ବ୍ୟକ୍ତିଙ୍କୁ ମନୋରଞ୍ଜନ ସୁବିଧା ଉପଲବ୍ଧ କରିବା ପାଇଁ ବ୍ୟବସ୍ଥା ରହିଛି।




## ପ୍ଲେସ୍‌ମେକିଂରେ ଚମକୁଛି ସହର

ରାଜଧାନୀର କାନ୍ଥ ବଖାଣୁଛି ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଗାଥା। ଶିଳ୍ପୀଙ୍କ ରଙ୍ଗତୂଳୀରେ ସାଧବ ପୁଅଙ୍କ ବୋଇତଯାତଠାରୁ ଆରମ୍ଭ କରି ପଟ୍ଟଚିତ୍ର, ମନ୍ଦିର, ଖଣ୍ଡଗିରି, ଉଦୟଗିରି, ଧଉଳି ଶାନ୍ତିସ୍ତୂପ ଭଳି ବିଭିନ୍ନ କଳାକୃତି ଜୀବନ୍ତ ପ୍ରତ୍ୟୟ ହେଉଛି। ଏହାସହ ସହରର ବିଭିନ୍ନ ଛକ ସ୍ଥାନ, ଓଭରବ୍ରିଜ୍ ତଳ ଆଦି ସ୍ଥାନରେ ପ୍ରସ୍ତର, ସ୍କ୍ରାପ୍, ଟେରାକୋଟା ଭାସ୍କର୍ଯ୍ୟ ଶୋଭାପାଉଛି। ପ୍ଲେସ୍‌ମେକିଂ ମାଧ୍ୟମରେ ସହରର ମୋଟ୍ ୩୨୫ଟି ସ୍ଥାନରେ ସୌନ୍ଦର୍ଯ୍ୟକରଣ କରାଯାଇଛି।



### ସହର ମଧ୍ୟରେ ଜଙ୍ଗଲର ଅନୁଭବ

## 'ଆନନ୍ଦ ବନ'

ସର୍ବସାଧାରଣଙ୍କ ପାଇଁ କଳିଙ୍ଗ ନଗରଠାରେ ଖୋଲିଛି ବହୁ ପ୍ରତୀକ୍ଷିତ 'ଆନନ୍ଦ ବନ'। ବୃକ୍ଷଲତାରେ ପରିପୂର୍ଣ୍ଣ ଏହି ଜଙ୍ଗଲରେ ପକ୍ଷୀଙ୍କ କିଚିରିମିଚିରି ସାଙ୍ଗକୁ ପ୍ରାକୃତିକ ପରିବେଶ, ଔଷଧୀୟ ବୃକ୍ଷ ଏବଂ ଭଳିକି ଭଳି ଫୁଲଗଛର ସମ୍ଭାର ରହିଛି। ୯୦ ଏକର ଜାଗାରେ ପରିବ୍ୟାପ୍ତ ଏହି ବନରେ ସହରବାସୀ ଜଙ୍ଗଲର ଅନୁଭୂତି ଲାଭ କରୁଛନ୍ତି। ରାସ୍ତାର ଗୋଟିଏ ପାର୍ଶ୍ୱରେ ୬୦ ଏକର ଓ ଅନ୍ୟ ପାଖରେ ୩୦ ଏକର ଜଙ୍ଗଲ ରହିଛି। ଉଭୟ ପାର୍ଶ୍ୱକୁ ଯୋଡିବା ପାଇ ଫୁଟ ଓଭର ବ୍ରିଜ୍ ମଧ ନିର୍ମାଣ ହୋଇଛି। ଏହା ମଧ୍ୟରେ ସାଇକେଲ ପଥ, ରଙ୍ଗଭୂମି, ଜଳାଶୟ, କାଠପୋଲ, ବର୍ଷା ଆଶ୍ରୟସ୍ଥଳ, କଙ୍କର ପଥ, ବ୍ୟାୟାମକେନ୍ଦ୍ର, ହିଲ୍ ପ୍ଲେ ମଣ୍ଡପ, ଯୋଗମଣ୍ଡପ, ଫୁଡଜୋନ, ପାର୍କିଂ, ମାଟି ପଥ, ସାଇକେଲ ଟ୍ରାକ, ଶୌଚାଳୟ ଆଦି ରହିଛି। ସକାଳ ୫ଟାରୁ ୧୧ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଆନନ୍ଦ ବନ ଲୋକଙ୍କ ପାଇଁ ଖୋଲା ରହୁଛି।



## ସଂକ୍ଷେପରେ

### ମେ' ୧୦ରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ

**ଜଟଣୀ,୧୨।୪(ରବୀନ୍ଦ୍ରନାଥ ମହାକୁଡ଼)**

ଆସନ୍ତା ମେ'୧୦ରେ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇ ୧୭ ତାରିଖରେ ଉଦ୍‌ଯାପିତ ହେବ। ଏ ନେଇ ଶୁକ୍ରବାର ଜଟଣୀ ପାତ୍ରପଡ଼ାସ୍ଥିତ ଧନୁଯାତ୍ରା ପଡ଼ିଆ ପରିସରରେ ମଦନମୋହନ ନାଟ୍ୟକଳା ସଂସଦ ଓ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ସଭାପତି ମନମୋହନ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ଅଶୋକ କୁମାର ମଙ୍ଗରାଜ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବହୁ ବିଶିଷ୍ଟ ରାଜନେତା ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଦିବସରେ କୁମାରଖାଡିଆରୁ ଧନୁ ଶୋଭାଯାତ୍ରା ବାହାରି ଜଟଣୀ ସହର ପରିକ୍ରମା କରି ଧନୁଯାତ୍ରା ପଡ଼ିଆରେ ସ୍ଥାନିତ କରାଯିବ। ଏଥିସହିତ ମହାପ୍ରଭୁଙ୍କ ଆଜ୍ଞାମାଳ ସହର ପରିକ୍ରମା କରାଯିବ। ପ୍ରତିଦିନ ଦର୍ଶକଙ୍କ ପାଇଁ ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ମହୋତ୍ସବ ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ମୀନାବଜାର, ଓର୍‌ମାସ, ଏସ୍‌ଏଚ୍‌ଜି ଓ ବିଭିନ୍ନ ସରକାରୀ ଓ ବେସରକାରୀ ଷ୍ଟଲ୍‌ମାନ ଖୋଲାଯିବ। ଫଳରେ ଦର୍ଶକ ଘରକରଣା ସାମଗ୍ରୀଠାରୁ ଆରମ୍ଭକରି ମନୋହରି ସାମଗ୍ରୀ କିଣିପାରିବେ। ଅନ୍ତିମ ଦିବସରେ କଂସପୋଡ଼ି କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଲଲାଟେନ୍ଦୁ ବେବର୍ତ୍ତା, ଅଭିମନ୍ୟୁ ପ୍ରଧାନ, ଜୟନ୍ତ ପଲେଇ, କେଳୁଚରଣ ସାହୁ, ବାଇଧର ପ୍ରଧାନ, ପଦ୍ମଚରଣ ପ୍ରଧାନ, କେଦାରନାଥ ଦଳେଇ, ତାରେଶ୍ୱର ସ୍ୱାଇଁ, ଲକ୍ଷ୍ମୀଧର ବିଶ୍ୱାଳ, ମନୋଜ କୁମାର ସାହୁ, ପ୍ରମୋଦ ଦାସ, ରମେଶ ପ୍ରଧାନ, ବିଜୟ ବେବର୍ତ୍ତା, କେଦାରେଶ୍ୱର ମହାପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ପାର୍କିଂକୁ ନେଇ ମରଣାନ୍ତକ ଆକ୍ରମଣ ଘଟଣାରେ ୨ ଗିରଫ

**ଭୁବନେଶ୍ୱର,୧୨।୪ (ସୂର୍ଯ୍ୟକାନ୍ତ ବେହେରା):**

ଅଟୋ ପାର୍କିଂ କରିବାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ସୁବାସ ନଗର ବସ୍ତିର ଗୌରା ମହାପାତ୍ର ଓ ବାଲିପାଟଣା ଅଞ୍ଚଳର ତୁଷାର କୁମାର ଦେବ। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।
ସୂଚନାନୁସାରେ, ଅଭିଯୋଗକାରିଣୀ ପରିବାର ସହ ଭରତପୁର ଥାନା ଅଞ୍ଚଳରେ ରୁହନ୍ତି। ଘଟଣା ଦିନ ଘର ନିକଟରେ ଏକ ଅଟୋ ରଖିବାକୁ କେନ୍ଦ୍ର କରି ଦୁଇ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀଙ୍କ ସହିତ ଅଭିଯୋଗକାରିଣୀଙ୍କ ସ୍ୱାମୀ ଏବଂ ତାଙ୍କ ସାନ ଭାଇଙ୍କର ପ୍ରବଳ ଝଗଡା ହୋଇଥିଲା। ଝଗଡା ଉଗ୍ରରୂପ ନେବା ପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ସ୍ୱାମୀଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିଲା। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଆଇଗିଣିଆ ରାସ୍ତାରୁ ଗିରଫ କରିଥିବା ସୂଚନା ଦିଆଯାଇଛି।

# ଗ୍ରୀଷ୍ମ ଅବକାଶରେ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ

## ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ବୈଠକ

**ରଘୁନାଥପୁର,୧୨।୪ (ରାଜେନ୍ଦ୍ର ନାରାୟଣ ସିଂହ):**


ବୈଠକରେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ଓ ଅନ୍ୟମାନେ।

ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ମୁତାବକ ରଘୁନାଥପୁର ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ସପ୍ତମ ମାସିକ ବୈଠକ ତାରପୁର ପଞ୍ଚାୟତ ଗୋକୁଳପୁର ସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ସେ ଏହି ବୈଠକର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରୀଛାତ୍ରମାନଙ୍କ ଗୁଣାତ୍ମକ ଶିକ୍ଷା ଓ ବିଶେଷକରି ପାଠ ଛାଡ଼ିଦେଇଥିବା ପିଲାମାନଙ୍କୁ କିପରି ସ୍କୁଲ ଫେରାଇ ଆଣିବା ସେଥିପ୍ରତି ଗୁରୁତ୍ୱ ଦେବାପାଇଁ ପ୍ରଧାନ ଶିକ୍ଷକ ସମୂହଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିରିଡି ବ୍ଲକ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ସର୍ବେଶ୍ୱର ବିଶ୍ୱାଳ, ଏବିଓ ଆଶୁତୋଷ ବାନାର୍ଜୀ, ଗୁଆଳିପୁର ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁ, ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତିଲତା ଦାଶ ଓ ମୋ ସ୍କୁଲ ପର୍ଯ୍ୟବେକ୍ଷକ ସାରଦା ପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଗତ ଶିକ୍ଷାବର୍ଷରେ ପ୍ରଚଳିତ ହୋଇଥିବା ୪ କ୍ଲବ ଯଥା ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ କ୍ରୀଡ଼ାଙ୍ଗନ ଓ ହାଉସ ସିଷ୍ଟମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହାଛଡା ଗ୍ରୀଷ୍ମ ଅବକାଶ ସମୟରେ ବିଦ୍ୟାଳୟ ଛୁଟି ରହୁଥିବାରୁ ଘରେ ପିଲାମାନଙ୍କୁ କିଭଳି ପାଠପଢ଼ା ସହ ଯୋଡ଼ାଯାଇ ପାରିବ ସେସମ୍ପର୍କରେ ଆଲୋଚନା ହୋଇଥିଲା। ଜୟପ୍ରକାଶ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା, ଭରତ ଚନ୍ଦ୍ର ସାହୁ, ରିତା ରାଉତ, ପ୍ରଶାନ୍ତ କୁମାର ସାମଲ ଓ ବିଜୟ କିଶୋର ମହାନ୍ତି ଆଲୋଚନାରେ ଭାଗ ନେଇଥିଲେ। ୨୫ ଜଣ ପ୍ରଧାନ ଶିକ୍ଷକ ବୈଠକରେ ଯୋଗଦେଇଥିବା ବେଳେ ଶିକ୍ଷକ ସୁଜିତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଯୁବ, ଛାତ୍ର ବିଜେଡିର ସଂକଳ୍ପ ସମାବେଶ


ସଂକଳ୍ପ ସମାବେଶରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳୀ ଓ କର୍ମୀମାନେ।

**ବାଙ୍କୀ,୧୨।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବିଜେଡି ଆନୁକୂଲ୍ୟରେ କାଳିପୋଇ ପଞ୍ଚାୟତ ଅନ୍ତର୍ଗତ କନ୍ତକାଇ ଗ୍ରାମର ପଞ୍ଚୁଦୋଳ ପଡ଼ିଆଠାରେ 'ଆସନ୍ତୁ ସଂକଳ୍ପ ନେବା,ବାଙ୍କୀ ବିକାଶକୁ ଶକ୍ତି ଦେବା' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିବା ବେଳେ ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବାଙ୍କୀ ବିକାଶରେ ଯେଉଁମାନେ ପ୍ରତିବନ୍ଧକ ସାଜୁଛନ୍ତି ସେମାନଙ୍କୁ ଏହି ନିର୍ବାଚନରେ କଡ଼ା ଜବାବ ଦେବାକୁ ଦେବୀରଞ୍ଜନ କହିଥିଲେ । କାର୍ଯ୍ୟକ୍ରମରେ ବାଙ୍କୀ ବିଜୁ ଯୁବ ଜନତା ଦଳ ସଭାପତି ସୁବାସ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ , ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତି ଭାଗୀରଥି ପାଣି, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, କଟକ ବିଜୁ ଜନତା ଦଳର ଉପସଭାପତି ଅସିତ୍ ଜେନା, ୩୮ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଆଶିଷ ସାହୁ, ୩୫ନମ୍ବର ଜିଲା ପରିଷଦ ସଭ୍ୟ ସଞ୍ଜୟ ପାତ୍ର, ୩୪ନମ୍ବର ଜିଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ବାଙ୍କୀ ବିଜୁ ଜନତାଦଳର ସଭାପତି ଅନନ୍ତ ଚରଣ ଦାସ, ବାଙ୍କୀ ଏନଏସି ନଗରପାଳିକା ପ୍ରତିନିଧି ସନାତନ ବେହେରା, ଉପନଗରପାଳ ସନ୍ତୋଷ କୁମାର ରଣା, ଡମପଡ଼ା ଛାତ୍ର ଜନତାଦଳର ସଭାପତି ଗୌରବ ବଳିୟାର ସିଂହ, ବାଙ୍କୀ ଏନଏସି ଛାତ୍ର ବିଜେଡି ସଭାପତି ମାନସ କର, ବାଙ୍କୀ ଛାତ୍ର ଜନତା ସଭାପତି ବିକାଶ ପ୍ରଧାନ ଓ ୧୩ ପଞ୍ଚାୟତର ଜନପ୍ରତିନିଧିମାନେ ଯୋଗଦେଇ ବାଙ୍କୀର ବିକାଶ ରଥକୁ ଆଗେଇ ନେବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ବିଜେଡି ଏମ୍‌ପି ପ୍ରାର୍ଥୀ ସତ୍ପୃପ୍ତ ମିଶ୍ର ଓ ବିଧାୟକ ପାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବିପୁଳ ପରିମାଣରେ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ସଂକଳ୍ପ ନେଇଥିଲେ।
ସେହିପରି ଡମପଡ଼ା ବ୍ଲକ ବିଲିପଡା ପଞ୍ଚାୟତରେ ବିଜେଡି ପକ୍ଷରୁ ଶନିବାର ମା'ବ୍ରହ୍ମେଇ ପୀଠରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତେ ଏକଜୁଟ ହୋଇ ବାଙ୍କୀର ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ଏବଂ ଏମ୍‌ପି ପ୍ରାର୍ଥୀ ଡ. ସଂତୃପ୍ତଙ୍କୁ ଅଧିକ ଭୋଟ ବ୍ୟବଧାନରେ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ। ଏଥିରେ ଡମପଡ଼ା ବ୍ଲକର ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଅଧ୍ୟକ୍ଷତା କରିଥିବା ବେଳେ କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ଯୁବ ବିଜେଡି ସଭାପତି ଭାଗୀରଥି ପାଣି, ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢୀ, ସରପଞ୍ଚ ପ୍ରତିନିଧି ତ୍ରିନାଥ ପରିଡା ପମୁଖ ଯୋଗଦେଇଥଲେ।

### ରାସ୍ତାପାର୍ଶ୍ୱରୁ ନବଜାତ ଶିଶୁକନ୍ୟା ଉଦ୍ଧାର

**ଭୁବନେଶ୍ୱର,୧୨।୪ (ସୂର୍ଯ୍ୟକାନ୍ତ ବେହେରା):**

ରାସ୍ତା ପାର୍ଶ୍ୱ ଡଷ୍ଟବିନ ନିକଟରେ ଏକ ନବଜାତ ଶିଶୁ କନ୍ୟାକୁ କେହି ଦୁର୍ବୃତ୍ତ ଛାଡି ପଳାଇଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ତେବେ ଶିଶୁ କନ୍ୟାଟି କାହାର ଓ କିଏ ଏଠାରେ ଛାଡି ପଳାଇଛନ୍ତି ତାହା ଜଣାପଡିନାହିଁ। ଉକ୍ତ ଶିଶୁକନ୍ୟାକୁ ଏକ ଦମ୍ପତି ରାସ୍ତାରୁ ଉଦ୍ଧାର କରି ପ୍ରଥମେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେମାନେ ସ୍ମାଇଲ ପ୍ଲିଜ୍ ସ୍ୱେଚ୍ଛାସେବୀଙ୍କ ଜରିଆରେ ଶିଶୁକନ୍ୟାକୁ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରିଥିଲେ। ଖଣ୍ଡଗିରି ଥାନା ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୨।୪ (ସୂର୍ଯ୍ୟକାନ୍ତ ବେହେରା):**

ଗାଳିଗୁଲଜକୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ଦୋକାନୀଙ୍କ ସାନଭାଇ ଆକ୍ରମଣ କରିଛନ୍ତି। ଅଭିଯୋଗ ପରେ ଶହୀଦନଗର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ମଧୁସୂଦନ ନଗର ଅଞ୍ଚଳର ସଦାକତ ଅହମ୍ମଦ ଖାନ ଓରଫ ରିୟାଜ (୨୨)। ଗୁରୁବାର ଅଭିଯୋଗକାରୀ ଯୋଗେଶ ମହାପାତ୍ର ଏସ୍‌ଏସ୍ ମାର୍ଟ ସମ୍ମୁଖ ଏକ ପାନ ଦୋକାନକୁ ସିଗାରେଟ ଟାଣିବା ଲାଗି ଯାଇଥିଲେ। ଦୋକାନୀ ତାଙ୍କୁ ଟଙ୍କା ଦେବା ଲାଗି କହିଥିଲେ। ଯୋଗେଶ ଟଙ୍କା ଦେବାରେ ବିଳମ୍ବ କରିବାରୁ ଦୋକାନୀ ତାଙ୍କୁ ଗାଳିଗୁଲଜ କରିଥିଲେ। ଯୋଗେଶ ଏହାର ପ୍ରତିବାଦ କରିବାରୁ ସେଠାରେ ଉପସ୍ଥିତ ଥିବା ଦୋକାନୀଙ୍କ ସାନ ଭାଇ ତଥା ଅଭିଯୁକ୍ତ ରିୟାଜ୍ ଏକ ଧାତବ ବସ୍ତୁ ସାହାଯ୍ୟରେ ଯୋଗେଶଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ।

# ଭାଜପା ବିଧାୟକ ପ୍ରାର୍ଥୀଙ୍କ ଅଭିନବ ନିର୍ବାଚନୀ ପ୍ରଚାର

**ନିଶ୍ଚିନ୍ତକୋଇଲି,୧୨।୪ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ମାହାଙ୍ଗା ବିଧାନସଭା କ୍ଷେତ୍ରରେ ନିର୍ବାଚନୀ ବିଗୁଲ ବାଜିବା ପରେ ବିଭିନ୍ନ ଦଳ ତରଫରୁ ପ୍ରଚାର କାର୍ଯ୍ୟ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାଜପା ପ୍ରାର୍ଥୀ ସୁମନ୍ତ ଘଡ଼େଇ ଅଭିନବ ଉପାୟରେ ନିର୍ବାଚନୀ ପ୍ରଚାର କରିଛନ୍ତି। ଶୁକ୍ରବାର ଅପରାହ୍ନରେ ସେ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରେ ଚାଷୀ ,ବ୍ୟବସାୟୀ ଓ ଖାଉଟିଙ୍କୁ ଭେଟି ଆଶୀର୍ବାଦ ନେବା ସହ ଭୋଟ ଭିକ୍ଷା କରିଛନ୍ତି। ଏହି ଅଭିନବ ଉପାୟରେ ନିର୍ବାଚନୀ ପ୍ରଚାର ପ୍ରଭାବୀ ହେବ ବୋଲି ଭାଜପା ନେତୃମଣ୍ଡଳୀମାନେ ସୂଚନା ଦେଇଛନ୍ତି। ଏହି ପ୍ରଚାର ସମୟରେ ଘଡ଼େଇଙ୍କ ସହ ଭାଜପା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସମୀର ସାମଲ, ନାରୀନେତ୍ରୀ ଅହଲ୍ୟା ଜେନା, ପୂର୍ବତନ ମଣ୍ଡଳ ସଭାପତି ତ୍ରିବିକ୍ରମ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ନାରାୟଣ ସେଠୀ , ପୂର୍ବତନ ସମିତି ସଭ୍ୟ ମଳୟ ଘଡେଇ, ଭାଜପା ବରିଷ୍ଠ ନେତା ଶ୍ୟାମସୁନ୍ଦର ରଥ, ସୁଧାଂଶୁ ଶେଖର ଭୂୟାଁ, ଜଗବନ୍ଧୁ ସାହୁ, ଶଙ୍କର୍ଷଣ ସ୍ୱାଇଁ, କୁଳମଣି ରାଉତ ପ୍ରମୁଖ ସାମିଲ ହୋଇଥିଲେ।


ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରେ ପ୍ରଚାର କରୁଛନ୍ତି।

### ୧୫ରୁ ବନଦୁର୍ଗାଙ୍କ ପୀଠରେ ବାଦୀପାଲା

**ଫୁଲନଖରା,୧୨।୪ (ସତ୍ୟରଞ୍ଜନ ଦାସମହାପାତ୍ର)**

ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଉପଲକ୍ଷେ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ମହାନ୍ତିପାଟଣା ଗ୍ରାମର ମା' ବନଦୁର୍ଗାଙ୍କ ପୀଠସ୍ଥଳୀ ପାଲା ମଣ୍ଡପରେ ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ବାଦୀପାଲ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ମା' ବନଦୁର୍ଗାଙ୍କ ପୀଠସ୍ଥଳୀରେ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଗାୟକ ପୁରାଣ ଜ୍ଞାନସାଗର ବସନ୍ତ କୁମାର ରାଉତ, ଗାୟକ ଯୁବଜ୍ୟୋତି ଦୁର୍ଯ୍ୟୋଧନ ନାୟକ ଓ ସାଥୀ ପାଲା ପରିବେଷଣ କରିବେ ବୋଲି ଜଣାପଡିଛି।

### ବିଦାୟୀ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା

**ବାଙ୍କୀ,୧୨।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ଡମପଡ଼ା ବ୍ଲକସ୍ଥିତ ଦୁର୍ଗାପୁର-ରଗଡ଼ ସୀମାନ୍ତ ମା'ସୁନାଦେଈ ପୀଠରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଭାଗୀୟ ମୁଖ୍ୟ ଡ. ଶୈଳେନ୍ଦ୍ରଚନ୍ଦ୍ର ଦେଓ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଅଧ୍ୟାପକ ଏବଂ ନୂତନ ଭାବେ ଯୋଗଦେଇଥିବା କଲେଜ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଯୋଗଦେଇ ବିଦାୟ ନେଉଥିବା ବରିଷ୍ଠ ଅଧ୍ୟାପକମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବିଦାଳୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ଯୁକ୍ତ୨ ଅଧ୍ୟକ୍ଷ ରାଜକିଶୋର ପାଲ, ପରୀକ୍ଷା ନିୟନ୍ତ୍ରକ ତ୍ରୈଲୋକ୍ୟନାଥ ଦାଶ, ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ମୁରଲୀଧର ରଥ ଓ ଉପପରୀକ୍ଷା ନିୟନ୍ତ୍ରକ ବୃନ୍ଦାବନ ପ୍ରଧାନ ପ୍ରମୁଖ ବିଦାୟ ନେଇଥିଲେ। କାର୍ଯ୍ୟକ୍ରମରେ ଡ. ଲୀନା ରାଣୀ ପ୍ରଧାନ, ଅଧ୍ୟାପକ ଅଦ୍ୱୈତ କୁମାର ପ୍ରଧାନ, ଅଧ୍ୟାପିକା ବର୍ଷାରାଣୀ ଦୀକ୍ଷିତ, ଅଧ୍ୟାପକ ନରେଶ କୁମାର ବେହେରା ଓ ଅଧ୍ୟାପକ ତପନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।


ବିଦାୟୀ ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ବାଙ୍କୀ ମେଡିକାଲ ରୋଡ୍‌ରୁ ବେଆଇନ ଦୋକାନ ଗୃହ ଉଚ୍ଛେଦ

**ବାଙ୍କୀ,୧୨।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )**


ଜେସିବି ସାହାଯ୍ୟରେ ବେଆଇନ ଦୋକାନଗୃହ ଭଙ୍ଗାଯାଉଛି।

ବାଙ୍କୀ ମେଡିକାଲ ରୋଡରେ ବେଆଇନ ଭାବରେ ପାଚେରିକୁ ଲାଗି ନିର୍ମାଣ କରାଯାଇଥିବା ଦୋକାନ ଗୃହଗୁଡିକୁ ଶୁକ୍ରବାର ଅପରାହ୍ନରେ ଜେସିବି ସାହାଯ୍ୟରେ ଭାଙ୍ଗି ଦିଆଯାଇଛି। ଏ ସଂକ୍ରାନ୍ତରେ ବହୁ ପୂର୍ବରୁ ବାଙ୍କୀ ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା । ଶୁକ୍ରବାର ବାଙ୍କୀ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରାକେଶ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବେଆଇନ ଭାବେ ନିର୍ମିତ ଦୋକାନ ଗୃହଗୁଡ଼ିକୁ ଭଙ୍ଗା ଯିବା ପାଇଁ ଲିଖିତ ଅଭିଯୋଗ ଦେବା ସହ ଏହାର ନକଲ କଟକ ଜିଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ଅପରାହ୍ନରେ ବାଙ୍କୀ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ଉଚ୍ଛେଦ ସମୟରେ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକଙ୍କ ସହ ବାଙ୍କୀ ପୋଲିସ ଫୋର୍ସ ଉପସ୍ଥିତ ଥିଲେ ।

### ଆକ୍ସନ ପ୍ଲାନ୍ ପ୍ରସ୍ତୁତ ପାଇଁ ତଥ୍ୟ ମାଗିଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର, ୧୨।୪(ଅସମାପିକା ସାହୁ)**

ରାଜ୍ୟର ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ୨୦୨୪-୨୫ ଆର୍ଥିକ ବର୍ଷର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ତଥ୍ୟ ମାଗିଛି ସ୍ୱାସ୍ଥ୍ୟ ବିଭାଗ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଶୁକ୍ରବାର ଜାତୀୟ ସ୍ୱାସ୍ଥ୍ୟ ମିଶନ, ସ୍ୱାସ୍ଥ୍ୟ ସେବା, ସ୍ୱାସ୍ଥ୍ୟ ଶିକ୍ଷା ଏବଂ ପ୍ରଶିକ୍ଷଣ, ପରିବାର କଲ୍ୟାଣ, ଆୟୁଷ, ନର୍ସିଂ ନିର୍ଦ୍ଦେଶକ ଓ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ଚିଠି ଲେଖିଛନ୍ତି। ୨୦୨୪-୨୫ ବର୍ଷ ପାଇଁ ସ୍ୱାସ୍ଥ୍ୟ ଅନୁଷ୍ଠାନର ନୂତନ ବିଲ୍ଡିଂ ନିର୍ମାଣ ଏବଂ ପୂର୍ବରୁ ଥିବା ବିଲ୍ଡିଂର ମରାମତି ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାର ଅଛି। ତେଣୁ ୨୦୨୩-୨୪ ଆର୍ଥିକ ବର୍ଷରେ ଆକ୍ସନ ପ୍ଲାନ୍‌ରେ ଅନୁମୋଦନ ମିଳିଥିବା କେଉଁ କାମ ହାତକୁ ନିଆଯାଇଛି ଏବଂ କେଉଁ କାମ ଆଦୌ ଆରମ୍ଭ ହୋଇ ନାହିଁ, ସେ ସମସ୍ତ ତଥ୍ୟ ଆସନ୍ତା ସାତଦିନରେ ଦେବା ପାଇଁ କୁହାଯାଇଛି।

# ୩ ଗିରଫ: ବନ୍ଧୁକ, ମୋବାଇଲ ଜବତ

## ବନ୍ଧୁକ ଦେଖାଇ ଅଳଙ୍କାର, ଟଙ୍କା ଲୁଟ୍ ଘଟଣା

**ଖୁଣ୍ଟୁଣୀ,୧୨।୪(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅଧୀନ ରାଜା ଆଠଗଡ଼ ଷ୍ଟେଶନ ର୍ୟାକ୍ ସାଇଡ୍‌ଠାରେ ଥିବା ସେକ୍ ମୁସ୍ତାଫିକ୍‌ଙ୍କ ଘରୁ ଅଳଙ୍କାର ଓ ଟଙ୍କା ଲୁଟ୍ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କମଳାପଦର ଗ୍ରାମର ଅମିତ ସ୍ୱାଇଁ, ଜଗନ୍ନାଥ ପ୍ରଧାନ, ଢେଙ୍କାନାଳ ସଦର ଥାନା ଅଧୀନ ତେନ୍ତୁଳିଆପଦା ଗ୍ରାମର ପ୍ରିୟବ୍ରତ ପ୍ରଧାନ। ସେମାନଙ୍କ ନିକଟରୁ ଏକ ବନ୍ଧୁକ, ଲୁଟ୍ ହୋଇଥିବା ମୋବାଇଲ ଫୋନ୍ ଓ ୫ ହଜାର ଟଙ୍କା ଜବତ କରାଯାଇଛି। ଏହି ଲୁଟ ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିକାଶ କୁମାର ସେଠୀ ସୂଚନା ଦେଇଛନ୍ତି।
ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଗତ ମାର୍ଚ୍ଚ ୨୯ତାରିଖ ରାତି ପ୍ରାୟ ସାଢେ ୯ଟାରେ ମୁସ୍ତାଫିକ୍ ନମାଜ ପାଠ କରିବାକୁ ଖୁଣ୍ଟୁଣୀସ୍ଥିତ ମସ୍‌ଜିଦ୍‌କୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ଅଭିଯୁକ୍ତମାନେ ମୁହଁରେ ମୁଖା ପିନ୍ଧି ତାଙ୍କ ଘର ପଛପଟ ପାଚେରି ଡେଇଁ ଭିତରକୁ ଆସିଥିଲେ। ଘରର ମୁଖ୍ୟ ଦ୍ୱାରରେ ବସିଥିବା ମୁସ୍ତାଫିକ୍‌ଙ୍କ ମା' ଅସୀମା ବିବିଙ୍କ ମୁହଁକୁ ବାନ୍ଧି ତାଙ୍କଠାରୁ ମୋବାଇଲ ଫୋନ ଛଡାଇନେଇଥିଲେ। ଏହାପରେ ଘର ଭିତରକୁ ଯାଇ ମୁସ୍ତାଫିକ୍‌ଙ୍କ ସ୍ତ୍ରୀଙ୍କଠାରୁ ମୋବାଇଲ ଫୋନ୍ ଛଡାଇନେବା ସହ ତାଙ୍କ ଶିଶୁକନ୍ୟାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଗଡ୍‌ରେଜ୍ ଚାବି ମାଗିଥିଲେ। ଚାବି ନାହିଁ ବୋଲି ସେ କହିବାରୁ ଦୁର୍ବୃତ୍ତମାନେ ଏକ ଶାବଳରେ ଗଡ୍‌ରେଜ୍‌କୁ ଭାଙ୍ଗି ଲକ୍ରର ଭିତରେ ଥିବା ୯୦ ହଜାର ଟଙ୍କା, ୧୧୨ ଗ୍ରାମ୍ ଓଜନର ସୁନା ଅଳଙ୍କାର ଓ ଲାପ୍‌ଟପ୍ ଲୁଟି ନେଇ ଫେରାର ହୋଇଯାଇଥିଲେ। ରାତି ସାଢେ ୧୦ଟା ପରେ ମୁସ୍ତାଫିକ୍ ଘରକୁ ଆସି ସମସ୍ତ ଘଟଣା ଜାଣିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୮୦/୨୪) ରୁଜୁ ହୋଇଥିଲା। ଲୁଟ୍ ମୋବାଇଲ ଫୋନ୍ ଟ୍ରାକିଂ କରାଯିବାରୁ ଅଭିଯୁକ୍ତମାନେ କୋରାପୁଟ ଜିଲା ଦାମନଯୋଡିରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ତୁରନ୍ତ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ବିଦେଶୀ ମଦ, ବାଇକ୍ ଜବତ: ଅଭିଯୁକ୍ତ ଗିରଫ

ବେଗୁନିଆ,୧୨।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ବିଦେଶୀ ମଦ ଓ ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ଡିଙ୍ଗର ଗ୍ରାମର ପ୍ରମୋଦ କୁମାର ରଥଙ୍କୁ ଗିରଫ କରାଯାଇଛି। ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ୍. ଜାଗିନ ରାଓଙ୍କ ସୂଚନା ଅନୁଯାୟୀ, ସ୍ଥାନୀୟ ପୋଷ୍ଟଅଫିସ ଛକ ନିକଟରେ ପ୍ରମୋଦ ସ୍କୁଟିରେ ୮ ଲିଟର ୬୪୦ମିଲି ବିଦେଶୀ ମଦ ଧରି ଯାଉଥିଲେ। ସେଠାରେ ଚଢ଼ାଉ କରାଯାଇ ମଦ, ବାଇକ୍ ଜବତ କରାଯିବା ସହ ପ୍ରମୋଦଙ୍କୁ ଗିରଫ କରାଯାଇଥିଲା।

### ଇସ୍‌ଲା ମଷ୍ଟାର ବେଣାପଞ୍ଜରୀ କ୍ରିକେଟ: ଗୋଡ଼ିପୁଟ ମାଟିଆପଡ଼ା ବିଜୟୀ

ଜଟଣୀ,୧୨।୪(ରବୀନ୍ଦ୍ରନାଥ ମହାକୁଡ଼)

ଇସ୍‌ଲାମ ଷ୍ଟାର ବେଣାପଞ୍ଜରୀ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଗୋଡ଼ିପୁଟ ମାଟିଆପଡ଼ା ଓ ହରିଡାମଡ଼ା ତରାବୋଇ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ହରିଡାମଡ଼ା ଟିମ୍ ପ୍ରଥମେ ବ୍ୟାଟିଂକରି ୧୪.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଗୋଡ଼ିପୁଟ ମଟିଆପଡା ଟିମ୍ ୬.୨ ଓଭରରେ ୮୯ ରନ୍ ସଂଗ୍ରହକରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ଚାଉଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସାହା ସାହାବାଜ ଅଲ୍ଲୀ ଓ ସେରାଜ ଖାନ୍ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ସାମାଜିକ କର୍ମୀ ଶେରାଜ ମହମ୍ମଦ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### କୁଷ୍ମାଣ୍ଡ ବେଶରେ ବନଦୁର୍ଗା

ନିରାକାରପୁର,୧୨।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା’ ବନଦୁର୍ଗାଙ୍କ ପୀଠରେ ବାସନ୍ତିକ ଚୈତ୍ର ନବରାତ୍ରର ଚତୁର୍ଥ ଦିବସରେ ମା’ କୁଷ୍ମାଣ୍ଡ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡିପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା’ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଶୀ ସହଯୋଗ କରିଥିଲେ। ସାମାଜିକ କର୍ମୀ ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ପ୍ରତିମା ପଣ୍ଡା, କୃଷ୍ଣଶଙ୍କର ପଣ୍ଡାଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା’ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ଶିକ୍ଷାବିତ୍ ବ୍ରଜମୋହନଙ୍କ ସ୍ମୃତିଚାରଣ

ବେଗୁନିଆ,୧୨।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମର ଶିକ୍ଷାବିତ୍ ବ୍ରଜମୋହନ ପାହାଡ଼ସିଂହଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଜାଗେଶ୍ୱର ମାଝୀଙ୍କ ଅଧ୍ୟକ୍ଷତାରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସରପଞ୍ଚ କରୁଣାକର ଦଳସିଂହାର, ପ୍ରମୋଦ ଦଳାଇ, ଆରତ ମାଝୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅର୍ଜ୍ଜୁନ ପ୍ରଧାନ, ଲୋଚନ ରାଉତରାୟଙ୍କ ସମେତ ବହୁବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ବ୍ରଜମୋହନଙ୍କ ସ୍ମୃତିଚାରଣ କରିବା ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ ଜିତେନ୍ଦ୍ର ପାହାଡ଼ସିଂହ ଧନ୍ୟବାଦ ଦେଇଥିଲେ।

# ଶତ ପ୍ରତିଶତ ମତଦାନ ଉପରେ ଗୁରୁତ୍ୱ

ଖୋର୍ଦ୍ଧା,୧୨।୪(ପ୍ରଭାତ ପାଣିଗ୍ରାହୀ)


ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ।

■ ସହରାଞ୍ଚଳରେ ବ୍ୟାପକ ସଚେତନତା କରାଯିବ
■ ଘର ଘର ବୁଲି ବିଏଲ୍‌ଓ କରିବେ ସଚେତନ

ଖୋର୍ଦ୍ଧା ଜିଲାରେ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଅଧିକ ମତଦାତା ଯେଭଳି ନିର୍ବାଚନରେ ଭାଗନେଇ ମତଦାନ କରିବେ ସେଥିନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ଭିଇଇପି (ସିଷ୍ଟମେଟିକ୍ ଭୋଟର୍ସ ଏଜୁକେଶନ ଆଣ୍ଡ ଇଲେକ୍ଟୋରାଲ ପାର୍ଟିସିପେଶନ) କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଅଭିଯାନକୁ ବ୍ୟାପକ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଶୁକ୍ରବାର ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଓସ୍ୱାନ୍ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ନିର୍ବାଚନରେ ସହରାଞ୍ଚଳରେ ମତଦାନ ହାର ହ୍ରାସ ପାଇଥିଲା। ଚଳିତ ନିର୍ବାଚନରେ ଯୁବ ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ଶତପ୍ରତିଶତ ମତଦାନ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଯୋଗଦେଇ ବିଏମ୍‌ସି ପକ୍ଷରୁ ସମସ୍ତ ସହଯୋଗ କରାଯିବା ସହ ଏସ୍‌ଭିଇଇପି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଲୋକ ସଭା ମଣ୍ଡଳୀ ଅନ୍ତର୍ଗତ ସହରାଞ୍ଚଳର ତିନୋଟି ବିଧାନସଭା କ୍ଷେତ୍ର ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ମଧ୍ୟ ଏବଂ ଭୁବନେଶ୍ୱର ଏକାମ୍ରରେ ମତଦାନ ହାର ୫୦ ପ୍ରତିଶତରୁ କମ୍ ରହିଥିବାରୁ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବାର ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ମତଦାନ କରିବାକୁ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଯୁବ ମତଦାତାଙ୍କୁ ବିଏଲ୍‌ଓ ସଚେତନ କରିବା ଉପରେ ଗୁରୁତ୍ୱ ଦେବେ। ଏହାଦ୍ୱାରା ଅନ୍ୟମାନେ ଉତ୍ସାହିତ ହୋଇପାରିବେ। ସେହିଭଳି ରଙ୍ଗୋଲି, ‘ନିର୍ବାଚନର ପର୍ବ ଆମ ଦେଶର ଗର୍ବ’ ଉପରେ ବିଭିନ୍ନ ପ୍ରତିଯୋଗିତା, ଭିଡିଓ ଓ ରେଡିଓ ବାର୍ତ୍ତା, ହୋର୍ଡିଂ, ୱାଲ ପେଣ୍ଟିଂ, ମାରାଥନ, ଦସ୍ତଖତ ଅଭିଯାନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛସାଥୀମାନଙ୍କ ମାଧ୍ୟମରେ ସଫେଇ ଗାଡ଼ି ଓ କର୍ମଚାରୀ, ବିଡିଏର ବିଭିନ୍ନ ପାର୍କ, ଜିଲାର ଶିକ୍ଷାନୁଷ୍ଠାନ, ପଥପ୍ରାନ୍ତ ନାଟକ ମାଧ୍ୟମରେ ବ୍ୟାପକ ସଚେତନ କରାଯିବ। ଓମ୍‌ଫେଡ୍ ଷ୍ଟଲ୍‌ରେ ମଧ୍ୟ ସଚେତନତା ବୃଦ୍ଧି କରାଯିବ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ସ୍କୁଲରୁ ନିଶ୍ଚୟ ମତଦାନ କରିବାକୁ ଅଭିଭାବକମାନଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ମାଧ୍ୟମରେ ପତ୍ର ଲେଖିବେ। ଖୋର୍ଦ୍ଧା ଜିଲାରେ ୬ଷ୍ଠ ପର୍ଯ୍ୟାୟ ଅର୍ଥାତ୍ ମେ’୨୫ ତାରିଖରେ ନିର୍ବାଚନ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ, ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସମେତ ସମସ୍ତ ରିର୍ଟର୍ନିଂ ଅଫିସର, ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ପାର୍କିଂକୁ ନେଇ ମରଣାନ୍ତକ ଆକ୍ରମଣ ଘଟଣାରେ ୨ ଗିରଫ

ଭୁବନେଶ୍ୱର,୧୨।୪ (ସୂର୍ଯ୍ୟକାନ୍ତ ବେହେରା)

ଅଟୋ ପାର୍କିଂ କରିବାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ସୁବାସ ନଗର ବସ୍ତିର ଗୌରା ମହାପାତ୍ର ଓ ବାଲିପାଟଣା ଅଞ୍ଚଳର ତୁଷାର କୁମାର ଦେବ। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀ ପରିବାର ସହ ଭରତପୁର ଥାନା ଅଞ୍ଚଳରେ ରୁହନ୍ତି। ଘଟଣା ଦିନ ଘର ନିକଟରେ ଏକ ଅଟୋ ରଖିବାକୁ କେନ୍ଦ୍ର କରି ଦୁଇ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀଙ୍କ ସହିତ ଅଭିଯୋଗକାରିଣୀଙ୍କ ସ୍ୱାମୀ ଏବଂ ତାଙ୍କ ସାନ ଭାଇଙ୍କର ପ୍ରବଳ ଝଗଡା ହୋଇଥିଲା। ଝଗଡା ଉଗ୍ରରୂପ ନେବା ପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ସ୍ୱାମୀଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିଲା। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବା ସୂଚନା ଦିଆଯାଇଛି।


ରାମେଶ୍ୱର ପଞ୍ଚାୟତସ୍ଥିତ ମା’ବନଦୁର୍ଗାଙ୍କ କୁଷ୍ମାଣ୍ଡ ବେଶ।


ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା’ଜାଗୁଳାଇଙ୍କ ସ୍କନ୍ଦମାତା ବେଶ।

### ସ୍କନ୍ଦମାତା ବେଶରେ ଦର୍ଶନଦେଲେ ଜାଗୁଳାଇ

ଜଟଣୀ,୧୨।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମସ୍ଥିତ ମା’ ଜାଗୁଳାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଅବସରରେ ଶୁକ୍ରବାର ସ୍କନ୍ଦମାତା ବେଶରେ ମା’ ଦର୍ଶନ ଦେଇଛନ୍ତି। ସକାଳେ ସାଲାମଣ୍ଡନ, ସୂର୍ଯ୍ୟପୂଜା ସହ ବିଭିନ୍ନ ନୀତି ପରେ ସନ୍ଧ୍ୟାରେ ମା’ଙ୍କୁ ମହାସ୍ନାନ କରାଯାଇ ସ୍କନ୍ଦମାତା ବେଶରେ ସଜ୍ଜିତ କରାଯାଇଥିଲା। ଗୁପ୍ତପୂଜା ପରେ ମା’ ଦର୍ଶନ ଦେଇଥିଲେ। ଶନିବାର ମା’ କାତ୍ୟାୟନୀ ବେଶରେ ଦର୍ଶନଦେବେ ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା କହିଛନ୍ତି। ବିନୋଦ ଦାସ, ରାମଚନ୍ଦ୍ର ସାହୁ, ସମୀର ରଞ୍ଜନ ପଣ୍ଡା, ଶଶିକାନ୍ତ ମହାପାତ୍ର, ଦିପୁ ପାଲ, ଦୀପ୍ତିମାନ୍ ସାମନ୍ତରାୟ, ଜିତେନ୍ଦ୍ର କୁମାର ଜେନା, ବିଶ୍ୱରଞ୍ଜନ ସାହୁ, ବିକାଶ ବେହେରା, ଅମରନାଥ ପାଟଶାଣୀ, ସାହିଲ ସାହାଣୀ, ସାଇ ସଂସ୍କାର ସ୍ୱାଇଁ, ବିବେକ ଦଳାଇ, ସନିଆ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବୋଲି କମିଟି ସମ୍ପାଦକ ଏଲ୍‌ଡି ମହାନ୍ତି ସୂଚନା ଦେଇଛନ୍ତି।

### ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୨।୪ (ସୂର୍ଯ୍ୟକାନ୍ତ ବେହେରା)

ଗାଳିଗୁଲଜକୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ଦୋକାନୀଙ୍କ ସାନଭାଇ ଆକ୍ରମଣ କରିଛନ୍ତି। ଅଭିଯୋଗ ପରେ ଶହୀଦନଗର ପୋଲିସ ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ମଧୁସୂଦନ ନଗର ଅଞ୍ଚଳର ସଦାକତ ଅହମ୍ମଦ ଖାନ ଓରଫ ରିୟାଜ। ଗୁରୁବାର ଅଭିଯୋଗକାରୀ ଯୋଗେଶ ମହାପାତ୍ର ଏସ୍‌ଏସ୍ ମାର୍ଟ ସମ୍ମୁଖ ଏକ ପାନ ଦୋକାନକୁ ସିଗାରେଟ ଟାଣିବା ଲାଗି ଯାଇଥିଲେ। ସିଗାରେଟ ଟାଣିବା ସମୟରେ ଦୋକାନୀ ତାଙ୍କୁ ଟଙ୍କା ଦେବା ଲାଗି କହିଥିଲେ। ଯୋଗେଶ ଟଙ୍କା ଦେବାରେ ବିଳମ୍ବ କରିବାରୁ ଦୋକାନୀ ତାଙ୍କୁ ଗାଳିଗୁଲଜ କରିବା ସହିତ ଚୋର ବୋଲି କହିଥିଲେ। ଏମିତି କ’ଣ କହୁଛ ବୋଲି ଯୋଗେଶ ଦୋକାନୀଙ୍କୁ କହି ପ୍ରତିବାଦ କରିବାରୁ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ରିୟାଜ ହଠାତ୍ ଏକ ଧାତବ ବସ୍ତୁ ସାହାଯ୍ୟରେ ଯୋଗେଶଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ।

## ବିଭିନ୍ନ ସ୍ଥାନରେ ‘ଆମ ସଂସ୍କୃତି ଆମ ଖେଳଣା’ କାର୍ଯ୍ୟକ୍ରମ



ଖୋର୍ଦ୍ଧା,୧୨।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଧଉଳିମୁହଁ ପଞ୍ଚାୟତ ବାଜପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଦୁଇଦିନିଆ ‘ଆମ ସଂସ୍କୃତି ଆମ ଖେଳଣା’ କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ରଞ୍ଜନ ପାଲ୍‌ଟାସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଯୁଧିଷ୍ଠିର ଛୁଆଳସିଂହ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ ସଂଯୋଜନା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ହଜିଯାଉଥିବା କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପୁନଃଉତ୍ଥାନ ସହିତ ଏହାକୁ କୁନି କୁନି ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବା ଏକ ପ୍ରୟାସ। ବାଜପୁର କ୍ଲଷ୍ଟର ଅଧୀନ ୧୨ଟି ବିଦ୍ୟାଳୟର ୩୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିବା ବେଳେ ସମ୍ବଳ ଶିକ୍ଷକ ମଳୟ ପାଇକରାୟ, ଭାଗୀରଥି ମହାରଣା, ଲଲାଟ କେଶରୀ ପ୍ରଧାନ, ରମେଶ ଚନ୍ଦ୍ର ବଡ଼ଜେନା, ମନୋଜ ପଟଯୋଶୀ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାଟିରେ ବିଭିନ୍ନ ମୂର୍ତ୍ତି ତିଆରି କରିବାର କୌଶଳ ଶିଖାଇବା ସହିତ କଣ୍ଢେଇ ତିଆରି କରିବା, କଳା ଓ ହସ୍ତଶିଳ୍ପ ଉପରେ ଶିକ୍ଷା ଦେଇଥିଲେ।

**ଟାଙ୍ଗୀ,(ରଘୁନାଥ ସାହୁ):** ମୁକ୍ତେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର କ୍ଲଷ୍ଟରସ୍ତରୀୟ ଦୁଇଦିନିଆ ତାଲିମ ଶିବିର ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧରପୁର କ୍ଲଷ୍ଟରର ପୂର୍ବତନ ସିଆର୍‌ସିସି ଲଳିତ ନାରାୟଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ଅମିତ୍ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ନାୟକ, ଲଳିତ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁକ୍ତେଶ୍ୱରଦେବ କ୍ଲଷ୍ଟର ଅନ୍ତର୍ଗତ ୧୨ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୦ଜଣ ଶିକ୍ଷକ ଯୋଗଦେଇ ବିଭିନ୍ନ ଅଦରକାରୀ ସାମଗ୍ରୀ ବ୍ୟବହାର କରି ସୁନ୍ଦର ଖେଳଣା ଓ କଣ୍ଢେଇ ତିଆରି କରିଥିଲେ। ଶିକ୍ଷକମାନେ ପ୍ରସ୍ତୁତ କରିଥିବା ଖେଳଣା, କଣ୍ଢେଇକୁ ମୂଲ୍ୟାଙ୍କନ କରାଯାଇଥିଲା। ଶନିବାର ଉଦ୍‌ଯାପନୀ ଉତ୍ସବରେ କୃତୀ ଶିକ୍ଷକମାନଙ୍କୁ ପୁରସ୍କୃତ କରାଯିବ। ଇତିଶ୍ରୀ ରାଉତ, ସ୍ମିତା ନାୟକ, କୁନ୍ତଳା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ନିରାକାରପୁର, (ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ପଞ୍ଚାୟତରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ‘ଆମ ସଂସ୍କୃତି ଆମ ଖେଳଣା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆର୍‌ସିସି ପଞ୍ଚାନନ ଭୁଜବଳ, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ମହାପାତ୍ର, ପରିଚାଳନା କମିଟି ସଭାପତି ଡମ୍ବରୁଧର ପରିଡ଼ା, ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପାଠ ସହିତ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ନିମନ୍ତେ ଏହା ପ୍ରତି କ୍ଲଷ୍ଟରରେ ପାଳନ କରାଯାଉଛି ବୋଲି ସିଆରସିସି ଭୁଜବଳ ସୂଚନା ଦେଇଥିଲେ। ଏଥିସହ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଛାତ୍ରୀଛାତ୍ରମାନେ ଜାଣିପାରିବେ।

## ଦଣ୍ଡ ମେଳଣ ମହୋତ୍ସବ ଉଦ୍‌ଘାଟିତ

ବୋଲଗଡ଼/କଳାପଥର, ୧୨।୪
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମବାସୀଙ୍କ ଦ୍ୱାରା ଦଣ୍ଡ ମେଳଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମା’ କାଳିକା ଠାକୁରାଣୀଙ୍କ ପୀଠସ୍ଥଳରେ କଳାପଥର, ଖଜୁରିପଦା, କୃଷ୍ଣପଲ୍ଲୀ, ଲେମ୍ବେରି, ମଧୁଆପଲ୍ଲୀ, ଆରିକମା, କାଦୁଆପଡା, ଲୁହାଗୋଡ଼ି, ଗେଡ଼ିଆପଲ୍ଲୀ ଓ ଠଣାପଲ୍ଲୀ ଆଦି ଗ୍ରାମର ୧୪ ମଣ୍ଡଳ ଦଣ୍ଡଠାକୁର ପଟୁଆରରେ ଠାକୁରାଣୀଙ୍କ ମଣ୍ଡପ ନିକଟରେ ପହଞ୍ଚିବା ପରେ ସେଠାରେ ଶାନ୍ତିହୋମ ହୋଇଥିଲା। ଗ୍ରାମର ସମସ୍ତ ଠାକୁର ମଦନମୋହନ, ରାଧାମାଧବ, ରଘୁନାଥ, ବାଲୁଙ୍କେଶ୍ୱର ଦେବ ପ୍ରମୁଖ ପୂଜାସ୍ଥାନରେ ବିମାନରେ ବିଜେ ହୋଇଥିଲେ। ପୂଜା ପରେ ବିଭିନ୍ନ ମଣ୍ଡଳ ଦଣ୍ଡମେଳମାନଙ୍କ ଦଣ୍ଡନାଚ ପ୍ରଦର୍ଶନ ହୋଇଥିଲା। ରାତିରେ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ସାମାଜିକ ନାଟକ ‘କାନ୍ଦୁଛି ରାଧିକା ହସୁଛି କାହ୍ନା’ ମଞ୍ଚସ୍ଥ ହୋଇଥିଲା। ବିଜେଡି ନେତା ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ସେବା ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ତ୍ରିପାଠୀ, ଗ୍ରାମ କମିଟି ସଭାପତି ଫକୀର ଚରଣ ପ୍ରଧାନ, ଭାଗୀରଥି ଦାଶ, ରତ୍ନାକର ମହାପାତ୍ର, ଲକ୍ଷ୍ମଣ ପ୍ରଧାନ, ରାଜକିଶୋର ସାହୁ, ସର୍ବେଶ୍ୱର ମହାପାତ୍ର, ଦାଶରଥି ସାହୁ, ରାଜକିଶୋର ବେହେରା ପ୍ରମୁଖ ଯୋଗଦେଇଥିଲେ। ବର୍ଷୀୟାନ ବ୍ୟବସାୟୀ ଗୋଲଖ ସାହୁ, ଅନିଲ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା, ଫାଣ୍ଡି ଅଧିକାରୀ ସୁଶାନ୍ତ ମଲ୍ଲିକ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।


ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ଦଣ୍ଡ ମେଳଣରେ ଦଣ୍ଡନାଚ।

## ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଦାବିପତ୍ର

ଖୋର୍ଦ୍ଧା,୧୨।୪(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ ବିଗୁଲ୍ ବାଜିବା ପରେ ରାଜନୈତିକ ଦଳଗୁଡ଼ିକ ଭୋଟରମୁହାଁ ହେବାରେ ଲାଗିଛନ୍ତି। ନିର୍ବାଚନ ସମୟରେ ଠିକିନିଖି ଖବର ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟ କରୁଛନ୍ତି। ହେଲେ ଖବର ସଂଗ୍ରହ କରିବାକୁ ଯାଇ ରାଜନୈତିକ ଦଳ, ପ୍ରାର୍ଥୀଙ୍କ ଦ୍ୱାରା ରୋଷର ଶିକାର ହେଉଛନ୍ତି ଖବରଦାତା। ଏ ନେଇ ଖୋର୍ଦ୍ଧା ଜିଲାରେ କାର୍ଯ୍ୟରତ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନେ ଶୁକ୍ରବାର ଜିଲାପାଳଙ୍କ ନିକଟରେ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଦାବି କରିଛନ୍ତି। ଅଭିଯୋଗ ପ୍ରକାରେ, ଗୁରୁବାର ଟାଙ୍ଗୀ ବ୍ଲକ ଛଣଗିରି ପଞ୍ଚାୟତରେ ଭାଜପା ପକ୍ଷରୁ ଅନୁଷ୍ଠିତ ପଦଯାତ୍ରା ସମୟରେ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ ବୋଲି ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ବିଭିନ୍ନ ଗଣମାଧ୍ୟମ ଅନୁଷ୍ଠାନର ପ୍ରତିନିଧି ସମାଲୋଚନା କରିଛନ୍ତି। ନିର୍ବାଚନ ସମୟରେ ସାମ୍ବାଦିକଙ୍କ ସୁରକ୍ଷା ସୁନିଶ୍ଚିତ ଏବଂ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନବେଳେ ସଂଘ ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଭାପତି ପୀତବାସ ମିଶ୍ର, ରାଜ୍ୟ ସଭାପତି ପୀତବାସ ତ୍ରିପାଠୀ, ଓୟୁଜେ ଜିଲା ସଭାପତି ତପନ ନାୟକ, ରାଜ୍ୟ ସମ୍ପାଦକ ପ୍ରସନ୍ନ ନାୟକ, ଲୋହିତ ମହାପାତ୍ର, ଶୁଭ୍ରାଂଶୁ ସାମନ୍ତରାୟ, ଦିଲୀପ ପଟ୍ଟନାୟକ, ରଞ୍ଜିତ ସାମନ୍ତରାୟ, ପ୍ରବୀଣ ଭଞ୍ଜଙ୍କ ସମେତ ବୋଲଗଡ଼, ବେଗୁନିଆ, ଜଟଣୀ, ଟାଙ୍ଗୀ, ବାଣପୁର ଅଞ୍ଚଳରେ କାର୍ଯ୍ୟରତ ଏକାଧିକ ସାମ୍ବାଦିକ ଉପସ୍ଥିତ ଥିଲେ। ଏନେଇ ଜିଲାପାଳ ରାଣା କହିଛନ୍ତି, ଘଟଣା ପ୍ରଶାସନ ନଜରକୁ ଆସିଛି। ଏସ୍‌ପି ଏହା ଉପରେ ତଦନ୍ତ ଆରମ୍ଭ କରିଛନ୍ତି। ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ। ନିର୍ବାଚନ ସମୟରେ ସାମ୍ବାଦିକମାନେ ଯେପରି ନିର୍ଭୟରେ ଖବର ପରିବେଷଣ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

## ‘ଶ୍ରୀଜଗନ୍ନାଥଙ୍କ ଚେତନାରେ ନିମଗ୍ନ ହେବାକୁ ଆହ୍ୱାନ’

ବେଗୁନିଆ,୧୨।୪
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

**ଶ୍ରୀଜଗନ୍ନାଥ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**


କାର୍ଯ୍ୟକ୍ରମରେ ବକ୍ତାମାନେ ପ୍ରବଚନ ଦେଉଛନ୍ତି।

ଖୋର୍ଦ୍ଧା ଜିଲା ବେଗୁନିଆରେ ଅନୁଷ୍ଠିତ ‘ଶ୍ରୀଜଗନ୍ନାଥ ମହୋତ୍ସବ’ର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ପୁରୀ ଶ୍ରୀମନ୍ଦିରସ୍ଥିତ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରାକୁ ସମ୍ପୂର୍ଣ୍ଣ ଭାବେ ଉପସ୍ଥାପିତ କରାଯାଇଛି ଏହି ମହୋତ୍ସବରେ। ଶ୍ରୀଜଗନ୍ନାଥଙ୍କୁ ଲାଗିହେଉଥିବା ୫୬ ପ୍ରକାର ଭୋଗ, ୨୪ ପ୍ରକାରର ବେଶ ଏବଂ ଶ୍ରୀଅଙ୍ଗ ଲାଗି ବସ୍ତ୍ର ପ୍ରଦର୍ଶନୀ ମହୋତ୍ସବ ପଡ଼ିଆରେ ମୁଖ୍ୟ ଆକର୍ଷଣ ପାଲଟିଛି। ବେଗୁନିଆ ମା’ କାଳିକାଦେବୀ ମନ୍ଦିର ପରିଚାଳନା ସମିତି ଏବଂ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବ ସଦର ମହକୁମାସ୍ଥିତ ମା’ ଦୁର୍ଗାଦେବୀଙ୍କ ପଡ଼ିଆ ପରିସରରେ ଦୈନିକ ବୈଦିକ ମହାଯଜ୍ଞ, ଆଧ୍ୟାତ୍ମିକ ଭାବଧାରା ଓ ଚେତନାକୁ ଜାଗ୍ରତ କରୁଛି। ସେହିପରି ସନ୍ଧ୍ୟା ୬ଟାରୁ ପ୍ରବକ୍ତାମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ କଥାମୃତ ଆଲୋକପାତ କରାଯାଉଛି। ମଞ୍ଚରେ ମୁଖ୍ୟ ଅତିଥିଭାବେ ଶ୍ରୀମନ୍ଦିର ବଡ଼ପଣ୍ଡା ସେବକ ରାମଚନ୍ଦ୍ର ପୂଜାପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଏକଘରିଆସ୍ଥିତ ଶରଣକ୍ଷେତ୍ର ବିଷ୍ଣୁ ବାବା ଏବଂ ଢେଙ୍କାନାଳ ସାଧନା ପୀଠର ଭକ୍ତ କବି ଦୀନକୃଷ୍ଣ ଦାସ ଉପସ୍ଥିତ ଥିଲେ। ପ୍ରବକ୍ତା ଭାବେ କଟକ ରାଣୀହାଟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ଚାରଣ କାଶୀନାଥ ଦାସ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଯୁଗେ ଯୁଗେ ବୈଦିକ ଠାକୁରଭାବେ ଶ୍ରୀକ୍ଷେତ୍ରରେ ବିରାଜମାନ କରିଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥଙ୍କୁ ନେଇ ବିଶ୍ୱ ଦରବାରରେ ଓଡ଼ିଆ ଜାତି ଯେତିକି ପରିଚିତ, ଆମ ଉତ୍ତର ପିଢ଼ି ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ସେତିକି ଅଜ୍ଞ। ତେବେ ଯୁବପିଢ଼ି ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ତତ୍ତ୍ୱ, ଚିନ୍ତା ଓ ଚେତନା ପ୍ରତି ନିମଗ୍ନ ହୁଅ। ନିଶ୍ଚୟ ଦିବ୍ୟକୃପା ଲାଭକରି ଜୀବନକୁ ଜଗନ୍ନାଥମୟ କରିପାରିବ ବୋଲି ଆହ୍ୱାନ ଦିଆଯାଇଥିଲା।

## ସଂକ୍ଷେପରେ

### ସମ୍ବିତ ପାତ୍ର ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ

ପୁରୀ,୧୨।୪(ଅଜିତ୍ ମହାନ୍ତି)

ପୁରୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ଆମ୍ ଆଦମୀ ପାର୍ଟି (ଏଏପି) ଅଭିଯୋଗ ଆଣିଛି। ପୁରୀ ନିର୍ବାଚନମଣ୍ଡଳୀ ଅଞ୍ଚଳର କେତେକ ଦୋକାନରେ ଭାଜପା ପକ୍ଷରୁ ଘଣ୍ଟା ବଣ୍ଟନ କରାଯାଇଛି ଓ ସେସବୁ ଘଣ୍ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ଫଟୋ ସହ ଦଳୀୟ ଚିହ୍ନ ପଦ୍ମଫୁଲ ରହିଛି ବୋଲି ଅଭିଯୋଗ ହୋଇଛି। ଏ ନେଇ ଏଏପି ପକ୍ଷରୁ ପୁରୀ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଭାଜପା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏଏପି ଦାବି କରିଛି। ଏ ନେଇ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଭୋକ ବିକଳରେ ଭାଜପା ଏମ୍ପି ପ୍ରାର୍ଥୀ ତାଟିଆ କାମୁଡୁଛନ୍ତି। ପୁରୀ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଓ ପ୍ରଲୋଭନ ଦେଖାଇ ସମ୍ପୃକ୍ତ ଭାଜପା ଏମ୍ପି ପ୍ରାର୍ଥୀ ଭୁଆଁ ବୁଲାଉଛନ୍ତି। ତେବେ ଚଳିତ ସାଧାରଣ ନିର୍ବାଚନରେ ପୁରୀ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ଖୁଣ୍ଟିଆ କହିଛନ୍ତି। ଅପରପକ୍ଷରେ ଏହି ଅଭିଯୋଗ ଭିତ୍ତିହୀନ ଏବଂ ଭାଜପା ସର୍ବଦା ଲୋକଙ୍କ ସହିତ ଅଛି ବୋଲି ସମ୍ବିତ ପ୍ରକାଶ କରିଛନ୍ତି।

### ବିଜେଡିର ସାଙ୍ଗଠନିକ ବୈଠକ

ନିମାପଡ଼ା, ୧୨।୪(ରଞ୍ଜନ ପଟ୍ଟନାୟକ):

ସ୍ଥାନୀୟ ଗ୍ରୀନଲ୍ୟାଣ୍ଡ ଗେଷ୍ଟ ହାଉସ ପରିସରରେ ଶୁକ୍ରବାର ନିମାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ସାଙ୍ଗଠନିକ ବୈଠକ ନଗର ସଭାପତି ଜୀବନାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ାରେ ୪ର୍ଥ ପାଇଁ ସମୀର ରଞ୍ଜନ ଦାଶଙ୍କୁ ଜିତାଇବା ସହିତ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ବରିଷ୍ଠ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଖଟୋଇ ଯୋଗଦେଇ ନିଜ ନିଜ ମଧ୍ୟରେ ଥିବା ମତଭେଦକୁ ଭୁଲି ଏକତ୍ରିତ ଭାବେ କାର୍ଯ୍ୟ କଲେ ନିଶ୍ଚୟ ସଫଳ ହେବା ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ଉପନଗରପାଳ ସନ୍ତୋଷ ଦାଶ, ପୂର୍ବତନ ଉପନଗରପାଳ ତଥା ବିଜେଡି ନଗର ମହିଳା ସଂଗଠନ ସଭାନେତ୍ରୀ କୌଶଲ୍ୟା ସାହୁ, କାଉନସିଲର ଅନୁସୂୟା ପାଣି, କବିତା ତରାଇ, ରାଜକିଶୋର ସାହୁ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ପୂର୍ବତନ କାଉନସିଲର ଅରୁଣ ପ୍ରସାଦ ଦାଶ, ନଗର ବିଜେଡି ଯୁବସଭାପତି ସତ୍ୟଜିତ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇଙ୍କ ସମେତ ସମସ୍ତ ପଞ୍ଚାୟତର ସଭାପତି ଯୋଗଦେଇଥିଲେ ।

### ଦଳିତ ପରିବାରକୁ ଆକ୍ରମଣ: କାର୍ଯ୍ୟାନୁଷ୍ଠାନ ଦାବି

ଅସ୍ତରଙ୍ଗ,୧୨।୪(ପ୍ରଦୀପ୍ତ କୁମାର ଦୀକ୍ଷିତ):

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଛୁରିଆନା ପଞ୍ଚାୟତ କୋଟ ଗ୍ରାମର ଦଳିତ ପରିବାରକୁ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ମୁତାବକ କୋଟ ଗ୍ରାମର ନିର୍ଦ୍ଦିଷ୍ଟ ସ୍ଥାନରେ ଝିଲିଲତା ରାଉତଙ୍କ ଶାଶୁ, ଭିଣୋଇ ଓ ନଣନ୍ଦ ବସି ପରିବାର ଲୋକଙ୍କ ମଧ୍ୟରେ ଚିଙ୍ଗୁଡ଼ିଘେରି ସମ୍ପର୍କରେ ଆଲୋଚନା କରୁଥିଲେ। ଏହି ସମୟରେ କିଛି ଦୂରରେ ବସିଥିବା କୋଟ ଗ୍ରାମର ଦୁଃଖୀଶ୍ୟାମ ବିଶ୍ୱାଳ ଉକ୍ତ ପରିବାର ଲୋକଙ୍କ କଥାରେ ହସ୍ତକ୍ଷେପ କରି ବିଭିନ୍ନ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଥିଲେ। ଫଳରେ ସମ୍ପୃକ୍ତ ପରିବାର ଲୋକେ ଆଲୋଚନା ବନ୍ଦ କରିଦେଇଥିଲେ। ତା'ପରଦିନ ଦୁଃଖୀଶ୍ୟାମ ଉତ୍‌କ୍ଷିପ୍ତ ହୋଇ ଝିଲିଲତାଙ୍କ ଘରେ ପଶି ତାଙ୍କ ଶାଶୁଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ମାର୍‌ପିଟରେ ଝିଲିଲତା ଓ ତାଙ୍କ ଶାଶୁ ଗୁରୁତର ହୋଇଥିଲେ। ଉଭୟ ପରିବାର ପକ୍ଷରୁ ଅସ୍ତରଙ୍ଗ ଥାନାରେ ଅଭିଯୋଗ ପରେ କେସ୍ ନମ୍ବର ୮୧/୨୪ ଓ ୮୨/୨୪ ରୁଜୁ ହୋଇଛି। ଗୁରୁବାର ସନ୍ଧ୍ୟାରେ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ଥାନାରେ ପହଞ୍ଚି ତଦନ୍ତ କରିଥିଲେ। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅଧିକ ତଦନ୍ତ ଜାରି ରହିଛି। ଅନ୍ୟପଟେ ଦଳିତ ପରିବାରଙ୍କୁ ନ୍ୟାୟ ଦେବାକୁ ଦାବି ହୋଇଛି।

# ପଞ୍ଚଦଶ ଜାଗୃତି ମହୋତ୍ସବ ଉଦ୍‌ଯାପିତ

ପିପିଲି, ୧୨।୪(ପ୍ରଭାତ କୁମାର ମହାପାତ୍ର)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ରାଷ୍ଟ୍ରୀୟ ନବବର୍ଷ ପାଳନ ଉପଲକ୍ଷେ ପିପିଲିର ସାମାଜିକ ଅନୁଷ୍ଠାନ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ପିପିଲି ବଜାର ମେଳଣ ପଡ଼ିଆରେ ତିନିଦିନ ଧରି ଚାଲିଥିବା ପଞ୍ଚଦଶ ଜାଗୃତି ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ପ୍ରଭାତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ଗୁରୁ ତଥା ଶ୍ରୁତି ନ୍ୟାଶ ଅଧ୍ୟକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦେଇ ଆଧ୍ୟାତ୍ମିକ ଚେତନା ଉପରେ ଆଲୋକପାତ କରି ସୁନ୍ଦର ସମାଜ ଗଠନରେ ଜାଗ୍ରତ ପ୍ରହରି ସାଜୁଥିବା ଜାଗୃତି ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ତଥା ପୁରୀ ଲୋକ ସଭା ଆସନ ପ୍ରାର୍ଥୀ ସମ୍ବିତ ପାତ୍ର ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ସୌରଭ ଗ୍ରୁପ୍ ମୁଖ୍ୟ ସୌରଭ ଭରାଲାଓ୍ୱାଲା, ସମାଜସେବୀ ଚିନ୍ମୟ ନନ୍ଦ ବଡ଼ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ସିନେ ଅଭିନେତ୍ରୀ ଶିବାନୀ ସଙ୍ଗୀତାଙ୍କ କଳା ପ୍ରଦର୍ଶନ ଓ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କ ଗୀତରେ ଉପସ୍ଥିତ ହଜାର ହଜାର ଦର୍ଶକ ଝୁମିଥିଲେ। ଏ ବର୍ଷର ଶ୍ରେଷ୍ଠ ଶିକ୍ଷା ପୁରସ୍କାରପ୍ରାପ୍ତ ନନ୍ଦିତା ଜେନା, ଶ୍ରେଷ୍ଠ ସମାଜସେବୀ ଭାବେ ଇଂ. ନଟବର ବିଶ୍ୱାଳ, ରଘୁନାଥ ଦାସ ଓ ଶ୍ରେଷ୍ଠ ସ୍ୱାସ୍ଥ୍ୟସେବୀ ସମ୍ମାନରେ ପ୍ରୀତମ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ସମାଜସେବୀ ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ପ୍ରାଚୀ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାଗୃତି ନୃତ୍ୟାଞ୍ଜଳି, ପଲ୍ଲୀ ନୃତ୍ୟ, ମାହାରୀ ନୃତ୍ୟ

**ଆକର୍ଷଣ ସାଜିଲା ମାହାରୀ, ପାଇକ ନୃତ୍ୟ**

ଓ ଖୋର୍ଦ୍ଧାର ପାଇକ ନୃତ୍ୟ ଆକର୍ଷଣ ସାଜିଥିଲା। ମୁଖ୍ୟ ଉପଦେଷ୍ଟା ଡ. ସଚ୍ଚିକାନ୍ତ ନାୟକଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର ମିଡିଆ ଆବାହକ ତଥା ଖବରଦାତା ମନୋରଞ୍ଜନ ମହାପାତ୍ରଙ୍କ ଦ୍ୱାରା ପିପିଲି ନ୍ୟୁଜ୍‌ରେ ଏହି ଉତ୍ସବର ସିଧା ପ୍ରସାରଣ ହୋଇଥିଲା। ସାଧାରଣ ସମ୍ପାଦକ ବିଭୁନି ସାମନ୍ତରାୟ, ମନୋଜ ପ୍ରଧାନ, ବିକାଶ ଅଗ୍ରୱାଲ, ମାନସ ମହାପାତ୍ର, ଅଭିମନ୍ୟୁ ମହାପାତ୍ର, ପ୍ରଫୁଲ୍ଲ ସାହୁ, ଇଂ. ଜେନାମଣି ଆଶିଷ ରଞ୍ଜନ ଜେନା, ବାପୁ ବେହେରା, ସମ୍ପଦ ମହାପାତ୍ର, ଚନ୍ଦନ ସ୍ୱାଇଁ, ଗଜେନ୍ଦ୍ର ବେହେରା, ସର୍ବେଶ୍ୱର ବୈଠାରୁ, ଚନ୍ଦନ ମହାନ୍ତିଙ୍କ ସହ ଜାଗୃତି ସଂଗଠନର ସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଭାଜପାର ଜନ ଆଶୀର୍ବାଦ ଯାତ୍ରା


ଜନ ଆଶୀର୍ବାଦ ଯାତ୍ରାରେ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଏବଂ ଅନ୍ୟମାନେ ।

ଡେଲାଙ୍ଗ,୧୨।୪(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକର ମୁନିନ୍ଦା ଗ୍ରାମପଞ୍ଚାୟତରେ ଶୁକ୍ରବାର ଭାଜପାର ଜନ ଆଶୀର୍ବାଦ ଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଭାଜପା ଜିଲା ସଭାପତି ତଥା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ମୁନିନ୍ଦାର ଅଳଉତା ଗ୍ରାମଠାରୁ ଏହି ଯାତ୍ରା ଆରମ୍ଭକରି ବେଲପଡା, ଚାନ୍ଦୋଳ, ମୁନିନ୍ଦା, ସେବତୀପୁର, ପୂର୍ବପାରି ସହିତ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ସେ ଘରକୁ ଘର ବୁଲି କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ଜନ ଆଶୀର୍ବାଦ ଭିକ୍ଷା ସହ ସାଧାରଣ ନିର୍ବାଚନରେ ଭାଜପାକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ଯାତ୍ରାରେ ମଣ୍ଡଳ ସଭାପତି ଲଡୁକିଶୋର ରାୟ, ସୁଧାଂଶୁ ଶେଖର ପରିଡ଼ା, ଶ୍ୱେତ କୁମାର ନାୟକ, ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଶୁଭାଶିଷ ଛୋଟରାୟ, ପ୍ରଫୁଲ୍ଲ ହରିଚନ୍ଦନ, ନିର୍ବାଚନମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ, ହରେକୃଷ୍ଣ ସ୍ୱାଇଁ, ଶଶିଭୂଷଣ ମହାନ୍ତି, ରବୀନ୍ଦ୍ର ପ୍ରଧାନ, ଦୀପ୍ତିରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ ।

# ମା' ନାରାୟଣୀଙ୍କୁ ଦର୍ଶନକଲେ ଜୟନ୍ତ

ପୁରୀ,୧୨।୪(ଅଜିତ୍ ମହାନ୍ତି)

ପୁରୀଠାରୁ କୋଣାର୍କ ଯିବା ରାସ୍ତାରେ ମା' ନାରାୟଣୀଙ୍କ ମନ୍ଦିର ଅବସ୍ଥିତ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମା' ନାରାୟଣୀଙ୍କ ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ସେ ଏହି ପୀଠ ପାଇଁ ଉନ୍ନତିର ହାତ ବଢ଼ାଉ ଆସୁଥିବାବେଳେ ଆଗାମୀ ଦିନରେ ଯଦି ପୁରୀ ବିଧାନସଭା ଆସନରୁ ପୁନର୍ବାର ବିଜୟଲାଭ କରନ୍ତି ତା'ହାଲେ ଏହି ପୀଠର ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମନ୍ଦିର କମିଟି ସଭାପତି ଛବିନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପ୍ରଧାନ, ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର, ଲକ୍ଷ୍ମୀଧର ଗୋଚ୍ଛାୟତ, ବାସୁଦେବ ସ୍ୱାଇଁ, ଟୁକୁ ପ୍ରଧାନ, ପ୍ରଭାତ ପ୍ରଧାନ, ଧଡ଼ିଆ ପ୍ରଧାନ, ଜଗବନ୍ଧୁ ଜେନା, ପ୍ରସାଦ ଭୋଳ, କୃଷ୍ଣ ପ୍ରଧାନ ଏବଂ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।


ମା' ନାରାୟଣୀଙ୍କ ପୀଠରେ ଭାଜପା ପ୍ରାର୍ଥୀ ଜୟନ୍ତ ଷଡଙ୍ଗୀ ଓ ଅନ୍ୟମାନେ ।

# 'ଶ୍ରୀମନ୍ଦିର ପ୍ରଶାସନ ଜନସାଧାରଣଙ୍କୁ ବିଭ୍ରାନ୍ତ କରିଛି'

ପୁରୀ, ୧୨।୪(ଅଜିତ କୁମାର ମହାନ୍ତି):

**ପଞ୍ଜିକାର ହରିଶଙ୍କର ମିଶ୍ରଙ୍କ ଅଭିଯୋଗ**

ପଞ୍ଜିକାରମାନଙ୍କ ଦ୍ୱାରା ୨୦୨୪ ମସିହା ପଣା ସଂକ୍ରାନ୍ତିର ନିର୍ଦ୍ଧାରଣ ଏକ ବିବାଦୀୟ ବିଷୟ ବୋଲି ପଞ୍ଜିକାର ହରିଶଙ୍କର ମିଶ୍ର କହିଛନ୍ତି। ମିଶ୍ର କହିଛନ୍ତି, ଆମର ସୌର ବର୍ଷ ୩୬୫ ଦିନ। ୨୦୨୪ ଫେବୃଆରୀ ମାସ ଯେହେତୁ ୨୯ ଦିନ, ସେଥିପାଇଁ ୨୦୦୪, ୨୦୦୮, ୨୦୧୨, ୨୦୧୬, ୨୦୨୦ ମସିହାର ପଣା ସଂକ୍ରାନ୍ତି ଏପ୍ରିଲ ୧୩ରେ ପଡ଼ିଥିଲା। ଯେହେତୁ ଚଳିତ ବର୍ଷ ଏକ ଅଧିବର୍ଷ, ତେଣୁ ଏପ୍ରିଲ ୧୩ ତାରିଖ ପଣାସଂକ୍ରାନ୍ତି ହେବା ଉଚିତ। ଏପ୍ରିଲ ୧୩ରେ ପଣା ସଂକ୍ରାନ୍ତି ହେବ ବୋଲି ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ବା ଭାଗ୍ୟ ଜ୍ୟୋତି ପଞ୍ଜିକାର ଗଣକମାନେ ଯେଉଁ ବଳିଷ୍ଠ ଯୁକ୍ତି ଉପସ୍ଥାପିତ କରିଛନ୍ତି, ସର୍ବୋପରି ସିଦ୍ଧାନ୍ତ ଦର୍ପଣକୁ ହିନ୍ଦୀ ଓ ଇଂଲିଶରେ ଅନୁବାଦ କରିଥିବା ଆଇପିଏସ୍ ଅଫିସର ଅରୁଣ ଉପାଧ୍ୟାୟ ଯେଉଁ ତଥ୍ୟଭିତ୍ତିକ ହିସାବ ଉପସ୍ଥାପନ କରିଛନ୍ତି, ସେହି ହିସାବରେ ୧୩ ତାରିଖରେ ପଣାସଂକ୍ରାନ୍ତି ପାଳିବା ଉଚିତ। କିନ୍ତୁ ମୁକ୍ତି ମଣ୍ଡପ ପଣ୍ଡିତ ସଭା ଯେହେତୁ ଗତବର୍ଷ ଏପ୍ରିଲ ୧୩କୁ ବର୍ଷର ଶେଷ ଦେଖାଇଥିଲା, ତେଣୁ ଏବର୍ଷ ୧୪ ତାରିଖକୁ ସଂକ୍ରାନ୍ତି ଜଣାଇଛି, ଯାହା ଭୁଲ ତଥ୍ୟ। ମୁକ୍ତିମଣ୍ଡପ ପଣ୍ଡିତ ସଭାରେ କୌଣସି ସ୍ଥାୟୀ ପଣ୍ଡିତ ନାହାନ୍ତି, କୌଣସି ଗଣକ ନାହାନ୍ତି, କି କୌଣସି ଜ୍ୟୋର୍ତିବିଦ୍ୟା ବିଶାରଦ ନାହାନ୍ତି। କିନ୍ତୁ ଅପରପକ୍ଷରେ ଅନ୍ୟମାନଙ୍କ ବଳିଷ୍ଠ ଯୁକ୍ତି ରହିଛି ଯେ, ଏହା ୧୩ ତାରିଖରେ ସଂକ୍ରାନ୍ତି ହେବ। ମୁକ୍ତିମଣ୍ଡପ ପଣ୍ଡିତ ସଭାର ଏହି ନିଷ୍ପତ୍ତିକୁ ଶ୍ରୀମନ୍ଦିର ପ୍ରଶାସନ ମାନି ନେବା ଦ୍ୱାରା ଜନସାଧାରଣଙ୍କୁ ବିଭ୍ରାନ୍ତି କରାଯାଇଛି ବୋଲି ମିଶ୍ର କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାଳ ଆଉ ନାହିଁ। ୨୦୨୦ ମସିହାଠାରୁ ଏହାର କାର୍ଯ୍ୟକାଳ ସରିଯାଇଛି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏହାର ସ୍ଥାୟୀ ସଭାପତି। ତେଣୁ ତାଙ୍କ ବିନା ଅନୁମୋଦନରେ ମୁକ୍ତିମଣ୍ଡପର ପ୍ରମାଣପତ୍ରକୁ ଶ୍ରୀମନ୍ଦିର ପ୍ରଶାସନ ଗ୍ରହଣ କରିବା ଯଥାର୍ଥ ନୁହେଁ। ଏହି ବିଭ୍ରାଟ ଯଦି ଲାଗିରୁହେ ତେବେ ଶାସକଓ ପ୍ରଜାଙ୍କ ଅନେକ କ୍ଷତି କରିବ ବୋଲି ମିଶ୍ର ସତର୍କ କରାଇଛନ୍ତି।

### 'ଶଙ୍କରାଚାର୍ଯ୍ୟ ଭାରତୀୟ ଭାଷାର ଧାରକ'

ପୁରୀ, ୧୨।୪(ଅଜିତ୍ ମହାନ୍ତି):

ଭାରତୀୟ ଭାଷା କମିଟି, ଶିକ୍ଷା ମନ୍ତ୍ରଣାଳୟ, ବେଦ-ପୁରୋହିତ-ରୀତି ଶାଖା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ କ୍ୟାମ୍ପସ ପୁରୀ ମିଳିତ ତତ୍ତ୍ୱାବଧାନରେ ଜଗଦ୍‌ଗୁରୁ ଶ୍ରୀଶଙ୍କରାଚାର୍ଯ୍ୟ ବକ୍ତୃତା ଶୃଙ୍ଖଳା ଏବଂ ଅନୁସନ୍ଧାନ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ଜି. ଜୟମାନିକ୍ୟ ଶାସ୍ତ୍ରୀ ମୁଖ୍ୟ ବକ୍ତା, ପ୍ୟାରୀମୋହନ ପଟ୍ଟନାୟକ, ପାରମ୍ଭା ଯୋଗମାୟା, କ୍ୟାମ୍ପସ ନିର୍ଦ୍ଦେଶକ ବିଜୟପାଲ କାଞ୍ଚୱା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। 'ଶଙ୍କରାଚାର୍ଯ୍ୟ ଭାରତୀୟ ଭାଷାର ଧାରକ' ବୋଲି ଅତିଥିମାନେ କହିଥିଲେ। ପ୍ରଫେସର ଲଳିତ କୁମାର ସାହୁ ସଭାପତିତ୍ୱ ଓ ଶିବର୍ଚ୍ଚିତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୋଡେରେଟର୍ ଭାବେ ଅଖିଳେଶ କୁମାର ମିଶ୍ର ଉପସ୍ଥିତ ଥିଲେ।

# ବାଡ଼ିନୃସିଂହଙ୍କ ଚାରି ଆଶ୍ରମ ବିଜେ

ପୁରୀ,୧୨।୪(ଅଜିତ୍ ମହାନ୍ତି)

ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ଶୁକ୍ରବାର ଅବସରରେ ବାଡ଼ିନୃସିଂହ ଶ୍ରୀମନ୍ଦିରରୁ ବାହାରି ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡିଏ ଅଧିକ ଆଜ୍ଞାମାଳ ଲାଗି କରାଯାଇଥିଲା। ପରେ ବାଡ଼ିନୃସିଂହ ଦକ୍ଷିଣୀଘରୁ ମହାଜନ ସେବକଙ୍କ ହାତରେ ଭିତରକୁ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ନିକଟରେ ଥିବା ବିମାନକୁ ବିଜେ କରିଥିଲେ। ଠାକୁରଙ୍କ ରୁନ୍ଦା କାର୍ଯ୍ୟ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ପରେ ଘଣ୍ଟଛତା, କାହାଳୀ ଏବଂ ସେବାୟତଙ୍କ ସହ ବିମାନବଡୁ ସେବକମାନେ ବାଡ଼ିନୃସିଂହଙ୍କୁ ଶ୍ରୀକ୍ଷେତ୍ରରେ ଥିବା ମହର୍ଷି ମାର୍କଣ୍ଡେୟ, ମହର୍ଷି କଣ୍ଡୁ, ମହର୍ଷି ଭୃଗୁ ଓ ମହର୍ଷି ଅଙ୍ଗିରାଙ୍କ ଆଶ୍ରମକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ବିଭିନ୍ନ ନୀତି ହୋଇ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ଏଥିସହ ନଗର ପରିକ୍ରମା ସମୟରେ ବିଭିନ୍ନ ମଠ, ଆଖଡ଼ା, ଦେବାଳୟ ଆଦି ପକ୍ଷରୁ ପ୍ରାୟ ୪୨ଟି ସ୍ଥାନରେ ନୃସିଂହ ଦେବଙ୍କୁ ପନ୍ତିଭୋଗ କରାଯାଇଥିଲା। ନଗର ପରିକ୍ରମା କରି ନୃସିଂହ ଦେବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ବାଡ଼ିନୃସିଂହଙ୍କ ନଗର ପରିକ୍ରମାର କିମ୍ବଦନ୍ତୀ ଅନୁଯାୟୀ, ୧୯୦୩ରୁ ୧୯୦୫ ମସିହା ମଧ୍ୟରେ ପୁରୀରେ ମହାମାରୀ ହଇଜା ବ୍ୟାପିଥିଲା। ଏହି ସମୟରେ ମୁକ୍ତିମଣ୍ଡପ ବ୍ରାହ୍ମଣ ସମେତ ସେବାୟତମାନେ ମହାପ୍ରଭୁଙ୍କ ନିକଟରେ ଶରଣ ପଶିଥିଲେ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ଅନୁଯାୟୀ, ନୃସିଂହ ଦେବଙ୍କୁ ସହର ପରିକ୍ରମା କରାଇଲେ ହଇଜା ଶ୍ରୀକ୍ଷେତ୍ରରୁ ଦୂରୀଭୂତ ହେବ ବୋଲି ସ୍ୱପ୍ନାଦେଶ କରିଥିଲେ। ମହାପ୍ରଭୁଙ୍କ ନିର୍ଦ୍ଦେଶ ଅନୁସାରେ ସେବାୟତମାନେ ନୃସିଂହଦେବଙ୍କୁ ନଗର ପରିକ୍ରମା କରାଇବା ପରେ ଶ୍ରୀକ୍ଷେତ୍ରରୁ ହଇଜା ଲୋପ ପାଇଯାଇଥିଲା ବୋଲି କୁହାଯାଏ। ନୃସିଂହ ଦେବନଗର ପରିକ୍ରମା କରି ବାଡ଼ି ବା ହଇଜା ଦୂର କରିଥିବାରୁ ସେ ବାଡ଼ିନୃସିଂହ ନାମରେ ବିଦିତ ହେଲେ। ସେହିଦିନ ଠାରୁ ଶ୍ରୀମନ୍ଦିରରେ ବାଡ଼ିନୃସିଂହ ପରମ୍ପରା ଚାଲିଆସୁଛି।

# ଯୁବନେତାଙ୍କୁ ଇଦ୍ ପର୍ବରେ ସ୍ୱାଗତ ସମ୍ବର୍ଦ୍ଧନା



ଯୋଗେଶ୍ୱରପୁର,୧୨।୪ (ରଶ୍ମିରଞ୍ଜନ ସାହୁ):

ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ପଞ୍ଚାୟତ ରଙ୍ଗତୋଟା ମୁସଲମାନ ବସ୍ତିରେ ଗୁରୁବାର ଇଦ୍‌ପର୍ବ ପାଳନ କରାଯାଇଛି। ଏହି ଅବସରରେ ଧୁମାଳ ସରପଞ୍ଚଙ୍କ ପ୍ରତିନିଧି ତଥା ବିଜେଡି ଯୁବନେତା ଅଭିମନ୍ୟୁ ସିଂ, ସଭାପତି ଆଲୋକ ରାୟ, ନାଏବ ସରପଞ୍ଚ ଅଶୋକ ସାହୁ, ସହଦେବ ମାଣିକ ପ୍ରମୁଖଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଉକ୍ତ ନେତୃବୃନ୍ଦ ସମସ୍ତଙ୍କୁ ଉଦ୍ ଶୁଭେଚ୍ଛା ଜଣାଇବା ସହ ଭାଇଚାରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଇଦ୍ ପର୍ବରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଭାଇଚାରା ଦେଖିବାକୁ ମିଳିଛି।

# କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ବଣ୍ଟନ

ଡେଲାଙ୍ଗ,୧୨।୪(ରଶ୍ମୀରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ମୁଖପାତ୍ର ନିଶିକାନ୍ତ ମିଶ୍ର ଶୁକ୍ରବାର ଗ୍ୟାରେଣ୍ଟି କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହି ଗ୍ୟାରେଣ୍ଟି କାର୍ଡରେ କୃଷିଋଣ ଛାଡ, ୨ଶହ ୟୁନିଟ୍ ମାଗଣା ବିଜୁଳି, ବେକାରିଙ୍କୁ ନିଯୁକ୍ତି ଓ ୩ ହଜାର ଭତ୍ତା, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ, ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଆଦି ନେଇ ଉଲ୍ଲେଖ ରହିଛି। ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଲକ୍ଷ୍ୟ ନେଇ କଂଗ୍ରେସ ଏହି କାର୍ଡ ବଣ୍ଟନ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ପିପିଲି ବ୍ଲକ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ମିଶ୍ର, ସୂର୍ଯ୍ୟକାନ୍ତ ସାମନ୍ତରାୟ, ଜୟମନ୍ୟୁ ସାମନ୍ତରାୟ, ବିଶ୍ୱରଞ୍ଜନ ସିଂହ, ସୁଶାନ୍ତ ସେଠୀ, ସେକ୍ ମେହବୁବ୍, ପ୍ରଶାନ୍ତ ଜେନା, ପ୍ରମୋଦ ପ୍ରଧାନ, ମାନସ ସ୍ୱାଇଁ, ପ୍ରକାଶ ନାୟକ, ପ୍ରହ୍ଲାଦ ପ୍ରଧାନ, ଧୀରେନ ସ୍ୱାଇଁ, ପ୍ରତାପ ବେହେରା, ଦୀନବନ୍ଧୁ ସାମନ୍ତରାୟ, ବାବୁ ସେଠୀ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।


କଂଗ୍ରେସ ନେତୃବୃନ୍ଦ ଗ୍ୟାରେଣ୍ଟି କାର୍ଡ ପ୍ରଦର୍ଶନ କରୁଛନ୍ତି ।

# 'ତୃଣମୂଳ ସ୍ତରରେ ବୁଥ୍ ହିଁ ଗଣତନ୍ତ୍ରର ମୂଳଦୁଆ'

ନିମାପଡ଼ା, ୧୨।୪(ରଞ୍ଜନ ପଟ୍ଟନାୟକ):

ଭାଜପା ରାଜ୍ୟ ନେତୃତ୍ୱଙ୍କ ଆହ୍ୱାନ କ୍ରମେ ଶୁକ୍ରବାର ନିମାପଡ଼ାସ୍ଥିତ ରବୀନ୍ଦ୍ର ମଣ୍ଡପରେ ଦଳର ନିମାପଡ଼ା ବିଧାନସଭା ପ୍ରାର୍ଥୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ 'ବୁଥ୍ ବିଜୟ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଜଗତସିଂହପୁର ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ବିଭୁପ୍ରସାଦ ତରାଇ ଯୋଗଦେଇଥିଲେ। ତରାଇ ବୁଥ ସଭାପତିମାନଙ୍କୁ ତୃଣମୂଳ ସ୍ତରରୁ କିପରି ଦଳକୁ ଅଧିକ ସଙ୍ଗଠିତ କରାଯିବ ସେ ବିଷୟରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ତୃଣମୂଳ ସ୍ତରରେ ବୁଥ୍ ହିଁ ଗଣତନ୍ତ୍ରର ମୂଳଦୁଆ। ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସରକାର ଗଠନରେ ବୁଥ୍‌ର ଭୂମିକା ଗୁରତ୍ୱପୂର୍ଣ୍ଣ। ଭୋଟର ସଚେତନତା ମାଧ୍ୟମରେ ହିଁ ଓଡ଼ିଶାରେ ଏକ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ଗଠନ କରାଯାଇପାରିବ ବୋଲି ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଥିଲେ। ଜିଲା ସାଧାରଣ ସମ୍ପାଦକ ତଥା ନିମାପଡ଼ା ବିଧାନସଭା କ୍ଷେତ୍ର ସଂଯୋଜକ ସୁଶାନ୍ତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, ବୁଥ ସଭାପତି, ଦଳର ବରିଷ୍ଠ ନେତୃବୃନ୍ଦ, ଜିଲା ପରିଷଦସଭ୍ୟ ପ୍ରମୋଦ ରାୟ, ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଓଝା, ଜଗତସିଂହପୁର ଲୋକସଭା ପ୍ରଭାରୀ ପବିତ୍ର ଦାସ, ବିଜୟ ପଣ୍ଡା, ଭାଜପାର ସମସ୍ତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ସତ୍ୟାଶିଷ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ବୁଥ୍ ବିଜୟ ଅଭିଯାନ କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦ।

# ପୋତି ହୋଇପଡୁଛି ଚିରସ୍ରୋତା ଦୟା

**କଣାସ, ୧୨।୪ (ବିଭୂତି ଭୂଷଣ ତ୍ରିପାଠୀ):**



ଦୟାନଦୀ ନାଳ ପାଲଟିଛି।

ଧଉଳି ପାହାଡ଼ ପାଦଦେଶରେ ପ୍ରବାହିତ ଚିରସ୍ରୋତା ଦୟା ନଦୀ ଧୀରେ ଧୀରେ ଅବକ୍ଷୟ ହେବାକୁ ବସିଥିଲେ ମଧ୍ୟ ତା'ର ସୁରକ୍ଷା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ନଜର ଦେଉନାହାନ୍ତି। ଏଥିଯୋଗୁ କଣାସ, ଡେଲାଙ୍ଗ, ଜଟଣୀ, ପିପିଲି ଅଞ୍ଚଳବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶାର ବଡ଼ନଦୀ ମହାନଦୀର ଦୁଇ ଶାଖାନଦୀ କୁଆଖାଇ ଓ କାଠଯୋଡ଼ି। କୁଆଖାଇର ଶାଖା ନଦୀ ଭୁବନେଶ୍ୱର ନିକଟବର୍ତ୍ତୀ ସରଦେଇପୁରଠାରୁ ଦୟା ଓ ଭାର୍ଗବୀ ଦୁଇ ଭାଗରେ ବିଭକ୍ତ ହୋଇ ଚିଲିକାରେ ସଂଯୋଗ ହୋଇଛି। ଦୟାନଦୀ ସରଦେଇପୁରଠାରୁ ବାହାରି ଧଉଳି ପାହାଡ଼ ପାଦଦେଶ ଦେଇ କଣ୍ଟି, ତିରିମଲ୍ଲ ପର୍ଯ୍ୟନ୍ତ ଆସିବା ପରେ ତିରିମଲ୍ଲଠାରୁ ଦୁଇଭାଗରେ ବିଭକ୍ତ ହୋଇ ଦୟା ଓ ରାଜୁଆ ନଦୀରେ ପରିଣତ ହୋଇ ପୁନଶ୍ଚ କଣାସ ବ୍ଲକର ନୂଆଦୋକନ୍ଦା ନିକଟରେ ମିଶି ବଳଭଦ୍ରପୁରଠାରୁ ମକରା ଓ ଦୟା ନଦୀ ପୃଥକ ହୋଇ ଚିଲିକାରେ ମିଶିଛି। ଦୟାନଦୀ ସହିତ ବଡଗୋଷ୍ଠ ନିକଟରେ ଲୁଣା ଓ ଭାର୍ଗବୀ ଆସି ମିଶିବାପରେ ତିନିନଦୀର ଜଳ ଚିଲିକାକୁ ପ୍ରବାହିତ ହେଉଛି। ୧୨୫ ବର୍ଷ ତଳେ ଗଡ଼ବଡ଼ପୁଟ ଗ୍ରାମର ରାଜକିଶୋର ବଳବନ୍ତରାୟ ନିଜ ପୋଢ ସାହାଯ୍ୟରେ ଲଙ୍ଗଳରେ ଗାରକାଟି ତିରିମଲ୍ଲଠାରୁ ଦୟାନଦୀରୁ ଏକ ସୋରା ଖୋଳି କଖାରୁ କିଆରିକୁ ପାଣି ମଡାଉଥିଲେ। ସେହି ନାଳଟି ଧୀରେ ଧୀରେ ବଡହୋଇ ବର୍ତ୍ତମାନ ରାଜୁଆ ନଦୀରେ ପରିଣତ ହେବାସହ ଚିରସ୍ରୋତା ପାଲଟିଛି। ରାଜୁଆ ନଦୀ ଚିରସ୍ରୋତା ହେବା ଦିନଠାରୁ ଦୟା ନଦୀର ମୁହାଁଣ ପୋତି ହୋଇଯିବାରୁ ଦୟା ନଦୀରେ କେବଳ ବନ୍ୟା ୪ମାସ ଜଳ ପ୍ରବାହିତ ହେଉଛି। ଲୋକକଥାରେ ଅଛି, ଯେଉଁଅଞ୍ଚଳରେ ଯେତେ ନଦୀ ସେ ଅଞ୍ଚଳ ସେତେ ଶସ୍ୟଶାମଳା। ହେଲେ ଦୁଃଖର ବିଷୟ ଯୋରକଣି, ଡିଗିରିଆ, ବାଲୁହୁଁଙ୍କା, ଶିଶୁଆପଡ଼ା, ବାରଦା, ବୀରକେଶରପୁର, ନୂଆହାଟ, ହଳଦୀ ପଦର, ତ୍ରିଲୋଚନପୁର, ବେହେଣ୍ଟା, ନୂଆସାହି, କାତପଡ଼ା, ବେଲପଡ଼ା, ମାଟିଆ ପଡ଼ା, ଚଣ୍ଡେଇପଡ଼ା, ରାଣୀପଡ଼ା, ଗାଉପଡ଼ା, ବଗିପଡ଼ା, ପାଣ୍ଡିଆକେରା, ଶିମିଳିପାଟଣା, ନାନକେରା, କଣାସ, ଦୋକନ୍ଦା ଏବଂ ବଳଭଦ୍ରପୁର ଗ୍ରାମବାସୀ ଦୟାନଦୀର ଦୁଇ ପଠାରେ ବାଇଗଣ, କଲରା, କଖାରୁ, ଭେଣ୍ଡି, ମୂଳା, ଜହ୍ନି, ଟମାଟୋ, କଞ୍ଚାଲଙ୍କା, ପୋଇ, ବିଭିନ୍ନ ପ୍ରକାର ଶାଗ ପ୍ରଭୃତି ଫସଲ ଚାଷ କରି ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା, କଟକ,

## ନଦୀଶଯ୍ୟା ଖନନ ପାଇଁ ପଦକ୍ଷେପ ନେଉନି ପ୍ରଶାସନ

ରାଉରକେଲା, ବ୍ରହ୍ମପୁର ସମେତ ରାଜ୍ୟ ବାହାରକୁ ପଠାଉଥିଲେ। କିନ୍ତୁ ଦୟାନଦୀ ଚିରସ୍ରୋତା ବନ୍ଦ ହେବାଠାରୁ ପରିବା ଫସଲ ଅମଳ କମିଯାଇଛି। ନଦୀଶଯ୍ୟା ପୋତିହୋଇ ପଡ଼ିଥିବାରୁ ଖୋଳିବା ପାଇଁ ନୀଳାଚଳ କୃଷକ ମହାସଂଘ ଏବଂ କଣାସ, ଡେଲାଙ୍ଗ, ପିପିଲି ଓ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ଜନସାଧାରଣ ବାରମ୍ବାର ଆନ୍ଦୋଳନ କରିଥିଲେ ମଧ୍ୟ ସଫଳତା ମିଳିପାରିନାହିଁ। ନଦୀକୂଳ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଦୟାନଦୀର ଓସାର ତିରିମଲ୍ଲଠାରୁ ନୂଆଦୋକନ୍ଦା ୨୫ କି.ମି. ପର୍ଯ୍ୟନ୍ତ ନଦୀଶଯ୍ୟା ୫ ମିଟରରେ ଜଳ ପ୍ରବାହିତ ହେଉଥିବାବେଳେ ଅନ୍ୟ ଅଂଶ ସବୁ ପୋତି ହୋଇପଡ଼ିଛି। ଆଗାମୀ ଦିନରେ ଏହା ଯେ ବିଲୁପ୍ତ ନ ହେବ ତାହା ସମୟ ହିଁ କହିବ। କଣାସ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ନଦୀ ପୋତି ହେବା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ନଦୀ ଖୋଳିବା ପାଇଁ ପ୍ରସ୍ତାବ ଆଗତ କରାଯାଇଛି। କିନ୍ତୁ କାର୍ଯ୍ୟକାରୀ ହୋଇନାହିଁ।

# ସ୍କୁଟିକୁ ଧକ୍କାଦେଲା ପର୍ଯ୍ୟଟକଙ୍କ କାର୍: ୨ ଗୁରୁତର



**ଗୋପ, ୧୨।୪ (ଭାରତୀ ଭୂଷଣ ଉପାଧ୍ୟାୟ):** ଗୋପ ନିମାପଡ଼ା ରାସ୍ତାର କୁସୁପୁର ବାହାରଣା ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ସ୍କୁଟି ସହ କାର୍ ମୁହାଁମୁହିଁ ଧକ୍କା ଦେଇଛି। ଫଳରେ ୨ଜଣ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶର ଜଣେ ଯୁବତୀଙ୍କ ସହିତ ୩ ଯୁବକ ଏକ କାର୍ (ନଂ. ଏପି- ୩୯ ଏମ୍ ଆର୍ -୭୦୮୪) ଯୋଗେ ପୁରୀ ଓ କୋଣାର୍କ ବୁଲିସାରି ଭୁବନେଶ୍ୱର ଫେରୁଥିଲେ। ଏହି ସମୟରେ ଅପର ପାର୍ଶ୍ୱରୁ ଆସୁଥିବା ସ୍କୁଟି (ନଂ. ଓଡି -୧୩-କ୍ୟୁ- ୫୦୪୩) ସହ କାର୍ ଧକ୍କା ହୋଇଥିଲା। ଫଳରେ ସ୍କୁଟି ଆରୋହୀ ଗୋପ ବ୍ଲକରେ କାର୍ଯ୍ୟରତ ବିଷ୍ଣୁପ୍ରିୟା ବରାଳ (୩୦) ଓ ବୈଶାଖୀ ରାଉତ (୨୬) ଗୁରୁତର ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ ୨ମହିଳାଙ୍କୁ ଉଦ୍ଧାର କରାଯାଇ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡା. ସରିତା ମିଶ୍ର ପ୍ରାଥମିକ ଚିକିତ୍ସା କରିବା ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ସୂଚନାଯୋଗ୍ୟ, ଏହି କାର୍‌ଟି ଦ୍ରୁତ ଗତିରେ ଆସୁଥିବାରୁ ସ୍କୁଟିକୁ ଧକ୍କା ଦେଇ ନିକଟସ୍ଥ ଜଙ୍ଗଲ ଭିତରକୁ ପଶି ଯାଇଛି। ଏବେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରୀ ଦୁଇଟି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଗୁରୁତରଙ୍କ ପକ୍ଷରୁ ଏତଲା ଦିଆଯାଇନାହିଁ। ଗାଡ଼ିରେ ଥିବା ପର୍ଯ୍ୟଟକଙ୍କୁ ପୋଲିସ ଜିମାରେ ଛଡ଼ାଯାଇଛି।

# 'ସୁନ୍ଦର ପରିବେଶ ପାଇଁ ଚାରାରୋପଣ କରନ୍ତୁ'




ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**ଗୋପ, ୧୨।୪ (ଭାରତୀ ଭୂଷଣ ଉପାଧ୍ୟାୟ):**

କିଛି ବର୍ଷ ହେବ ପରିବେଶ ସନ୍ତୁଳନତା ନଷ୍ଟ ହେବାରେ ଲାଗିଛି। ପରିବେଶକୁ ସୁନ୍ଦର ରଖିବା ପାଇଁ ଆମେମାନେ ଗୋଟିଏ ଲେଖାଏ ଚାରା ରୋପଣ କରିପାରିବା ବୋଲି ଶୁକ୍ରବାର ସନ୍ଧ୍ୟାରେ ଗୋପ ମେଳଣ ପଡ଼ିଆରେ ଶ୍ରୀଗୋପାଳଜୀଉ ସାଗର ସ୍ନାନ ମେଳଣ ତଥା ଗୋପ ଲୋକ ଉତ୍ସବ ଉଦ୍‌ଯାପିତ କାର୍ଯ୍ୟକ୍ରମରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ଯୋଗେଦଇ ମତବ୍ୟକ୍ତ କରିଛନ୍ତି। ପ୍ରାଧାପକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଗୋପୀନାଥ କର, ସତ୍ୟପୀର ନାୟକ,

## ଶ୍ରୀଗୋପାଳଜୀଉ ସାଗର ସ୍ନାନ ମେଳଣ, ଗୋପ ଲୋକଉତ୍ସବ ଉଦ୍‌ଯାପିତ

ନରେନ୍ଦ୍ର ଦାଶ, ରବୀନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ ମେଳଣ ଜରିଆରେ କିପରି ଭାବର ଆଦାନପ୍ରଦାନ ହୋଇଥାଏ ଓ ଏକତାର ନିଦର୍ଶନ ପରିପ୍ରକାଶ ହୋଇଥାଏ ତାହା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଘୋଷକ ଭାବେ ସଂଗ୍ରାମ କେଶରୀ ଭୋଳ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିବାବେଳେ ଅଭିମନ୍ୟୁ କାଣ୍ଡି ଧନ୍ୟବାଦ ଦେଇଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ୧୨.୫ ଗ୍ରାମ୍ ବ୍ରାଉନସୁଗାର ଜବତ: ବେପାରୀ ଗିରଫ

**ସାକ୍ଷୀଗୋପାଳ, ୧୨।୪ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ):**

ଦୀର୍ଘଦିନ ହେବ ସତ୍ୟବାଦୀ ପୋଲିସକୁ ଚକ୍‌ମା ଦେଉଥିବା ଜଣେ ବ୍ରାଉନସୁଗାର ବେପାରୀଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପରଜାପଡ଼ା ଗ୍ରାମର ଜୟନ୍ତ କୁମାର ସ୍ୱାଇଁ। ତାଙ୍କ ନିକଟରୁ ୧୨.୫ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏ ନେଇ ସତ୍ୟବାଦୀ ଥାନାରେ ଅଭିଯୁକ୍ତଙ୍କ ନାମରେ ଏକ ମାମଲା (ନଂ. ୧୧୫/୨୪) ରୁଜୁ କରାଯାଇ ତଦନ୍ତ ଚାଲିଛି। ପୋଲିସ ସୂଚନା ଅନୁଯାୟୀ, ଜୟନ୍ତ ଗବକୁଣ୍ଡସ୍ଥିତ ଏକ କଲଭର୍ଟ ନିକଟରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଥିଲା। ଥାନା ଆଇଆଇସି ଉମେଶ କୁମାର ସାହୁ ସଦଳବଳ ଗୁରୁବାର ଉକ୍ତ ସ୍ଥାନରେ ଚଢ଼ାଉ କରି ଜୟନ୍ତଙ୍କୁ ଧରିଥିଲେ। ଜେରା ସମୟରେ ତାଙ୍କ ନିକଟରୁ ୧୨.୫ ଗ୍ରାମର ବ୍ରାଉନସୁଗାର ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପୋଲିସ ଆକଳନ କରିଛି।

# ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ସାକ୍ଷୀଗୋପାଳ, ୧୨।୪ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):**

ସତ୍ୟବାଦୀସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ 'କାସରା - ୨' ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ବିନ୍ଦୁସାଗର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଏନ୍‌ସିଇଆରଟିର ପ୍ରଫେସର ହୃଷୀକେଶ ସେନାପତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଚିନ୍ମୟ ସେନାପତି, ବ୍ରହ୍ମଗିରି ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଯଶୋବନ୍ତ ବେହେରା, ପୁରୀ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଳବେହେରା ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ସେନାପତି ନୂତନ ଶିକ୍ଷାନୀତି, ଭାରତୀୟ ଶିକ୍ଷାନୀତି, ସଂସ୍କୃତି, ସଭ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରୀଙ୍କ ପ୍ରତିଭା ବିକଶିତ ହେବା ଆବଶ୍ୟକ। ଛାତ୍ରୀଛାତ୍ରମାନେ ସେମାନଙ୍କ ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଅବଗତ ହେଲେ ଦେଶ ଆଗକୁ ଯାଇପାରିବ। ଭାରତୀୟ ସଂସ୍କୃତି ବସୁଧୈବ କୁଟୁମ୍ବକମ ଓ ସର୍ବେ ଭବନ୍ତୁ ସୁଖିନଃ ଆମର ଅନ୍ତର୍ଜାତୀୟ ନାଗରିକତାର ପରିଚୟ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଶିକ୍ଷକ ରିଙ୍କୁ ଦଳାଇ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ମନସ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌ଡି୫୪-ଏଏମ୍‌ଏନ୍-ସିଏଲ୍‌ଏନ୍-କ୍ଲଷ୍ଟର୪-୨୪, ତାରିଖ: ୧୦।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୧୦୯୬ ଦିନ ଅବଧି ପାଇଁ ବଡ଼ବିଲ, ଝିଙ୍କପାଣି, କେନ୍ଦପୋଷି, ମାଲୁକା, ଡାଙ୍ଗୋଆପୋଷି, ନୋଆମୁଣ୍ଡି, ବଡ଼ ଜାମଦା, ଗୁଆ, ଦେଓଝର, ମୁର୍ଗା ମହାଦେବ ରୋଡ଼, ବାଂଶପାଣି, ଜାରୋଲି ଏବଂ ଚାଇବାସା ରେଳ ଷ୍ଟେସନଗୁଡ଼ିକରେ ପରିଣାମ ଆଧାରିତ ମାନୁଆଲ୍ ସଫେଇ ଓ ରକ୍ଷଣାବେକ୍ଷଣ। **ବିଭାଗୀୟ ମୂଲ୍ୟ:** ₹୧,୨୧,୯୩,୬୪୬.୬୪। **ଅମାନତ ରାଶି:** ₹୨,୧୧,୦୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୨।୦୫।୨୦୨୪ରିଖ ୧୨.୩୦ ଘଟିକା। **ୱେବ୍‌ସାଇଟ୍ ବିବରଣୀ: www.ireps.gov.in**
ବି.ଦ୍ର.: ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଠିକାଦାରଙ୍କୁ **www.ireps.gov.in**ରେ ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରିବାକୁ ପଡ଼ିବ। **(PR-32)**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଗଣେଶ ଷ୍ଟୋର, ରସୁଲଗଡ଼ ଛକ, ଡାଲିମ୍ବଉଳ ଓ ଷ୍ଟେସନାରୀ ଗୋଦାମ ପାଇଁ ୪ ଅଭିଜ୍ଞ ପିଲା ଆବଶ୍ୟକ। ଦରମା ୧୦,୦୦୦ ରୁ ୧୩,୦୦୦ ପର୍ଯ୍ୟନ୍ତ। ରହିବା ଖାଇବା ସବୁ ମାଗଣା।
Mob. - 9938540795

**REQUIREMENT**
For a Construction Site
- Data Entry Operator
- Machine Maintenance Mngr.
Ph - 7873907777
sitekhorda@gmail.com

**MARKETING EXECUTIVE REQUIRED**
Bhubaneswar based TILES & GRANITE SHOWROOM requires Marketing Executive. Preferably Matric Pass (ମାଟ୍ରିକ୍ ପାସ୍) with good communication skill, Age- 20 to 25 years, only male. Salary negotiable.
Contact Mobile No.:
8270000024

**ଆବଶ୍ୟକ**
'ଟିମ୍ ଆଡ୍‌ମାର୍କ', ଭୁବନେଶ୍ୱର ସଂସ୍ଥା ପାଇଁ 'ଫ୍ଲେକ୍ସ ପ୍ରିଣ୍ଟିଂ ମେସିନ ଅପରେଟର' ଦରକାର। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ।
ଫୋନ୍ ନମ୍ବର: ୯୨୩୮୮୨୨୨୨୫, ୬୩୭୦୯୪୮୫୦୯, ୭୭୩୫୨୨୦୧୮୮

# 'ସ୍ମୃତିରେ ସ୍ମୃତିରେ ଶାନ୍ତିଲତା'




ଜଣେ କଣ୍ଠଶିଳ୍ପୀ ଭକ୍ତି ସଙ୍ଗୀତ ପରିବେଷଣ କରୁଛନ୍ତି ।

**ନିମାପଡ଼ା, ୧୨।୪ (ରଞ୍ଜନ ପଟ୍ଟନାୟକ):**

ଭଜନ ସମ୍ରାଜ୍ଞୀ ଶାନ୍ତିଲତା ବାରିକ ଛୋଟରାୟଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ ସ୍ୱରୂପ ନିମାପଡ଼ା କଳାକାର ସଂଘ ପକ୍ଷରୁ ଶୁକ୍ରବାର ଦୋଳବେଦି ଛକଠାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ଷୀୟାନ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ସୁବାସ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁ ଗଙ୍ଗାଧର ଓଝା, ଗୁରୁ ଗୌରୀଶଙ୍କର ଆଚାର୍ଯ୍ୟ, ଗୁରୁ ମଙ୍ଗରାଜ ରାଉତ, ଗୁରୁ ପୀତବାସ ନାୟକ ଏବଂ ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇ ଶାନ୍ତିଲତାଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଶାନ୍ତିଲତାଙ୍କ ଶିଷ୍ୟା ଶିଷ୍ୟ ଯୋଗଦେଇ ଭଜନ ମାଧ୍ୟମରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୁରୁ ନିରଞ୍ଜନ ପଳତା ଏବଂ ସୁଜାତା ନାୟକ ମଞ୍ଚ ପରିଚାଳନା କରିଥିଲେ।

# ନିର୍ବାଚନ ପରିଚାଳନା ପାଇଁ ୧୫୦୩ ଅଧିକାରୀ ପ୍ରଶିକ୍ଷଣ ନେଲେ

**ପୁରୀ, ୧୨।୪ (ଅଜିତ୍ ମହାନ୍ତି)**



ଆଗାମୀ ନିବାର୍ଚନକୁ ଦୃଷ୍ଟିରେ ରଖି ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କୁ ଶୁକ୍ରବାର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ସହ ଯେପରି ତ୍ରୁଟିଶୂନ୍ୟ ଭାବେ ଏହାକୁ ପରିଚାଳନା କରାଯାଇପାରିବ ସେଥିପାଇଁ ଏହି ପ୍ରଶିକ୍ଷଣ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବରିଷ୍ଠ ଅଧିକାରୀମାନେ ପ୍ରଶିକ୍ଷାର୍ଥୀଙ୍କୁ କହିଥିଲେ। ୧୫୦୩ ପ୍ରିଜାଇଡିଂ ଓ ପୋଲିଂ ଅଫିସର ପ୍ରଶିକ୍ଷଣ ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବିବିଧ କାରଣରୁ ଅନୁପସ୍ଥିତ ରହି ପ୍ରଶିକ୍ଷଣ ନେଇପାରି ନ ଥିବା ୨୬୮ଜଣ ଓ ନୂତନ ଭାବେ ୧୨୩୫ ଜଣଙ୍କୁ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନେ ଭାରତର ନିର୍ବାଚନ କମିଶନରଙ୍କ ମାର୍ଗଦର୍ଶିକା ଆଧାରରେ ଯେପରି ଶୃଙ୍ଖଳିତ ଭାବେ ନିର୍ବାଚନ ପରିଚାଳନା କରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ବିଶେଷକରି ବିଭିନ୍ନ ଫର୍ମ ପୂରଣ ସହ ଇଭିଏମ୍ ଏବଂ ଭିଭିପିଏଟିର ବ୍ୟବହାର, ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କ ଦାୟିତ୍ୱ ଉପରେ ବିଶଦ ପ୍ରଶିକ୍ଷଣ ଦିଆଯାଇଥିଲା। ଭଲଭାବେ ପ୍ରିଜାଇଡିଂ ଅଫିସର ହ୍ୟାଣ୍ଡ ବୁକକୁ ଅଧ୍ୟୟନ ସହ କୌଣସି କ୍ଷେତ୍ରରେ ବୁଝିବାରେ ଅସୁବିଧା ହେଲେ ମାଷ୍ଟର ଟ୍ରେନରମାନଙ୍କ ସହଯୋଗ ନେବାକୁ ପରାମର୍ଶ ଦିଆଯାଇଥିଲା। ଜିଲା ନିର୍ବାଚନ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ବ୍ଲକ ସଦର ମହକୁମାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଶରତ ଚନ୍ଦ୍ର ବେହେରା, ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ ପ୍ରମୁଖ ତଦାରଖ କରିଥିଲେ।

**ODISHA PUBLIC SERVICE COMMISSION**

**NOTICE**

No. : 2002 / PSC, Dt : 12.04.2024
(1R-02-2023-24, DR-V)

**Corrigendum to advertisement No. 27 of 2023-24 for recruitment to the post of Assistant Professor (Stage - 1) (College Branch) of Govt. Degree Colleges under Department to Higher Education.**

No.D: It is for information of all concerned that, due to technical issues, the Commission has been pleased to extend the last date for submission of online application forms **till 30.04.2024** to facilitate the candidates to apply smoothly.

All other terms and conditions of the Advt. No.27 of 2023-24 remain unchanged.

OIPR-12002/11/0007/2425 **Sd./-Secretary**

**MINISTRY OF ROAD TRANSPORT AND HIGHWAYS**
Transport Bhawan, 1, Parliament Street, New Delhi - 110001

**TAHASIL OFFICE, KANIHA**
Land Acquisition Officer and Competent Authority,
NH-53 Project, Kaniha, Dist.: Angul

**PUBLIC NOTICE**

**For Land Owners/Persons Interested therein for Delivery of Possession of Land acquired for construction of a Nation Highway**

Kind attention of all land owners/interested persons is invited to the Public Notice published in the following Newspapers informing them regarding.
- Announcement of award.
- Calling upon them to collect the compensation within a period of 60 days and
- Requesting the land owners to hand over the possession of the subject land to the undersigned.

| Sl. No. | Names of the Newspaper in which published | Date of Newspaper |
|---|---|---|
| 01 | Sambad | 05.02.2024 |
| 02 | Dharitri | 05.02.2024 |

The prescribed time of 60 days has expired on 04.04.2024. Accordingly, all the land land owners/interested persons are hereby called upon to hand over the possession of the acquied land to the undersigned immediately, falling which the same shall be taken with the police assistance in accordance with sub-section (2) of Section 3E of the NH Act 1956.
Needless to say, such of the land owners/interested persons who have still not collect their compensation amount, may collect the same on any working day from the office of the undersigned.

Sd./- Tahasildar-cum-CALA-
NH-53, Kaniha

ଫର୍ମ ନଂ. ୩
[ ନିୟମାବଳୀ-୧୫(୧)(କ) ଦେଖନ୍ତୁ ]
ଇନ୍ ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ, କୋଲକାତା
୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା - ୭୦୦୦୦୧
୨୦୨୪ର ମିସ୍ ଅପିଲ ଡାଏରୀ ନଂ. ୨୦୫

ବାଦୀ/ମାନେ: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍
-ବନାମ-
ପ୍ରତିବାଦୀ/ମାନେ: ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ୍ ଆସୋସିଏଟ୍ସ ଲିମିଟେଡ୍ ଏବଂ ଅନ୍ୟମାନେ
ପ୍ରାପ୍ତେଷୁ,
(ସମସ୍ତ ପ୍ରତିବାଦୀମାନଙ୍କ ନାମ)
୧) **ତଥାଗତ ମହାନ୍ତି,** ପିତା: ତୁଷାର କାନ୍ତି ମହାନ୍ତି, ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ୍ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ହାଉସ ନଂ. ୪, ଜିମ୍ ଖାନା, ପାମ୍ ହାଇଟ୍ସ ରେସିଡେନ୍ସି, ସାମପୁର, ଭରତପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ -୭୫୧୦୦୩ (ପ୍ରତିବାଦୀ ନଂ. ୨)
୨) **ଅମ୍ରିତା ମହାପାତ୍ର ଓରଫ୍ ମହାନ୍ତି,** ସ୍ୱାମୀ: ତୁଷାର କାନ୍ତି ମହାନ୍ତି, ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ୍ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ହାଉସ ନଂ. ୪, ଜିମ୍ ଖାନା, ପାମ୍ ହାଇଟ୍ସ ରେସିଡେନ୍ସି, ସାମପୁର, ଭରତପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୩ (ପ୍ରତିବାଦୀ ନଂ. ୩)
୩) **ତୁଷାର କାନ୍ତି ମହାନ୍ତି,** ପିତା: କୃଷ୍ଣ ମୋହନ ମହାନ୍ତି, ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ୍ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ବି-୬, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଏମ୍‌ବି. ନଂ.: ୯୮୬୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୪ (ପ୍ରତିବାଦୀ ନଂ. ୪)
୪) **ଉପଗୁପ୍ତ ମହାନ୍ତି,** ପିତା: ତୁଷାର କାନ୍ତି ମହାନ୍ତି, ପାୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ୍ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ଏ ୧୭/୮, ସୂର୍ଯ୍ୟନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୩ (ପ୍ରତିବାଦୀ ନଂ. ୬)
୫) **କଲର କମ୍ପ୍ଲେକ୍ସ ପ୍ରା.ଲିଃ.,** ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରତିନିଧିତ୍ୱ, ବି-୬, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଏମ୍‌ବି. ନଂ.: ୯୮୬୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୪ (ପ୍ରତିବାଦୀ ନଂ. ୯)

**ସମନ**

୧) ଯେହେତୁ ବାଦୀ, ପ୍ରିଜାଇଡିଂ ଅଫିସର, ଡେବଟ୍ସ ରିକଭରି ଟ୍ରିବ୍ୟୁନାଲ, କଟକଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶ ଏବଂ ଅନ୍ୟାନ୍ୟ ସହାୟତା ବିରୁଦ୍ଧରେ ରିକଭରି ଅଫ୍ ଡେବଟ୍ସ ଆଣ୍ଡ ବ୍ୟାଙ୍କ୍ରପ୍ଟସି ଆକ୍ଟ ୧୯୯୩ର ଧାରା ୨୦ ଅନ୍ତର୍ଗତ ଏକ ଅପିଲ୍ ଫାଇଲ୍ କରିଛନ୍ତି। ଆପଣଙ୍କୁ ଏତଦ୍‌ଦ୍ୱାରା ଏହି ଟ୍ରିବ୍ୟୁନାଲ ସମ୍ମୁଖରେ **ପୂର୍ବାହ୍ନ ୧୦.୩୦ ଘଟିକା** କିମ୍ବା ଟ୍ରିବ୍ୟୁନାଲର ସୁବିଧା ମୁତାବକ ତତ୍‌ପରବର୍ତ୍ତୀ କୌଣସି ସମୟରେ **ତା.୦୨.୦୫.୨୦୨୪ରିଖ** ଦିନ ଦାବିର ଉତ୍ତର ପାଇଁ ଏବଂ ଲିଖିତ ବିବୃତି ନେଇ ଦାବିର ଉତ୍ତର ଦେବାପାଇଁ ସମନ ଜାରି କରାଯାଇଛି।

୨) ଅପିଲର ଏକ କପି ଏଥିରେ ସଂଯୁକ୍ତ କରାଯାଇଛି। ଆନେକ୍ସର କପିଗୁଡ଼ିକ ମଧ୍ୟ ଏଥିରେ ସଂଯୁକ୍ତ କରାଯାଇଛି। ଆପଣ ଟ୍ରିବ୍ୟୁନାଲରେ ଉପସ୍ଥିତ ହେବା ପୂର୍ବରୁ ସଂଲଗ୍ନ ଆନେକ୍ସର/ କାଗଜପତ୍ରଗୁଡିକ ସଂଗ୍ରହ କରିବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।

୩) ଯଦି ଆପଣ କୌଣସି ଡକ୍ୟୁମେଣ୍ଟ ଫାଇଲ୍ କରିବାକୁ ଇଚ୍ଛା କରନ୍ତି, ଆପଣ ଏହାକୁ ଲିଖିତ ବିବରଣୀର ତାଲିକା ସହିତ ଫାଇଲ୍ କରିପାରନ୍ତି।

୪) ଆପଣ ଟ୍ରିବ୍ୟୁନାଲ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିର୍ଦ୍ଦେଶିତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହେବା ପୂର୍ବରୁ ଆପଣଙ୍କ ପଞ୍ଜିକୃତ ଠିକଣା ଏବଂ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଫାଇଲ୍ କରିବା ଆବଶ୍ୟକ।

୫) ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ଉପରଦର୍ଶିତ ତାରିଖରେ ଆପଣ ଟ୍ରିବ୍ୟୁନାଲ (ଅଦାଲତ)ରେ ହାଜିର ନହେଲେ, ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମାର ଶୁଣାଣି କରାଯାଇ ଫଏସଲା କରାଯିବ।

ମୋର ଦସ୍ତଖତ ଏବଂ ସହି ମୋହର ସହ ଟ୍ରିବ୍ୟୁନାଲରେ **ତା.୧୦.୦୪.୨୦୨୪ରିଖରେ** ଆଦିଷ୍ଟ।

ସ୍ୱା/- ରେଜିଷ୍ଟ୍ରାର୍
ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ
କୋଲକାତା

## ସଂକ୍ଷେପରେ

### ଭାରତୀୟ ସଂସ୍କୃତି, ପରମ୍ପରାର ସଂରକ୍ଷଣ କରିଥିଲେ ଶିବାଜୀ

**ତୃତୀୟ ଦିନରେ ପତଞ୍ଜଳିର 'ଛତ୍ରପତି ଶିବାଜୀ ମହାରାଜ କଥା'**

**ଭୁବନେଶ୍ୱର,୧୨।୪(ଅନୁରାଧା ମହାରଣା):** ଚୈତ୍ର ନବରାତ୍ରି ତଥା ରାମନବମୀ ଏବଂ ଯୋଗଗୁରୁ ରାମଦେବଙ୍କ ୩୦ତମ ସନ୍ନ୍ୟାସ ଦିବସ ଅବସରରେ ସ୍ୱାମୀ ଗୋବିନ୍ଦ ଗିରିଙ୍କ ଦ୍ୱାରା 'ଛତ୍ରପତି ଶିବାଜୀ ମହାରାଜ କଥା' ଆୟୋଜିତ ହୋଇଛି। ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠ-୨ର ଯୋଗଭବନରେ ଚାଲିଥିବା ଏହି କାର୍ଯ୍ୟକ୍ରମ ତୃତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ସ୍ୱାମୀ ଗୋବିନ୍ଦଦେବ ଗିରି କହିଛନ୍ତି, ଶିବାଜୀଙ୍କ ବିଜାପୁର ଯାତ୍ରା ତାଙ୍କୁ ଅନ୍ତର୍ମୁଖୀ କରିବାରେ ଲାଗିଥିଲା। ଗୋ ହତ୍ୟା, ଭୟଭୀତ କୃଷକ, ଅତ୍ୟାଚାରର ଶିକାର ହେଉଥିବା କନ୍ୟାଙ୍କୁ ଦେଖି ସେ ବିଚଳିତ ହୋଇପଡ଼ିଥିଲେ। ଏହାପରଠାରୁ ସମାଜ ଓ ରାଷ୍ଟ୍ର ପ୍ରତି ତାଙ୍କ କର୍ତ୍ତବ୍ୟ କ'ଣ ସେ ଚିନ୍ତା କରିବା ଆରମ୍ଭ କରିଥିଲେ ଓ ସେ ଦିଗରେ ଅଗ୍ରସର ହୋଇଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ଛତ୍ରପତି ଶିବାଜୀ ଭାରତୀୟ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ଧ୍ୱଜା ଉଡ଼ାଇଥିଲେ। ତାଙ୍କର ପବିତ୍ର ଜୀବନୀ କଥା ଗଙ୍ଗା ନଦୀ ସ୍ୱରୂପ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ପ୍ରବାହିତ ହେଉଛି। ଶିବାଜୀଙ୍କ ଛବି ଯୋଗଗୁରୁ ରାମଦେବଙ୍କଠାରେ ଦେଖାଯାଉଥିବା ଆଚାର୍ଯ୍ୟ କହିଛନ୍ତି। କାର୍ଯ୍ୟକ୍ରମରେ ଭାରତୀୟ ଶିକ୍ଷାବୋର୍ଡର କାର୍ଯ୍ୟକାରୀ ଅଧିକାରୀ ଏନ୍. ପି. ସିଂହ, ପତଞ୍ଜଳୀ ଯୋଗପୀଠର ସାଧ୍ୱୀ ଦେବପ୍ରିୟା, ପ୍ରତିକୁଳପତି ପ୍ରଫେସର ମହାବୀର ଅଗ୍ରୱାଲ, ଭାରତ ସ୍ୱାଭିମାନର କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ପରମାର୍ଥଦେବ ଓ ପତଞ୍ଜଳୀ ବିଶ୍ୱବିଦ୍ୟାଳୟର କୁଳାନୁଶାସକ ସ୍ୱାମୀ ଆର୍ଶଦେବ ପ୍ରମୁଖ ଯୋଗଦେଇଥିଲେ।

### ରାସ୍ତାପାର୍ଶ୍ୱରୁ ନବଜାତ ଶିଶୁ କନ୍ୟା ଉଦ୍ଧାର

**ଭୁବନେଶ୍ୱର,୧୨।୪ (ସୂର୍ଯ୍ୟକାନ୍ତ ବେହେରା):** ରାସ୍ତା ପାର୍ଶ୍ୱ ଡଷ୍ଟବିନ ନିକଟରେ ଏକ ନବଜାତ ଶିଶୁ କନ୍ୟାକୁ କେହି ଛାଡି ପଳାଇଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶିଶୁ କନ୍ୟାଟି କାହାର ଓ କିଏ ଏଠାରେ ଛାଡି ପଳାଇଛନ୍ତି ତାହା ଜଣାପଡିନାହିଁ। ଉକ୍ତ ଶିଶୁକନ୍ୟାକୁ ଏକ ଦମ୍ପତି ରାସ୍ତାରୁ ଉଦ୍ଧାର କରି ପ୍ରଥମେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେମାନେ ସ୍ମାଇଲ ପ୍ଲିଜ୍ ସ୍ୱେଚ୍ଛାସେବୀଙ୍କ ଜରିଆରେ ଶିଶୁକନ୍ୟାକୁ ଶିଶୁ କଲ୍ୟାଣ କମିଟି(ସିଡବ୍ଲୁସି)କୁ ହସ୍ତାନ୍ତର କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମେ' ୧୦ରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ

**ଜଟଣୀ,୧୨।୪(ରବୀନ୍ଦ୍ରନାଥ ମହାକୁଡ଼)**



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଆସନ୍ତା ମେ'୧୦ରେ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇ ୧୭ ତାରିଖରେ ଉଦ୍‌ଯାପିତ ହେବ। ଏ ନେଇ ଶୁକ୍ରବାର ଜଟଣୀ ପାତ୍ରପଡ଼ାସ୍ଥିତ ଧନୁଯାତ୍ରା ପଡ଼ିଆ ପରିସରରେ ମଦନମୋହନ ନାଟ୍ୟକଳା ସଂସଦ ଓ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ସଭାପତି ମନମୋହନ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ଅଶୋକ କୁମାର ମଙ୍ଗରାଜ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବହୁ ବିଶିଷ୍ଟ ରାଜନେତା ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଦିବସରେ କୁମାରଖାଡିଆରୁ ଧନୁ ଶୋଭାଯାତ୍ରା ବାହାରି ଜଟଣୀ ସହର ପରିକ୍ରମା କରି ଧନୁଯାତ୍ରା ପଡ଼ିଆରେ ସ୍ଥାନିତ କରାଯିବ। ଏଥିସହିତ ମହାପ୍ରଭୁଙ୍କ ଆଜ୍ଞାମାଳ ସହର ପରିକ୍ରମା କରାଯିବ। ପ୍ରତିଦିନ ଦର୍ଶକଙ୍କ ପାଇଁ ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ମହୋତ୍ସବ ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ମୀନାବଜାର, ଓର୍‌ମାସ, ଏସ୍‌ଏଚ୍‌ଜି ଓ ବିଭିନ୍ନ ସରକାରୀ ଓ ବେସରକାରୀ ଷ୍ଟଲ୍‌ମାନ ଖୋଲାଯିବ। ଫଳରେ ଦର୍ଶକ ଘରକରଣା ସାମଗ୍ରୀଠାରୁ ଆରମ୍ଭକରି ମନୋହରି ସାମଗ୍ରୀ କିଣିପାରିବେ। ଅନ୍ତିମ ଦିବସରେ କଂସପୋଡ଼ି କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଲଲାଟେନ୍ଦୁ ବେବର୍ତ୍ତା, ଅଭିମନ୍ୟୁ ପ୍ରଧାନ, ଜୟନ୍ତ ପଲେଇ, କେଳୁଚରଣ ସାହୁ, ବାଇଧର ପ୍ରଧାନ, ପଦ୍ମଚରଣ ପ୍ରଧାନ, କେଦାରନାଥ ଦଲେଇ, ତାରେଶ୍ୱର ସ୍ୱାଇଁ, ଲକ୍ଷ୍ମୀଧର ବିଶ୍ୱାଳ, ମନୋଜ କୁମାର ସାହୁ, ପ୍ରମୋଦ ଦାସ, ରମେଶ ପ୍ରଧାନ, ବିଜୟ ବେବର୍ତ୍ତା, କେଦାରେଶ୍ୱର ମହାପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସରିଲା ରଥ ନିର୍ମାଣ

**ନିରାକାରପୁର,୧୨।୪ (ମାନସ ଚନ୍ଦ୍ର ପଟ୍ଟନାୟକ)**

### ଅଶୋକାଷ୍ଟମୀ ବିଜୟା ରଥଯାତ୍ରା



ଆସନ୍ତା ୧୬ ତାରିଖରେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମହାରଣା ସେବକଙ୍କ ପକ୍ଷରୁ ରଥ ନିର୍ମାଣ କାର୍ଯ୍ୟ ଶୁକ୍ରବାର ଶେଷ ହୋଇଛି। ମହାରଣା ସେବକମାନେ କପିଳେଶ୍ୱର ଦେବଙ୍କ ପରିଚାଳନା କମିଟିକୁ ରଥ ହସ୍ତାନ୍ତର କରିବା ପରେ କମିଟି ପକ୍ଷରୁ ରଥକାର୍ଯ୍ୟରେ ନିୟୋଜିତ ମହାରଣାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ତେବେ ମହାରଣା ସେବକଙ୍କ କାର୍ଯ୍ୟ ସମାପନ ହୋଇଥିବା ବେଳେ ରଥରେ ରଙ୍ଗ ଓ ଅନ୍ୟ ସାଜସଜ୍ଜା କାର୍ଯ୍ୟ ଚାଲୁରହିଛି। ପୁରୀରୁ ଆଜ୍ଞାମାଳ କପିଳେଶ୍ୱର ଦେବଙ୍କ ପାଖରେ ପହଞ୍ଚିବା ପରେ ଆସନ୍ତା ୧୬ ତାରିଖରେ ରଥ ପ୍ରତିଷ୍ଠା ହେବ। ପରେ କପିଳେଶ୍ୱର ଦେବ, ମାତା ପାର୍ବତୀ ଓ ଲେଣ୍ଟୁ ପଞ୍ଚାୟତ ଆରେଡ଼ି ଗ୍ରାମରେ ଥିବା କପିଳେଶ୍ୱରଙ୍କ ବଡ଼ଭାଇ ଗ୍ରାମେଶ୍ୱର ଦେବ ଓ ଭାଉଜ ଗ୍ରାମେଶ୍ୱରୀ ଦେବୀ ୧୬ ତାରିଖ ଅପରାହ୍ନ ୩ଟାରେ ପହଞ୍ଚିବେ। ସେଠାରେ ପୂଜାର୍ଚ୍ଚନା ପରେ ଭାଇ ଭାଉଜ ଓ ସହଧର୍ମିଣୀଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହେବେ। ଏହାପରେ ପ୍ରସ୍ତୁତ ହୋଇ ରହିଥିବା ରଥକୁ ପ୍ରଥମେ ପ୍ରଶାସନ ପକ୍ଷରୁ ଟଣାଯିବ। ପରେ ସର୍ବସାଧାରଣ ରଥକୁ ଟାଣିବେ ବୋଲି କମିଟି ସଦସ୍ୟ କିଶୋର କୁମାର ଦାଶ, ସାରଙ୍ଗଧର ମହାପାତ୍ର ଓ ମାନସ ଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି।



ଚାନ୍ଦପୁର ଏଜି ମିଶନ ବିଦ୍ୟାଳୟରେ ଅନୁଷ୍ଠିତ ଗ୍ରୀଷ୍ମ କାଳୀନ ଶିକ୍ଷା ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

### ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର

**ଟାଙ୍ଗୀ,୧୨।୪(ରଘୁନାଥ ସାହୁ)**

ଚାନ୍ଦପୁର ଏଜି ମିଶନ ବିଦ୍ୟାଳୟରେ ୪ଦିନିଆ ଗ୍ରୀଷ୍ମ କାଳୀନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଚେନ୍ନାଇସ୍ଥିତ ଜାଜିଜ ଆବାକ୍‌ସ ଏକାଡେମୀର ଅଧ୍ୟକ୍ଷ ଡି. ଜନ୍ ପିଟର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୂତନ ପଦ୍ଧତିରେ ଶିକ୍ଷାଦାନ କରାଇଥିଲେ। ବୈଦିକ ଗଣିତ, କାଲିଗ୍ରାଫି, ଆର୍ଟ ଆଣ୍ଡ କ୍ରାଫ୍ଟ ଡ୍ରଇଂ, କ୍ରୀଡ଼ା କୌତୁକ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍. ମାର୍ଟିନ୍‌ଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ବିକାଶ କୁମାର ଦଳାଇ ଓ ଶିକ୍ଷୟିତ୍ରୀ ପୁଷ୍ପଲତା ମହାପାତ୍ର ଶିବିର ପରିଚାଳନା କରିଥିଲେ। ଶିବିରରେ ଯୋଗଦେଇଥିବା ୧୪୬ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ସାଇନ ବିନୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କେଶବଙ୍କ ଏକକ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ ଆରମ୍ଭ

**ଭୁବନେଶ୍ୱର,୧୨।୪(ଶର୍ମିଷ୍ଠା ପାଣିଗ୍ରାହୀ):** ରାଷ୍ଟ୍ରୀୟ ଲଳିତକଳା ଏକାଡେମୀର ଆଞ୍ଚଳିକ କେନ୍ଦ୍ରଠାରେ ଏକକ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ 'ଡାଇମେନ୍‌ଶନ-୩' ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ଯୁବ ଭାସ୍କର୍ଯ୍ୟ ଶିଳ୍ପୀ କେଶବ ଚନ୍ଦ୍ର ନାଥଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ପ୍ରଦର୍ଶନୀରେ ୨୦ରୁ ଅଧିକ କଳାକୃତି ସ୍ଥାନ ପାଇଛି। ମା' ସରସ୍ୱତୀଙ୍କ ସଙ୍ଗୀତ ଆୟୁଧକୁ ନେଇ ବିଭିନ୍ନ କଳାକୃତି ଏଥିରେ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ବି.କେ. କଲେଜ ଅଫ୍ ଆର୍ଟର ଅଧ୍ୟକ୍ଷ ଗଜେନ୍ଦ୍ର ପାଢ଼ୀ, ଶ୍ରୀ ୟୁନିଭର୍ସିଟିର ପ୍ରାଧ୍ୟାପକ ଦେବେନ୍ଦ୍ର ଶତପଥୀ, ଲଳିତ କଳା ଏକାଡେମୀର ରିଜିଓନାଲ ସେକ୍ରେଟାରି ରାମଚନ୍ଦ୍ର ବାଦେଲା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ ବୋଲି ସୂଚନା ଦିଆଯାଇଛି।

# ବାଣପୁରରେ ଦଣ୍ଡ ମିଳନ ଉତ୍ସବ

**ଗମ୍ଭାରୀମୁଣ୍ଡା,୧୨।୪(ଦିଲୀପ ସ୍ୱାଇଁ)**



ବାଣପୁର ଦଣ୍ଡଠାକୁର ମହାମିଳନ କମିଟି ଆନୁକୂଲ୍ୟରେ ୧୬ତମ ବାର୍ଷିକ ଦଣ୍ଡମିଳନ ସମାରୋହ ପଲଟନ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବଡ଼ହନ୍ତୁଆଡ ଗ୍ରାମର ଦଣ୍ଡ ଠାକୁର ରାଜା ରାଜେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ବାଣପୁର ଅଞ୍ଚଳର ୧୧ଟି ଦଣ୍ଡ ଠାକୁର ଭକ୍ତ ରାଜେଶ୍ୱର ଦେବ ବିଜେ ସାନହନ୍ତୁଆଡ, ଝାଡେଶ୍ୱର ଦେବ ବିଜେ ଭୀମପୁର, ଭେଟିନାଥ ଦେବ ବିଜେ ଭେଟେଶ୍ୱର, ଗୁପ୍ତେଶ୍ୱର ଦେବ ବିଜେ ଗାଲୁଆ, ବାଲୁଙ୍କେଶ୍ୱର ଦେବ ବିଜେ ବିଧାରପୁର, ଗୁପ୍ତେଶ୍ୱର ଦେବ ବିଜେ ବଡ ସିରେଇପୁର, ଗାଦିଶ୍ୱର ଦେବ ବିଜେ ବେରୁଆଁ ବାଡି, ନୀଳକଣ୍ଠେଶ୍ୱର ଦେବ ବିଜେ ଅରାଙ୍ଗ, ପଞ୍ଚ ମହାଦେବ, ନୀଳକଣ୍ଠେଶ୍ୱର ଦେବ ବିଜେ ଖାରିଆପଲ୍ଲୀ, ନାଗରାଜ ଦେବ ବିଜେ ବୋରିଗାଁ ଦଣ୍ଡ ଠାକୁର ନିମନ୍ତ୍ରଣ ରକ୍ଷା କରି ଠାକୁରଙ୍କ ସହ ପାଟଭକତା, ଘଣ୍ଟୁଆ କାହାଳୀ, ଚାମ୍ବର ସହ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଇ ନିଜ ଠାକୁରମାନଙ୍କୁ ଗ୍ରାମବାସୀ ପଡ଼ିଆକୁ ନେଇ ଆସିଥିଲେ। ସମସ୍ତ ଦଣ୍ଡ ଠାକୁର ଆସନ ଗ୍ରହଣ କରିବା ପରେ ପୂଜାର୍ଚ୍ଚନା ହୋଇଥିଲା। ଭୋଗଲାଗି, ଦଣ୍ଡ ଖେଳ ପରେ ଭକ୍ତ ଓ ଭଗବାନଙ୍କ ମହାମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ପଟୁଆର ସହ ଠାକୁରମାନେ ଆସିବା ପରେ ଆତସବାଜିରେ ପଡିଆ ପ୍ରକମ୍ପିତ ହୋଇଥିଲା। ଦଣ୍ଡ ଠାକୁରମାନଙ୍କ ଝୁଣା ଦଣ୍ଡ ଖେଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅପୂର୍ବ ମିଳନ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ମଣ୍ଡଳସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ବୋଲଗଡ଼,୧୨।୪(ଦେବବ୍ରତ ହୋତା)**



ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ୭ମ ମାଧ୍ୟମିକ ଶିକ୍ଷକ ସମ୍ମିଳନୀ ଶୁକ୍ରବାର ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ପୌରୋହିତ୍ୟରେ ବୋଲଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସଂଯୋଜକ ପଦ୍ମଚରଣ ବେହେରା, ସହ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ନାଥ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅମିତା ମିଶ୍ର, ସଂଯୋଜିକା ରାଜଶ୍ରୀ ପଟ୍ଟନାୟକ ଏବଂ ୨୭ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମୀରାମଞ୍ଜରୀ ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ ଗୁରୁବନ୍ଦନା ଛାତ୍ରୀମାନେ ଗାନ କରିଥିଲେ। ସଂଯୋଜକ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ଛାତ୍ର ଉପସ୍ଥାନ ଖାତାରେ ତଥ୍ୟ ଲିଖନ, ଶିକ୍ଷକଙ୍କ ଦ୍ୱାରା ଲେସନ ନୋଟ୍‌ଲିଖନ, ଆସନ୍ତା ଗ୍ରୀଷ୍ମ ଅବକାଶରେ ରୋଷ୍ଟର ଡ୍ୟୁଟି, ବିଦ୍ୟାଳୟର ଉପକରଣ ଓ କୋଠରିର ସୁରକ୍ଷା, ବିଦ୍ୟାର୍ଥୀଙ୍କୁ ଅନ୍‌ଲାଇନ ପଦ୍ଧତିରେ ଶିକ୍ଷାଦାନ, ହାଉସ୍ ସିଷ୍ଟମ, ଚାରି କ୍ଲବ, ପ୍ରଥମ ଶ୍ରେଣୀରେ ନାମଲେଖା ବୟସସୀମା, ମାଗଣା ପୁସ୍ତକ ବ୍ୟାଙ୍କ ଗଠନ, ବିଦ୍ୟାର୍ଥୀ ଉପସ୍ଥାନ ଶତପ୍ରତିଶତ କରିବା ଉପାୟ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାସ୍ତରୀୟ ପ୍ରେରଣା ଉତ୍ସବ ପ୍ରତିଯୋଗିତା ନିମନ୍ତେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କ ପ୍ରମାଣପତ୍ରକୁ ଆଧାରକରି ଜଣେ ଛାତ୍ର ଓ ଜଣେ ଛାତ୍ରୀ ଚୟନ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ବୈଠକରେ ସରକାରୀ ଉଚ୍ଚ ବିଦ୍ୟାଳୟ ବୋଲଗଡ଼ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମୀ ସହଯୋଗ କରିଥିଲେ।

# ଅମୃତ ମହୋତ୍ସବ ଉଦ୍‌ଯାପିତ

**ବୋଲଗଡ଼,୧୨।୪(ଦେବବ୍ରତ ହୋତା)**




ସ୍ଥାନୀୟ ଦୋଳପଡ଼ିଆରେ ଅନୁଷ୍ଠିତ ପନ୍ଦର ଦୋଳଯାତ୍ରା ଅବସରରେ ବାରପଲ୍ଲୀ ଦୋଳଯାତ୍ରା କମିଟି ପକ୍ଷରୁ ଆୟୋଜିତ ଅମୃତ ମହୋତ୍ସବର ଶୁକ୍ରବାର ଥିଲା ଅନ୍ତିମ ସନ୍ଧ୍ୟା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟଭାଗରେ ମହୋତ୍ସବ କମିଟି ସଭାପତି ରବୀନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଜେଡି ନେତା ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ପ୍ରମୋଦ ସାହୁ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଆମ ଗାଁ ମହୋତ୍ସବ ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ, ଆଇନଜୀବୀ ଚିତ୍ତ ପରିଡ଼ା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ବିଜେଡି ଯୁବନେତା ଦିଲୀପ ଦତ୍ତ ପ୍ରମୁଖ ଯୋଗଦେଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ

### ମନ ମୋହିଲା ଢେମ୍‌ସା ନୃତ୍ୟ

ସ୍ୱର୍ଗତ ବ୍ରଜକିଶୋର ରାୟ ମହାପାତ୍ର ଓ ସ୍ୱର୍ଗତ ସୀତାକାନ୍ତ ବିଧାର ମହାପାତ୍ରଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବରିଷ୍ଠ ନାଗରିକ କୃଷ୍ଣମୋହନ ପାଲ୍‌ଟାସିଂହ ଓ ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ କଳାକାରଙ୍କ ଢେମ୍‌ସା ଏବଂ ଓଡ଼ିଶୀ ନୃତ୍ୟ, କଟକ ନଟରାଜ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବାରମାସୀ ଓ ନେପାଳୀ ନୃତ୍ୟ, ବରଗଡ଼ର ଦୁଲ୍‌ଫୁଲ କଳା ପରିଷଦ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅଖିଳେଶ ମହାପାତ୍ର ଓ ଅଭିନାଶ ସୁବୁଦ୍ଧି ସଂଯୋଜନା କରିଥିଲେ। ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌ଏସ୍-ଏଏମ୍‌ଏନ୍-ସିଏଲ୍‌ଏନ୍-କ୍ଲଷ୍ଟର୪-୨୪, ତାରିଖ: ୧୦।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୧୦୯୬ ଦିନ ଅବଧି ପାଇଁ ବଡ଼ବିଲ, ଝିଙ୍କପାଣି, କେନ୍ଦପୋଷି, ମାଲୁକା, ଡାଙ୍ଗୋଆପୋଷି, ନୋଆମୁଣ୍ଡି, ବଡ଼ ଜାମଦା, ଗୁଆ, ଦେଓଝର, ମୁର୍ଗା ମହାଦେବ ରୋଡ୍, ବାଂଶପାଣି, ଜାରୋଲି ଏବଂ ଚାଇବାସା ରେଳ ଷ୍ଟେଶନଗୁଡ଼ିକରେ ପରିଣାମ ଆଧାରିତ ମାନୁଆଲ୍ ସଫେଇ ଓ ରକ୍ଷଣାବେକ୍ଷଣ। **ବିଭାଗୀୟ ମୂଲ୍ୟ:** ₹୧,୨୧,୯୩,୬୪୬.୬୪। **ଅମାନତ ରାଶି:** ₹୨,୧୧,୦୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୨।୦୫।୨୦୨୪ରିଖ ୧୨.୩୦ ଘଟିକା। **ୱେବ୍‌ସାଇଟ୍ ବିବରଣୀ: www.ireps.gov.in** ବି.ଦ୍ର.: ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଠିକାଦାରଙ୍କୁ **www.ireps.gov.in**ରେ ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରିବାକୁ ପଡ଼ିବ। **(PR-32)**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଗଣେଷ ଷ୍ଟୋର, ରସୁଲଗଡ଼ ଛକ, ଡାଲିମ୍ବଡ଼ଲ ଓ ଷ୍ଟେସନାରୀ ଗୋଦାମ ପାଇଁ ୪ ଅଭିଜ୍ଞ ପିଲା ଆବଶ୍ୟକ। ଦରମା ୧୦,୦୦୦ ରୁ ୧୩,୦୦୦ ପର୍ଯ୍ୟନ୍ତ। ରହିବା ଖାଇବା ସବୁ ମାଗଣା।
**Mob. - 9938540795**

**REQUIREMENT**
For a Construction Site
- Data Entry Operator
- Machine Maintenance Mngr.
**Ph - 7873907777**
sitekhorda@gmail.com

**MARKETING EXECUTIVE REQUIRED**
Bhubaneswar based **TILES & GRANITE SHOWROOM** requires **Marketing Executive**. Preferably Matric Pass (ମାଟ୍ରିକ୍ ପାସ୍) with good communication skill, Age- 20 to 25 years, only male. Salary negotiable.
**Contact Mobile No.:**
**8270000024**

**ଆବଶ୍ୟକ**
'ଟିମ୍ ଆଡ୍‌ମାର୍କ', ଭୁବନେଶ୍ୱର ସଂସ୍ଥା ପାଇଁ 'ଫ୍ଲେକ୍ସ ପ୍ରିଣ୍ଟିଂ ମେସିନ ଅପରେଟର' ଦରକାର। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ।
ଫୋନ୍ ନମ୍ବର: ୯୨୩୮୮୨୨୨୫, ୬୩୭୦୯୪୮୫୦୯, ୭୭୩୫୨୨୦୧୮୮

**ODISHA PUBLIC SERVICE COMMISSION**
**NOTICE**
No. : 2002 / PSC, Dt : 12.04.2024
(1R-02-2023-24, DR-V)
**Corrigendum to advertisement No. 27 of 2023-24 for recruitment to the post of Assistant Professor (Stage - 1) (College Branch) of Govt. Degree Colleges under Department to Higher Education.**
No.D: It is for information of all concerned that, due to technical issues, the Commission has been pleased to extend the last date for submission of online application forms **till 30.04.2024** to facilitate the candidates to apply smoothly.
All other terms and conditions of the Advt. No.27 of 2023-24 remain unchanged.
OIPR-12002/11/0007/2425 **Sd./-Secretary**

**MINISTRY OF ROAD TRANSPORT AND HIGHWAYS**
Transport Bhawan, 1, Parliament Street, New Delhi - 110001
**TAHASIL OFFICE, KANIHA**
Land Acquisition Officer and Competent Authority, NH-53 Project, Kaniha, Dist.: Angul
**PUBLIC NOTICE**
**For Land Owners/Persons Interested therein for Delivery of Possession of Land acquired for construction of a Nation Highway**
Kind attention of all land owners/interested persons is invited to the Public Notice published in the following Newspapers informing them regarding.
- Announcement of award.
- Calling upon them to collect the compensation within a period of 60 days and
- Requesting the land owners to hand over the possession of the subject land to the undersigned.

| Sl. No. | Names of the Newspaper in which published | Date of Newspaper |
|---|---|---|
| 01 | Sambad | 05.02.2024 |
| 02 | Dharitri | 05.02.2024 |

The prescribed time of 60 days has expired on 04.04.2024. Accordingly, all the land land owners/interested persons are hereby called upon to hand over the possession of the acquied land to the undersigned immediately, falling which the same shall be taken with the police assistance in accordance with sub-section (2) of Section 3E of the NH Act 1956.
Needless to say, such of the land owners/interested persons who have still not collect their compensation amount, may collect the same on any working day from the office of the undersigned.
**Sd./- Tahasildar-cum-CALA-NH-53, Kaniha**

ଫର୍ମ ନଂ. ୩
[ ନିୟମାବଳୀ-୧୫(୧)(କ) ଦେଖନ୍ତୁ ]
ଇନ୍ ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ, କୋଲକାତା
୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ, ୭ମ ମହଲା, କୋଲକାତା - ୭୦୦୦୦୧
୨୦୨୪ର ମିସ୍ ଅପିଲ ଡାଏରୀ ନଂ. ୨୦୫
ବାଦୀ/ମାନେ: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍
-ବନାମ-
ପ୍ରତିବାଦୀ/ମାନେ: ପାଥ୍ୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍ ଏବଂ ଅନ୍ୟମାନେ
ପ୍ରାପ୍ତେଷୁ,
(ସମସ୍ତ ପ୍ରତିବାଦୀମାନଙ୍କ ନାମ)
୧) **ତଥାଗତ ମହାନ୍ତି,** ପିତା: ତୁଷାର କାନ୍ତି ମହାନ୍ତି, ପାଥ୍ୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ହାଉସ ନଂ. ୪, ଜିମ୍ ଖାନା, ପାମ୍ ହାଇଟ୍ସ ରେସିଡେନ୍ସି, ସାମପୁର, ଭରତପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ -୭୫୧୦୦୩ (ପ୍ରତିବାଦୀ ନଂ. ୨)
୨) **ଅମ୍ରିତା ମହାପାତ୍ର ଓରଫ୍ ମହାନ୍ତି,** ସ୍ୱାମୀ: ତୁଷାର କାନ୍ତି ମହାନ୍ତି, ପାଥ୍ୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ହାଉସ ନଂ. ୪, ଜିମ୍ ଖାନା, ପାମ୍ ହାଇଟ୍ସ ରେସିଡେନ୍ସି, ସାମପୁର, ଭରତପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୩ (ପ୍ରତିବାଦୀ ନଂ. ୩)
୩) **ତୁଷାର କାନ୍ତି ମହାନ୍ତି,** ପିତା: କୃଷ୍ଣ ମୋହନ ମହାନ୍ତି, ପାଥ୍ୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ବି-୬, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ, ଏମ୍‌ବି. ନଂ.: ୯୮୬୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୪ (ପ୍ରତିବାଦୀ ନଂ. ୪)
୪) **ଉପଗୁପ୍ତ ମହାନ୍ତି,** ପିତା: ତୁଷାର କାନ୍ତି ମହାନ୍ତି, ପାଥ୍ୱାରକନ୍ ପ୍ରୋଜେକ୍ଟସ୍ ଆଣ୍ଡ ଆସୋସିଏଟ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ, ଏ ୧୭/୮, ସୂର୍ଯ୍ୟନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୩ (ପ୍ରତିବାଦୀ ନଂ. ୬)
୫) **କଲର କମ୍ପ୍ଲେକ୍ସ ପ୍ରା.ଲିଃ.,** ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରତିନିଧିତ୍ୱ, ବି-୬, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ, ଏମ୍‌ବି. ନଂ.: ୯୮୬୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୪ (ପ୍ରତିବାଦୀ ନଂ. ୯)

ସମନ
୧) ଯେହେତୁ ବାଦୀ, ପ୍ରିଜାଇଡିଂ ଅଫିସର, ଡେବଟ୍ସ ରିକଭରି ଟ୍ରିବ୍ୟୁନାଲ, କଟକଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶ ଏବଂ ଅନ୍ୟାନ୍ୟ ସହାୟତା ବିରୁଦ୍ଧରେ ରିକଭରି ଅଫ୍ ଡେବଟ୍ସ ଆଣ୍ଡ ବ୍ୟାଙ୍କ୍ରପ୍ଟସି ଆକ୍ଟ ୧୯୯୩ର ଧାରା ୨୦ ଅନ୍ତର୍ଗତ ଏକ ଅପିଲ ଫାଇଲ କରିଛନ୍ତି। ଆପଣଙ୍କୁ ଏତଦ୍‌ଦ୍ୱାରା ଏହି ଟ୍ରିବ୍ୟୁନାଲ ସମ୍ମୁଖରେ **ପୂର୍ବାହ୍ନ ୧୦.୩୦ ଘଟିକା** କିମ୍ବା ଟ୍ରିବ୍ୟୁନାଲର ସୁବିଧା ମୁତାବକ ତତ୍‌ପରବର୍ତ୍ତୀ କୌଣସି ସମୟରେ **ତା.୦୨.୦୫.୨୦୨୪ରିଖ** ଦିନ ଦାବିର ଉତ୍ତର ପାଇଁ ଏବଂ ଲିଖିତ ବିବୃତି ନେଇ ଦାବିର ଉତ୍ତର ଦେବାପାଇଁ ସମନ ଜାରି କରାଯାଇଛି।
୨) ଅପିଲ୍‌ର ଏକ କପି ଏଥିରେ ସଂଯୁକ୍ତ କରାଯାଇଛି। ଆନେକ୍ସର କପିଗୁଡ଼ିକ ମଧ୍ୟ ଏଥିରେ ସଂଯୁକ୍ତ କରାଯାଇଛି। ଆପଣ ଟ୍ରିବ୍ୟୁନାଲରେ ଉପସ୍ଥିତ ହେବା ପୂର୍ବରୁ ସଂଲଗ୍ନ ଆନେକ୍ସର/କାଗଜପତ୍ରଗୁଡ଼ିକ ସଂଗ୍ରହ କରିବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
୩) ଯଦି ଆପଣ କୌଣସି ଡକ୍ୟୁମେଣ୍ଟ ଫାଇଲ୍ କରିବାକୁ ଇଚ୍ଛା କରନ୍ତି, ଆପଣ ଏହାକୁ ଲିଖିତ ବିବରଣୀର ତାଲିକା ସହିତ ଫାଇଲ୍ କରିପାରନ୍ତି।
୪) ଆପଣ ଟ୍ରିବ୍ୟୁନାଲ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିର୍ଦ୍ଦେଶିତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହେବା ପୂର୍ବରୁ ଆପଣଙ୍କ ପଞ୍ଜିକୃତ ଠିକଣା ଏବଂ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଫାଇଲ୍ କରିବା ଆବଶ୍ୟକ।
୫) ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ଉପରଦର୍ଶିତ ତାରିଖରେ ଆପଣ ଟ୍ରିବ୍ୟୁନାଲ (ଅଦାଲତ)ରେ ହାଜିର ନହେଲେ, ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମାର ଶୁଣାଣି କରାଯାଇ ଫଏସଲା କରାଯିବ।
ମୋର ଦସ୍ତଖତ ଏବଂ ସହି ମୋହର ସହ ଟ୍ରିବ୍ୟୁନାଲରେ **ତା.୧୦.୦୪.୨୦୨୪ରିଖରେ** ଆଦିଷ୍ଟ।
ସ୍ୱା/- ରେଜିଷ୍ଟ୍ରାର
ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ
କୋଲକାତା

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୦୪।୨୦୨୪

| | |
|---|---|
| ୬,୧୩, ୫୨୦ ଟଙ୍କା | |
| ସୁନା | ୨୪.୬୦୦ ଗ୍ରାମ୍ |
| ରୁପା | ୧୦.୫୦୦ ଗ୍ରାମ୍ |

# ରାଜଧାନୀରେ ମାତିଛନ୍ତି ଚୋର





ପାହାଳ ଥାନା ଅନ୍ତର୍ଗତ ଜୟୀପୁରରେ ରହୁଥିବା ଶରତ ମହାନ୍ତିଙ୍କ ଘରୁ ଚୋରି ପରର ଦୃଶ୍ୟ।

**ଶୃଙ୍ଖଳିତ ନିର୍ବାଚନ ପାଇଁ ରାଜଧାନୀର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅପରାଧୀଙ୍କୁ ଦମନ ପାଇଁ ଏବେଠୁ ଚଢ଼ାଉ ଓ ଯାଞ୍ଚକୁ ଜୋର୍‌ଦାର କରାଯାଇଛି । ଏହାସତ୍ତ୍ୱେ ସହର ଓ ଉପକଣ୍ଠରେ ଅପରାଧୀମାନେ ଉତ୍ପାତ କରୁଛନ୍ତି। ଚୋରି, ଡକାୟତି, ଲୁଟ୍ ବଢ଼ି ଚାଲିଛି । ଗୋଟିକିଆ ଘର ହେଉ କି ଆପାର୍ଟମେଣ୍ଟ, ସବୁଠି କଳାକନା ବୁଲାଉଛନ୍ତି । ୩ଦିନ ତଳେ ପାହାଳ ଥାନା ଅନ୍ତର୍ଗତ ହଂସପାଳ-ପୁରୀ କେନାଲ ରୋଡ୍ ନିକଟ ମେଟ୍ରୋ ସାଟେଲାଇଟ୍ ସିଟି ଆପାର୍ଟମେଣ୍ଟରୁ ସିରିଜ୍ ଚୋରି ହୋଇଥିଲା। ଶୁକ୍ରବାର ପୁଣି ସେହି ପାହାଳ ଅଞ୍ଚଳରେ ଜଣଙ୍କ ଘର ଓ ନନ୍ଦନକାନନ ଥାନା ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ବଡ଼ ଧରଣର ଚୋରି ଘଟଣା କମିଶନରେଟ୍ ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି।**

## ମାଲିକଙ୍କୁ ତାଲା ପକାଇ ନେଇଗଲେ ଟଙ୍କା, ଅଳଙ୍କାର

**ଭୁବନେଶ୍ୱର,୧୨।୪(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ଜୟୀପୁରରେ ରହୁଥିବା ଶରତ ମହାନ୍ତିଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଶରତ ଶୋଇଥିବା ରୁମ୍‌ରେ ବାହାର ପଟୁ ତାଲା ପକାଇ ଚୋରମାନେ ଅନ୍ୟ ଏକ ରୁମ୍‌ରୁ ନଗଦ ଟଙ୍କା ଓ ସୁନା ଅଳଙ୍କାର ଆଦି ନେଇଯାଇଛନ୍ତି। ଏନେଇ ଶୁକ୍ରବାର ପାହାଳ ଥାନାରେ ଏତଲା ହେବା ପରେ ପୋଲିସ ଏକ ମାମଲା (ନଂ.୧୬୨/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ୨୫ ହଜାର ଟଙ୍କା, ଗୋଟିଏ ସୁନାହାର, ୪ଟି ମୁଦି, ଗୋଟିଏ କାନଫୁଲ ଚୋରି ହୋଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଗୁରୁବାର ରାତି ପ୍ରାୟ ୨ଟା ପରେ ଚୋରମାନେ ଶରତଙ୍କ ଘରକୁ ଆସିଥିଲେ। ଶରତଙ୍କ କହିବା ଅନୁଯାୟୀ, ସେ କାମ ସାରି ୨ଟାରେ ଶୋଇଥିଲେ। ଭୋର୍ ୫ଟା ୩୦ରେ ଉଠିବା ବେଳେ ରୁମ୍‌ର ବାହାର ପଟୁ ତାଲା ପଡ଼ିଥିଲା। ପରେ ଅନ୍ୟ ସଦସ୍ୟଙ୍କୁ ଡାକିବା ପରେ ସେ ଘରୁ ବାହାରକୁ ଆସିଥିଲେ। ଏହାପରେ ଅନ୍ୟ ଏକ ରୁମ୍‌ର ଆଲମିରାରୁ ଚୋରି ହୋଇଥିବା ଜଣାପଡ଼ିଥିଲା। ତେବେ ଛାତ କବାଟ ତାଲା ଭାଙ୍ଗି ଚୋରମାନେ ଘରେ ପଶିଥିବା ଜଣାପଡ଼ିଛି। ଚୋରଙ୍କ ଏଭଳି ସକ୍ରିୟତାକୁ ନେଇ ପୋଲିସର ଚିନ୍ତା ବଢ଼ିଛି। ପୋଲିସ ଟିମ୍ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସିସିଟିଭି ଯାଞ୍ଚ ସହ ବିଭିନ୍ନ ଦିଗକୁ କେନ୍ଦ୍ର କରି ତଦନ୍ତ କରାଯାଉଥିବା ପୋଲିସ ସୂଚନା ଦେଇଛି।

## ୨ ଆପାର୍ଟମେଣ୍ଟରୁ ଚୋରି

ବାରଙ୍ଗ,୧୨।୪ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମ ନିକଟରେ ଥିବା ସ୍ପ୍ରିଙ୍ଗଲିଫ ଓ ଜେସିଏସ୍ ଆପାର୍ଟମେଣ୍ଟରୁ ଗୁରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ଅଭିଯୋଗ ପରେ ଶୁକ୍ରବାର ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଜେସିଏସ୍ ଆପାର୍ଟମେଣ୍ଟର ସି-ବ୍ଲକର ଚତୁର୍ଥ ମହଲାରେ ଥିବା ସି-୩୦୪ ନମ୍ବର ଘରେ ରୁହନ୍ତି ପ୍ରିୟଙ୍କା ଦାସ ଓ ତାଙ୍କ ପରିବାର। ସେ ଘରେ ନ ଥିବା ସୁଯୋଗରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରର ଝରକା ଭାଙ୍ଗି ଘରେ ପଶିଥିଲେ ମଧ୍ୟ ଟଙ୍କା, ସୁନା ଗହଣା ନ ପାଇବାରୁ ଫେରିଯାଇଥିଲେ। ଏହା ପରେ ୧୦୦ ମିଟର ଦୂରରେ ଥିବା ସ୍ପ୍ରିଙ୍ଗଲିଫ ଆପାର୍ଟମେଣ୍ଟରେ ଦୁର୍ବୃତ୍ତମାନେ ପଶିଥିଲେ। ଆପାର୍ଟମେଣ୍ଟର ଚତୁର୍ଥ ଫ୍ଲୋରର ୪୦୪ ନମ୍ବର ଫ୍ଲାଟର ମାଲିକ ପ୍ରଶାନ୍ତ କୁମାର ଜେନାଙ୍କ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ଘର ମାଲିକ ପ୍ରଶାନ୍ତ ଅନୁଗୋଳ ଏନ୍‌ଟିପିସିରେ ଆଇଟି ସେକ୍ଟରରେ କାର୍ଯ୍ୟରତ ଥିବା ବେଳେ ଲୁଟ ଦିନ ରାତିରେ ସେ ତାଙ୍କ ଝିଅ ଘର ଖୋର୍ଦ୍ଧାକୁ ଯାଇଥିଲେ। ରାତିରେ ଘରେ କେହିନଥିବା ସମୟରେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ଲୁଟପାଟ କରିଥିଲେ। ଦୁର୍ବୃତ୍ତମାନେ ଘରର କବାଟ ତାଡ଼ି ଭିତରକୁ ପଶି ଝିଅ ପାଇଁ ରଖିଥିବା ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନାଗହଣା ଲୁଟି ନେଇଛନ୍ତି। ଏନେଇ ଉଭୟ ଆପାର୍ଟମେଣ୍ଟର ଫ୍ଲାଟ ମାଲିକ ଶୁକ୍ରବାର ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ପୃଥକ୍‌ଭାବେ ଦୁଇଟି ମାମଲା (ନଂ.୧୦୧/୨୪, ୧୦୨/୨୪) ରୁଜୁକରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ୱାଟ୍‌କୋ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୧୨।୪(ସତ୍ୟଜିତ୍ ରାଉତ):** 'ୱାଟ୍‌କୋ'ର ଜଣେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ବାଲିତୁଟ ସାହିର ବଳରାମ ଗୌଡ (୩୦)। ବଳରାମ ଗୁରୁବାର ସିଆର୍‌ପି ଛକ ନିକଟରେ ଥିବା ପାଣି ଚାମ୍ବରରେ କାମ କରୁଥିବାବେଳେ ସେଠାରେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ (ନଂ.୨୬/୨୦୨୪) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ବଳରାମଙ୍କ ମୃତ୍ୟୁକୁ ନେଇ ପରିବାର ଲୋକ ସନ୍ଦେହ ପ୍ରକଟ କରିଛନ୍ତି। ଏହି ଘଟଣାର ତଦନ୍ତ ହେଉ ବୋଲି ବଳରାମଙ୍କ ଭାଇ ଓ ଭିଣୋଇ କହିଛନ୍ତି। ଅନ୍ୟପକ୍ଷରେ ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରୁ ହୃଦ୍‌ଘାତରୁ ବଳରାମଙ୍କ ମୃତ୍ୟୁ ହୋଇଥିବା ନେଇ ଡାକ୍ତର କହିଛନ୍ତି ବୋଲି ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ବଳରାମ ୭ରୁ ୮ ମାସ ହେବ ୱାଟ୍‌କୋରେ ଅସ୍ଥାୟୀ ଭାବେ କାମ କରୁଥିଲେ। ଗୁରୁବାର ୪ଟା ବେଳେ ବଳରାମ ଅନ୍ୟଜଣେ ସହଯୋଗୀଙ୍କ ସହ ପାଣି ଚାମ୍ବରକୁ ଚାବି ଖୋଲିବାକୁ ଯାଇଥିବାବେଳେ ଏହି ଦୁଃଖଦ ଘଟଣା ଘଟିଥିଲା।

### ଭୋଟର ସଚେତନତା ପାଇଁ ୟୁଜିସିର ପରାମର୍ଶ

**ଭୁବନେଶ୍ୱର, ୧୨।୪(ଅସମାପିକା ସାହୁ):** ଭୋଟର ସଚେତନତା ପାଇଁ ଭାରତର ନିର୍ବାଚନ ଆୟୋଗ ଭୋଟରଙ୍କ ପ୍ରତିଶ୍ରୁତି, ଟିଭି ବିଜ୍ଞାପନ, କ୍ଷୁଦ୍ର ଫିଲ୍ମ ଭଳି ବିଭିନ୍ନ ସୃଜନଶୀଳ ପ୍ରସ୍ତୁତ କରିଛନ୍ତି। ଏସବୁ https://drive.google.com/drive/folders/1s5zjX-rdDqtuduYJeg3VmFiMXr-8r6bwd0 ଗୁଗଲ ଡ୍ରାଇଭ୍‌ରେ ଉପଲବ୍ଧ ରହିଛି। ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ କଲେଜ କର୍ତ୍ତୃପକ୍ଷ ନିଜ ଶିକ୍ଷାନୁଷ୍ଠାନରେ ଏସବୁକୁ ଛାତ୍ରୀଛାତ୍ର, ଫାକଲ୍ଟି ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ମଧ୍ୟରେ ଶେୟାର କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଅନୁରୋଧ କରିଛନ୍ତି। ଏ ନେଇ ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ନିଜ ସୋସିଆଲ ମିଡିଆ ହାଣ୍ଡେଲରେ ମଧ୍ୟ ଏହି ଲିଙ୍କ୍ ଶେୟାର କରିବା ପାଇଁ ପରାମର୍ଶ ଦିଆଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାରଙ୍ଗ,୧୨।୪(ଲିଙ୍ଗରାଜ ରାଉତ):** ବାରଙ୍ଗ ଥାନା ଅନ୍ତର୍ଗତ ବଙ୍ଗାଳିସାହି ନିକଟ ବାରଙ୍ଗ-ନନ୍ଦନକାନନ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରୁ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ତେବେ ତାଙ୍କ ପରିଚୟ ମିଳିପାରି ନାହିଁ। ସେ ଏକ ଲୁଙ୍ଗି ପିନ୍ଧିଥିବା ବେଳେ ତାଙ୍କ ହାତରେ କିଛି ଅସ୍ତ୍ରୋପଚାର କପଡ଼ା ଲାଗିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ସମ୍ପୃକ୍ତ ଯୁବକ ଜଣଙ୍କ ଶୁକ୍ରବାର ଅପରାହ୍ନରେ ନନ୍ଦନକାନନ ଛକ ନିକଟରେ ବୁଲାବୁଲି କରୁଥିଲେ। ହେଲେ ତାଙ୍କର ରାତିରେ ମୃତଦେହ ମିଳିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।



ପ୍ରବଳ ରୌଦ୍ରତାପ ଯୋଗୁ ଶୁକ୍ରବାର ପୁରୀ ବେଳାଭୂମିର ଘାସ ଗାଲିଚାରେ ଓଟଗୁଡିକ ବିଶ୍ରାମ ନେଉଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ନନ୍ଦନକାନନ: ହେଟାବାଘୁଣୀ ଅନୁରାଧା ମୃତ

**ବାରଙ୍ଗ,୧୨।୪(ଲିଙ୍ଗରାଜ ରାଉତ)**

ନନ୍ଦନକାନନ ପ୍ରାଣୀଉଦ୍ୟାନର ୨୫ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ହେଟାବାଘୁଣୀ ଅନୁରାଧାର ଶୁକ୍ରବାର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୫ ମସିହାରେ ବାଘୁଣୀ ଅନୁରାଧା କଟକରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଥିଲା। ହେଲେ ଗତ ମାର୍ଚ୍ଚ ଶେଷ ସପ୍ତାହରେ ସେ ଅସୁସ୍ଥ ହେବା ଆରମ୍ଭ କରିଥିଲା। ଚିକିତ୍ସା କରାଯାଇଥିଲେ ମଧ୍ୟ ଗୁରୁବାର ହଠାତ୍ ପାଟିରୁ ରକ୍ତସ୍ରାବ ହୋଇଥିଲା। ଖବରପାଇ ଜନ୍ତୁବିଭାଗ କର୍ମଚାରୀମାନେ ପହଞ୍ଚି ବାଘୁଣୀ ଅନୁରାଧାକୁ ଡାକ୍ତରଖାନାକୁ ଆଣିଥିଲେ। ନିଶା ଇଞ୍ଜେକସନ ଦିଆଯାଇ ଚିକିତ୍ସା କରାଯାଇଥିଲା। ହେଲେ ଶୁକ୍ରବାର ତାର ମୃତ୍ୟୁ ଘଟିଛି। ଫଳରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୫ରେ ପହଞ୍ଚିଛି।

# ଯୁବକଙ୍କୁ ଉଲଗ୍ନକରି ହତ୍ୟା

**ବାଙ୍କୀ,୧୨।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

- କୋଠା ଘରୁ ରକ୍ତ ଜୁଡୁବୁଡୁ ମୃତଦେହ ଜବତ
- ଘଟଣାସ୍ଥଳରୁ ମିଳିଲା ଠେଙ୍ଗା, ଧାରୁଆ ଅସ୍ତ୍ର

ବାଙ୍କୀ ଥାନା ଅନ୍ତର୍ଗତ ହରିରାଜପୁର ପଞ୍ଚାୟତ ଅନ୍ତର୍ଗତ ନୂଆସାହିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ଉଲଗ୍ନ କରି ଠେଙ୍ଗାରେ ପିଟିବା ସହ ଏକ ଧାରୁଆ ଅସ୍ତ୍ରରେ ହାଣି ଦିଆଯାଇଛି। ତ୍ରିନାଥ ମଣ୍ଡପରେ ଥିବା ଏକ କୋଠଘରୁ ଶୁକ୍ରବାର ସମ୍ପୃକ୍ତ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଶୀତଳ ସାହୁ (୪୦)। ଖବରପାଇ ବାଙ୍କୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଘର କବାଟ ଖୋଲିବା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚଟାଣରେ ପଡ଼ିଥିବା ମୃତଦେହକୁ ଜବତ କରିଛି। ମୃତଦେହରେ କୌଣସି ବସ୍ତ୍ର ନ ଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିଲା। କୌଣସି ବ୍ୟକ୍ତି ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ ଏବଂ ବେକକୁ ହାଣି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏଥିସହ ଆଇପିସି ଦଫା ୩୦୨, ୩୪ରେ ଏକ ମାମଲା (ନଂ. ୧୨୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ କଟକ ଆଡିଶନାଲ ଏସ୍‌ପି ଦେବଦତ୍ତ ବରାଳ ଏବଂ କୃଷ୍ଣପ୍ରସାଦ ପଟ୍ଟନାୟକ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ବାଙ୍କୀ ଥାନା ଅଧିକାରୀ ଶିବ ଚରଣ ବେହେରା ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ସହ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଘଟଣାସ୍ଥଳରୁ ଏକ ଠେଙ୍ଗା ଓ ଧାରୁଆ ଅସ୍ତ୍ର ଜବତ କରାଯାଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ମୃତ ଶୀତଳଙ୍କ ପୁତୁରା ଦୁର୍ଗାମାଧବ ସାହୁ ସନ୍ଧ୍ୟାରେ ଥାନାରେ ଲିଖିତ ଏତଲା ଦେଇଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଚିହ୍ନଟ କିମ୍ବା ଗିରଫ କରି ନ ଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବେହେରା କହିଛନ୍ତି। ପାରିପାର୍ଶ୍ୱିକ ସ୍ଥିତି ଓ ଜବତ ମାରଣାସ୍ତ୍ରରୁ ଏଥିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ସଂଘବଦ୍ଧ ଭାବେ ଆକ୍ରମଣ ପରେ ଶୀତଳଙ୍କୁ ଉଲଗ୍ନ କରି ନିର୍ଯାତନା ଦିଆଯିବା ସହ ଅତି ନୃଶଂସ ଭାବେ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରି ସେହିଦିଗରେ ତଦନ୍ତକୁ ଆଗକୁ ବଢ଼ାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦନ



@ ବବିନା



@ ଚନ୍ଦ୍ରକାନ୍ତ



@ ସୁକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୧୪ରେ ରିଲିଜ ହେବ 'କେମିତି କହିବି ମୁଁ'

**ଭୁବନେଶ୍ୱର,୧୨।୪(ଶର୍ମିଷ୍ଠା ପାଣିଗ୍ରାହୀ)**

ଜୀ ସାର୍ଥକ ଫିଲ୍ମ ବ୍ୟାନରରେ ଆସନ୍ତା ୧୪ ତାରିଖରେ ରିଲିଜ ହେବାକୁ ଯାଉଛି ଚଳଚ୍ଚିତ୍ର 'କେମିତି କହିବି ମୁଁ'। ସନ୍ଧ୍ୟା ୬ଟା ୩୦ରେ ମଧ୍ୟ ଏହା ପ୍ରସାରିତ ହେବ। ଏକ ନିଆରା ପ୍ରେମ କାହାଣୀ ଏହି ଫିଲ୍ମ ମାଧ୍ୟମରେ ଦର୍ଶାଯାଇଛି। ଫିଲ୍ମର ନିର୍ଦ୍ଦେଶକ ହେଉଛନ୍ତି ପିନୁ ନାୟକ ଓ ପ୍ରଯୋଜକ ଦେବପ୍ରିୟା ସେନାନାୟକ। ସଂଳାପ ଓ କାହାଣୀ ରଚନା କରିଛନ୍ତି ଶାରିକା ସ୍ୱାଇଁ । ଅଭିଜିତ ମଜୁମଦାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଫିଲ୍ମର ସମସ୍ତ ଗୀତ ରଚନା କରିଛନ୍ତି ନିର୍ମଳ ନାୟକ। ଫିଲ୍ମର ଟାଇଟଲ ଗୀତ ଅମ୍ରିତା ଓ ଅରବିନ୍ଦ ଦତ୍ତ ଗାଇଥିବାବେଳେ 'ତୁ ଭାରି ସୁନ୍ଦର' ଗୀତଟିକୁ ଗାଇଛନ୍ତି ଅନ୍ତରା ଓ ତାରିକ ଅଜିଜ। ଚଳଚ୍ଚିତ୍ରରେ ସାପଲିନ ମିଶ୍ର, ସୁମନ ପଟ୍ଟନାୟକ, ସୁମନ୍ତ ଦାଶ, ଶୁଭ୍ରାଂଶୁ ନାୟକ, ବେବି ପ୍ରଧାନ, କୈଳାସ ପାଣିଗ୍ରାହୀ, ଧରିତ୍ରୀ ଖଣ୍ଡୁଆଳ, ଉମାକାନ୍ତ ମୁଦୁଲି, ସପ୍ନା ପୁହାଣ, ମଣ୍ଟୁ ବେହେରା, ତପୁ, ଗୌରବ, ଶୁଭମ, ନିରୁଆ ନିରଞ୍ଜନ, ମୁକ୍ତିକାନ୍ତ ପ୍ରମୁଖ ନଜର ଆସିବେ। ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ କହିଛନ୍ତି, ଫିଲ୍ମରେ ଅଛି ରହସ୍ୟ ଓ ରୋମାଞ୍ଚ। କାହାଣୀରେ ନୂତନତ୍ୱ ଅଛି, ଯାହା ଦର୍ଶକଙ୍କୁ ଭଲ ଲାଗିବ। ଶେଷ ପର୍ଯ୍ୟନ୍ତ ଦର୍ଶକ ପ୍ରେମରେ ଅପ୍ରତ୍ୟାଶିତ ଭାବରେ ବଦଳୁଥିବା ମୋଡ଼ ଜାଣିପାରିବେ ନାହିଁ। ଏହା ଦର୍ଶକ ଆଦୃତି ପାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।




ରିଲିଜ ହେବାକୁ ଥିବା ଚଳଚ୍ଚିତ୍ର 'କେମିତି କହିବି ମୁଁ'ର ସିଡ଼ୀ ଉନ୍ମୋଚନ କରାଯାଉଛି।

# ‘ପ୍ରଗମନ’ରେ ଆବେଦନ: ଗ୍ୟାରେଣ୍ଟି ନାହିଁ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

## ୧୫ରେ ହୋଇପାରେ କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା

୨୦୨୪ ନିର୍ବାଚନ ଲାଗି କଂଗ୍ରେସ ଗୋଟିଏ ପର୍ଯ୍ୟାୟରେ ମାତ୍ର ୪୯ ବିଧାନସଭା ଏବଂ ୮ ଲୋକ ସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି। ବିଜେଡି ୧୧୭ ଏବଂ ଭାଜପା ୧୧୨ ବିଧାନସଭା ଆସନ ଓ ସମସ୍ତ ୨୧ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଲେଣି। ହେଲେ ବିଜେଡି ଏବଂ ଭାଜପା ଠାରୁ ଆଗୁଆ ତଥା ମାର୍ଚ୍ଚ ସୁଦ୍ଧା ପ୍ରାୟ ୫୦ ପ୍ରତିଶତ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ଦମ୍ଭୋକ୍ତି ଦେଖାଉଥିବା କଂଗ୍ରେସ ଏଥିରେ ପଛରେ ପଡ଼ିଯାଇଛି। ଦଳ ‘ପ୍ରଗମନ’ ଆପ୍ ଆରମ୍ଭକରି ଉଭୟ ବିଧାନସଭା ଏବଂ ଲୋକ ସଭା ପାଇଁ ଅନେକ ହଜାର ପ୍ରାର୍ଥୀ ଆବେଦନ କରୁଥିବା କଥା କହୁଥିଲା। କିନ୍ତୁ ପ୍ରଗମନ ଆପ୍‌ରେ ଆବେଦନ କରିଥିବା ପ୍ରାର୍ଥୀଙ୍କୁ ଦଳ ଟିକେଟ ଦେବା କ୍ଷେତ୍ରରେ ଗୁରୁତ୍ୱ ଦେଉ ନ ଥିବା ଏବେ କଂଗ୍ରେସ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ଯଦି ଗୁରୁବାର କଂଗ୍ରେସରେ ଯୋଗଦେଇଥିବା ଭଦ୍ରକ ଜିଲାର ନେତା ଅସିତ ପଟ୍ଟନାୟକ ଟିକେଟ ନେଉଛନ୍ତି ତା’ହେଲେ ପ୍ରଗମନ ଆପ୍ ବିଷୟରେ କଂଗ୍ରେସ ଯେଉଁ କଥା କହୁଥିଲା ତାହାର କି ମୂଲ୍ୟ ରହିଲା ବୋଲି ଦଳର କେତେଜଣ ନେତା ସାମାଜିକ ଗଣମାଧ୍ୟମରେ ମଧ୍ୟ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି। ଏନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ପ୍ରଗମନରେ ଯେଉଁମାନେ ଟିକେଟ ପାଇଁ ଆବେଦନ କରିଛନ୍ତି, ସେମାନଙ୍କୁ ପ୍ରାର୍ଥୀ କରାଯିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ।

ନିର୍ବାଚନ ତାରିଖ ଘୋଷଣା ହେବାର ପ୍ରାୟ ଗୋଟିଏ ମାସ ପୂର୍ବରୁ କଂଗ୍ରେସ ପକ୍ଷରୁ ପ୍ରଗମନ ଆପ୍ ଆରମ୍ଭ କରାଗଲା। ଓଡ଼ିଶାର ସବୁ ବର୍ଗର ଲୋକ ଏହି ଆପ୍ ମାଧ୍ୟମରେ ପ୍ରାର୍ଥୀ ହେବା ପାଇଁ ଆବେଦନ କରିପାରିବେ ବୋଲି ଉଭୟ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ପ୍ରଭାରୀ ଅଜୟ କୁମାର ଆହ୍ୱାନ କରିଥିଲେ। ଏହାପରେ ଦଳ ପକ୍ଷରୁ ୧୪୭ ବିଧାନସଭା ଲାଗି ୩ ହଜାର ଏବଂ ୨୧ ଲୋକ ସଭା ଆସନ ଲାଗି ପ୍ରାୟ ୭୫୦ ଜଣ ଆଶାୟୀ ଆବେଦନ କରିଥିବା କୁହାଯାଇଥିଲା। ଏହି ଆପ୍ ଜରିଆରେ କଂଗ୍ରେସ ବହୁ ନୂଆ ଚେହେରାଙ୍କୁ ଆଗକୁ ଆଣିବ ବୋଲି ମଧ୍ୟ ଗଣମାଧ୍ୟମ ଆଗରେ କୁହାଯାଇଥିଲା। ପ୍ରଗମନ ଆପ୍‌ରେ ଆବେଦନ କରିବାର ସମୟ ଶେଷ ହୋଇଯିବା ପରେ ପୁଣି ଥରେ ଦଳ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ ହେଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁସାରେ ଯେଉଁମାନେ ପ୍ରଗମନରେ ପ୍ରାର୍ଥୀ ହେବାକୁ ଆବେଦନ କରିଥିଲେ ସେମାନଙ୍କୁ କିଛି ଟାସ୍କ ଦିଆଯାଇଥିଲା। ସେମାନେ ଏଥିରେ ଲୋକଙ୍କୁ ଯେତେ ଯୋଡ଼ିପାରିବେ ସେତିକି ଆଗରେ ରହିବେ ବୋଲି ଦଳ ଦାୟିତ୍ୱ ଦେଲା। ଯଦି ଗୋଟିଏ ଆସନରେ ୫ ଜଣ ଅଛନ୍ତି, ଅଧିକ ଲୋକଙ୍କୁ ଯିଏ ଯୋଡ଼ିବ ତାଙ୍କୁ ହିଁ ଦଳ ଟିକେଟ ଦେବା ଉପରେ ଗୁରୁତ୍ୱ ଦେବ ବୋଲି କୁହାଯାଇଥିଲା। ହେଲେ ଦଳ ପ୍ରଗମନ ଆପ୍‌କୁ ଯେତିକି ଗୁରୁତ୍ୱ ଦେବ ବୋଲି କହୁଥିଲା ସେଥିରେ ବ୍ୟତିକ୍ରମ କରିଥିବା ଚର୍ଚ୍ଚା ହେଉଛି।

ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଯଦି ପ୍ରଗମନ ଆପ୍ ଆବେଦନକୁ ନେଇ ପ୍ରାର୍ଥୀ ଘୋଷଣା କରିବାର ଥିଲା ତେବେ ଟିକେଟ ବାଣ୍ଟିବାରେ ଏତେ ବିଳମ୍ବ କାହିଁକି ହେଉଛି। ବାସ୍ତବ କଥା ହେଉଛି, ଏହି ଆପ୍ ଜରିଆରେ ଜଣଙ୍କ ଟିକେଟ ଦେବା ଏବଂ କାଟିବା ବାହାନା କରିହେବ। ସେ ପ୍ରଶ୍ନ କରିଛନ୍ତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କ’ଣ ପ୍ରଗମନ ଆପ୍‌ରେ ଆବେଦନ କଲେ ଯାଇ ଟିକେଟ ନେବେ। ନା ସେ ଦଳକୁ ଫେରିବା ପରେ ଆଉ ପ୍ରଗମନ ଆପ୍‌ରେ ଆବେଦନ କରିହେବା ଭଳି ସମୟ ରହିଥିଲା। ସେମିତି ବହୁ ଲୋକ ଅଛନ୍ତି, ଯେଉଁମାନେ କିଛିଦିନ ହେବ ଦଳରେ ମିଶିଛନ୍ତି ଏବଂ ଟିକେଟ ନେବେ। ବିଜେଡି-ଭାଜପା ମେଣ୍ଟରୁ କିଛି ଫାଇଦା କଂଗ୍ରେସକୁ ମିଳିବ ବୋଲି ଦଳର ଶୀର୍ଷ ନେତୃତ୍ୱ ଚିନ୍ତାକରି ପ୍ରାର୍ଥୀ ଘୋଷଣା ଘୁଞ୍ଚାଇ ରଖିଲେ। ସେମାନେ ଚିନ୍ତାକଲେ ବିଜେଡି-ଭାଜପା ମେଣ୍ଟ ହେଲେ ଯେଉଁମାନଙ୍କ ଟିକେଟ ସେହି ଦୁଇ ଦଳରୁ କଟିବ, ସେମାନେ ଆସି କଂଗ୍ରେସରେ ଯୋଗଦେବେ। ଯଦି ପ୍ରଗମନକୁ ସେତିକି ଗୁରୁତ୍ୱ ଦିଆଯାଇଥାଆନ୍ତା ତେବେ ବିଜେଡି-ଭାଜପା ଅସନ୍ତୁଷ୍ଟଙ୍କୁ ଦଳ ଅପେକ୍ଷା କରି ନ ଥାଆନ୍ତା ବୋଲି ବହୁ ନେତା ମତ ଦେଉଛନ୍ତି। ଅନ୍ୟପଟେ ଶନିବାର ଦିଲ୍ଲୀରେ ମଧ୍ୟାହ୍ନ ୧୨ଟା ସମୟରେ ସ୍କ୍ରିନିଂ କମିଟି ବୈଠକ ବସିବ। ଆସନ୍ତା ୧୪ରେ କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ହେବ। ୧୫ ତାରିଖ ସୁଦ୍ଧା କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଶରତ କହିଛନ୍ତି।

# ‘ସମୀରଙ୍କୁ ଟିକେଟ ନ ହେଲେ ଦଳ ଛାଡ଼ିବୁ’

- ୧୪ ପଞ୍ଚାୟତର ନେତୃତ୍ୱଙ୍କ ବୈଠକରେ ନିଷ୍ପତ୍ତି
- ମୋ’ ନିକଟରେ ଖବର ନାହିଁ: ସମୀର ଦାଶ


ଗୋପ ବ୍ଲକ ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

ଗୋପ, ୧୨।୪(ଭାରତୀ ଭୂଷଣ ଉପାଧ୍ୟାୟ)

ନିମାପଡ଼ା ନିର୍ବାଚନମଣ୍ଡଳୀରେ ସମୀର ରଞ୍ଜନ ଦାଶଙ୍କୁ ଟିକେଟ ନ ମିଳିଲେ ଦଳୀୟ ନେତୃତ୍ୱ ଓ କର୍ମୀମାନେ ଦଳ ଛାଡ଼ିବେ ବୋଲି ଶୁକ୍ରବାର ଚେତାବନୀ ଦେଇଛନ୍ତି। ଏକ ପ୍ରତିନିଧି ଦଳ ଏହି ଦସ୍ତଖତ ସମ୍ବଳିତ ଦାବିପତ୍ର ନେଇ ଶନିବାର ନବୀନ ନିବାସକୁ ଯିବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ଗୋପ ବ୍ଲକର ୧୪ଟି ପଞ୍ଚାୟତର ଜିଲାପରିଷଦ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ସଭାପତି, ଯୁବ ଛାତ୍ରଙ୍କ ସହିତ ଅନ୍ୟ ନେତୃତ୍ୱମାନଙ୍କୁ ନେଇ ଗୋପ ବ୍ଲକ ବିଜେଡି କାର୍ଯ୍ୟାଳୟଠାରେ ଏକ ବୈଠକ କରାଯାଇଥିଲା। ଏହି ୧୪ଟି ପଞ୍ଚାୟତର ନିର୍ବାଚନ ଦାୟିତ୍ୱରେ ଥିବା ତଥା ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ବୈଠକ ବସିଥିଲା। ଏଥିରେ ଶତାଧିକ ବିଜେଡି ନେତୃତ୍ୱ ଯୋଗଦେଇଥିଲେ। ବୈଠକ ଆରମ୍ଭରୁ ସମୀରଙ୍କୁ କାହିଁକି ଟିକେଟ ମିଳିବନି ବୋଲି ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ସମସ୍ତ ନେତୃତ୍ୱଙ୍କ ମତାମତ ସଂଗ୍ରହ ପରେ ଚଳିତ ସାଧାରଣ ନିର୍ବାଚନରେ ଯଦି ସମୀରଙ୍କୁ ଦଳୀୟ ଟିକେଟରୁ ବଞ୍ଚିତ କରାଯାଏ ତା’ହେଲେ ଆମେ ଓ ଆମ କର୍ମୀମାନେ ଦଳ ପରିବର୍ତ୍ତନ କରିବୁ ବୋଲି ରୋକ୍‌ଠୋକ୍ କହିଥିଲେ। ସେହି ଅନୁଯାୟୀ ଏକ ଦାବିପତ୍ର ପ୍ରସ୍ତୁତ କରାଯାଇଥିଲା। ୨ଘଣ୍ଟା ଧରି ଏହି ବୈଠକ ଚାଲିଥିବା ବେଳେ ୫ ଜଣିଆ ଟିମ୍ ଗଠନ କରାଯିବା ସହ ଏହି କମିଟି ନବୀନ ନିବାସ ଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

ଏହି ବୈଠକ ସମ୍ପର୍କରେ ଗୋପ ବିଜେଡି ସଭାପତି ମଧୁସୂଦନ ପାଇକରାୟଙ୍କୁ ପଚାରିବାରେ କହିଛନ୍ତି, ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ଗାଁ ଗାଁରେ ପହଞ୍ଚାଉଥିବା ଆମ ବିଧାୟକଙ୍କୁ କାହିଁକି ଟିକେଟ ଦିଆଯିବ ନାହିଁ। ଯଦି ଦଳ ଆଉ କାହାକୁ ପ୍ରାର୍ଥୀ କରେ ଆମେ ସିଧାସଳଖ ବିରୋଧ କରିବୁ ଏବଂ ଆମ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଦେବା ସହ ଦାବି ଜଣାଇବ। ଅପରପକ୍ଷେ ବିଧାୟକ ଦାଶ କହିଛନ୍ତି, ସେମିତି କିଛି ଖବର ନାହିଁ। ତେବେ ମୁଁ ଦଳର ଜଣେ ଶୃଙ୍ଖଳିତ କର୍ମୀ। ଦଳୀୟ ନିଷ୍ପତ୍ତି ଅନୁସାରେ କାମ କରିଥାଏ। ନିମାପଡ଼ା ନିର୍ବାଚନମଣ୍ଡଳୀରେ ମୁଁ ଲଗାତର ଭାବେ ତିନିଥର ଭାଜପା ପ୍ରାର୍ଥୀଙ୍କୁ ପରାଜିତ କରିଛି।

# ମାଦଳର ତାଳେ ତାଳେ ନାଚିଲେ ଜଗନ୍ନାଥ


ଲୋକଙ୍କ ସହ ନାଚୁଛନ୍ତି ପାଟଣା ବିଧାୟକ ଜଗନ୍ନାଥ ନାଏକ।

ପାଟଣା, ୧୨।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ବିଜେଡିରୁ ଘୋଷିତ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ଭାଜପାରୁ ଆଶାୟୀ ବିଧାୟକ ପ୍ରାର୍ଥୀ ମମିତା ନାଏକ ଓ ଅଖିଳ ଚନ୍ଦ୍ର ନାୟକ, କଂଗ୍ରେସର ଆଶାୟୀ ବିଧାୟକ ପ୍ରାର୍ଥୀ ହୃଷୀକେଶ ନାଏକ ଭିନ୍ନ ଭିନ୍ନ ଢଙ୍ଗରେ ଲୋକଙ୍କ ସହ ଯୋଡ଼ି ହେଉଛନ୍ତି। କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଚମ୍ପୁଆ ବ୍ଲକ୍ ପର୍ଶଳା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ଗୁରୁବାର ବିଜେଡିର ବୁଥସ୍ତରୀୟ ସାଂଗଠନିକ ବୈଠକ ପୂର୍ବରୁ ବିଧାୟକ ଜଗନ୍ନାଥଙ୍କୁ ପାଛୋଟି ନେବାକୁ ଆୟୋଜିତ ମାଦଳ ନାଗରା ନୃତ୍ୟ ଆୟୋଜିତ ହୋଇଥିଲା। ବିଧାୟକ ଜଗନ୍ନାଥ ଏଥିରେ ଯୋଗଦେଇ ମହିଳାମାନଙ୍କ ସହ ହାତରେ ହାତ ମିଶାଇ ନୃତ୍ୟ କରିଥିବା ଦେଖିବାକୁ ମିଳିଥିଲା। ବିଧାୟକଙ୍କ ନୃତ୍ୟର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି କ୍ରମରେ ମମିତା, ଅଖିଳ ଓ ହୃଷୀକେଶ ଉଭୟ ଭାଜପା ଓ କଂଗ୍ରେସରୁ ଟିକେଟ ଆଶାୟୀ ରହିଥିବା ବେଳେ ଉଭୟ ଦଳ ତରଫରୁ ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ବି ସେମାନେ ବିଭିନ୍ନ ଗାଁକୁ ଯାଇ ଚବିଶ ପ୍ରହର ଓ ଅଷ୍ଟ ପ୍ରହର ନାମ ସଙ୍କୀର୍ତ୍ତନରେ ଯୋଗଦେଇ ଲୋକଙ୍କ ସହ ଭାବ ବିନିମୟ କରୁଛନ୍ତି।

# ବିରୋଧୀଙ୍କ ସତ୍‌ସାହସ ଥିଲେ ୩୭୦କୁ ଫେରାଇଆଣନ୍ତୁ: ମୋଦି

ଉଧମପୁର, ୧୨।୪


ଜମ୍ମୁ-କଶ୍ମୀରର ଉଧମପୁର ଲୋକ ସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଭାରେ ଭାଜପାର ମହିଳା ସମର୍ଥକ।

ଦଶନ୍ଧି ପରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଭୟ ନ ଥାଇ ଏବଂ ବିନା କୌଣସି ସୀମାପାର ଗୁଳିରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ହେବାକୁ ଯାଉଛି ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଆସନ୍ତା ୧୯ରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ଉଧମପୁରରେ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ ଓ କଶ୍ମୀରବାସୀ ଦୀର୍ଘଦିନ ଧରି ଭୋଗୁଥିବା ଦୁର୍ଦ୍ଦଶାର ଅନ୍ତ ଘଟିଛି। ତାଙ୍କ ସରକାର ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକର ସତ୍‌ସାହସ ଥିଲେ ସେମାନେ ସମ୍ବିଧାନର ଧାରା ୩୭୦କୁ ଫେରାଇ ଆଣନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଚ୍ୟାଲେଞ୍ଜ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ଉଧମପୁରରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରୁଥିବାବେଳ କଶ୍ମୀରରେ ବିଧାନସଭା ନିର୍ବାଚନ କେବେ ଅନୁଷ୍ଠିତ ହେବ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଉପତ୍ୟକାରେ ଗଣତନ୍ତ୍ରକୁ ନିଲମ୍ବିତ କରିବା ସହ ନିର୍ବାଚନ କରାଇ ଦେଉନାହାନ୍ତି। ଏହି ନିଲମ୍ବନର ଅବଧି କେବେ ଶେଷ ହେବ ବୋଲି ସେ ଏକ୍ସ’ରେ ପ୍ରଶ୍ନ କରିଛନ୍ତି।

# ବିଜେଡି ଛାଡ଼ିଲେ ପୂର୍ବତନ କଲମପୁର ବ୍ଲକ ଅଧ୍ୟକ୍ଷ

ଭବାନୀପାଟଣା, ୧୨।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କଲମପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ମହେନ୍ଦ୍ର ସାହୁ ବିଜେଡିର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି। ଧର୍ମଗଡ ସହରଠାରେ ଏକ ଖବରଦାତା ସମ୍ମିଳନୀରେ ମହେନ୍ଦ୍ର ସୂଚନା ଦେଇଛନ୍ତି। ସେ ଦୀର୍ଘ ବର୍ଷ ଧରି ଦଳର ରହି ତୃଣମୂଳସ୍ତରରେ ଦଳୀୟ କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କରିବା ସହ ଜଣେ ଶୃଙ୍ଖଳିତ କର୍ମକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ସରକାରଙ୍କ ଚାଷୀ ମାରଣା ନୀତିକୁ ଘୋର ବିରୋଧ କରିଛନ୍ତି। ଦଳରେ ରହି ଚାଷୀ ସମସ୍ୟା ଉଠାଇଲେ କେହି ଶୁଣୁ ନ ଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ ଧର୍ମଗଡ଼ ନିର୍ବାଚନମଣ୍ଡଳୀ ପାଇଁ ସ୍ଥାନୀୟ ପ୍ରାର୍ଥୀ ଦେବାକୁ ଦାବି ହୋଇଥିଲେ ମଧ୍ୟ ବାହାର ପ୍ରାର୍ଥୀକୁ ଦଳ ଟିକେଟ ଦେଇଛି। ଫଳରେ ସ୍ଥାନୀୟ ଆଶାୟୀଙ୍କ ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଗଲା। ଏପରିକି ଦଳରେ ରହିଲେ କେବଳ ଗୋଲାମ ସାଜିବା ବ୍ୟତୀତ ଆଉ କିଛି ନୁହେଁ ବୋଲି ପ୍ରକାଶ କରିଛନ୍ତି। ଅଞ୍ଚଳରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହା ତାଙ୍କୁ ବ୍ୟଥିତ କରିଛି, ତେଣୁ ଦଳରୁ ଇସ୍ତଫା ଦେଇ ଥିବା କହିଛନ୍ତି।


ମହେନ୍ଦ୍ର ସାହୁ

# ୩ ଦଳର ପ୍ରାର୍ଥୀଙ୍କୁ ବିରୋଧ, ସ୍ୱାଧୀନଙ୍କୁ ସୁହାଇପାରେ

## ପଟ୍ଟାଙ୍ଗି ବିଧାନସଭା କ୍ଷେତ୍ର

ସେମିଳିଗୁଡ଼ା/ସୁନାବେଡ଼ା, ୧୨।୪
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲାର ପଟ୍ଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀରେ ରୋଚକ ଦୃଶ୍ୟ ଦେଖିବାକୁ ମିଳୁଛି। ଗତ କିଛିଦିନ ହେବ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଘୋଷଣା କରିଥିବା ବିଧାୟକ ପ୍ରାର୍ଥୀଙ୍କୁ ନିଜ ଦଳୀୟ କର୍ମୀ ବିରୋଧ କରୁଛନ୍ତି। ସବୁ ଦଳର କର୍ମୀମାନଙ୍କର ଗୋଟିଏ ଦାବି ପ୍ରାର୍ଥୀଙ୍କୁ ବଦଳାଯାଉ। ହେଲେ କୌଣସି ଦଳ ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନେଇ ନ ଥିବାରୁ ଏହାର ଫାଇଦା ସ୍ୱାଧୀନ ପ୍ରାର୍ଥୀ ନେଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।

୨୦୧୯ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ପିତମ୍ ପାଢ଼ୀ ୫୧,୨୪୪ ଖଣ୍ଡ ଭୋଟ ପାଇ ଜିତିଥିଲେ। କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡାମ୍ ୪୬, ୯୮୯, ଭାଜପା ପ୍ରାର୍ଥୀ ରାମଚନ୍ଦ୍ର ପାଙ୍ଗୀ ୨୫, ୯୫୬ ଏବଂ ବିଏସ୍‌ପିରୁ ମୁରଲୀଧର ଗୁଣ୍ଠା ୪,୧୫୩ ଭୋଟ ପାଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବେ ନନ୍ଦିବାଲି ଚୈତନ୍ୟ ୮,୨୩୮ ଏବଂ କୃଷ୍ଣଚନ୍ଦ୍ର ଜାନି ୩,୫୧୭ ଖଣ୍ଡ ଭୋଟ ପାଇଥିଲେ। ଚଳିତ ଥର କଂଗ୍ରେସ ରାମଚନ୍ଦ୍ର କାଡାମଙ୍କୁ ପୁଣି ଥରେ ପ୍ରାର୍ଥୀ କରିଛି। ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରି ପିତମ୍ ପାଢ଼ୀଙ୍କ ପରିବର୍ତ୍ତେ ପ୍ରଫୁଲ୍ଲ ପାଙ୍ଗୀଙ୍କୁ ଟିକେଟ ଦେଇଛି। ଭାଜପା ମଧ୍ୟ ପ୍ରାର୍ଥୀ ବଦଳାଇ ରାମଚନ୍ଦ୍ର ପାଙ୍ଗୀଙ୍କ ଜାଗାରେ ଚୈତନ୍ୟ ହନ୍ତାଳଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ପ୍ରମୁଖ ଦଳ ପ୍ରାର୍ଥୀଙ୍କୁ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀରେ ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ଭାଜପା ଆଶାୟୀ ପ୍ରାର୍ଥୀ ନନ୍ଦିବାଲି ଚୈତନ୍ୟ ରାଜ୍ୟ ସଭାପତିଙ୍କୁ ଭେଟି ଚୈତନ୍ୟ ହନ୍ତାଳ ଜାତିଗତ ପ୍ରମାଣପତ୍ର ଜାଲିଆତି କରି ଟିକେଟ ପାଇଥିବା ଅଭିଯୋଗ ଆଣିଛନ୍ତି। ଚୈତନ୍ୟ ହନ୍ତାଳ ୨୦୧୭ରେ କୋରାପୁଟ ବ୍ଲକ୍ ମରିଚମାଳ ପଞ୍ଚାୟତରୁ ହରିଜନ ଆସନରେ ସମିତିସଭ୍ୟ ଭାବେ ଲଢ଼ି ହାରିଥିବାବେଳେ ୨୦୨୪ରେ କିପରି ଜନଜାତି ହେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଚୈତନ୍ୟ ହନ୍ତାଳଙ୍କୁ ହଟାଇ ତାକୁ ଦଳୀୟ ଟିକେଟ ଦେବାକୁ ନନ୍ଦିବାଲି ଚୈତନ୍ୟ ଅନୁରୋଧ କରିଛନ୍ତି। ସେହିପରି କଂଗ୍ରେସ ଓ ବିଜେଡି ଶିବିରରେ ମଧ୍ୟ ପ୍ରାର୍ଥୀ ଟିକେଟକୁ ନେଇ ଅନୁରୂପ ଅସନ୍ତୋଷ ଲାଗି ରହିଛି। ଏହି ଅସନ୍ତୋଷ ଓ ଦଳୀୟ କନ୍ଦଳର ଫାଇଦା ସ୍ୱାଧୀନ ପ୍ରାର୍ଥୀଙ୍କୁ ଯାଇପାରେ ବୋଲି କୁହାଯାଉଛି।

# ବିଜେଡିରେ କଂଗ୍ରେସର ପ୍ରମୋଦ, ଭାଜପାର କୃଷ୍ଣଚନ୍ଦ୍ର

ଭୁବନେଶ୍ୱର, ୧୨।୪(ଅନିଲ ଦାସ)

ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଜଟଣୀ ନିର୍ବାଚନମଣ୍ଡଳୀର ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ପ୍ରମୋଦ ହରିଚନ୍ଦନଙ୍କ ସମେତ ଶତାଧିକ କଂଗ୍ରେସ,ଭାଜପା କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ଲୋକ ସଭା ବିଜେଡି ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ବିଜେଡି ସମ୍ପାଦକ ପ୍ରଦୀପ ସାହୁ ଓ ବିଜେଡି ଜିଲା ଉପସଭାପତି ବିପିନ ଜୟସିଂହଙ୍କ ଉପସ୍ଥିତିରେ ଯୋଗଦେଇଛନ୍ତି। ଦଳରେ ସାମିଲ ହୋଇଥିବା କଂଗ୍ରେସ ନେତା ପ୍ରମୋଦ ହରିଚନ୍ଦନ ଏବଂ ଶତାଧିକ କର୍ମକର୍ତ୍ତାଙ୍କୁ ବିଜେଡି ନେତାମାନେ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। କଂଗ୍ରେସ ଓ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଜଟଣୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ସେମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସେ ସୁଚାରୁରୂପେ ତୁଲାଇବେ। ଦଳ ତାଙ୍କୁ ଏବଂ ତାଙ୍କ ସହ ଯୋଗଦେଇଥିବା ସମସ୍ତ କଂଗ୍ରେସ ଓ ଭାଜପା କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ସାମାଜିକ କର୍ମୀ ସରୋଜ ବଳିୟାରସିଂହ, ଜଟଣୀ ମ୍ୟୁନିସିପାଲିଟିର କଂଗ୍ରେସ କାଉନସିଲର ଇତିଶ୍ରୀ ଦାସ, ଅନୀତା ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ, ସରପଞ୍ଚ କୌଶଲ୍ୟା ବଳିୟାରସିଂହ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପଟ୍ଟନାୟକ, ସାଂସଦଙ୍କ ଜଟଣୀ ବ୍ଲକ ପ୍ରତିନିଧି ରବି ନାରାୟଣ ସ୍ୱାଇଁ, ଭାଜପା ନେତା ପ୍ରଶାନ୍ତ କୁମାର ଦାସ, ଯୁବ କଂଗ୍ରେସ ନେତା ବିଜୟ କେତନ ମଙ୍ଗରାଜ, ପୂର୍ବତନ ସରପଞ୍ଚ ବାବାଜୀ ମଙ୍ଗରାଜ ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି।

ସେହିପରି ପୁରୀ ଜିଲା ଅନ୍ତର୍ଗତ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବ୍ରହ୍ମଗିରି ଭାଜପା ମଣ୍ଡଳ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନଠାରେ ପୂର୍ବତନ ମନ୍ତ୍ରୀ ତଥା ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା, ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ, ଡକ୍ଟର ସସ୍ମିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଉମା ସାମନ୍ତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ବିଜେଡି ନେତାମାନେ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସେମାନେ କହିଛନ୍ତି।

# ଭାଜପାରେ ପୂର୍ବତନ ଆଇଏଏସ୍ ଅଧିକାରୀ ସଦାନନ୍ଦ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

ଅବସରପ୍ରାପ୍ତ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ସଦାନନ୍ଦ ନାୟକ ଶୁକ୍ରବାର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ବାଲିଅନ୍ତାର ପୂର୍ବତନ ବ୍ଲକ ସଭାପତି ପ୍ରଦୀପ୍ତ କୁମାର ମହାନ୍ତି, କେନ୍ଦୁଝରବାସିନ୍ଦା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଲେଖ ଚରଣ ନାୟକ, ଓଡ଼ିଶା ହାଇକୋର୍ଟରେ ବରିଷ୍ଠ ଆଇନଜୀବୀ ରବି ପ୍ରସାଦ ନାୟକ ଭାଜପାରେ ଯୋଗ ଦେଇଛନ୍ତି। ଜୟଦେବ ବିଧାନସଭାମଣ୍ଡଳୀ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣ୍ଟପୁର ସରପଞ୍ଚ ହୃଷୀକେଶ ପାତ୍ର, ରାମଲତା ନାୟକ, ରଶ୍ମିତା ଭୋଇ, ବାଲିଅନ୍ତ ପଞ୍ଚାୟତ ସମିତି ସଦସ୍ୟ କୁନି ପ୍ରଧାନ, ପୁରନ ପ୍ରଧାନ, ମମତା ମାହାରି, ରଞ୍ଜନ କୁମାର ମହାପାତ୍ର, ପ୍ରିୟବ୍ରତ ପାତ୍ର ପ୍ରମୁଖ ଭାଜପାରେ ମିଶିଛନ୍ତି। ବିଏମସିର ପୂର୍ବତନ କର୍ପୋରେଟର ନରେନ ସାହୁ, ରାଜକିଶୋର ସାହୁ, ସସ୍ମିତା ସାହୁ, ଯୁବନେତା ରାଜେନ୍ଦ୍ର କୁମାର ନାୟକ, ସୂର୍ଯ୍ୟକାନ୍ତ ସାହୁ, ଶିବ ସାହୁ, ଗୀତାଞ୍ଜଳୀ ରାଉତ, ନାଏବ ସରପଞ୍ଚ ଅନିଲ ବେହେରା ପ୍ରମୁଖ ଭାଜପାରେ ଯୋଗ ଦେଇଛନ୍ତି।

# ବାରବାଟୀ-କଟକ ବିଜେଡିରେ କନ୍ଦଳ

## ଛକାପଞ୍ଝାରେ ଦେବାଶିଷ, ସୁବାସ ଗୋଷ୍ଠୀ

କଟକ, ୧୨।୪(ଶିଲ୍ପା ପ୍ରିୟଦର୍ଶିନୀ)


ଦେବାଶିଷ ସାମନ୍ତରାୟ


ସୁବାସ ସିଂ

ନିର୍ବାଚନ ଯେତେ ପାଖେଇ ଆସୁଛି ବାରବାଟୀ-କଟକ ବିଜେଡିରେ ସେତେ ମାତ୍ରାରେ ଗୋଷ୍ଠୀ କନ୍ଦଳ ପଦାକୁ ଆସୁଛି। ଯେମିତିକି ଏଠାରେ ଏବେ ଦୁଇ ସଙ୍ଗଠନ କାମ କରୁଥିବା ସାଧାରଣରେ ଆଲୋଚନା ହେଉଛି।

ବାରବାଟୀ-କଟକରେ ଗୋଟିଏ ଦିନରେ ଦୁଇଟି କାର୍ଯ୍ୟକ୍ରମ କରାଯାଇଛି; ହେଲେ ନେତୃବୃନ୍ଦଙ୍କୁ ଏକାଠି ଦେଖିବାକୁ ମିଳିନାହିଁ। କଟକ ସାରଳା ଭବନରେ ବିଜେଡିର ମହିଳା ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଜେଡି କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ଦଳର ବରିଷ୍ଠ ନେତୃବୃନ୍ଦ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ। ହେଲେ ଏଥିରେ ମେୟର ସୁବାସ ସିଂ ଅନୁପସ୍ଥିତ ଥିଲେ। ଅପରପକ୍ଷରେ ବାଲିଯାତ୍ରା ପଡିଆସ୍ଥିତ କଟକ-ଇନ୍-କଟକ ପରିସରରେ କଟକ ଯୁବ ପରିଷଦର ଇଦ୍ ମିଳନ କାର୍ଯ୍ୟକ୍ରମ ମଧ୍ୟ ମହିଳା ସମାବେଶ ଆରମ୍ଭ ହେବାର କିଛି ସମୟ ମଧ୍ୟରେ ହୋଇଥିଲା। ଏହି ଇଦ୍ ମିଳନ କାର୍ଯ୍ୟକ୍ରମ ମେୟର ସୁବାସଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିବା ବିଶେଷସୂତ୍ରରୁ ସୂଚନା ମିଳିଥିବାବେଳେ ମେୟର ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଏପରି କି ବିଜେଡିର ପ୍ରାୟ ନେତୃବୃନ୍ଦ ଏଥିରେ ଯୋଗଦେଇଥିଲେ। ହେଲେ କାର୍ଯ୍ୟକ୍ରମରେ ଦେବାଶିଷଙ୍କୁ ଦେଖିବାକୁ ମିଳି ନ ଥିଲା। ମେୟରଙ୍କ ସଙ୍ଗଠନ ଓ ଦେବାଶିଷଙ୍କ ସଙ୍ଗଠନ ପରସ୍ପର ଆୟୋଜନ କରୁଥିବା କାର୍ଯ୍ୟକ୍ରମରେ ଉପସ୍ଥିତ ରହୁ ନ ଥିବା ବହୁ ପୂର୍ବରୁ ନଜରକୁ ଆସିଛି। ପୂର୍ବରୁ ଟିକେଟ ପାଇଁ ଏପରି ଗୋଷ୍ଠୀ କନ୍ଦଳ ଚାଲିଥିବା ଚର୍ଚ୍ଚା ହେଉଥିଲା। ହେଲେ ଏବେ ପ୍ରାର୍ଥୀ ଘୋଷଣା ସରିଥିବାବେଳେ ପ୍ରାର୍ଥୀଙ୍କୁ ନିଜ ନିଜ ସଙ୍ଗଠନ ସହ ଯୋଡିବା ପାଇଁ ଉଭୟେ ପ୍ରୟାସ ଜାରି ରଖିଛନ୍ତି। ଦେବାଶିଷ ଉପସ୍ଥିତ ଥିବା ମହିଳା ସମାବେଶରେ ବିଜେଡିର ପ୍ରାୟ କର୍ପୋରେଟର ଉପସ୍ଥିତ ଥିଲେ। ହେଲେ କେତେଜଣ କର୍ପୋରେଟରଙ୍କୁ ଦେଖିବାକୁ ମିଳି ନ ଥିଲା। ଠିକ୍ ସେହିପରି ମେୟର ଯୋଗଦେଇଥିବା କାର୍ଯ୍ୟକ୍ରମରେ କିଛି କର୍ପୋରେଟର ଅନୁପସ୍ଥିତ ଥିଲେ। ଏବେ ଦେବାଶିଷ ଓ ସୁବାସଙ୍କ ଏପରି ବିବାଦ ଚର୍ଚ୍ଚାକୁ ଖୋରାକ୍ ଯୋଗାଉଛି। ଏ ନେଇ ଦେବାଶିଷ ସାମନ୍ତରାୟଙ୍କୁ ପଚାରିବାରୁ ସେ ସମସ୍ତ ପ୍ରସଙ୍ଗକୁ ଏଡାଇ କହିଛନ୍ତି, ଏହି ମହିଳା ସମାବେଶ ଦଳୀୟ କାର୍ଯ୍ୟକ୍ରମ ଥିଲା। ମହିଳା ସଙ୍ଗଠନ ମେୟରଙ୍କୁ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରିଥିଲେ। ହେଲେ କୌଣସି କାରଣ ଥିବାରୁ ସେ ଉପସ୍ଥିତ ରହିପାରିନାହାନ୍ତି। ଅପରପକ୍ଷରେ ମେୟର ସିଂ ମହିଳା ସମାବେଶ କାର୍ଯ୍ୟକ୍ରମକୁ ଡକାଯାଇଥିବା ପ୍ରଶ୍ନକୁ ଏଡାଇ କହିଛନ୍ତି, ଇଦ୍ ପାଳନ ଏକ ସାମାଜିକ କାର୍ଯ୍ୟକ୍ରମ। ତାଙ୍କୁ ନିମନ୍ତ୍ରଣ କରିଥିବାରୁ ସେଠାରେ ସେ ଉପସ୍ଥିତ ଥିଲେ। ବିଜେଡିରେ ଯେକୌଣସି କାର୍ଯ୍ୟକ୍ରମ ହେଉଛି, ସେ ସମ୍ପର୍କରେ ପୂର୍ବରୁ ଆଲୋଚନା କରାଯାଉଛି। ମହିଳା ସମାବେଶ ସମ୍ପର୍କରେ ଜାଣିଛି। ମହିଳା ସମାବେଶ ସମ୍ପୂର୍ଣ୍ଣ ଭାବେ ରାଜନୈତିକ କାର୍ଯ୍ୟକ୍ରମ ଥିଲା ବୋଲି ସିଂ କହିଛନ୍ତି।

# ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୫%କୁ ହ୍ରାସ

## ଫେବୃଆରୀରେ ଶିଳ୍ପ ଉତ୍ପାଦନ ୫.୭% ବୃଦ୍ଧି

ନୂଆଦିଲ୍ଲୀ,୧୨।୪



କ୍ରମାଗତ ଭାବେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ(ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଘଟୁଛି। ଏପରିକି ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ଖୁଚୁରା ମୁଦ୍ରାସ୍ଫୀତି ୨୦୨୪ ମାର୍ଚ୍ଚରେ ୪.୮୫%କୁ ହ୍ରାସ ପାଇଛି। ଫଳରେ ଖୁଚୁରା ମୁଦ୍ରାସ୍ଫୀତି ଗତ ୫ ମାସର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଉଲ୍ଲେଖଯୋଗ୍ୟ, ଖୁଚୁରା ମୁଦ୍ରାସ୍ଫୀତି ୨୦୨୪ ଫେବୃଆରୀରେ ୫.୦୯% ରହିଥିଲାବେଳେ ୨୦୨୩ ମାର୍ଚ୍ଚରେ ଏହା ୫.୬୬% ଥିଲା। ପୂର୍ବରୁ ୨୦୨୩ ଅକ୍ଟୋବରରେ ସିପିଆଇ ଭିତ୍ତିକ ମୁଦ୍ରାସ୍ଫୀତି ସର୍ବନିମ୍ନ ଥିଲା ୪.୮୭ % ରହିଥିଲା।

ସେହିଭଳି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦ୍ୱାରା ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪ ମାର୍ଚ୍ଚରେ ଖାଦ୍ୟ ମୁଦ୍ରାସ୍ଫୀତି ୮.୫୨% ଥିବାବେଳେ ଫେବୃଆରୀରେ ଏହା ୮.୬୬% ହ୍ରାସ ପାଇଛି। ଉଭୟ ପାର୍ଶ୍ୱରେ ମୁଦ୍ରାସ୍ଫୀତି ୦% ରହିଥିବାରୁ ସୁନିଶ୍ଚିତ କରିବାକୁ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) କୁ ଦାୟିତ୍ୱ ଦେଇଛନ୍ତି। ଅପରପକ୍ଷରେ ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ଭାରତର ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ୨୦୨୪ ଫେବୃଆରୀରେ ୫.୭%କୁ ବୃଦ୍ଧି ପାଇଛି। ଏପରିକି ଶିଳ୍ପ ଉପାଦାନ ଅଭିବୃଦ୍ଧି ଅନୁଯାୟୀ ମପାଯାଇଥିବା କାରଖାନା ଉତ୍ପାଦନ ଅଭିବୃଦ୍ଧି ୨୦୨୩ ଫେବୃଆରୀରେ ୬% ଥିଲା। ୨୦୨୩ ଅକ୍ଟୋବରରେ ଆଇଆଇପିର ପୂର୍ବର ଉଚ୍ଚତା ୧୧.୯%ରେ ରେକର୍ଡ କରାଯାଇଥିଲାବେଳେ ନଭେମ୍ବରରେ ୨.୫%, ଡିସେମ୍ବରରେ ୪.୨% ଏବଂ ୨୦୨୪ ଜାନୁଆରୀରେ ୪.୧%କୁ ହ୍ରାସ ପାଇଥିଲା। ସେହିପରି ୨୦୨୩-୨୪ ଏପ୍ରିଲ-ଫେବୃଆରୀ ଅବଧିରେ ଶିଳ୍ପ ଉପାଦାନ ଅଭିବୃଦ୍ଧି ୫.୯%କୁ ଛୁଇଁଛି, ଯାହା ପୂର୍ବ ବର୍ଷ ତୁଳନାରେ ୫.୬% ଥିଲା। ସେହିପରି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୪ ଫେବୃଆରୀରେ ଭାରତର ଶିଳ୍ପ ଉତ୍ପାଦନସୂଚକାଙ୍କ ୫.୭%କୁ ବୃଦ୍ଧିପାଇଛି।

# ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୨।୪

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହ୍ରାସ କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୭୯୩(୭୯୩.୨୫) ପଏଣ୍ଟ କମି ୭୪,୨୪୫(୭୪,୨୪୪.୯୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୩୪(୨୩୪.୪୦) ପଏଣ୍ଟ ହ୍ରାସ ଘଟି ୨୨,୫୧୯ (୨୨,୫୧୯.୪୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡ୍କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ପି.ସି. ଚନ୍ଦ୍ରା ଜୁଏଲର୍ସର ପଣା ସଂକ୍ରାନ୍ତି କଲେକ୍ସନ

ଭୁବନେଶ୍ୱର,୧୨।୪



ପି.ସି.ଚନ୍ଦ୍ରା ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ 'ପଣା ସଂକ୍ରାନ୍ତି' କଲେକ୍ସନର ଅନାବରଣ (ଉନ୍ମୋଚନ) ନିକଟରେ ହୋଇଯାଇଛି। ବିଶେଷକରି ସମସାମୟିକ ମହିଳାଙ୍କ ପାଇଁ ସୂକ୍ଷ୍ମ ଡିଜାଇନ ଏବଂ ହସ୍ତତନ୍ତ ଅଳଙ୍କାର ସହ ସମକକ୍ଷ ପ୍ରକୃତିର ଉପାଦାନଗୁଡ଼ିକ ଦ୍ୱାରା ପ୍ରାୟତଃ ଅନୁପ୍ରାଣିତ ମୟୂର ମୋଟିଫ୍ ଏବଂ ପୁଷ୍ପ ଢାଞ୍ଚା ପରି ଡିଜାଇନଗୁଡ଼ିକ ଜଣେ ମହିଳାଙ୍କ ଭିତର ସୌନ୍ଦର୍ଯ୍ୟକୁ ଏହା ପ୍ରତିଫଳିତ କରିଥାଏ। ସେହିଭଳି ବ୍ରାଣ୍ଡ୍ର ନୂତନ କଲେକ୍ସନ ଉଭୟ ୨୨କ୍ୟାରେଟ ସୁନା ଏବଂ ହୀରା ବର୍ଗରେ ଡିଜାଇନ ଓ ଉନ୍ମୋଚିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ଆକର୍ଷଣୀୟ ଅଫର ମଧ୍ୟ ଘୋଷଣା କରାଯାଇଛି। ଉକ୍ତ ଅଫର ୨୦୨୪ ଏପ୍ରିଲ ୧୩ରୁ ୨୦ ପର୍ଯ୍ୟନ୍ତ ବ୍ରାଣ୍ଡ୍ର ସମସ୍ତ ଷ୍ଟୋରରେ ଉପଲବ୍ଧ। ଏହି ଅଫର ଅନ୍ତର୍ଗତ ସମସ୍ତ ଅଳଙ୍କାରର ଚାର୍ଜ ଉପରେ ୨୦% ଏବଂ ହୀରା ଓ ମୂଲ୍ୟବାନ୍ ପଥରର ମୂଲ୍ୟ ଉପରେ ୧୦% ଅଫର ପ୍ରଦାନ କରାଯାଉଛି। ଅପରପକ୍ଷରେ ଦେଶର ଅଗ୍ରଣୀ ଡିଜାଇନଗୁଡ଼ିକ ସହିତ ଏକ ନୂତନ ଫ୍ୟାଶନ ଶୋ ମଧ୍ୟ ଆୟୋଜିତ ହୋଇଯାଇଛି। ବିଶେଷକରି ହୋଟେଲ ଆଇଟିସି ସ୍ୱାଗତ ପରିସରରେ ଅଭିନେତା ସଂୟମ୍ ସିଦ୍ଧ ଏବଂ ଗ୍ଲୋବାଲ ଡ୍ୟାନ୍ସ ଆଇକନ୍ ଶାଶ୍ୱତ ଜୋଷୀଙ୍କ ଜରିଆରେ ଆମର ନୂତନ ସଂଗ୍ରହ ସହ ଷୋ ଷ୍ଟପରର ଆୟୋଜନ କରାଯାଇଥିଲା।

# ହ୍ୟାଣ୍ଡଲୁମ୍ ପୋଷାକର ଏକ୍ସକ୍ଲୁସିଭ ଆଉଟ୍ଲେଟ

ଭୁବନେଶ୍ୱର,୧୨।୪

ରାଜ୍ୟର ଅଗ୍ରଣୀ ଷ୍ଟାର୍ଟଅପ ତଥା ହୋମ୍ ଗ୍ରାଉନ ବ୍ରାଣ୍ଡ୍ 'ଅଙ୍କି'ର ପ୍ରଥମ ଅଫ୍ଲାଇନ ଷ୍ଟୋର ଭୁବନେଶ୍ୱରର ଜାଗମରା ଟ୍ରାଫିକ୍ଛକଠାରେ ଉଦ୍ଘାଟିତ ହୋଇଯାଇଛି। ୩୦୦ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ସ୍ୱତନ୍ତ୍ର ଷ୍ଟୋର ତଥା ହ୍ୟାଣ୍ଡଲୁମ୍ ପୋଷାକର ଏକ୍ସକ୍ଲୁସିଭ ଆଉଟ୍ଲେଟ୍ରେ ହସ୍ତତନ୍ତ ଶାଢ଼ି, କୁର୍ତ୍ତା ସେଟ୍ ସହ ହ୍ୟାଣ୍ଡ ପେଣ୍ଟେଡ୍, ଏମ୍ବ୍ରୋଡୋରିଡ୍ ଇକ୍ସିକାସି, ଟ୍ରେଣ୍ଡି କୋ-ଓର୍ଡ ସେଟସ୍, ହାତ ତିଆରି ପିତ୍ତଳ ସାମଗ୍ରୀ, ଜର୍ମାନ ସିଲ୍ଭର, ଟେରାକୋଟା ଜୁଏଲେରି ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ସର୍ବନିମ୍ନ ୩୦ଟଙ୍କାରୁ ଆରମ୍ଭକରି ୩୦ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଉପଲବ୍ଧ। ଏପରିକି ବ୍ରାଣ୍ଡ୍ର ଏହା ପ୍ରଥମ ଧରଣର ୱାକିନ୍ ଷ୍ଟୋର୍ ହୋଇଥିବାବେଳେ ଗ୍ରାହକମାନେ ସୁବିଧାରେ ଓ ସ୍ୱତନ୍ତ୍ର ଏବଂ ଏକ୍ସକ୍ୟୁସାଇଟ୍ କଲେକ୍ସନଗୁଡିକୁ ଗ୍ରାହକ ସଂଗ୍ରହ କରିପାରିବେ। ଏପରିକି ଆମେ ଗୁଣାତ୍ମକ ଉତ୍ପାଦ ଏବଂ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ମନପସନ୍ଦର ସାମଗ୍ରୀ ଯୋଗାଇ ଦେଇଥାଉ ବୋଲି ବ୍ରାଣ୍ଡ୍ର ପ୍ରତିଷ୍ଠାତା ଅଙ୍କିତା ମହାନ୍ତି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଆମେ ସବୁବେଳେ ପାରମ୍ପରିକ ଫ୍ୟାଶନ ଏବଂ ତା'ର ଐତିହ୍ୟ ପ୍ରତି ରହିଥିବା ଆମର ଉତ୍ସାହକୁ ଅନୁସରଣ କରିଆସିଛୁ। ଏପରିକି ଆମେ ଅନେକ ସରକାରୀ ଏବଂ ବେସରକାରୀ ପ୍ରଦର୍ଶନୀରେ ମଧ୍ୟ ଅଂଶଗ୍ରହଣ ସହ ଆମର ସୃଜନଶୀଳ କାର୍ଯ୍ୟ ଏବଂ ସଚେତନ ତାଲିମରେ ବିଶ୍ୱାସ କରୁଥିବାବେଳେ ବ୍ରାଣ୍ଡ୍ର ଅନେକ ସ୍ୱତନ୍ତ୍ର ଗ୍ରାହକ ପାଇଛୁ। ଉଲ୍ଲେଖଯୋଗ୍ୟ,ଅଙ୍କି ଓଡ଼ିଶାର ଏକ ୭ବର୍ଷ ପୁରୁଣା ଘରୋଇ ବ୍ରାଣ୍ଡ୍ ହୋଇଥିବାବେଳେ ଓଡ଼ିଆ ଅଭିନେତ୍ରୀ ତଥା ଆଙ୍କିର ଅଙ୍କିତା ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଉକ୍ତ ବ୍ରାଣ୍ଡ୍ ୨୦୧୭ରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା।

# ଓଡିଏମ୍ ବିଜ୍ନେସ୍ ସ୍କୁଲର ୧୪ତମ ଦୀକ୍ଷାନ୍ତ ସମାରୋହ



ଭୁବନେଶ୍ୱର,୧୨।୪

ଓଡିଏମ୍ ବିଜ୍ନେସ୍ ସ୍କୁଲର ୧୪ତମ ଦୀକ୍ଷାନ୍ତ ସମାରୋହ ଶୁକ୍ରବାର ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଭୁବନେଶ୍ୱର ଓୟୁଏଟିର କୁଳପତି ପ୍ରଫେସର (ଡ.) ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାରୋହକୁ ଉଦ୍ଘାଟନ କରିଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ପୂର୍ବତନ ଭାରତୀୟ ପ୍ରଶାସନ ସେବାର ବରିଷ୍ଠ ଅଧିକାରୀ ତଥା ବର୍ତ୍ତମାନର ଓଡ଼ିଶା ବୀମା ଲୋକପାଳ (ଇନ୍ସ୍ୟୁରାନ୍ସ ଓମ୍ବୁଡସ୍ମ୍ୟାନ) ମନୋଜ କୁମାର ପରିଡ଼ା ନିଜର ଓଜସ୍ୱିନୀ ଭାଷଣରେ ଉଦ୍ବୋଧିତ କରିଥିଲେ । ଅନ୍ୟତମ ଅତିଥି ଭାବେ ଓଡିଏମ୍ ବିଜ୍ନେସ୍ ସ୍କୁଲର ବୋର୍ଡ ଅଫ୍ ଗଭର୍ନର୍ସ ସଦସ୍ୟ ନିରଞ୍ଜନ ସାହୁଙ୍କ ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଅଶୋକ ମହାପାତ୍ର ତଥା ସମ୍ ହସ୍ପିଟାଲର ମୁଖ୍ୟ ଉପଦେଷ୍ଟା ପ୍ରମୁଖ ଅତିଥିଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ୨୦୨୨, ୨୦୨୩ ଓ ୨୦୨୪ ଶିକ୍ଷାବର୍ଷ ପିଜିଡିଏମ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ୧୮୦ଜଣ କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ତଥା ଅନ୍ୟ ଅତିଥିଗଣ ଦୀକ୍ଷାନ୍ତ ସମାରୋହର ଉପାଧି ପ୍ରଦାନ କରିବା ସହ ମାନପତ୍ର ଓ ଫଳକ ପ୍ରଦାନ କରିଥିଲେ ।

ସେହିଭଳି ସମାରୋହ ଉତ୍ସବରେ ଓଡିଏମ୍ର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ଓଡିଏମ୍ ବିଜ୍ନେସ୍ ସ୍କୁଲର ନିର୍ଦ୍ଦେଶକ ପ୍ରଫେସର ଡ. ଗୋବିନ୍ଦ ଚନ୍ଦ୍ର ଦାଶ, ଡିନ୍ ପ୍ରଫେସର ସତ୍ୟବ୍ରତ ଭୂୟାଁ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଆର୍ତ୍ତତ୍ରାଣ ମିଶ୍ର ଏବଂ ବିଜ୍ନେସ୍ ସ୍କୁଲର ସମସ୍ତ ଅଧ୍ୟାପକଅଧ୍ୟାପିକା ଓ ଛାତ୍ରୀଛାତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ । ପରିଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବଜାରରେ ଟିରାର ନୂତନ ଉତ୍ପାଦ

ଭୁବନେଶ୍ୱର,୧୨।୪



ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ୍ ତଥା 'ଟିରା'ର ନୂତନ ଉତ୍ପାଦ 'ଟିରା ଟୁଲ୍ସ' ନିକଟରେ ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ହୋଇଯାଇଛି। ବିଶେଷକରି ବ୍ରାଣ୍ଡ୍ ଉଚ୍ଚମାନର ଉତ୍ପାଦଗୁଡ଼ିକର ଏକ କ୍ୟୁରେଟେଡ୍ ଚୟନ ସହ ବିନା ସୌନ୍ଦର୍ଯ୍ୟର ରୁଟିନ୍କୁ ବଢ଼ାଇଥାଏ। ଏପରିକି ସୌନ୍ଦର୍ଯ୍ୟ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ସେଟ୍ ହୋଇଥିବା ଟିରା ସାମଗ୍ରୀଗୁଡ଼ିକ ଯତ୍ନର ସହ ନିର୍ମିତ ହୋଇଥିଲାବେଳେ ଆନୁଷଙ୍ଗିକ ସାମଗ୍ରୀକୁ ଏହା ଅନ୍ତର୍ଭୁକ୍ତ କରିଥାଏ। ସେହିଭଳି ପ୍ରୋ ମେକ୍ଅପ୍ ବ୍ରସ୍ଠାରୁ ଆରମ୍ଭକରି ଫେସିଆଲ୍ ରୋଲର୍ସ ଏବଂ ବ୍ୟୁଟି ସ୍ପଞ୍ଜ ପର୍ଯ୍ୟନ୍ତ ଟିରା ଉପକରଣଗୁଡ଼ିକ ବିଭିନ୍ନ ସୌନ୍ଦର୍ଯ୍ୟ ଆବଶ୍ୟକତା ପୂରଣ ପାଇଁ ଏକ ବ୍ୟାପକ ଚୟନର ପ୍ରତିଶ୍ରୁତି ଦେଇଥାଏ। ଏପରିକି ଉତ୍କର୍ଷ ପାଇଁ ବ୍ରାଣ୍ଡ୍ର ପ୍ରତିବଦ୍ଧତା ଏହାର ସବିଶେଷ ଧ୍ୟାନ ଏବଂ ଗୁଣବତ୍ତା ଉପରେ ଅଦମ୍ୟ ଧ୍ୟାନରେ ସ୍ପଷ୍ଟ ହୋଇଛି। ଟିରା ଉପକରଣ ସଂଗ୍ରହ ମଧ୍ୟରେ ଥିବା ଷ୍ଟାଣ୍ଡ ଆଉଟ୍ ଅଫର ମଧ୍ୟରେ ପ୍ରୋ ଆର୍ଟିଷ୍ଟ୍ରି କିଟ୍ ସାମିଲ ରହିଛି। ଏହି କିଟ୍ଗୁଡିକ ବୃତ୍ତିଗତ ମେକ୍ଅପ୍ କଳାକାର ଏବଂ ସୌନ୍ଦର୍ଯ୍ୟ ଉତ୍ସାହୀଙ୍କ ଚାହିଦା ପୂରଣ କରିବା ପାଇଁ ସଠିକତା ଏବଂ ବହୁମୁଖିତାକୁ ଏକତ୍ର କରିଥାଏ। ଏହା ସହ ବ୍ୟୁଟି ସ୍ପଞ୍ଜରେ ଅତ୍ୟାଧୁନିକ ଡିଜାଇନ ବୈଶିଷ୍ଟ୍ୟ ଥିବାବେଳେ ଫେସିଆଲ୍ ରୋଲର୍ସ ଏବଂ ଗୁଆ ଶା ଟୁଲ୍ସ ସାଧନଗୁଡ଼ିକ ପ୍ରକୃତ ଜାଡେ ଏବଂ କ୍ୱାର୍ଟଜ୍ ପରି ପ୍ରିମିୟମ୍ ଗୁଣାତ୍ମକ ସାମଗ୍ରୀ ସୁନିଶ୍ଚିତ କରି ଟିରା ଉପକରଣଗୁଡିକ ନୈତିକ ମାନଦଣ୍ଡକୁ ପ୍ରାଧାନ୍ୟ ଦେଇଥାଏ।

# ଜେଏସ୍ପି ଫାଉଣ୍ଡେଶନର ନୂତନ ପ୍ରକଳ୍ପ

ଭୁବନେଶ୍ୱର,୧୨।୪

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍ପି)ର ସାମାଜିକ ପ୍ରତିଷ୍ଠାନ ତଥା ଜେଏସ୍ପି ଫାଉଣ୍ଡେଶନର ନୂତନ ପ୍ରକଳ୍ପ 'ଜିନ୍ଦଲ ଜ୍ଞାନ' ନିକଟରେ ଉଦ୍ଘାଟିତ ହୋଇଯାଇଛି। ବିଶେଷକରି ଦୃଷ୍ଟିବାଧିତ ବ୍ୟକ୍ତିମାନଙ୍କ ଜୀବନଧାରଣ ମାନରେ ଉନ୍ନତ କରିବା ସହ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ଜେଏସ୍ପି ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରର ଖଣ୍ଡଗିରିବାରିଠାରେ ଏକ ଅତ୍ୟାଧୁନିକ ସହାୟକ ଉପକରଣ ଲାଇବ୍ରେରି 'ଜିନ୍ଦଲ ଜ୍ଞାନ' ନିର୍ମାଣ (ସ୍ଥାପନ) କରାଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ଲାଇବ୍ରେରିକୁ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏସ୍ପିର ସଭାପତି(ପ୍ରେସିଡେଣ୍ଟ) ତଥା ଗ୍ରୁପ ସିଏସ୍ଆର୍ ହେଡ୍ ପ୍ରଶାନ୍ତ ହୋତାଙ୍କ ସମେତ ଏସ୍ଭି ନିର୍ତାରର ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀକାନ୍ତ ମହାରଣା, ଓଡ଼ିଶା ଆସୋସିଏସନ୍ ଅଫ୍ ଦି ବ୍ଲାଇଣ୍ଡର ସଭାପତି ସନ୍ନ୍ୟାସୀ ବେହେରା ଏବଂ ଉଇ ଫର୍ ୟୁର ସାମ୍ପାଦକ ଅଭୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜେଏସ୍ପି ଫାଉଣ୍ଡେଶନର ଅଧକ୍ଷା ଶାଲୁ ଜିନ୍ଦଲଙ୍କ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ସର୍ବଦା ଏକ ଅନ୍ତର୍ଭୁକ୍ତ ଭାରତ ଗଠନ ନିମନ୍ତେ ପ୍ରୟାସରତ ବୋଲି ଜେଏସ୍ପିର ସଭାପତି(ପ୍ରେସିଡେଣ୍ଟ) ତଥା ଗ୍ରୁପ୍ ସିଏସ୍ଆର୍ ହେଡ୍ ପ୍ରଶାନ୍ତ ହୋତା ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ସେହିଭଳି ଏହି ଲାଇବ୍ରେରି ଏ ଦିଗରେ ଆମର ଅନ୍ୟତମ ପ୍ରୟାସ ହୋଇଥିଲାବେଳେ ଏହି ପାଠାଗାର ଭୁବନେଶ୍ୱରର ଦୃଷ୍ଟିହୀନ ବ୍ୟକ୍ତିଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଏକ ମଡେଲ ଭାବେ କାର୍ଯ୍ୟ କରିବ ବୋଲି ଆମେ ଆଶା କରୁଛୁ। ଉନ୍ନତ ଜ୍ଞାନକୌଶଳ ବ୍ୟବହାରକରି ଦୃଷ୍ଟିହୀନମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁଥିବା ଏହି ଲାଇବ୍ରେରିରେ ୧୦୦ରୁ ଅଧିକ ଅତ୍ୟାଧୁନିକ ସହାୟକ ଉପକରଣ ରହିଛି। ଏପରିକି ସ୍ପିଚ୍ ରେକଗ୍ନିସନ୍ ଡିଭାଇସ୍, ମୋବିଲିଟି ଏଡ୍ସ ଏବଂ ଯୋଗାଯୋଗ ଉପକରଣ ବିଭିନ୍ନ ଅତ୍ୟାଧୁନିକ ଉପକରଣଗୁଡିକୁ ଭାରତ ଏବଂ ବିଦେଶର ବିଭିନ୍ନ ଅଞ୍ଚଳରୁ ଅଣାଯାଇଛି। ସେହିପରି ଦୃଷ୍ଟିହୀନ ବ୍ୟକ୍ତିମାନେ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଆବଶ୍ୟକତା କ୍ଷେତ୍ରରେ ସହାୟତା ପାଇଁ ଏହି ଅତ୍ୟାଧୁନିକ ଉପକରଣଗୁଡିକୁ ବ୍ୟବହାର କରିପାରିବେ।

# ଭୁବନେଶ୍ୱରରେ ଡାଇକିନ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ




ଭୁବନେଶ୍ୱର,୧୨।୪
(ଅନୁରାଧା ମହାରଣା)

ଜାପାନର ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ କମ୍ପାନୀ ତଥା ଭାରତରେ ଏୟାର କଣ୍ଡିସନିଂ ବଜାରରେ ଅଗ୍ରଣୀ ସ୍ଥାନରେ ରହିଥିବା ଡାଇକିନ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଓଡ଼ିଶା ବଜାର ପାଇଁ ଏକାଧିକ ନୂତନ ଏୟାର କଣ୍ଡିସନିଂ ଉତ୍ପାଦର ବଜାର ପ୍ରବେଶ କରାଇଛି। ଏ କ୍ଷେତ୍ରରେ ଉତ୍କର୍ଷ ପାଇଁ ଡାଇକିନ୍ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ତାଲିମ କେନ୍ଦ୍ର 'ଡାଇକିନ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସ' ପ୍ରତିଷ୍ଠା କରାଯାଇଛି। ଏହି ତାଲିମକେନ୍ଦ୍ରଗୁଡ଼ିକ ଅନ୍ୟ ପ୍ରତିଷ୍ଠାନଗୁଡ଼ିକୁ ସମ୍ପ୍ରସାରିତ କରାଯିବ ଏବଂ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ସହ ଏହି ସହଯୋଗୀ ସମ୍ପର୍କ ଛାତ୍ରୀଛାତ୍ରଙ୍କୁ ନୂଆ ଟେକ୍ନୋଲୋଜି କ୍ଷେତ୍ରରେ ଆନ୍ତର୍ଜାତିକ ମାନକ ଅନୁଯାୟୀ କୁଶଳତା ବିକାଶ ନିମନ୍ତେ ଏକ ମଞ୍ଚ ଯୋଗାଇବ ଏବଂ ସେମାନଙ୍କର ନିଯୁକ୍ତିକୁ ଅଧିକ ଭଲ କରିବା ଦିଗରେ ସେମାନଙ୍କୁ ସହାୟକ ହେବ। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡାଇକିନ୍ ଇଣ୍ଡିଆର ସିନିୟର ଭାଇସ୍ ପ୍ରେସିଡେଣ୍ଟ ତଥା ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର କୁଲଦୀପକ ବିରମଣ କହିଛନ୍ତି, ସମଗ୍ର ଭାରତରେ ଡାଇକିନ୍ ବଜାର ସ୍ଥିତି ସୁଦୃଢ଼ କରିଥିବାବେଳେ ଅନୁରୂପ ଭାବେ ଓଡ଼ିଶାରେ ଅଗ୍ରସର ହେବାକୁ ଆମର ଯୋଜନା ରହିଛି। ପୂର୍ବାଞ୍ଚଳ ବଜାରରେ ଗତବର୍ଷ ୫୦ ପ୍ରତିଶତରୁ ଅଧିକ ହାରରେ ଅଭିବୃଦ୍ଧି ହାସଲ କରିଛି ଏବଂ ଡାଇକିନ୍ ଇଣ୍ଡିଆ ୨୦୨୫ ସୁଦ୍ଧା ୨୦୦୦ କୋଟି ଟଙ୍କାରେ ପହଞ୍ଚିବା ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାରେ ୨୦% ବଜାର ଅଂଶ ଦଖଲ କରିବାକୁ ସମଗ୍ର ଓଡ଼ିଶାରେ ମାର୍କେଟିଂ ଏବଂ ପ୍ରମୋସନ କ୍ଷେତ୍ରରେ ଆମ ନିବେଶ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି। ଏପରିକି ଆନ୍ଧ୍ରପ୍ରଦେଶର ଶ୍ରୀସିଟିରେ ଏହାର ନୂତନ କାରଖାନାକୁ କାର୍ଯ୍ୟକ୍ଷମ କରିଛି, ଯାହା ୭୫.୫ ଏକର ପରିମିତ ଅଞ୍ଚଳରେ ଅବସ୍ଥିତ ରହିଛି।

# ଓପ୍ପୋର ଏକ୍ସକ୍ଲୁସିଭ ଡିଲର ଷ୍ଟୋର



ଭୁବନେଶ୍ୱର,୧୨।୪
(ଅନୁରାଧା ମହାରଣା)

ବାପୁଜୀନଗରରେ ୟୁନିକର୍ନର ୬ଷ୍ଠ ଓପ୍ପୋ ଏକ୍ସକ୍ଲୁସିଭ ଷ୍ଟୋର ଖୋଲାଯାଇଛି। ଶୁକ୍ରବାର ଏହାର ଉଦ୍ଘାଟନୀ ଉତ୍ସବରେ ଓପ୍ପୋ କମ୍ପାନୀର ସିଇଓ ମି. ୟାଫେଙ୍ଗଙ୍କ ସହ ଷ୍ଟୋରର ମାଲିକ ଜ୍ଞାନରଞ୍ଜନ ପାତ୍ର, ସେଲ୍ସ ନିର୍ଦ୍ଦେଶକ କାଜଲ କୁମାର ଦାସ, କମ୍ପାନୀର ଡିଷ୍ଟ୍ରିବ୍ୟୁଟର ଋଷଭ ନନ୍ଦ, ରିଜିଓନାଲ ମ୍ୟାନେଜର ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସିଇଓ ଓପ୍ପୋର ଚାହିଦା ଓ ଲୋକପ୍ରିୟତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଆର୍ଥିକ ଓ ଟିକ୍ନୋଲୋଜି ଦୃଷ୍ଟିକୋଣରୁ ଏହା ଓଡ଼ିଶାର ସବୁବର୍ଗର ଲୋକଙ୍କର ପ୍ରିୟଭାଜନ ହୋଇପାରିଛି । ଓଡ଼ିଶାରେ ଭୁବନେଶ୍ୱରସ୍ଥିତ ବାପୁଜୀ ନଗର ମୋବାଇଲ ବ୍ୟବସାୟ କ୍ଷେତ୍ରରେ ବିଜ୍ନେସ ହବ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଶାର କୋଣ ଅନୁକୋଣରୁ ଉତ୍ସାହ ଓ ଆଗ୍ରହର ସହ ଏହି ଶୋ'ରୁମ୍କୁ ଆସିଥାନ୍ତି ବୋଲି ସେ କହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଆଗକୁ ଓପ୍ପୋ ସମଗ୍ର ଓଡ଼ିଶାରେ ଏହିଭଳି ଭାବରେ ତା'ର ଫ୍ରାଞ୍ଚାଇଜ ଶୋ'ରୁମ୍ ଖୋଲିବାକୁ ଲକ୍ଷ୍ୟ ରଖିଛି । କାର୍ଯ୍ୟକ୍ରମରେ ଷ୍ଟୋର ମାଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗୁଣାତ୍ମକ ଉତ୍ପାଦକୁ ବୈଦ୍ୟନାଥର ଗୁରୁତ୍ୱ




ଭୁବନେଶ୍ୱର,୧୨।୪

ବର୍ତ୍ତମାନର ଚଳଚଞ୍ଚଳ ସମୟ ମଧ୍ୟରେ ଆମେ ଉଭୟ ଆମର ସ୍ୱାସ୍ଥ୍ୟ ଓ ସମୟସୀମାକୁ ଠିକ୍ ଭାବେ ପରିଚାଳନା କରିପାରୁ ନ ଥିବାବେଳେ କମ୍ ବୟସରେ ଭିନ୍ନ ଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଏପରିକି ରୋଗୀ ରୋଗରୁ ନିରାକରଣ ପାଇଁ ଗୁଣାତ୍ମକ ଔଷଧ ଓ ଅଭିଜ୍ଞ ଚିକିତ୍ସକଙ୍କ ଠିକ୍ ପରାମର୍ଶ ପାଇପାରୁନାହିଁ। ରୋଗୀ ଓ ରୋଗ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି ହୋଇଥିଲାବେଳେ ଚିକିତ୍ସକ ଗୁଣାତ୍ମକ ଔଷଧ ସମ୍ପର୍କରେ ଅବଗତ କରାଇବା ସହିତ ଉନ୍ନତ ମାନର ବ୍ରାଣ୍ଡ୍ ମଧ୍ୟ ଚିକିତ୍ସା କ୍ଷେତ୍ରରେ ବେଶ୍ ସହାୟକ ହୋଇଥାଏ ବୋଲି ବୈଦ୍ୟନାଥ ଆୟୁର୍ବେଦ ସମ୍ମିଳନୀ-୨୦୨୪ରେ ଯୋଗଦେଇଥିବା ଚିକିତ୍ସକ ଓ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସେହିଭଳି ସମ୍ମିଳନୀର ପ୍ରାରମ୍ଭରେ ଗ୍ଲୋବାଲ ଆୟୁର୍ବେଦ ଆଣ୍ଡ ବୈଦ୍ୟନାଥର ଏମ୍ଡି ଆର୍.କେ. ଶର୍ମା ସମ୍ମିଳନୀର ଆଭିମୁଖ୍ୟ ଓ ବ୍ରାଣ୍ଡ୍ର ସଫଳତା ଏବଂ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ କହିଥିଲେ, ଆମେ ରୋଗର ନିରାକରଣ ପାଇଁ ବଜାରରେ ଗୁଣାତ୍ମକ ଉତ୍ପାଦ ଉପଲବ୍ଧ କରାଇବା ସହିତ କାରବାର ବୃଦ୍ଧି ପାଇଁ ସହଯୋଗୀମାନଙ୍କ ସହ ଉତ୍ତମ ସମ୍ପର୍କ ଓ ନୂତନ ଉତ୍ପାଦ ଉନ୍ମୋଚନ ଉପରେ ବିଶେଷ ଗୁରୁତ୍ୱ ଦେଇଥାଉ। ସେହିପରି ଶ୍ରୀ ବୈଦ୍ୟନାଥ ଆୟୁର୍ବେଦ ଭବନ ପ୍ରାଇଭେଟ୍ ଲିମିଟେଡ୍ର ନିର୍ଦ୍ଦେଶିକା ନେହା ଶର୍ମା ସମ୍ମିଳନୀକୁ ସମ୍ବୋଧନ କରି କହିଥିଲେ, ଆମେ ଉଭୟ ବ୍ରାଣ୍ଡ୍ ଓ ବ୍ୟବସାୟୀ ସହଯୋଗୀଙ୍କ ବିକାଶ ଉପରେ କାର୍ଯ୍ୟ କରୁଛୁ। ଏପରିକି ବ୍ରାଣ୍ଡ୍ର ଲୋକପ୍ରିୟତା ବଢ଼ାଇବା ପାଇଁ ନୂଆ ନୂଆ ଉତ୍ପାଦକୁ ବଜାର ପ୍ରବେଶ କରାଇବା ସହ ଗ୍ରାହକଙ୍କ ନିକଟତର କରାଇବାର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି ବୋଲି ସେ ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡ୍ର ନୂତନ ଉତ୍ପାଦ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ସମ୍ମିଳନୀରେ ୧୦୦ରୁ ଅଧିକ ବ୍ୟବସାୟୀ ସହଯୋଗୀ ଯୋଗ ଦେଇଥିବାବେଳେ ସେମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ପୁରସ୍କାର ଆଦିର ବ୍ୟବସ୍ଥା ମଧ୍ୟ ବ୍ରାଣ୍ଡ୍ପକ୍ଷରୁ କରାଯାଇଥିଲା।

# ଅନୁଗୋଳରେ କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍

ଭୁବନେଶ୍ୱର,୧୨।୪ (ଅଭୟ ଦାଶ)




କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍ ଅନୁଗୋଳର ଶଙ୍କର ସିନେମା ରୋଡ୍ଠାରେ ଉଦ୍ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ (ଉଦ୍ଘାଟନ) କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ ଜୁଏଲର୍ସର କର୍ତ୍ତୃପକ୍ଷଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, ଓଡ଼ିଶାର ଅନୁଗୋଳଠାରେ ଆମର ନୂତନ ଶୋ'ରୁମ୍କୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଓଡ଼ିଶାରେ ଆମର ଭୌଗୋଳିକ ଉପସ୍ଥିତିକୁ କ୍ରମାଗତ ଭାବେ ବିସ୍ତାରକରି ଆମେ ଆମର ଅଭିବୃଦ୍ଧି ଯାତ୍ରା ଜାରି ରଖିଛୁ। ଏପରିକି ଏକ କମ୍ପାନୀ ଭାବେ ଆମେ ବଡ଼ ସଫଳତା ହାସଲ କରିଛୁ ଏବଂ ଗ୍ରାହକ ଶପିଂ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଏକ ସାମଗ୍ରିକ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ମଧ୍ୟ ବଡ଼ ପଦକ୍ଷେପ ନେଇଛୁ। ପରବର୍ତ୍ତୀ ପର୍ଯ୍ୟାୟରେ ଆମେ ଆମର ଗ୍ରାହକମାନଙ୍କୁ ସର୍ବୋତ୍ତମ ଶପିଂ ଅନୁଭୂତି ପ୍ରଦାନ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଆଗାମୀ ଦିନରେ କମ୍ପାନୀର ବିଶ୍ୱାସ ଏବଂ ସ୍ୱଚ୍ଛତାର ମୂଳ ମୂଲ୍ୟବୋଧ ପ୍ରତି ସଚ୍ଚୋଟ ରହିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛି।

## ସୋନାକ୍ଷୀ ସିହ୍ନାଙ୍କ ଦ୍ୱାରା ଓଡ଼ିଶାର ୬ଷ୍ଠ ଷ୍ଟୋର୍ ଉଦ୍ଘାଟିତ

ସେହିଭଳି ଶୋ'ରୁମ୍ର ଶୁଭାରମ୍ଭ ଅବସରରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ବିଶେଷକରି କଲ୍ୟାଣ ସ୍ପେଶାଲ ଗୋଲ୍ଡ ବୋର୍ଡ ରେଟ୍,ଯାହା ବଜାରରେ ସର୍ବନିମ୍ନ ଏବଂ ସମସ୍ତ କମ୍ପାନୀ ଶୋ'ରୁମ୍ରେ ସମାନ ମାନକ ହୋଇଥିବାବେଳେ ଗହଣା କ୍ରୟ ଉପରେ ଏହା ଲାଗୁହେବ ବୋଲି ମଧ୍ୟ ଘୋଷଣା କରାଯାଇଛି। ଏହି ଅଫର କେବଳ ସୀମିତ ସମୟ ପାଇଁ ବୈଧ ରହିଛି।

**ଜନ୍ମଦିନର ଶୁଭେଚ୍ଛା**
ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଲକ୍ଷ୍ନୌକୁ ହରାଇଲା ଦିଲ୍ଲୀ କ୍ୟାପିଟାଲ୍ସ

**ଲକ୍ଷ୍ନୌ, ୧୨।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ପରାସ୍ତ କରିଛି। ଆୟୁଷ ବଦୋନୀଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୬୭ ରନ କରିଥିଲା। ଜବାବରେ ଦିଲ୍ଲୀ ଜ୍ୟାକ୍ ଫ୍ରାସର-ମ୍ୟାକ୍‌ଗୁର୍କଙ୍କ ଅର୍ଦ୍ଧଶତକ ଏବଂ ଅଧିନାୟକ ରିଷଭ ପନ୍ତଙ୍କ ଦୃଢ଼ ବ୍ୟାଟିଂ ବଳରେ ୧୮.୧ ଓଭରରେ ୪ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରି ନେଇଥିଲା। ୬ ମ୍ୟାଚରୁ ଏହା ହେଉଛି ଦିଲ୍ଲୀର ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ଲକ୍ଷ୍ନୌ ୫ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଛି। ଦିଲ୍ଲୀ ପକ୍ଷରୁ ଜ୍ୟାକ୍ ସର୍ବାଧିକ ୫୫ (୩୫ ବଲ, ୫ ଚୌକା, ୧ ଛକା) ରନ କରିଥିବାବେଳେ ପନ୍ତ ୨୪ ବଲ୍‌ରୁ ୪୧ (୪ ଚୌକା, ୨ ଛକା) ଓ ପୃଥ୍ୱୀ ଶ' ୨୨ ବଲ୍‌ରୁ ୩୨ (୬ ଚୌକା) ରନ କରି ଦିଲ୍ଲୀ ବିଜୟକୁ ସହଜ କରିଥିଲେ। ଟ୍ରିଷ୍ଟନ ଷ୍ଟବ୍ସ ୯ ବଲ୍‌ରୁ ୧୫ ରନରେ ଅପରାଜିତ ରହିଥିଲେ। ଲକ୍ଷ୍ନୌ ପକ୍ଷରୁ ରବି ବିଷ୍ଣୋଇ ୨ଟି ଏବଂ ନବିନ ଉଲ୍-ହକ୍ ଓ ଯଶ୍ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଲକ୍ଷ୍ନୌ ଓପନିଂ ଯୋଡ଼ିରେ ୨୮ ରନ ସଂଗ୍ରହ କରିଥିଲା। ମାତ୍ର ଓପନର କ୍ୱିଣ୍ଟନ ଡିକକ୍ ଓ ଦେବଦତ୍ତ ପଡିକାଲଙ୍କୁ ପ୍ୟାଭିଲିୟନ ପଠାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଖଲିଲ ଅହମଦ। ଡିକକ୍ ୧୯ ଓ ପଡିକାଲ ୩ ରନ କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ଦେଖିବାକୁ ମିଳିଥିଲା କୁଲଦୀପଙ୍କ ଯାଦୁ। ସେ ନିଜ ପ୍ରଥମ ଓଭରର ତୃତୀୟ ଓଭରରେ ମାର୍କୁସ ଷ୍ଟୋଇନିସ ଓ ୪ର୍ଥ ବଲ୍‌ରେ ନିକୋଲସ ପୁରନଙ୍କୁ ଆଉଟ କରି ଲକ୍ଷ୍ନୌକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଷ୍ଟୋଇନିସ ୮ ରନ କରିଥିବାବେଳେ ପୁରନ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲେ। କେବଳ ସେତିକି ନୁହେଁ କୁଲଦୀପ ନିଜ ଦ୍ୱିତୀୟ ଓଭରର ୩ୟ ବଲ୍‌ରେ ଅଧିନାୟକ ଲୋକେଶ ରାହୁଲଙ୍କୁ ପ୍ୟାଭିଲିୟନ ପଠାଇ ଲକ୍ଷ୍ନୌର ଚିନ୍ତା ବଢ଼ାଇ ଦେଇଥିଲେ। ଭଲ ଆରମ୍ଭ କରିଥିବା ରାହୁଲ ୨୨ ବଲ୍‌ରୁ ୫ ଚୌକା ଓ ୧ଛକା ସହାୟତାରେ ୩୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଲକ୍ଷ୍ନୌ ଦୀପକ ହୁଡାଙ୍କୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ଭାବେ ନେଇ ଯାଇଥିଲା। ମାତ୍ର ସେ ମଧ୍ୟ ନିରାଶ କରିଥିଲେ। ସେ ୧୦ ରନକରି ଇଶାନ୍ତ ଶର୍ମାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପରେ କୃନାଲ ପାଣ୍ଡ୍ୟାଙ୍କୁ ଆଉଟ କରିଥିଲେ ମୁକେଶ କୁମାର। ଫଳରେ ୧୩ ଓଭର ବେଳକୁ ସ୍କୋର ୯୪/୭ ହୋଇ ଯାଇଥିଲା। ମାତ୍ର ବଦୋନିଓ ଅର୍ଶଦ ଖାଁଙ୍କ ଅସମାପ୍ତ ୮ମ ଉଇକେଟରେ ୭୩ ରନର ଭାଗୀଦାରି ଯୋଗୁ ଲକ୍ଷ୍ନୌ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ବଦୋନୀ ୩୫ ବଲ୍‌ରୁ ୫୫ ଓ ଅର୍ଶଦ ୨୦ ରନରେ ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ କୁଲଦୀପ ୩ଟି, ଖଲିଲ ଅହମଦ ୨ଟି ଏବଂ ଇଶାନ୍ତ ଶର୍ମା ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ୨୦ ଓଭରରେ ୧୬୭/୭ (ଆୟୁଷ ବଦୋନୀ ୫୫*, ଲୋକେଶ ରାହୁଲ-୩୯, କୁଲଦୀପ ଯାଦବ-୩/୨୦, ଖଲିଲ ଅହମଦ-୨/୪୧, ଇଶାନ୍ତ ଶର୍ମା-୧/୩୬, ମୁକେଶ କୁମାର-୧/୪୧)। ଦିଲ୍ଲୀ ୧୮.୧ ଓଭରରେ ୧୭୦/୪ (ଜ୍ୟାକ୍ ଫ୍ରାସର-ମ୍ୟାକ୍‌ଗୁର୍କ-୫୫, ରିଷଭ ପନ୍ତ-୪୧, ପୃଥ୍ୱୀ ଶ'-୩୨, ରବି ବିଷ୍ଣୋଇ-୨/୨୫, ନବିନ ଉଲ୍ ହକ୍-୧/୨୪, ଯଶ୍ ଠାକୁର-୧/୩୧)।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ କୁଲଦୀପ ଯାଦବ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ପଞ୍ଜାବ ବନାମ ରାଜସ୍ଥାନ
ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୮ | +୦.୮୭୧ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୪୩୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | -୦.୬୩୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | -୦.୦୭୩ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | -୦.୧୯୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୨ | ୪ | ୪ | -୦.୯୭୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |


କାଜାଖସ୍ତାନ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମହିଳା ଡବଲ୍ସ ବିଭାଗରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀର ପ୍ରଶିକ୍ଷାର୍ଥୀ ହର୍ଷିତା ରାଉତ ଓ ଶ୍ରୁତି ସ୍ୱାଇଁଙ୍କୁ କ୍ରୀଡ଼ା ବିଭାଗ ପକ୍ଷରୁ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଏବଂ ହକି ପ୍ରମୋଶନ କାଉନ୍‌ସିଲ ଅଫ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ର ସମ୍ବର୍ଦ୍ଧିତ କରୁଛନ୍ତି।

# ରୋଲର ସ୍କେଟିଂ ସମର କ୍ୟାମ୍ପ

**ଭୁବନେଶ୍ୱର, ୧୨।୪**
(ତପନ ସ୍ୱାଇଁ)

## ମାଗଣାରେ ଦିଆଯିବ ପ୍ରଶିକ୍ଷଣ

ଓଡ଼ିଶାରେ ରୋଲର ସ୍କେଟିଂକୁ କ୍ୟାରିୟର କରୁଥିବା ଖେଳାଳିଙ୍କ ପାଇଁ ଏକ ଭଲ ଖବର। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ଓ ଓଡ଼ିଶା ସ୍କେଟିଂ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଛି ରୋଲର ସ୍କେଟିଂ ସମର କୋଚିଂ କ୍ୟାମ୍ପ। ଏଥିରେ ସମ୍ପୂର୍ଣ୍ଣ ମାଗଣାରେ ପ୍ରଶିକ୍ଷାର୍ଥୀଙ୍କୁ କୋଚିଂ ଦିଆଯିବ। କଳିଙ୍ଗ ଷ୍ଟାଡିୟମର ୱାଲ କ୍ଲାଇମ୍ବିଂ ନିକଟସ୍ଥ ସ୍କେଟିଂ ଏରିଆରେ ସମର କ୍ୟାମ୍ପ ଚଳିତ ମାସ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୮ରୁ ୧୮ ବର୍ଷର ପିଲା ଭାଗ ନେଇ ପାରିବେ। ରୋଲର ସ୍କେଟିଂ ସମର କୋଚିଂ କ୍ୟାମ୍ପ ସକାଳ ଏବଂ ସନ୍ଧ୍ୟାବେଳା ଅନୁଷ୍ଠିତ ହେବ। ସକାଳ ୬ଟାରୁ ୮ଟା ଏବଂ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ କ୍ୟାମ୍ପ ଚାଲିବ। ଏଥିପାଇଁ ଗତ ୧୨ ତାରିଖରୁ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଫାର୍ଷ୍ଟ କମ୍ ଫାଷ୍ଟ ସର୍ଭ ଭିତ୍ତିରେ ଏହି କ୍ୟାମ୍ପ ପାଇଁ ଖେଳାଳିଙ୍କୁ ସାମିଲ କରାଯାଉଛି।

# କଳାହାଣ୍ଡି କପ୍: ଭଦ୍ରକ, ଅନୁଗୋଳ, ପାରାଦୀପ ବିଜୟୀ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

କଳାହାଣ୍ଡି କପ୍ ଆନ୍ତଃ ଜିଲା ସିନିୟର କ୍ରିକେଟ ଗୋଲ୍ଡ-ଏ ଲିଗ୍‌ର ୩ଟି ମ୍ୟାଚ କଟକର ୩ଟି ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ, ଅନୁଗୋଳ ଓ ପାରାଦୀପ ଦଳ ବିଜୟ ହାସଲ କରିଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଭଦ୍ରକ ୨ ଉଇକେଟରେ ବୌଦ୍ଧକୁ ପରାସ୍ତ କରିଛି। ବୌଦ୍ଧ ୫୦ ଓଭରରେ ୮ ଉଇକେଟ ହରାଇ ୨୧୬ ରନ କରିଥିଲା। ଦଳ ପକ୍ଷରୁ ଭେଙ୍କଶେଟ୍ ଭନ୍ଦେ ସର୍ବାଧିକ ୮୨ ରନ କରିଥିଲେ। ଜବାବରେ ଭଦ୍ରକ ୪୪ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ କ୍ଷମା ସାଗର ବଳ ୩୬ ଓ ସ୍ୱୟଂଭୁ ପଲାଇ ୩୩ ରନ କରିଥିଲେ। ବୌଦ୍ଧର ସୋମଦେବ ବେହେରା ୩ଟି ଉଇକେଟ ନେଇଥିଲେ। ଡ୍ରିମ୍ସ ଷ୍ଟାଡିୟମରେ ଆୟୋଜିତ ମ୍ୟାଚରେ ଅନୁଗୋଳ ୧ ଉଇକେଟରେ କିଟ୍‌କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କିଟ୍ ୪୭ ଓଭରରେ ୮ ଉଇକେଟ ହରାଇ ୨୮୬ ରନ କରିଥିଲା। ଦଳ ପକ୍ଷରୁ ରାଜେଶ କୁମାର ସାହୁ (୧୦୩ ରନ) ଶତକ ହାସଲ କରିଥିବାବେଳେ ବିଶ୍ୱଜିତ ନନ୍ଦ ୪୮ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଆୟୁଷ ବାରିକ ଓ ରାଜେଶ ବିଶ୍ୱାଳ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅନୁଗୋଳ ୪୬.୫ ଓଭରରେ ୯ ଉଇକେଟ ହରାଇ ୨୮୭ ରନ ସଂଗ୍ରହ କରି ନେଇଥିଲା। ଆୟୁଷ ବାରିକ ସର୍ବାଧିକ ୪୭ ଓ ଶ୍ରେୟାଂଶ ଭରଦ୍ୱାଜ ୪୬ ରନ କରିଥିଲେ। କିଟ୍‌ର ନୀତୀଶ ସାମନ୍ତରାୟ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପାରାଦୀପ ୫ ଉଇକେଟରେ ବରଗଡ଼କୁ ହରାଇ ଦେଇଛି। ବରଗଡ଼ ୩୮.୫ ଓଭରରେ ୧୫୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ କୌସ୍ତୁଭ ମହର୍ଷି ସର୍ବାଧିକ ୩୯ ରନ କରିଥିଲେ। ବିପକ୍ଷ ଦଳର ଉଦୟ ସାବ୍ୟସାଚୀ ୩ଟି ଉଇକେଟ ନେଇଥିଲେ। ପାରାଦୀପ ୨୮.୧ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଇଲୁ ଗୋଚ୍ଛାୟତ ୪୯ ଓ ଚିତ୍ର ପାତ୍ର ୩୬ ରନ କରିଥିଲେ। ବରଗଡ଼ର କୌସ୍ତୁଭ ମହର୍ଷି ୩ ଉଇକେଟ ନେଇଥିଲେ।


ଆୟୁଷ ବାରିକ


ରାଜେଶ ସାହୁ


ଉଦୟ ସବ୍ୟସାଚୀ

# ଜୋକୋଭିଚ୍ ସେମିଫାଇନାଲରେ

**ମୋନାକୋ, ୧୨।୪ (ଏପି):** ନୋଭାକ ଜୋକୋଭିଚ୍ ୨୦୧୫ ପରେ ପ୍ରଥମ ଥର ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସର୍ବିୟାର ଏହି ଶୀର୍ଷ ର୍ୟାଙ୍କିଂପ୍ରାପ୍ତ ଖେଳାଳି ଶୁକ୍ରବାର ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉରଙ୍କୁ ୭-୫, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଫଳରେ ଜୋକୋଭିଚ୍ ତାଙ୍କର ରେକର୍ଡ ୭୭ତମ ମାଷ୍ଟର୍ସ ୧୦୦୦ ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ୧୯୬୮ରୁ ଆରମ୍ଭ ହୋଇଥିବା ଓପନ ଯୁଗରେ ୩୬ ବର୍ଷୀୟ ଜୋକୋଭିଚ୍ ସବୁଠାରୁ ବୟସ୍କ ଖେଳାଳି ଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଦୁଇଥର ଚାମ୍ପିୟନ ଷ୍ଟିଫାନସ ସିତ୍‌ସିପାସ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ କାରେନ ଖାଚାନୋଭଙ୍କ ବିପକ୍ଷରେ ୬-୪, ୬-୨ରେ ବିଜୟ ହାସଲ କରିଛନ୍ତି। ଏହି କ୍ଲେ-କୋର୍ଟ ଇଭେଣ୍ଟର ପରବର୍ତ୍ତୀ ରାଉଣ୍ଡରେ ସେ ଜାନିକ ସିନରଙ୍କୁ ଭେଟିବେ। ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ସିନର କ୍ୱାର୍ଟରଫାଇନାଲରେ ୬-୪, ୬-୭ (୬), ୬-୩ରେ ହୋଲ୍‌ଗର ରୁନ୍‌ଙ୍କୁ ହରାଇ ଦେଇଛନ୍ତି। ଏହି ମ୍ୟାଚ ଗତବର୍ଷ ସେମିଫାଇନାଲର ପୁନରାବୃତ୍ତି ଥିଲା। ସେଥର ଏହି କ୍ଲେ-କୋର୍ଟ ଟୁର୍ନାମେଣ୍ଟରେ ସିନରଙ୍କୁ କିନ୍ତୁ ରୁନ୍ ହରାଇ ଦେଇଥିଲେ। କଣ୍ଟି କ୍ଲବରେ ସିତ୍‌ସିପାସ ପୂର୍ବରୁ ୨୦୨୧ ଓ ୨୦୨୨ରେ ପଛକୁ ପଛ ଦୁଇଥର ଟାଇଟଲ ବିଜୟୀ ହୋଇଥିଲେ।

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

IZUMI JAPANESE LANGUAGE TRAINING BHUBANESWAR
ADMISSION OPEN
For the Japanese Language Course, JLPT (Japanese Language Proficiency Test)
Levels: N5, N4, N3 and N2
For details please visit: izumiclasses.com
Ph.: 9741039285, 9945599298

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Classified Everyday**
0674-2580101, 2549949


REAL ESTATE
SALE

Duplex sale at Bhubaneswar @ 57 lakhs only. Contact-9777433701. D-75945

Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721. D-063

Flat for sale- ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର @14.99 lakhରେ। Mob-8249177191, 8249079730. D-031

3BHK flat (BDA approved) sale at Bhubaneswar near Dhauli Chhak. Airport, Railway Station and Kalpana are 10 minute away. Installment and Bank Finance available. For details: 9438109040/ 8144658008. D-071

ଫୁଲନଖରାଠାରେ New Sum Hospital ଠାରୁ ଅଳ୍ପ ଦୂରତାରେ Petal International Schoolକୁ ଲାଗି ଘରବାରି ପ୍ଲଟ୍ financeରେ ମିଳୁଅଛି। sqft.-950/-. Contact-9937161494. D-039

Plot for sale near Trisulia, CISF Campus CDA, RERA Approved (RP/07/2023/01069) Price-1000/-. Contact-7008513309. D-075

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Buy or sale Property-8984071303. Residential Land at Balianta 1acre, Janla 2acre, Nakhara 1acre, Baranga 4acre, Plotting Nakhara-700, Chandaka-950, Janla-1050, Patrapada-2250, Jharpada-3990. D-070

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

ଭୁବନେଶ୍ୱର ହଂସପାଳ, (ବାଲିଅନ୍ତା) ରେ ଘରବାଡ଼ି East Facing single plot possession ଥାଇ ବିକ୍ରି କରିବି। ମୂଲ୍ୟ-23,60,000/-. Contact- 6370469894. D-75942

Gharabari Plots at Uttara, Patrapada. 2/3BHK Flats in Bhubaneswar. 8270370007. D-037

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

GENERAL
SALE

Glass Show Case 6.5' x 4', Ph- 7735339577 with Draw & 4wheels. D-042




Newly opend central SPA full-body massage. Trend therapist. 8456885600. D-75729

Newly open health benefits SPA special offer @ 999 Bapujinagar. 8018429809. D-76113

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି
୪୦ ଦିନର ଶୋକ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତ ମାଥିଆସ କୁଲୁ
ଆବିର୍ଭାବ- ୦୮।୦୧।୧୯୬୪
ତିରୋଧାନ- ୦୨।୦୩।୨୦୨୪
ତୁମ ବିହୁନେ ଆମେ ଏକାକୀ ହେଲୁ। ତୁମର ଅନୁପସ୍ଥିତି ପ୍ରତ୍ୟେକ ସମୟରେ ଅନୁଭବ ହେଉଛି। ପ୍ରାର୍ଥନା କରୁଛୁ ତୁମେ ପରମେଶ୍ୱରଙ୍କ ସହିତ ଶାନ୍ତିରେ ଥାଅ। ଆମ ପାଇଁ ପରମେଶ୍ୱରଙ୍କୁ ଗୁହାରି କର, ସଂସାର ଦୁଃଖରୁ ତ୍ରାହି ମିଳୁ।
ଇତି ତୁମର: ସ୍ତ୍ରୀ- ଆଶ୍ରୀତା, ପୁଅ- ଆଶିଷ ଓ ପ୍ରତୀକ, ଗେହ୍ଲା ଝିଅ ସାଗରିକା ସହିତ ଅନୁଗ୍ରହ ପରିବାର ପ୍ରାର୍ଥନାଦଳ ଓ ଦବୋରା ପ୍ରାର୍ଥନାଦଳର ସମସ୍ତ ସଭ୍ୟାସଭ୍ୟ।
ଧ-୦୬୨

# ରକ୍ତ ଗୋଲାପ

**ଗଳ୍ପ**

**ସ୍ମୃତି ପଟ୍ଟନାୟକ**



ଖୁବ୍ ସକାଳୁ ସେଦିନ ଉଠିପଡ଼ିଥିଲା ଶୀତଲ। ଛାତ ଉପରକୁ ଗଲା, ପୂର୍ବ ଦିଗରେ ସୂର୍ଯ୍ୟ ଉଇଁବାର ସଂକେତ। ପାଖ ଦେବୀ ମନ୍ଦିରରୁ ଭାସି ଆସୁଥିଲା ଶଙ୍ଖନାଦ। କର୍ପୂର ଆଳତିର ବାସ୍ନାରେ ବିମୋହିତ ହେଇ ପଡୁଥିଲା ଶୀତଲ। ଆଖି ବୁଜି ହେଇ ଆସୁଥିଲା। ଓଃ କି ଶାନ୍ତି! ଆପେଆପେ ପାଟିରୁ ବାହାରି ଆସିଥିଲା ତା'ର। ମନେପଡ଼ିଯାଉଥିଲା କେତେ ସ୍ମୃତିସଜଳଭରା କାହାଣୀ। ଆଜିକୁ ଠିକ୍ ଦଶବର୍ଷ ହେଇଯିବ। ଶୀତଲ ସେତେବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ (ଭଞ୍ଜବିହାର)ର ପି.ଜି. ଶେଷବର୍ଷ ଛାତ୍ରୀ ରସାୟନ ବିଜ୍ଞାନ ବିଭାଗରେ। ହଷ୍ଟେଲରେ ରହୁଥିଲା ସେ। ପ୍ରତିଦିନ ହଷ୍ଟେଲରୁ ଡିପାର୍ଟମେଣ୍ଟ ଯାଇ ଥିଓରି କ୍ଲାସ, ତା'ପରେ ପ୍ରାକ୍ଟିକାଲ ସାରି ହଷ୍ଟେଲ ଫେରିଲା ବେଳକୁ ରାତି ଆଠଟା ହେଇଯାଏ। ତା'ପରେ ଟିକେ ଫ୍ରେଶ୍ ହୋଇ ସେ ଷ୍ଟଡିରୁମ୍‌କୁ ଯାଏ। ସେଠି ବିଭିନ୍ନ ନ୍ୟାଶନାଲ ଓ ଇଣ୍ଟରନ୍ୟାଶନାଲ ଜର୍ନାଲ ସବୁରୁ ଇମ୍ପୋର୍ଟାଣ୍ଟ ଆର୍ଟିକିଲଗୁଡ଼ିକ ପଢ଼େ। ତା'ପରେ ଡାଇନିଂ ହଲ୍‌ରେ ଡିନର୍ ସାରି ରୁମ୍‌କୁ ଆସେ। ତା'ର ରୁମ୍‌ମେଟ୍ ନିଳା ସାଙ୍ଗରେ ଟିକେ ଗପସପ କରି ଶୋଇଯାଏ। ଶୀତଲ ସ୍ୱଭାବରେ ଖୁବ୍ ଚୁପ୍‌ଚାପ୍ ଓ ସରଳ, ସମୟାନୁବର୍ତ୍ତିତା। ସତ୍ୟନିଷ୍ଠତା ତା' ଜୀବନର ମୂଳମନ୍ତ୍ର ଥିଲା ପିଲାବେଳୁ। ଏମିତି ହେଇ ଦିନଗୁଡ଼ିକ ପାର୍ ହେଇଯାଉଥିଲା ଖୁବ୍ ସାବଲିଳ ଭାବେ ଶୀତଲର। ଖୁବ୍ ଖୁସି ଥିଲା ସେ।

ଦିନେ ଶୀତଲ ଡିପାର୍ଟମେଣ୍ଟରୁ ପ୍ରାକ୍ଟିକାଲ କ୍ଲାସ୍ ସାରି ଫେରିଲା ବେଳକୁ କିଛି ଅସାମାଜିକ ଯୁବକ ତା'ର ପଛେ ପଛେ ଆସୁଥା'ନ୍ତି। ବିଭିନ୍ନ ପ୍ରକାରର କମେଣ୍ଟ ବି ଦେଉଥା'ନ୍ତି ତାକୁ। ଶୀତଲକୁ ଭାରି ବ୍ୟସ୍ତ ଓ ଭୟ ବି ଲାଗୁଥାଏ। ସେ ସେମାନଙ୍କୁ କିଛି ବି କହିପାରୁ ନ ଥାଏ। ମନେମନେ ଈଶ୍ୱରଙ୍କୁ ଡାକୁଥାଏ। ଧୀରେ ଧୀରେ ସେମାନେ ସମସ୍ତେ ତା' ଚାରିପଟରୁ ଘେରିଯାଇଥିଲେ। ଶୀତଲର ମନେପଡ଼ିଯାଇଥିଲା ମହାଭାରତରେ ଦେଖିଥିବା ଦ୍ରୌପଦୀଙ୍କ ବସ୍ତ୍ରହରଣ ଦୃଶ୍ୟ। ସେ ଏକଧ୍ୟାନରେ ଈଶ୍ୱରଙ୍କୁ ଡାକୁଥିଲା ମନପ୍ରାଣ ଦେଇ। ସତକୁ ସତ ଚମତ୍କାର ଘଟଣାଟିଏ ଘଟିଲା। ଜଣେ ଯୁବକ ସେଇ ସମୟରେ କାର୍ ଚଳାଇ ସେଇବାଟରେ ଯାଉଥିଲେ। ସେ କାର୍ ଅଟକାଇ ବାହାରି ଆସି ଅସାମାଜିକ ଯୁବକମାନଙ୍କର ପ୍ରତିରୋଧ କରିଥିଲେ ଏକୁଟିଆ। ସେଦିନ ଶୀତଲକୁ ବଞ୍ଚାଇଥିଲେ ସେଇମାନଙ୍କ କବଳରୁ। ଶୀତଲ ଖୁବ୍ ଧନ୍ୟବାଦ ଜଣାଇଥିଲା ହୃଦୟ ଭିତରୁ ତାଙ୍କୁ। ସେଦିନ ତାଙ୍କର ପରିଚୟ ପାଇଲା ପରେ ଶୀତଲର ମନ ଭିତରେ ଜୁଆର ସୃଷ୍ଟି ହେଇଥିଲା। ଆୟୁଷ ପଟ୍ଟନାୟକ, ଆର୍ମି ଅଫିସର। ବହୁତ ଥର ଦେଖା ହୋଇଥିଲା ଦୁହିଁଙ୍କର ସେଇ ଘଟଣା ପରେ। ଏମିତି ହେଇ ଦୁହିଁଙ୍କ ଭିତରେ ସଂପର୍କ ସୃଷ୍ଟି ହେଇଥିଲା। ତା'ପରେ ଦୁହେଁ ବିବାହ କରିଥିଲେ ଦୁଇ ପରିବାରର ସହମତିରେ। ଖୁସି ଖୁସିରେ ସବୁ ସରିଯାଇଥିଲା। ବାହାଘର ପରେ କିଛିଦିନ କଟିଯାଇଥିଲା କେମିତି ଜଣାପଡ଼ି ନ ଥିଲା ଦୁହିଁଙ୍କୁ, ତା'ପରେ ଆୟୁଷ ଚାଲି ଯାଇଥିଲେ ତାଙ୍କ କର୍ମକ୍ଷେତ୍ରକୁ। ଶୀତଲ ରହିଯାଇଥିଲା ଏକା। ଆୟୁଷଙ୍କ ଘରେ ତାଙ୍କ ମାଆଙ୍କ ଛଡ଼ା ଆଉ କେହି ନ ଥିଲେ। ଶୀତଲ ଗୋଟିଏ ରେସିଡେନ୍ସିଆଲ ସାଇନ୍ସ କଲେଜରେ ଜଏନ୍ କରିଥିଲା ଅଧ୍ୟାପିକା ଭାବରେ। ପିଲାମାନଙ୍କୁ ପଢ଼ାଇବାରେ ଖୁବ୍ ଆନନ୍ଦ ମିଳୁଥିଲା। ଆୟୁଷ ବର୍ଷକୁ ଥରେ ଛୁଟି ନେଇ ଓଡ଼ିଶା ଆସୁଥିଲେ, କିଛିଦିନ ରହି କର୍ମକ୍ଷେତ୍ରକୁ ଫେରି ଯାଉଥିଲେ। ସେଇ ସବୁ ଦିନ ବହୁତ ଶୀଘ୍ର ସରିଯାଉଥିଲା। ଶୀତଲ ଆଖିରେ ଆଖିଏ ଲୁହ ନେଇ ଆୟୁଷଙ୍କୁ ବିଦାୟ ଦେଉଥିଲା।

ଗୋଟିଏ ବର୍ଷ ଭାଲେଣ୍ଟାଇନ ଡେ'ରେ ଆୟୁଷ ଓଡ଼ିଶାରେ ଥିଲେ। ଘରେ ସେଲିବ୍ରେସନ କରିଥିଲେ। ସେଦିନ ବି ସେମାନଙ୍କର ବିବାହ ବାର୍ଷିକୀ ଥିଲା, ଆୟୁଷ ସାଧାରଣତଃ ଗମ୍ଭୀର ସ୍ୱଭାବର ଏବଂ ବହୁତ ସିଷ୍ଟମେଟିକ ଓ ଡିସିପ୍ଲିନ୍‌ଡ ପ୍ରତ୍ୟେକ କାମରେ। କେତେଗୁଡ଼ିଏ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ଆୟୁଷ ନିଜେ ଘରେ। ସେଦିନ ସବୁ କାର୍ଯ୍ୟକ୍ରମ ଖୁବ୍ ଭଲରେ ସରିଥିଲା। ଶେଷରେ ଥିଲା ଅତି ଆଶ୍ଚର୍ଯ୍ୟ ହେଲା ଭଳି ଘଟଣା। ବନ୍ଧୁବାନ୍ଧବ ଓ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଆୟୁଷ ସ୍ୱଲିଖିତ ସୁନ୍ଦର ଓ ସୁଦୀର୍ଘ କବିତାଟିଏ ଆବୃତ୍ତି କରିଥିଲେ। ଏତେ ମର୍ମସ୍ପର୍ଶୀ କବିତା ଓ ଆବୃତ୍ତି କରିବାର ଶୈଳୀ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଛୁଇଁ ଯାଇଥିଲା ଖୁବ୍ ଗଭୀର ଭାବରେ। ସମସ୍ତଙ୍କ ଆଖିରେ ଲୁହ ଥିଲା କବିତା ଆବୃତ୍ତି ସରିଲା ବେଳକୁ। ସେଦିନ ସମସ୍ତେ ଗଲାପରେ ଆୟୁଷ ରକ୍ତ ଗୋଲାପଟିଏ ଖୋସି ଦେଇଥିଲେ ଶୀତଲର ଜୁଡ଼ାରେ। ସେ ନିଜକୁ ଖୁବ୍ ଭାଗ୍ୟବତୀ ମଣିଥିଲା ସେଦିନ। ହାତପାହାନ୍ତାରେ ସବୁ ସୁଖ ଖେଳି ବୁଲୁଥିଲା। ତା'ର ଦୁଇଦିନ ପରେ କର୍ମକ୍ଷେତ୍ର ଜାମ୍ମୁକାଶ୍ମୀରକୁ ଚାଲି ଯାଇଥିଲେ ଆୟୁଷ। ଆଉ କିଛିଦିନ ପରେ ଯିବାର ଥିଲେ ବି କର୍ତ୍ତବ୍ୟର ଆହ୍ୱାନରେ ସେ ଶୀତଲଠାରୁ ବିଦାୟ ନେଇ ଚାଲିଗଲେ। ସେଇ ବିଦାୟ ଯେ ଶେଷ ବିଦାୟ ହେବ ତା' କାହାକୁ ବା ଜଣାଥିଲା? ଅଦୃଷ୍ଟ ବିଧିର ବିଧାନ କାହାକୁ ବା ଜଣା!

ଶୀତଲ ଭାରି ଖୁସିମନରେ ବିବାହ ବାର୍ଷିକୀର ଫଟୋ ସବୁ ଦେଖୁଥିଲା। ହଠାତ୍ ଟିଭି ଅନ୍ କଲାବେଳକୁ ପ୍ରତ୍ୟେକ ଓଡ଼ିଆ ଚ୍ୟାନେଲରେ ଗୋଟିଏ ନ୍ୟୁଜ୍ ଜାମ୍ମୁକାଶ୍ମୀରରେ ଆତଙ୍କବାଦୀଙ୍କ ଆକ୍ରମଣରେ ଓଡ଼ିଆ ଆର୍ମି ଅଫିସର କ୍ୟାପ୍ଟେନ ଆୟୁଷ ପଟ୍ଟନାୟକଙ୍କର ମୃତ୍ୟୁ। ଲଥ୍‌କରି ବସିପଡ଼ିଲା ଶୀତଲ ତଳେ ନ୍ୟୁଜ୍ ଶୁଣି ସାରିଲା ପରେ। ମୁଣ୍ଡ ବାଡ଼େଇ ହେଇଗଲା କାନ୍ଥରେ ଢୋ' କରି, ରକ୍ତ ବୋହିଯାଉଥିଲା। ଶୀତଲ ସ୍ଥାଣୁ ପାଲଟି ଯାଇଥିଲା। ଶାଶୁଙ୍କ ଡାକ ତାକୁ ଶୁଭୁ ନ ଥିଲା। ତା'ର ସବୁ ଚେତନା ଶକ୍ତି ଲୋପ ପାଇଯାଇଥିଲା ଧୀରେ ଧୀରେ। ପ୍ରକୃତିସ୍ଥ ହେଇଥିଲା ସେ ତିନିଦିନ ପରେ। ଆୟୁଷଙ୍କର ଡେଡ୍‌ବଡି ଆସିଲା ଓଡ଼ିଶା। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସଂପନ୍ନ ହେଲା, ଶୀତଲ ପାଇଁ ଦୁନିଆର ସବୁ ସୁଖ ସରିଯାଇଥିଲା। ସେ ନିଶୁପ୍ ପାଲଟି ଯାଇଥିଲା ସେବେଠାରୁ। ଚାରି ବର୍ଷ ହେଲାଣି ସେ ଆୟୁଷଙ୍କର ଅବର୍ତ୍ତମାନରେ କେମିତି ଜିଇଛି ତାହା ସେଇ ସର୍ବଶକ୍ତିମାନ ଈଶ୍ୱରଙ୍କୁ ହିଁ ଜଣା। ଶାଶୁ ଦୁଇ ବର୍ଷ ହେଲାଣି ଚାଲି ଗଲେଣି, ଏତେ ସବୁ କଥା ଭାବି ଚାଲିଥିଲା ଶୀତଲ ଛିଡ଼ା ହୋଇ ଛାତ ଉପରେ। ଚମକି ପଡ଼ିଲା ସେ ଉର୍ବଶୀର ଡାକରେ। ଉର୍ବଶୀର ହାତରେ ରକ୍ତ ଗୋଲାପର ସ୍ତବକଟିଏ। ମାଆ ହାପି ଭାଲେଣ୍ଟାଇନ ଡେ' କହି ରକ୍ତ ଗୋଲାପର ସ୍ତବକଟିକୁ ଖୋସି ଦେଲା ତା' ଜୁଡ଼ାରେ। ଶୀତଲର ଦେହ ଶିରିଶିରି ହେଇଯାଉଥିଲା। ଉର୍ବଶୀ ଆଖିରେ ସେ ଦେଖିପାରୁଥିଲା ତା'ର ସବୁ ସ୍ୱପ୍ନ ଓ ଆକାଂକ୍ଷାର ଚିତ୍ରକଳା। ଉର୍ବଶୀ, ଯାହାକୁ ସେ ନେଇ ଆସିଥିଲା ସାଙ୍ଗରେ ଏକ ମନ୍ଦିର ପରିସରରୁ ଆୟୁଷଙ୍କର ଶେଷଇଚ୍ଛା ପୂରଣ କରିବା ପାଇଁ। ତାଙ୍କର ଖୁବ୍ ଇଚ୍ଛା ଥିଲା ଝିଅଟିଏ ପାଇଁ। ସକାଳୁ ସକାଳୁ ଗୋଟିଏ ଧଳାଲୁଗା ଉପରେ କିଏ ଜଣେ ଶିଶୁକନ୍ୟାଟିକୁ ଶୁଆଇ ଦେଇ ଚାଲି ଯାଇଥିଲା। ଆଜି ଉର୍ବଶୀ ଏତେ ବଡ଼ ହେଇଗଲାଣି! ତା'ର ସବୁ କଥା ବୁଝି ପାରୁଛି। ଉର୍ବଶୀ ଭିତରେ ସେ ଆୟୁଷଙ୍କୁ ଦେଖିପାରୁଛି, ଆଖିରୁ ଥପ୍‌ଥପ୍ ହୋଇ ଲୁହ ଝରି ପଡୁଥିଲା। ଉର୍ବଶୀ ତା'ର ଦୁଇ ହାତରେ ଲୁହ ପୋଛି ଦେଉଥିଲା। ଶୀତଲ ଉର୍ବଶୀକୁ ଜଡ଼ାଇ ଧରିଥିଲା ନିବିଡ଼ ଆଶ୍ଲେଷରେ।

ମୋ: ୯୯୩୮୪୪୦୯୪୯।

## ଦୃଷ୍ଟାନ୍ତ

**ଲଘୁଗଳ୍ପ**

**ସୁଦର୍ଶନ ମହାପାତ୍ର**



ମେଡିକାଲ କଲେଜର ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ବସିଥିଲେ ଚାମ୍ବରରେ। ଚାମ୍ବର ବାହାରେ ବସିଥିଲେ ଜୁନିୟର ଡାକ୍ତରମାନେ। ଶୃଙ୍ଖଳା ରକ୍ଷା ନିମନ୍ତେ ପେସେଣ୍ଟମାନଙ୍କୁ ଜଣକ ପରେ ଜଣେ ଛାଡୁଥିଲେ ଆଟେଣ୍ଡାଣ୍ଟ୍।

ବୃଦ୍ଧ ବ୍ୟକ୍ତି ଜଣେ ଆଟେଣ୍ଡାଣ୍ଟ୍‌ଙ୍କୁ ମୁଖ୍ୟ ପ୍ରଫେସରଙ୍କ ଚାମ୍ବର ଭିତରକୁ ଯିବାକୁ ଅନୁମତି ମାଗିଲେ। ମୁଖ୍ୟ ପ୍ରଫେସର ନୁହେଁ, ଏଇ ବାହାରେ ବସିଥିବା ଡାକ୍ତରମାନେ ହିଁ ରୋଗୀ ଦେଖିବେ ଏବଂ ସେଥିପାଇଁ ଧାଡ଼ିରେ ଆସିବାକୁ କହି ଆଟେଣ୍ଡାଣ୍ଟ୍ ତାଙ୍କ କର୍ତ୍ତବ୍ୟ ସମ୍ପାଦନ କଲେ। ହେଲେ ବୃଦ୍ଧ ଜଣଙ୍କ ନଛୋଡ଼ବନ୍ଦା। ବହୁତ କାକୁତିମିନତି ପରେ ଆଟେଣ୍ଡାଣ୍ଟ୍‌ଙ୍କର ଦୟା ହେଲା ବୋଧହୁଏ। ତାଙ୍କୁ ଲାଇନ୍‌ରେ ନ ନେଇ ସିଧା ଡାକ୍ତରଙ୍କ ପାଖରେ ପଡ଼ିଥିବା ଚେୟାରରେ ବସେଇଲା। ଏତିକିବେଳକୁ ଲାଇନ୍‌ରେ ଥିବା ସବୁ ଲୋକ ଏକାଥରକେ ସ୍ୱର ଉତ୍ତୋଳନ କଲେ।

ମୁଖ୍ୟ ପ୍ରଫେସର ଗଣ୍ଡଗୋଳର କାରଣ ଜାଣିବାକୁ ଆଟେଣ୍ଡାଣ୍ଟ୍‌କୁ ଡକାଇଲେ। ଆଟେଣ୍ଡାଣ୍ଟ୍ ନିଜର ଭୁଲ ସ୍ୱୀକାର କରି ବୃଦ୍ଧ ଜଣକୁ ସାହାଯ୍ୟ କରିଛି ବୋଲି କ୍ଷମାପ୍ରାର୍ଥନା କଲା। ଏଥର ପ୍ରଫେସର ନିଜେ ସେ ବୃଦ୍ଧଙ୍କୁ ଭେଟିବାକୁ ଚାହିଁଲେ।

''ଆଜ୍ଞା ମୁଁ ନୁହେଁ, ମୋ' ସ୍ତ୍ରୀ ଆପଣଙ୍କୁ ଭେଟିବାକୁ ଚାହୁଁଛି। ସେ ବାହାରେ ବସିଛି। ତା'ର ଠିଆ ହେବାକୁ ଶକ୍ତି ନାହିଁ। ତା'ର ଏକା ଜିଦ୍ ଆପଣଙ୍କୁ ଭେଟି ତା' ରୋଗ କଥା କହିବ। କହୁଚି କୈଳାସ ମୋ' ପୁଅର ସାଙ୍ଗ। ମୋତେ ଭଲ କରି ଦେଖିବ। ଆଜ୍ଞା, ତା' ଲାଗି ବେକାରରେ ଯାହା ପାଖରେ ପଇସା ଥିଲା ଅଟୋବାଲା ନେଇଗଲା। ତା' ଚିକିତ୍ସା ପାଇଁ ଆଉ ପଇସା ନାହିଁ।''

ଏଥର ପ୍ରଫେସର ନିଜେ ସିଟ୍ ଛାଡ଼ି ଅଶୀତିପର ସେଇ ବୃଦ୍ଧଙ୍କ ସାଙ୍ଗରେ ବାହାରକୁ ଗଲେ। କହିବା ବାହୁଲ୍ୟ, ବୃଦ୍ଧା ଜଣଙ୍କର ଆରୋଗ୍ୟ ପାଇଁ ସବୁ ପ୍ରକାର ସାହାଯ୍ୟ ସହଯୋଗ କରି ଘରକୁ ଫେରିବାର ସୁବନ୍ଦୋବସ୍ତ ବି କରିଦେଲେ।

ସବୁ ଲୋକ ଏବଂ ଜୁନିୟର ଡାକ୍ତରମାନେ ଏ ଘଟଣାରେ ଆଶ୍ଚର୍ଯ୍ୟ ହେଲେ। ''ସେ ବୃଦ୍ଧ ଦମ୍ପତିଙ୍କର ପୁଅ କରୋନା ସମୟରୁ ଚାଲିଯାଇଛି। ସେ ଯେଉଁ ଡାକ୍ତର କୈଳାସ କଥା କହୁଛନ୍ତି ସେ ବି ଆଉ ଇହଜଗତରେ ନାହାନ୍ତି। କିଛି ସମୟ ପାଇଁ ପଛେ ହେଉ, ତା'ଙ୍କ ପୁଅର ସାଙ୍ଗ ହିସାବରେ ଅଭିନୟ କଲେ କ୍ଷତି କ'ଣ?'' ହସି ହସି କହିଲେ ମେଡିସିନ ବିଭାଗର ପ୍ରଫେସର ଡା. କୈଳାସ ମିଶ୍ର।

ମୋ: ୯୪୩୮୧୭୫୫୪୨

## କାଳକାଳକୁ



**''ପଢ଼ିବା ଲାଏକ ବହିଟିର ଖୋରାକ ତୁମେ ହୋଇ ନ ପାର, କିନ୍ତୁ ତାହା ନିଶ୍ଚୟ ତୁମ ଚିନ୍ତାକୁ ଖୋରାକ ଯୋଗାଇବ।''**

**– ହାର୍‌ପର୍ ଲୀ**

**ହାର୍‌ପର୍ ଲୀ**ଙ୍କ ଜନ୍ମ ୨୮ ଏପ୍ରିଲ ୧୯୨୬ରେ ଓ ପରଲୋକ ୧୯ ଫେବୃଆରୀ ୨୦୧୬ରେ, ଯୁକ୍ତରାଷ୍ଟ୍ର ଆମେରିକାରେ। ତାଙ୍କ ରଚିତ ଉପନ୍ୟାସ 'ଟୁ କିଲ୍ ଏ ମକିଙ୍ଗ୍ ବାର୍ଡ' ୧୯୬୦ରେ ପ୍ରକାଶିତ ଓ ୧୯୬୧ରେ ପୁଲିଜର୍ ପୁରସ୍କାରପ୍ରାପ୍ତ। ତାଙ୍କର ଅନ୍ୟତମ ରଚନା 'ଗୋ ସେଟ୍ ଏ ୱାଚ୍‌ମ୍ୟାନ୍', 'ମକିଙ୍ଗ୍ ବାର୍ଡ'ର ମୂଳ ରୂପ, ଯାହା ୨୦୧୫ରେ ପ୍ରକାଶିତ। ଆମେରିକୀୟ ସାହିତ୍ୟରେ ଜଣେ ସଫଳତମ ଲେଖକ ଭାବେ ଲୀଙ୍କ ସିଦ୍ଧି ବିଶ୍ୱ-ସ୍ୱୀକୃତ।

## ପୁସ୍ତକ ପରିଚୟ

### ସୃଜନ ସମଗ୍ର




**ଲେଖକ:** ଜଫର୍ ଅକବରୀ
**ପ୍ରକାଶକ:** ତୀର ତରଙ୍ଗ ପବ୍ଲିକେଶନ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୮୦୦/-

ଇନର୍, ନିଜକଥା ଓ ମତାମତ ସମ୍ବଳିତ ୨୨ ପୃଷ୍ଠାକୁ ବାଦ୍ ଦେଲେ ବହିଟିରେ ଜଫର୍‌ଙ୍କ ଲେଖା ୮୫୦ ପୃଷ୍ଠା, ଯହିଁରେ ୯ଟି ପ୍ରଶଂସାପତ୍ର ସଂଲଗ୍ନ। ଗତ ଶତାବ୍ଦୀର ଷଷ୍ଠ ଦଶକରୁ ଚଳିତ ଶତାବ୍ଦୀର ପ୍ରାୟ ଅଢ଼େଇ ଦଶନ୍ଧି ବ୍ୟାପୀ ଲେଖକ ନାନା ଧରଣର ଲେଖା ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ମୌଳିକ ଗଳ୍ପ, କବିତା, ସାୟରୀ ତ ଲେଖିଛନ୍ତି। ଏଥିସହିତ 'ଧରିତ୍ରୀ' ଆଦି ଖବରକାଗଜରେ ଅନେକ ସ୍ତମ୍ଭ ରଚନା କରିଛନ୍ତି। ଶିଶୁ ସାହିତ୍ୟ ଓ ଅନୁବାଦରେ ତାଙ୍କର ଏକ ନାଆଁ ଅଛି। ଏସବୁ ପରିଣତ ବୟସରେ ଏକାଠି କରି 'ସୃଜନ ସମଗ୍ର' ପ୍ରକାଶ କରିବା ତାଙ୍କ ସାରସ୍ୱତ ଜାତୀୟ ଦାୟିତ୍ୱବୋଧର ପରିଚୟ ଦିଏ। 'ସୃଜନ ସମଗ୍ର'ରେ ସେ 'ଉର୍ଦ୍ଦୁ ସାହିତ୍ୟର ସଂକ୍ଷିପ୍ତ ଇତିହାସ'କୁ ସାମିଲ କରିଛନ୍ତି, ଯହିଁରେ ଉର୍ଦ୍ଦୁ ଭାଷାର ସୃଷ୍ଟି, ଗତି ଓ ଉର୍ଦ୍ଦୁ ସାହିତ୍ୟର ବିଶିଷ୍ଟ ରଚନାକାର ଓ ରଚନା ସମ୍ପର୍କରେ ତର୍ଜମା ଉର୍ଦ୍ଦୁ ଭାଷା ଜାଣିଥିବା ଓ ଜାଣି ନ ଥିବା ଓଡ଼ିଆ ପାଠିକାପାଠକଙ୍କ ପାଇଁ ଯେ ଉପଯୋଗୀ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ। ଜଫର୍‌ଙ୍କ ସାହିତ୍ୟ-ଭାଷା, ସରଳ, ସ୍ୱଚ୍ଛନ୍ଦ ଓ ଗୀତିମୟ। ତେଣୁ ତାଙ୍କର ଏ ବିପୁଳାୟତନ ଗ୍ରନ୍ଥଟି ପରିମାଣାତ୍ମକ ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ବ୍ୟାପକ ଗ୍ରାହକତା ଲାଭ କରି ଲେଖକଙ୍କୁ ଓ ଆମ ଭାଷାକୁ ଧନ୍ୟ କରିବ।

### ଜନ୍ମ ହେବା ପରେ




**ସଂକଳକ:** ଭାଗ୍ୟଧର ସାହୁ
**ପ୍ରକାଶକ:** ପଥିକ ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୩୧୬/-

ଆଲୋଚ୍ୟ ପୁସ୍ତକର ପୂରା ଶୀର୍ଷକଟି ହେଲା– ''**ଜନ୍ମ ହେବା ପରେ** ଈଶ୍ୱରଙ୍କ ଆଡ଼କୁ ଆରୋହଣ କରିଯିବାର ରହସ୍ୟ ବିଶ୍ୱଜଗତର ପରମଙ୍କ ପଥଚାରୀ ସଖାରୂପେ ବିଶ୍ୱସ୍ତ ପ୍ରଦୀପ **ମାଟି ନୁହେଁ ମ ମା'ଟି**''। ତିନିଶହ ପୃଷ୍ଠାରୁ କିଅତ୍ ଅଧିକ କଳେବର ବିଶିଷ୍ଟ ଏହି ପୁସ୍ତକଟି ଏକ ମୌଳିକ ପୁସ୍ତକ ନୁହେଁ। ଶ୍ରୀମା, ଶ୍ରୀଅରବିନ୍ଦ ଓ ଚିତ୍ତରଞ୍ଜନ ଦାସଙ୍କ ରଚନା ଓ ଅନୁବାଦିତ ଗ୍ରନ୍ଥରୁ ଉଦ୍ଧୃତିମାନ ଚୟନ କରି ଲେଖକ ତାଙ୍କ ପୁସ୍ତକଟିକୁ ସକାରାତ୍ମକ ଜୀବନଗଠନର ଏକ ମାର୍ଗଦର୍ଶିକା କରି ଗଢ଼ିତୋଳିଛନ୍ତି। ରବୀନ୍ଦ୍ରନାଥଙ୍କ ରଚନା ଓ ସର୍ବୋପରି ଐତରେୟ ବ୍ରାହ୍ମଣର ରୋହିତ ଉପାଖ୍ୟାନର ମୂଳ ଶ୍ଲୋକ, ତା'ର ଅର୍ଥାଦିର ସମାବେଶ ମଧ୍ୟ ପୁସ୍ତକଟିରେ ସଂକଳିତ ହୋଇଛି। ଶ୍ରୀଅରବିନ୍ଦଙ୍କ ବଙ୍ଗଳା ଲେଖା, ମା'ଙ୍କ ସମ୍ପର୍କୀୟ ଲେଖା, ଚିତ୍ତରଞ୍ଜନଙ୍କ ଦ୍ୱାରା ଅନୂଦିତ 'ମାତୃରଚନାବଳୀ', 'ଦିବ୍ୟମୁହୂର୍ତ୍ତ', 'ଶବ୍ଦ ଶତକ', 'ସାବିତ୍ରୀ' ମହାକାବ୍ୟ ଆଦିରୁ ଯେଉଁ ସବୁ ଅଂଶ ଲେଖକ ଚୟନ କରିଛନ୍ତି, ସେସବୁ ଶ୍ରୀମା, ଶ୍ରୀଅରବିନ୍ଦ, ରବୀନ୍ଦ୍ରନାଥ ଓ ଚିତ୍ତରଞ୍ଜନଙ୍କ ମୂଳଲେଖା ପଢ଼ି ନ ଥିବା ପାଠିକାପାଠକଙ୍କ ପାଇଁ ଏକ ଅପୂର୍ବ ଓ ବିରଳ ପ୍ରାପ୍ତି ଭାବେ ଯେ ବିବେଚିତ ହେବ, ଏଥିରେ ସନ୍ଦେହ ନାହିଁ। ଶିକ୍ଷା, ନୈତିକତା ଓ ଆଧ୍ୟାତ୍ମିକତାର ଯେଉଁ ବ୍ୟାଖ୍ୟା ଏଥିରେ ରହିଛି, ତାହା ଛାତ୍ରୀଛାତ୍ର, ଅଭିଭାବକ ତଥା ସଂସାରୀ ମଣିଷମାନଙ୍କ ପାଇଁ ଯେ ଅନୁସରଣୀୟ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

## କବିତା

### ଝିମିଟି ଖେଳ

**ହରିଶ୍ଚନ୍ଦ୍ର ବେହେରା**

ପିଲାମାନେ ଖେଳୁଥିଲେ ଝିମିଟି
ପ୍ରତିପକ୍ଷକୁ ହରେଇବାର
କଳାକୌଶଳରେ
ତେଜୀୟାନ୍ ଥିଲା ପଡ଼ିଆ
ଦର୍ଶକଙ୍କ ତାଳିମାଡ଼ରେ
କାହା କାହା ର କ୍ତରେ
ଲାଗି ଯାଉଥିଲା ନିଆଁ।

ବିଚରା ପ୍ରମିଥିଉସ କାହିଁକି
ଚୋରେଇ ଆଣିଲା ନିଆଁ
ସ୍ୱର୍ଗରୁ କେଜାଣି
ସେ କ'ଣ ଜାଣିଥିଲା ଏ ନିଆଁ ଦିନେ
ଜାଳିଦେବ କାହା ହୃଦୟକୁ, ମନକୁ
ଲାଖ ଆଉ ଛଣରେ ତିଆରି
ଗୋଟେ କପଟ ନଅରକୁ।

ଖେଳ ଭିତରେ କେଉଁଠି
ଚକ୍‌ଚକ୍ କରୁଥିଲା ନିଆଁଝୁଲ
ଈର୍ଷା ଅସୂୟା ରିରଂସା ଅହଂକାର
କେଉଁ ଦର୍ଶକ ବା ପଶିପାରିବ
ସାତ ତାଳ ପଙ୍କ ତଳେ

ଫରୁଆର ଗହନକୁ।
ଝିଙ୍କେ ନିଆଁ ସୃଷ୍ଟି କଲା
ସାତ ତାଳ ଗଭୀର ଗୋଟେ ରକ୍ତ ନଈ
ହସ୍ତିନାର ରତ୍ନ ସିଂହାସନକୁ କରିଦେଲା
ଡହ ଡହ ଜଳୁଥିବା ଅହଂକାରର
ଗୋଟେ ଆଗ୍ନେୟଗିରି।

ଅସଂଖ୍ୟ ବିଧବାଙ୍କ କାନ୍ଦରେ
ଲେଖାଗଲା ଗୋଟେ
ନିର୍ବୀର୍ଯ୍ୟ ଇତିହାସ
ବୀରଭୋଗ୍ୟା ଭାରତବର୍ଷରେ
କୁଢ଼େଇ ଗଲା ଗଦା ଗଦା ଶବ
ପାଣ୍ଡବଙ୍କ ଗଳା ପାଖରେ ଅଟକିଗଲା
ବିଜୟୋଲ୍ଲାସର ଲୁହବୋଳା ଜିନ୍ଦାବାଦ।

ଶରଶଯ୍ୟାରେ ଶୋଇ ଶୋଇ
ପିତାମହ ଶୁଣେଇଲେ
ରାଷ୍ଟ୍ର ପାଳନର ଧର୍ମ କଥା।

କିଛି ବିଧବା ଆଉ
କେଇଟା ଲଙ୍ଗଳା ପିଲା
ଏହାଙ୍କୁ ନେଇ ରାଷ୍ଟ୍ର, ଛିଃ ଛିଃ...
ଚାଲ, ଚାଲ ପଳେଇଯିବା ସ୍ୱର୍ଗକୁ
ଯେଉଁଠି ଶୁଭୁ ନ ଥିବ
ଉଡିଆଣି ପିଲା ଆଉ
ବିଧବାଙ୍କ କାନ୍ଦଣା
ଚାଲ ଚାଲ!

ମୋ: ୯୪୩୭୮୧୩୭୦୮

### କାହାଣୀ ସରେନା ତା'ର

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

କେବେ ରାଜଜେମା କେବେ
ମାଲିଆଣୀ
କାହାଣୀ ସରେନା ତା'ର
ଜହ୍ନ ଉଇଁ ଉଇଁ ତା ଧୀନ ନାଚରେ
ଉଚ୍ଛୁଳେ ହୃଦୟ ଘର।

ବାସି ଫୁଲରେ ବି ମହକ ବିତରେ
ମେଘ ହାତେ ଦିଏ ଚିଠି
ମଠେଇ ମନର ପରଦା ଉହାଡ଼େ
ଆଙ୍କେ ଜହ୍ନିଫୁଲ କୋଠି।

ନୀଳ ସରୋବରେ ନୀଳ କଇଁ ଦେଖି
ଭଅଁରକୁ ଡାକି ଆଣେ
ମୁଠାଏ ପ୍ରେମକୁ ଦୂରୁ ଫିଙ୍ଗିଦେଇ
ଲକ୍ଷେ କାହାଣୀ ବୁଣେ।

ମେଘର ମନରୁ ମମତା ଚୋରେଇ
ମାଟିରେ ସପନ ଆଙ୍କେ
ସେଥିପାଇଁ ବୋଧେ ନିଜ ଲୁହ ପିଇ
କା' ଓଠରେ ହସ ଦେଖେ।

କୌତୁକେ ହଜାଇ ହଜାରେ ଦରଜ
ଝରାଏ ସେ ଖୁସି ଝର
କେବେ ରାଜଜେମା କେବେ ମାଲିଆଣୀ
କାହାଣୀ ସରେନା ତା'ର।

ମୋ: ୭୩୭୭୩୧୮୭୮୯

### ଲୁହରେ ଲେଖା ପ୍ରେମକାହାଣୀ

**ଜନ୍ମଜୟ ନାୟକ**

ସନ୍ଦେହ ହୋମରେ ପ୍ରେମର ସମିଧ
ବିଶ୍ୱାସର ପୂର୍ଣ୍ଣାହୁତି,
ଜଳିଜଳି ପୁଣି ହୋଇଯାଏ ତାଜା
ଅତୀତର ସବୁ ସ୍ମୃତି।
ଚନ୍ଦ୍ରସ୍ନାତା ମଧୁରାତି
ପ୍ରଥମ ପ୍ରେମର ଅଭୁଲା ପୀରତି
ଲୁହରେ ହୁଏନି ଇତି।
ବିରହ ଫଗୁଣେ ସନ୍ଦେହୀ ଶ୍ରାବଣେ
ପ୍ରତାରଣା ପ୍ରତିଛବି,
ହୃଦକନ୍ଦେ ଲୁଚେ ମନ କୋହ ଯେତେ
କେମିତି ମୁଁ ଭୁଲିଯିବି?
କାହାକୁ ନେଇ ବଞ୍ଚିବି
ବିରହ ନିଆଁରେ ଆତ୍ମାହୁତି ଦେଇ
ବହୁଦୂର ଚାଲିଯିବି।

ବିଶ୍ୱାସର ଆଶା ଭରିଲା ନିରାଶା
ଭାଙ୍ଗିଗଲା ବାଲିଘର,
ହୁତୁହୁତୁ ଜଳେ ହୃଦୟ ଅନଳେ
ଜୀବନର ଜଉଘର,
ହେଲି ଏବେ ସାତପର
ଶିଥିଳ ହୋଇ ବି ସମ୍ପର୍କ ଶିକୁଳି
ଛିଡୁନି ପ୍ରେମର ଡୋର।

ମୋ' କପାଳ ରେଖା
ଲୁହରେ ତ ଲେଖା
ଅଧୁରା ମୋ' ପ୍ରେମ ନିଶା
ଲୁହର ସ୍ୟାହିରେ କାହାଣୀ ଲେଖିରେ
ସମ୍ପୂର୍ଣ୍ଣ ହେଉନି ଭାଷା
ମନେରହେ କିଛି ଆଶା
ନିୟତିର ଲୀଳା ବିଚ୍ଛେଦର ଜ୍ୱାଳା
ମଶାଣି ମୋ' ଶେଷ ବସା।

ମୋ: ୯୩୩୭୮୦୦୫୬୫

## ଆତ୍ମସନ୍ତୋଷ

**ମିନିଗଳ୍ପ**

**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ସହର ବାହାରେ ଥିବା ଜରାଶ୍ରମକୁ ମାତୃଦିବସ ପାଳନ ଉଦ୍ଦେଶ୍ୟରେ ଗୋଟିଏ ବଡ଼ ପ୍ୟାକେଟ୍ ନେଇ ଆସିଲେ ବ୍ୟକ୍ତି ଜଣକ। ବେଶ ପରିପାଟୀ ଏବଂ ଚାଲିଚଳଣରୁ ବେଶ୍ ଭଦ୍ର ଏବଂ ସଦାଚାରୀ ଜଣାପଡୁଥା'ନ୍ତି ସେ। ଆଶ୍ରମ ପରିଚାଳନାରେ ନିଯୁକ୍ତ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରି ସମସ୍ତ ମହିଳାଙ୍କୁ ମୁଖ୍ୟ ହଲ୍‌କୁ ଆସିବାକୁ ଅନୁରୋଧ କଲେ ସେ। ସମସ୍ତ ବୃଦ୍ଧାଙ୍କ ମନରେ ଉତ୍ସୁକତା! ବୋଧେ ତାଙ୍କ ପରିବାର ଲୋକ ସେମାନଙ୍କୁ ଦେଖାକରିବାକୁ ଆସିଛନ୍ତି! ସେମାନେ କେତେ ଝୁରି ହୁଅନ୍ତି ନିଜ ପିଲା ଏବଂ ଆତ୍ମୀୟମାନଙ୍କୁ, ହେଲେ ବାର୍ଦ୍ଧକ୍ୟରେ ଯେ ସେମାନେ ପରିବାର ପାଇଁ ଅଲୋଡ଼ା ଓ ବୋଝ ହେଉଛନ୍ତି ସେକଥା ଭାବି ତାଙ୍କ ମନ ଖୁବ୍ ବ୍ୟଥିତ ହୁଏ। ମନର କେଉଁ ଗହିରି କୋଣରେ ଆଶା ଥାଏ, କାଳେ କିଏ ଆସି ପୁଣି ଫେରେଇନେବ କି ସେମାନଙ୍କୁ ତାଙ୍କ ନାତିନାତୁଣୀମାନଙ୍କ ପାଖକୁ! ମାତ୍ର ହଲ୍‌ରେ ଏକତ୍ରିତ ହେଲାପରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଦେଖି ସମସ୍ତେ ନିରାଶ ହେଲେ।

ସମସ୍ତଙ୍କ ପାଟିରେ ମିଠା ଗୋଟିଏ ଗୋଟିଏ ଦେଇ ମୁଣ୍ଡିଆ ମରୁଥାଆନ୍ତି ସଜ୍ଜନ ଜଣକ। ସମସ୍ତେ ଖୁସିରେ ତାଙ୍କ ମୁଣ୍ଡରେ ହାତ ବୁଲେଇଆଣି ଆଶୀର୍ବାଦ କରୁଥାଆନ୍ତି। ଆଶିଷ ଓ ଶୁଭକାମନା ଦେଇ ବୃଦ୍ଧାମାନେ ଯେତିକି ଖୁସି ହେଉ ନ ଥା'ନ୍ତି, ସେମାନଙ୍କ ମୁଖମଣ୍ଡଳର ସନ୍ତୋଷ ଦେଖି ବ୍ୟକ୍ତିଜଣଙ୍କ ମୁହଁ ଆହୁରି ଉଜ୍ଜ୍ୱଳ ହୋଇ ଉଠୁଥାଏ।

ଫେରିଲା ବେଳେ ଆଶ୍ରମର କର୍ମଚାରୀ ପଚାରିଲେ, ''ସାର୍, ଆପଣଙ୍କର ଏଠି ତ କେହି ନାହାନ୍ତି, ପୁଣି ଆପଣ ଆଜିଭଳି ଦିନରେ ଏଇଠି?''

ମୁଁ ପିଲାଦିନରୁ ମୋ' ମାଆକୁ ଦେଖିନି, ହେଲେ ମାଆର ଶୂନ୍ୟସ୍ଥାନକୁ ସବୁବେଳେ ଅନୁଭବ କରିଛି। ମୋ' ଜନ୍ମଠାରୁ ନେଇ ଆଜି ପର୍ଯ୍ୟନ୍ତ ପାଇଥିବା ପ୍ରତିଟି ସଫଳତା ପଛରେ ମୋ' ମାଆଙ୍କ ଅଦୃଶ୍ୟ ଆଶୀର୍ବାଦକୁ ଅନୁଭବ କରିଛି। ସବୁବେଳେ ମାଆ ସ୍ନେହ ପାଇଁ ଆଶାୟୀ ମୋ' ମନ, ମୋ' ହେତୁ ହେଲା ଦିନଠାରୁ ଯେଉଁ ଜାଗାରେ ବି ଥାଏ, ଆଜି ଦିନରେ 'ମାଆ'ମାନଙ୍କ ସହିତ ମିଶି କିଛି ସମୟ ବିତେଇବା ପାଇଁ ବୃଦ୍ଧାଶ୍ରମକୁ ଚାଲିଆସେ। ଏ ସମସ୍ତଙ୍କ ଭିତରେ ମାଆର ସ୍ୱରୂପ ପାଇ ଖୁବ୍ ସନ୍ତୋଷ ଲାଭ କରେ।

ମାଆବାପାଙ୍କୁ ବୋଝ ମଣୁଥିବା ଏ ସମାଜ ସେମାନଙ୍କୁ ଏଇ ଆଶ୍ରମରେ ଆଣି ଛାଡ଼ି ଦେଉଛନ୍ତି ସିନା, ସେମାନେ ଜାଣିପାରୁନାହାନ୍ତି ସେମାନେ କେତେ ସ୍ନେହାଶିଷଠାରୁ ନିଜକୁ ବଞ୍ଚିତ ରଖୁଛନ୍ତି। ଏମାନଙ୍କୁ ସ୍ନେହ ଦେବା ପରେ ଯେଉଁ ଆତ୍ମସନ୍ତୋଷ ଲାଭ ହୁଏ, ତାହା କେଉଁ ଠାକୁର ପୂଜିଲେ କି ତୀର୍ଥ ଭ୍ରମଣ କଲେ ମିଳିବ ନାହିଁ।

ଆଶ୍ରମର କର୍ମଚାରୀ ସେଦିନ ଭଦ୍ରବ୍ୟକ୍ତି ଗଲା ପରେ ଅନୁଭବ କଲେ ସେଦିନ ବୃଦ୍ଧାଶ୍ରମର ପ୍ରତି ମାଆ ଅନ୍ୟଦିନ ଅପେକ୍ଷା ଅଧିକ ଖୁସି ଜଣାପଡୁଥିଲେ। ଗୋଟିଏ ପୁଅକୁ ଆଶୀର୍ବାଦ କରିବା ପରେ ତାଙ୍କ ମୁଖମଣ୍ଡଳଗୁଡ଼ିକ ପରମ ଆତ୍ମସନ୍ତୋଷରେ ପୁଲକିତ ହୋଇଉଠୁଥିଲା।



ମୋ: ୬୩୭୦୫୧୬୪୭୮

# ଡବ୍ଲ୍ୟୁଏଫ୍ଆଇ ମୁଖ୍ୟଙ୍କ ବିରୋଧରେ ଭିନେଶଙ୍କ ଅଭିଯୋଗ

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**


ଭିନେଶ ଫୋଗଟ

ବିଶିଷ୍ଟ ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟ ଅଭିଯୋଗ କରିଛନ୍ତି ଯେ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ମୁଖ୍ୟ ତାଙ୍କ ଅଲିମ୍ପିକ ସ୍ୱପ୍ନକୁ ଶେଷ କରିଦେବା ଲାଗି ପ୍ରୟାସ ଚଳାଇଛନ୍ତି। ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ବାଧା ସୃଷ୍ଟି କରାଯାଉଛି। ଧାର୍ଯ୍ୟ ସମୟ ସୀମା ପରେ ସେ ଆବେଦନ କରିଥିବା ଦର୍ଶାଇ ଫେଡେରେଶନ ତାଙ୍କ ଦରଖାସ୍ତକୁ ଅଗ୍ରାହ୍ୟ କରିଦେଇଛି। ୨୯ ବର୍ଷୀୟା ଫୋଗଟ ୨୦୧୯ ଓ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ର ୫୩ କେଜି ଶ୍ରେଣୀରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହାପୂର୍ବରୁ ୨୦୧୮ ଏସିଆନ ଗେମ୍ସ (୫୦କେଜି)ରେ ସେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେ ଆହୁରି ମଧ୍ୟ ତାଙ୍କୁ ଡୋପିଂ ମାମଲାରେ ଫସାଇ ଦିଆଯାଇ ପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ ଭାରତୀୟ କୁସ୍ତି ମହାସଂଘ ସଫେଇ ଦେଇ କହିଛି ଯେ, ଫୋଗଟଙ୍କ ଅନୁରୋଧ ମେଲ୍ (ତାଙ୍କ କୋଚ୍ ଓ ଫିଜିଓଙ୍କ ସ୍ୱୀକୃତି ପ୍ରଦାନ ପାଇଁ) ମାର୍ଚ୍ଚ ୧୮ରେ ତାଙ୍କର ହସ୍ତଗତ ହୋଇଥିଲା। ସେତେବେଳକୁ ଖେଳାଳି, କୋଚ୍ ଓ ମେଡିକାଲ ଷ୍ଟାଫ୍‌ଙ୍କ ନାମ ତାଲିକା ଖେଳର ବିଶ୍ୱ ପରିଚାଳନା ପରିଷଦ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ନିକଟକୁ ପଠାଇ ଦିଆଯାଇ ସରିଥିଲା। କାରଣ ରେଜିଷ୍ଟ୍ରେଶନର ଅବଧି ମାର୍ଚ୍ଚ ୧୧ ରଖାଯାଇଥିଲା। ଆସନ୍ତା ସପ୍ତାହରେ କିରଗିଜସ୍ତାନର ବିଶେକ୍‌ଠାରେ ଆୟୋଜିତ ଏସିଆନ କ୍ୱାଲିଫାଇଂ ଟୁର୍ନାମେଣ୍ଟର ୫୦ କେଜି ଶ୍ରେଣୀ ଅଲିମ୍ପିକ କୋଟା ଉପରେ ଫୋଗଟଙ୍କର ନଜର ରହିଛି। କର୍ତ୍ତୃପକ୍ଷଙ୍କ ଅନୁମତି ପରେ ପଟିଆଲାରେ ଅନୁଷ୍ଠିତ ସିଲେକ୍ସନ ଟ୍ରାଏଲ୍ସରେ ଫୋଗଟ ୫୩କେଜି ଶ୍ରେଣୀରେ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେ ସେମିଫାଇନାଲରେ ପରାଜିତ ହୋଇଯାଇଥିଲେ। ଫୋଗଟ ସୋସିଆଲ ମିଡିଆ 'ଏକ୍ସ'ରେ ତାଙ୍କର ଏକ ଲମ୍ବା ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ସେ ଯେପରି ପ୍ୟାରିସ ଗେମ୍ସରେ ଅଂଶଗ୍ରହଣ କରି ନ ପାରନ୍ତି ବ୍ରିଜ ଭୂଷଣ ଏବଂ ତାଙ୍କର ଡମି ତଥା ଡବ୍ଲ୍ୟୁଏଫ୍ଆଇ ସଭାପତି ସଞ୍ଜୟ ସିଂ ସବୁମତେ ଉଦ୍ୟମ କରିବେ। ବ୍ରିଜଭୂଷଣ ଓ ତାଙ୍କ ଗୋଷ୍ଠୀର ପସନ୍ଦ ଅନୁସାରେ ଦଳ ପାଇଁ ସମସ୍ତ କୋଚ୍ ମନୋନୟନ କରାଯାଇଛି। ସେମାନେ ମ୍ୟାଚ ବେଳେ ତାଙ୍କ ପାଣି ଓ ପାନୀୟରେ ହୁଏତ କିଛି ମିଶାଇ ଦେଇ ପାରନ୍ତି ଏବଂ ତାଙ୍କୁ ଡୋପିଂ ମାମଲାରେ ଫସାଇ ଦିଆଯାଇପାରେ। ଫୋଗଟ ଅଭିଯୋଗ କରିଛନ୍ତି ଯେ, ଏପ୍ରିଲ ୧୯ରୁ ଆରମ୍ଭ ହେଉଥିବା ଏସିଆନ ଅଲିମ୍ପିକ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ପାଇଁ ତାଙ୍କ କୋଚ୍ ଓ ଫିଜିଓଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ। ତାଙ୍କ କୋଚ୍ ଓ ଫିଜିଓଙ୍କୁ ସ୍ୱୀକୃତି ପ୍ରଦାନ କରିବା ଲାଗି ସେ ଏକ ମାସ ହେଲା ଭାରତ ସରକାର (ସାଇ, ଟପ୍ସ)ଙ୍କୁ ଅନୁରୋଧ କରି ଆସୁଛନ୍ତି। ସ୍ୱୀକୃତି ନ ପାଇଲେ ତାଙ୍କ କୋଚ୍ ଓ ଫିଜିଓ ପ୍ରତିଯୋଗିତା ସ୍ଥଳକୁ ଯାଇପାରିବେ ନାହିଁ।

# ଗୁକେଶ ପରାସ୍ତ, ଡ୍ର ରଖିଲେ ପ୍ରଜ୍ଞାନନ୍ଦ

**ଟରଣ୍ଟୋ, ୧୨।୪ (ପି.ଟି.)**

ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ପରାଜୟ ବରଣ କରିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ। ଫଳରେ ସେ ଯୁଗ୍ମ ଶୀର୍ଷ ସ୍ଥାନରୁ ତଳକୁ ଖସିଛନ୍ତି। ଫ୍ରାନ୍ସର ଫିରୋଉଜା ଅଲିରେଜାଙ୍କ ବିପକ୍ଷ ମ୍ୟାଚରେ ସେ ପରାଜୟ ସ୍ୱାଦ ଚାଖିଛନ୍ତି। ତେବେ ଅନ୍ୟତମ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ଆମେରିକାର ଫାବିଆନୋ କରୁଆନାଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଛନ୍ତି।

ଅଲିରେଜାଙ୍କଠାରୁ ପରାସ୍ତ ହେବା ଦ୍ୱାରା ୧୭ ବର୍ଷୀୟ ଗୁକେଶ ୪ ପଏଣ୍ଟ ସହିତ କରୁଆନା ଓ ପ୍ରଜ୍ଞାନନ୍ଦଙ୍କ ସହ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୁଷିଆର ଇଆନ ନେପୋମନିଆଚି ୪.୫ ପଏଣ୍ଟ ପାଇ ଏକକ ଅଗ୍ରଣୀଲାଭ କରିଛନ୍ତି। ସେ ନିଜର ୭ମ ରାଉଣ୍ଡ ମ୍ୟାଚକୁ ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷରେ ଡ୍ର ରଖିଛନ୍ତି। ସେହିପରି ପଏଣ୍ଟ ଭାଗ କରିବା ଦ୍ୱାରା ଆଜରବୈଜାନର ନିଜାତ ଆବାସୋଭ ଓ ଭିଦିତ ଗୁଜରାଠି ୩.୫ ପଏଣ୍ଟ ଲେଖାଏ ପାଇ ଯୁଗ୍ମଭାବେ ୫ମ ସ୍ଥାନରେ ରହିଥିବାବେଳେ ନାକାମୁରା ଓ ଅଲିରେଜା ୨.୫ ପଏଣ୍ଟ ସହିତ ୭ମ ସ୍ଥାନ ପାଇଛନ୍ତି। ଆବାସୋଭ ୨ ପଏଣ୍ଟ ସହିତ ଶେଷ ସ୍ଥାନରେ ରହିଛନ୍ତି। ଅଲିରେଜା ଭାଗ୍ୟର ସାଥ୍ ବଳରେ ଗୁକେଶଙ୍କୁ ହରାଇବାରେ ସକ୍ଷମ ହୋଇଛନ୍ତି। ଏହା ଏପରି ଏକ ଦିନ ଥିଲା ଯେଉଁଥିରେ କି ଗୁକେଶ ଯୋଜନା ଅନୁସାରେ ଖେଳିପାରି ନ ଥିଲେ। ମିଡିଲ ଗେମ୍‌ରେ ସେ ଭଲ ପୋଜିଶନରେ ଥିଲେ ମଧ୍ୟ ସେଥିରୁ ଫାଇଦା ନେଇପାରି ନ ଥିଲେ। ପ୍ରଜ୍ଞାନନ୍ଦ ଫ୍ରେଞ୍ଚ୍ ଡିଫେନ୍ସ ଉପଯୋଗ କରି କରୁଆନାଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ୪୧ତମ ମୁଭ୍ ପରେ ଉଭୟ ଖେଳାଳି ପଏଣ୍ଟ ଭାଗପାଇଁ ରାଜି ହୋଇଥିଲେ। ବର୍ଲିନ ଡିଫେନ୍ସରେ ଭିଦିତ ଗୁଜରାଠି ଏକଦା ବିଜୟର ନିକଟତର ହୋଇଥିଲେ ହେଁ ଆବାସୋଭ ଶେଷ ଭାଗରେ ଭଲ ପ୍ରଦର୍ଶନ କରି ମ୍ୟାଚ ଡ୍ର ରଖିଥିଲେ।





ଶୁକ୍ରବାର ସପ୍ତମ ରାଉଣ୍ଡ ମ୍ୟାଚ ଅବସରରେ ଭାରତର ଭିଦିତ୍ ଗୁଜରାଠି ଓ ଆର. ପ୍ରଜ୍ଞାନନ୍ଦ।

**କ୍ୟାଣ୍ଡିଡେଟ୍ସ ଚେସ୍**

ମହିଳା ବର୍ଗରେ ଆର୍. ବୈଶାଳୀ ଟୁର୍ନାମେଣ୍ଟରେ ତୃତୀୟ ପରାଜୟ ବରଣ କରିଛନ୍ତି। ଚାଇନାର ଟିଙ୍ଗଜି ଲି ପ୍ରଭାବୀ ପ୍ରଦର୍ଶନ କରି ବୈଶାଳୀଙ୍କ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ। ଅନ୍ୟ ୩ଟି ବୋର୍ଡରେ ମ୍ୟାଚ ଡ୍ର ରହିଥିଲା। ୭ମ ରାଉଣ୍ଡ ଶେଷରେ ଚାଇନାର ଝୋଙ୍ଗୟି ଟାନ୍ ୦.୫ ପଏଣ୍ଟ ଅଧିକ ପାଇ ଅଗ୍ରଣୀଲାଭ କରିଛନ୍ତି। ସେ ରୁଷିଆର ଆଲେକଜାଣ୍ଡ୍ରା ଗୋର୍ୟାଜକିନାଙ୍କ ବିପକ୍ଷରେ ପଏଣ୍ଟ ଭାଗ କରିଥିଲେ। ସେହିପରି ରୁଷିଆର କାଟେରିନା ଲାଗନୋ ଓ ବୁଲଗେରିଆର ନୁର୍ଗିଉଲ ସାଲିମୋଭା ଏବଂ ଆନା ମୁଝଚୁକ୍ ଓ ଭାରତର କୋନେରୁ ହମ୍ପିଙ୍କ ମଧ୍ୟରେ ମ୍ୟାଚ ଡ୍ର ରହିଥିଲା। ଝୋଙ୍ଗୟି ୫ ଓ ଗୋର୍ୟାଚକିନା ୪.୫ ପଏଣ୍ଟ ପାଇ ସାରିଥିବାରୁ ମହିଳା ବିଭାଗରେ ଭାରତର ଟାଇଟଲ ଚ୍ୟାଲେଞ୍ଜ ଏକପ୍ରକାର ଶେଷ ହୋଇଯାଇଛି। ଲାଗ୍‌ନୋ ଓ ଲେଇ ୪ ପଏଣ୍ଟ ଲେଖାଏ ପାଇ ଯୁଗ୍ମଭାବେ ତୃତୀୟରେ ରହିଥିବାବେଳେ ସାଲିମୋଭା ୩ ପଏଣ୍ଟ ସହିତ ଏକାକୀ ୫ମ ସ୍ଥାନରେ ରହିଛନ୍ତି। ହମ୍ପି, ବୈଶାଳୀ ଓ ମୁଝିଚୁକ୍ ୨.୫ ପଏଣ୍ଟରେ ଥିବାରୁ ସଫଳ ପ୍ରତ୍ୟାବର୍ତ୍ତନ ପାଇଁ ଖେଳର ଦ୍ୱିତୀୟ ଭାଗରେ ଅଲୌକିକ ପ୍ରଦର୍ଶନ ଆବଶ୍ୟକ କରୁଛନ୍ତି। ରାଉଣ୍ଡ ରବିନ ଟୁର୍ନାମେଣ୍ଟରେ ଆଉ ୭ ରାଉଣ୍ଡ ଖେଳ ବାକିଅଛି।

# ଡିଷ୍ଟାନ୍ସ ରନର ଲକ୍ଷ୍ମଣନ ୨ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୧୨।୪ (ପି.ଟି.):** ନ୍ୟାଶନାଲ ଆଣ୍ଟିଡୋପିଂ ଏଜେନ୍ସି(ନାଡା) ଡିଷ୍ଟାନ୍ସରନର ଜି. ଲକ୍ଷ୍ମଣନଙ୍କୁ ଦୁଇ ବର୍ଷ ବାସନ୍ଦ କରିଛି। ସେ ୧୨ମାସରେ ୩ଥର 'କେଉଁଠାରେ ଅଛି' ନିୟମର ଉଲ୍ଲଂଘନ କରିବା ସହ ଥରେ ଡୋପ୍ ଟେଷ୍ଟରେ ସେ ଉପସ୍ଥିତ ହୋଇପାରି ନ ଥିଲେ। ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ଲକ୍ଷ୍ମଣନ ୫୦୦୦ମିଟର ଓ ୧୦,୦୦୦ ମିଟର ରେସ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେ ୨୦୨୨ର ତୃତୀୟ (ଜୁଲାଇରୁ ସେପ୍ଟେମ୍ବର) ଓ ଚତୁର୍ଥ (ଅକ୍ଟୋବରରୁ ଡିସେମ୍ବର) କ୍ୱାର୍ଟରରେ 'କେଉଁଠାରେ ଅଛି' ରିପୋର୍ଟ କରିବାରେ ବିଫଳ ହୋଇଥିଲେ। ୨୦୨୩ ମାର୍ଚ୍ଚ ୨୬ରେ ହୋଇଥିବା ଡୋପ୍ ଟେଷ୍ଟରେ ସେ ଉପସ୍ଥିତ ନ ଥିଲେ। ୨୦୨୨ ବର୍ଷର ଅଧିକାଂଶ ସମୟ ଲକ୍ଷ୍ମଣନ ନାଡାର ପଞ୍ଜୀକୃତ ଟେଷ୍ଟିଂ ପୁଲ୍ (ଆର୍‌ଟିପି) ଅଂଶବିଶେଷ ଥିଲେ। ୨୦୨୪ ମାର୍ଚ୍ଚ ୧୯ରେ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁସାରେ ନାଡାର ଡୋପିଂ ନିରୋଧୀ ଶୃଙ୍ଖଳା ପ୍ୟାନେଲ ୨୦୨୩ ଅଗଷ୍ଟ ୧୦ରୁ ଦୁଇ ବର୍ଷ ପାଇଁ ବାସନ୍ଦ କରିଛି। ନାଡାର ଆର୍‌ଟିପିରେ ସ୍ଥାନ ପାଇଥିବା ଆଥଲେଟମାନଙ୍କୁ ପ୍ରତି ୩ ମାସ ବ୍ୟବଧାନରେ ନିୟମିତ ଥରେ ଲେଖାଏ 'କେଉଁଠାରେ ଅଛି' ତଥ୍ୟ ଦାଖଲ କରିବାକୁ ହେବ। ଏହି ସମୟ କାଳରେ ଆବଶ୍ୟକ ପଡ଼ିଲେ ସମ୍ପୃକ୍ତ ଆଥ୍‌ଲେଟଙ୍କୁ ଡୋପ୍ ଟେଷ୍ଟ ପାଇଁ ୬୦ ମିନିଟ ସମୟ ଦେବାକୁ ପଡ଼ିବ। ଜଣେ ଆର୍‌ଟିପି ଆଥ୍‌ଲେଟ ଯଦି ୧୨ ମାସ ମଧ୍ୟରେ ୩ଥର 'କେଉଁଠାରେ ଅଛି' ନିୟମର ଉଲ୍ଲଂଘନ କରନ୍ତି ତେବେ ସେ ଡୋପିଂ ନିରୋଧୀ ନିୟମର ଉଲ୍ଲଂଘନ କରିଥିବା ଧରି ନିଆଯିବ। ଏଥିପାଇଁ ତାଙ୍କୁ ବାସନ୍ଦ ଦଣ୍ଡ ଭୋଗିବାକୁ ପଡ଼ିବ।




# ଭାରତର କ୍ରମାଗତ ୪ର୍ଥ ପରାଜୟ

**ପର୍ଥ, ୧୨।୪**

**ଅଷ୍ଟ୍ରେଲିଆ ବିପକ୍ଷ ହକି ଟେଷ୍ଟ ସିରିଜ**

ସମ୍ପ୍ରତି ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ପୁରୁଷ ହକି ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଅବ୍ୟାହତ ରହିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ଘରୋଇ ଦଳ ନିକଟରୁ ୧-୩ ଗୋଲରେ ପରାସ୍ତ ହୋଇଛି। ଅଧିନାୟକ ହରମନପ୍ରୀତ ସିଂ ୧୨ତମ ମିନିଟରେ ପେନାଲ୍ଟି କର୍ନରରୁ ଭାରତ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ମାତ୍ର ଏହି ଅଗ୍ରଣୀରୁ ଭାରତ ବିଶେଷ ଫାଇଦା ଉଠାଇପାରି ନ ଥିଲା। ପ୍ରଥମ କ୍ୱାର୍ଟରରେ ଯଦିଓ ଭ୍ରମଣକାରୀ ଦଳ ୧-୦ରେ ଆଗୁଆ ରହିଥିଲା ତେବେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୯ତମ ମିନିଟରେ ଜେରେମି ହେୱାର୍ଡ ପେନାଲ୍ଟି କର୍ନରରୁ ଗୋଲଟିକୁ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ସ୍କୋର ୧-୧ରେ ବରାବର ରହିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିବାବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ୨ଟି ଗୋଲ ଦେଇ ଅଷ୍ଟ୍ରେଲିଆ ଏହାର ଜୟଯାତ୍ରା ଅବ୍ୟାହତ ରଖିଥିଲା। ୪୭ତମ ମିନିଟରେ ଜେରେମି ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରିଥିବାବେଳେ ୫୪ତମ ମିନିଟରେ ଜ୍ୟାକ ୱେଲ୍ଚ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲେ। ଚଳିତ ସିରିଜରେ ଭାରତର ଏହା କ୍ରମାଗତ ୪ର୍ଥ ପରାଜୟ। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୪-୧ରେ ଅଗ୍ରଣୀଲାଭ କରିଛି। ପ୍ରଥମ ୩ଟି ମ୍ୟାଚରେ ଅଷ୍ଟ୍ରେଲିଆ ଯଥାକ୍ରମେ ୫-୧, ୪-୨ ଓ ୨-୧ ଗୋଲରେ ବିଜୟ ହାସଲ କରିଥିଲା। ଦୁଇ ଦଳ ମଧ୍ୟରେ ୫ମ ତଥା ଅନ୍ତିମ ମ୍ୟାଚ ଶନିବାର ଅନୁଷ୍ଠିତ ହେବ।



ପର୍ଥରେ ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହକି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଭାରତର ତୃତୀୟ ବିଜୟ

**ନୂଆଦିଲ୍ଲୀ, ୧୨।୪ (ପି.ଟି.):** ବିଲି ଜିନ୍ କିଙ୍ଗ୍ କପ୍ ଟେନିସ ପ୍ରତିଯୋଗିତାରେ ଭାରତ ଏହାର ତୃତୀୟ ବିଜୟ ହାସଲ କରିଛି। ଚାଇନାର ଚାଙ୍ଗଶାଠାରେ ଅନୁଷ୍ଠିତ ଏସିଆ ଓସେନିଆ ଗ୍ରୁପ୍-୧ର ଏକ ମୁକାବିଲାରେ ଭାରତ ୨-୧ରେ ଦକ୍ଷିଣ କୋରିଆକୁ ହରାଇ ଦେଇଛି। ଶୁକ୍ରବାର ଏହି ବିଜୟ ଦ୍ୱାରା ଭାରତ ୩ ବିଜୟ ଓ ଏକ ପରାଜୟ ସହ ପୁଲ୍ 'ଏ'ରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। କୋରିଆ ବିପକ୍ଷରେ ବିଶ୍ୱର ୩୭୯ ନମ୍ବର ଖେଳାଳି ଭାରତର ଋତୁଜା ଭୋସେଲ୍ ୬-୨, ୬-୨ରେ ସୋୟୁନ୍ ପାର୍କଙ୍କୁ ପରାସ୍ତ କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ତେବେ ପରବର୍ତ୍ତୀ ସିଙ୍ଗଲ୍ସରେ ଅଙ୍କିତା ରାଇନା ୨-୬, ୩-୬ରେ ସୁଜିଅଙ୍ଗ୍ ଜାଙ୍ଗଙ୍କଠାରୁ ହାରିଯିବାରୁ ମୁକାବିଲା ୧-୧ ସ୍ତରକୁ ଚାଲିଆସିଥିଲା। କିନ୍ତୁ ଅଙ୍କିତା ଡବଲ୍ସରେ ଭଲ ପ୍ରଦର୍ଶନ କରି ଥିଲେ। ସେ ଓ ପ୍ରାର୍ଥନା ଥୋମ୍ବାରେ କୋରିଆର ପାର୍କ ଓ ଡାବିନ୍ କିମ୍‌ଙ୍କୁ ୬-୪, ୬-୪ରେ ହରାଇ ଦେଇଥିଲେ। ଭାରତ ପୂର୍ବରୁ ପ୍ୟାସିଫିକ୍ ଓସେନିଆ (୩-୦) ଓ ଚାଇନିଜ ତାଇପେ (୨-୧)କୁ ପରାସ୍ତ କରିଥିବା ବେଳେ ଚାଇନା (୦-୩)ଠାରୁ ହାରିଯାଇଥିଲା। ୫ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ଏସିଆ/ଓସେନିଆ ଗ୍ରୁପ୍-୧ ପ୍ରତିଯୋଗିତାର ଶ୍ରେଷ୍ଠ ଦୁଇ ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହେବେ। ନିମ୍ନରେ ରହିଥିବା ଦୁଇ ଦଳ ୨୦୨୫ରେ ଗ୍ରୁପ୍-୨କୁ ଖସିଯିବେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ